ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜୁନ୍ ୨୦୨୨ ସଂସ୍କରଣ

 କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ଦେବସ୍ନାନ ପୂର୍ଣ୍ଣିମା, ରଜ ସଂକ୍ରାନ୍ତି ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୮ |
| **କାହାଣୀ ବିଭାଗ** | | **୨୪** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୨୨ | ଅଶୋକ ବିଶ୍ୱାଳ | ୨୫ |
| ବାଲା ବୁଢ଼ା | ଅଭିଜିତ୍ ସାହୁ | ୩୯ |
| ପେଟେଣ୍ଟ ମେଡ଼ିସିନ୍ ଏଗେନ୍ | ରୋଜାଲିନି ମିଶ୍ର | ୪୫ |
| ଚଇତିର ଚଇତା | ଡଃ ଉଷାରାଣୀ ଦାଶ | ୫୫ |
| ଉଦ୍ଭ୍ରାନ୍ତ ପ୍ରେମୀ | ଅନସୂୟା ପଣ୍ଡା | ୬୨ |
| ଅନୁଶୋଚନା | ଅମୃତ ନାରାୟଣ ଶତପଥୀ | ୬୭ |
| ଅପର୍ଯ୍ୟାପ୍ତ ଆଶା | ଡଃ ଆର୍ଯ୍ୟକୁମାରୀ ପ୍ରଜ୍ଞା ପାରମିତା | ୭୩ |
| ସମୟର ଚକ ଯାଏ ଘୁରିଘୁରିକା | ସୁଧାଂଶୁ ଶେଖର ଦ୍ୱିବେଦୀ | ୭୭ |
| **କବିତା ବିଭାଗ** | | **୮୪** |
| ବସୁଧା (ପୃଥ୍ୱୀ) | ଶିବ ନାରାୟଣ ଦାଶ | ୮୫ |
| ସ୍ୱୟଂଭୂ ମହାକାଳ | ସ୍ୱର୍ଗତ ଶ୍ରୀ ମାୟାଧର ଦାଶ | ୯୧ |
| ସଂସ୍କୃତିର ପର୍ବ ରଜ | ସାଇପ୍ରସାଦ ସାହୁ | ୯୩ |
| ଜୀବନ | ଅନନ୍ତ କୁମାର | ୯୪ |
| ନିଜକୁ ପଚାର ଥରେ | ଶିଶିର କୁମାର ପଣ୍ଡା | ୯୫ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଶ୍ରଦ୍ଧା ସୁମନ | ସରୋଜିନୀ ମିଶ୍ର | ୯୬ |
| ଗ୍ରାମ ପରିକ୍ରମା | ଭବାନୀ ଶଙ୍କର ଦାଶ | ୯୮ |
| ବାଜି ରାଉତ | ରାକେଶ ଷଡ଼ଙ୍ଗୀ | ୯୯ |
| ପାଉଁଶ ତଳର ନିଆଁ | ଦୁଷ୍ମନ୍ତ ବେହେରା | ୧୦୧ |
| ତୁମେ କିଏ ? | ଆଦରମଣି ପ୍ରଧାନ | ୧୦୩ |
| ତୁମକୁ ପାଇଲା ପରେ | ବାଲାଜୀ ସେଠୀ | ୧୦୫ |
| ସ୍ୱପ୍ନ | ନିରଞ୍ଜନ ସାହୁ | ୧୦୭ |
| ଅତୀତଟା ଯଦି ଭୁଲି ହୁଅନ୍ତା | ପଙ୍କଜ କୁମାର ମଙ୍ଗଳ | ୧୦୮ |
| ଅଦିନ ମେଘ | ରବି ନାରାୟଣ ସାହୁ | ୧୧୦ |
| ଆଉଁସି ପାଉଁଶକୁ | ବାମନ ଚନ୍ଦ୍ର ଦିକ୍ଷିତ | ୧୧୨ |
| ପକ୍ଷୀ ତୁ ଗାଇଯା ମିଠା ମିଠା ଗୀତ | ଲକ୍ଷ୍ମୀଧର ସିଂ | ୧୧୪ |
| ମିଠା ମିଠା ପ୍ରେମ | ଦେବାର୍ଚ୍ଚନ ମେହେର | ୧୧୫ |
| ମୋ ବୋଉ | କବି କମଳ ନରେନ୍ଦ୍ର ପ୍ରସାଦ ବେହେରା | ୧୧୭ |
| ଅନାମିକା | କିରଣ କୁମାର ମହାନ୍ତି | ୧୨୦ |
| କୁଳ କଳଙ୍କ | ଅମ୍ରିତା ଚର୍ଚ୍ଚି | ୧୨୩ |
| ପ୍ରକୃତି | ପ୍ରଜ୍ଞାସ୍ମିତା ଷଡ଼ଙ୍ଗୀ | ୧୨୫ |
| ମନ ଖୋଜୁଅଛି | ପୁଷ୍ପାଞ୍ଜଳି ପଣ୍ଡା | ୧୨୭ |
| ଚାହେଁ ଖାଲି ଟିକେ ଶାନ୍ତି (ଗଜଲ) | ତାରା ପ୍ରସାଦ ଜେନା | ୧୨୮ |
| ସପନ ଦେଖୁ ଫୁଲ | ଆଶୁତୋଷ ମେହେର | ୧୩୦ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ମହମବତୀର ତ୍ୟାଗ | ରାଧାମୋହନ ପୂଜାହାରୀ | ୧୩୧ |
| ଫିକା ପଡ଼ିଲାଣି ରଜ ମଉଜ | ରାମଚନ୍ଦ୍ର ପ୍ରଧାନ | ୧୩୩ |
| ଅବସୋସଭରା ଜୀବନଟି ଯା'ର | ନୀଳମଣି ଚାନ୍ଦ | ୧୩୪ |
| ଜାଣିନି ମୁଁ ତମେ କିଏ ? | ସଂଘମିତ୍ରା କାନୁନଗୋ | ୧୩୫ |
| ଭାବିବ ଯାଇଛି ମରି | ଜୟନ୍ତ କୁମାର ମଲ୍ଲିକ | ୧୩୭ |
| ଆହ୍ୱାନ | ସନ୍ତୋଷ ପଟ୍ଟନାୟକ | ୧୩୮ |
| ତୁମେ ଆଉ ମୁଁ | ପ୍ରଶାନ୍ତ କୁମାର ମହାନ୍ତି | ୧୪୦ |
| ତୁମେ ଆଉ ମୁଁ | ଶୁଭସ୍ମିତା ସାହୁ | ୧୪୧ |
| ରଜ | ସତ୍ୟବ୍ରତ ବାରିକ | ୧୪୨ |
| ମୋତେ କିଛି ଶବ୍ଦ ଦିଅ | ରାକେଶ ମୁଦୁଲି | ୧୪୩ |
| ପତିବ୍ରତା ସାବିତ୍ରୀ | ସୁବ୍ରତ କୁମାର ପ୍ରଧାନ | ୧୪୪ |
| ଅଜବ ଦୁନିଆ | ଭାଗବତ ପ୍ରଧାନ | ୧୪୬ |
| ସନ୍ଧ୍ୟାକାଳୀନ ବିଚାର | ଅମୃତ ନାରାୟଣ ଶତପଥୀ | ୧୪୭ |
| ବାହା ହେବା ମାନେ କଣ ? | ଡା ନୀଳମାଧବ କର | ୧୪୮ |
| ଦିବାନିଶି | ସ୍ନିଗ୍ଧା ମିଶ୍ର | ୧୪୯ |
| ଅପସଂସ୍କୃତି | ନିତ୍ୟରଞ୍ଜନ ନନ୍ଦ | ୧୫୦ |
| **ସଂବଲପୁରୀ ବିଭାଗ** | | **୧୫୨** |
| ମୁନୁଷର୍ ପେହେଚାନ୍ | ସୁନୀଲ୍ କୁମାର ଅଗସ୍ତି | ୧୫୩ |


Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com


| | | |
|---|---|---|
| ଜୀବନର୍ ଇତିହାସ | ବିଶ୍ୱନାଥ ଭୁଏ | ୧୫୪ |
| **ପ୍ରବନ୍ଧ ବିଭାଗ** | | **୧୫୫** |
| ଉତ୍କଳୀୟ ସଂସ୍କୃତିରେ ରଜପର୍ବ | ଡଃ ମନୋରଞ୍ଜନ ବିଷୋୟୀ | ୧୫୬ |
| ନୈସର୍ଗିକ ସୌନ୍ଦର୍ଯ୍ୟର ଗନ୍ତାଘର : ଭୃଗୁତୁଙ୍ଗ | ରୋଜାଲିନି ମିଶ୍ର | ୧୫୯ |
| ଈଶ୍ୱରଙ୍କୁ ଚିଠି | ବିଜୟ କୁମାର ସାହୁ | ୧୬୮ |
| ଫ୍ଲୋରେନ୍ସ ନାଇଟିଂଗଲ୍ | ଅସିତ ମହାନ୍ତି | ୧୭୪ |
| ବିଶେଷ ସୂଚନା | | ୧୭୭ |


ଚଳିତ ସଂସ୍କରଣ ପରେ ଆହ୍ୱାନ ପାଇଁ ଲେଖା ପଠାଉଥିବା ସମସ୍ତ ସ୍ରଷ୍ଟାଙ୍କୁ ସମ୍ମାନିତ କରିବା ନିମନ୍ତେ ଏକ ଧନ୍ୟବାଦ (ମାନପତ୍ର) ପତ୍ର ବ୍ୟବସ୍ଥା କରାଯାଉଛି । ଖୁବ ଶୀଘ୍ର ଆପଣ ନିଜ ପ୍ରେରିତ ଆଲେଖ୍ୟ ପାଇଁ ଆହ୍ୱାନ ଇ-ପତ୍ରିକା ତରଫରୁ ଏକ ଧନ୍ୟବାଦ ପତ୍ର ପାଇବେ । ଏଥିପାଇଁ ବିଧିବଦ୍ଧ ବ୍ୟବସ୍ଥା ହୋଇଗଲା ପରେ ଆପଣଙ୍କୁ ଇମେଲ୍ ଦ୍ୱାରା ଜଣାଇ ଦିଆଯିବ । ଏହି ବ୍ୟବସ୍ଥା ଖୁବ ଶୀଘ୍ର ଆମ ୱେବ୍‌ସାଇଟରେ ଉପଲବ୍ଧ ହେବ ଏବଂ ପ୍ରତ୍ୟେକ ସ୍ରଷ୍ଟା ନିଜର ଧନ୍ୟବାଦ (ମାନପତ୍ର) ପତ୍ର, ଅତି ସହଜରେ ଆମ ସାଇଟରୁ ଡାଉନଲୋଡ୍ କରି ପାରିବେ । ଏହି ମାନପତ୍ର ଉଭୟ ଛବି ଏବଂ ପିଡ଼ିଏଫ୍ ମାଧ୍ୟମରେ ଉପଲବ୍ଧ ହେବ । ଏହାକୁ ଆପଣ ନିଜର ସୋସିଆଲ୍ ମିଡ଼ିଆ ପ୍ରୋଫାଇଲରେ ଅନ୍ୟମାନଙ୍କ ଦେଖିବା ପାଇଁ ଶେୟାର ବି କରି ପାରିବେ । ଅଧିକ ସୂଚନା ଏବଂ ତ୍ୱରିତ ଖବର ପାଇବା ପାଇଁ ଆମ ହ୍ୱାଟସ୍‌ଆପ୍ ଗ୍ରୁପରେ ଯୋଗ ଦିଅନ୍ତୁ । ଆମ ସହ ଯୋଗ ଦେବାପାଇଁ ଆମ ହ୍ୱାଟସ୍‌ଆପ୍ ନମ୍ବର ୭୦୦୮୫୬୭୦୮୫ କିମ୍ବା ୯୦୪୦୯୮୫୪୬୩ରେ ଅନୁରୋଧ ପଠାଇ ପାରିବେ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ଜୁନ ୨୦୨୨ ସଂସ୍କରଣ ସହିତ ମୁଁ ଉପସ୍ଥିତ । ଉତ୍କଳୀୟ ପରମ୍ପରାରେ ବୃହତ ଧରିତ୍ରୀ ପର୍ବ ରଜ ପର୍ବ ଉପଲକ୍ଷେ ସମସ୍ତ ପାଠିକାପାଠକ ଏବଂ ସାହିତ୍ୟ ସ୍ରଷ୍ଟାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ବିଶ୍ୱ ଦରବାରରେ ଆମେ ବର୍ଷରେ ଦୁଇଥର ଧରିତ୍ରୀ ଦିବସ ଆଉ ପରିବେଶ ଦିବସ ପାଳନ କରୁଥିବା ବେଳେ ଆମ ପାରମ୍ପାରିକ ରଜ ପର୍ବ ଉଭୟ ଦିବସର ମହତ୍ତ୍ୱକୁ ପ୍ରତିପାଦିତ କରେ । ପ୍ରତିବର୍ଷ ତିନିଦିନ ଧରି ରଜ ପର୍ବ ପାଳନ କରୁଥିବା ଆମର ଏହି ଅତି ପ୍ରାଚୀନ ଜାତି ଯେ ପୃଥିବୀ ଓ ପରିବେଶ ପାଇଁ କେତେ ସଚେତନ ଥିଲା ତାହା ଅବିଶ୍ୱସନୀୟ ଭାବରେ ଆଶ୍ଚର୍ଯ୍ୟଜନକ ଏବଂ ଅତୁଳନୀୟ ।

ରଜ ପର୍ବର ମହତ୍ତ୍ୱ ଯେ କେବଳ ଏକ ପାରମ୍ପାରିକ ଚାଷଭିତ୍ତିକ ପର୍ବ ହିଁ ନୁହେଁ, ବରଂ ସମଗ୍ର ଧରିତ୍ରୀକୁ ସମୃଦ୍ଧ କରିବା ଏବଂ ପ୍ରାକ ମୌସୁମୀ ବର୍ଷାରେ ଧରିତ୍ରୀ ସିଞ୍ଚନ କରିବା ପରେ ଏଥିରେ ସବୁଜ ବନାନୀର ଉଦ୍ଭବ ଏବଂ ଅଭିବୃଦ୍ଧି କରିବାର ମହତ୍ତ୍ୱ ଲକ୍ଷ୍ୟ ରଖେ । ରଜର ଅନେକ ଅର୍ଥ ମଧ୍ୟରେ ପୃଥିବୀ ବା ଧରିତ୍ରୀ, ତଥା ଜଳକଣା ଏବଂ ଧୂଳିରେଣୁ ମଧ୍ୟ ଅନ୍ତର୍ଭୁକ୍ତ । ଏହି ସମସ୍ତ ଉପାଦାନକୁ ସମ୍ମାନ ଜଣାଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଇ ପର୍ବ ପାଳନ କରାଯାଉଥିବା ହେତୁ, ଏହାର ମହତ୍ତ୍ୱ ଢେର୍ ବେଶୀ ।

ଆହୁରି ମଧ୍ୟ ଏହି ପର୍ବ ଉତ୍କଳୀୟ ପାରିବାରିକ ପର୍ବ ଭାବରେ ମଧ୍ୟ ବେଶ ଜଣାଶୁଣା । ଶିଶୁକନ୍ୟା ତଥା ମହିଳା ମାନଙ୍କ ପାଇଁ ଏହି ପର୍ବର ମହତ୍ତ୍ୱ ଅନନ୍ୟ । ଏହା ଯେ ଆମ ସମାଜରେ ନାରୀ ଓ ପୁରୁଷ ସମାନତାକୁ ଦର୍ଶାଏ କହିଲେ ଅତ୍ୟୁକ୍ତି ହେବ ନାହିଁ । ପର୍ବ ମାଧ୍ୟମରେ ହିଁ ହେଉ ନା କାହିଁକି ଆମ ପୂର୍ବସୁରୀ ମାନେ ମହିଳା ମାନଙ୍କୁ ସମ୍ମାନ ଜଣାଇବାର ଏକ ସମ୍ମାନଜନକ ପଦକ୍ଷେପ ଯେ ନେଇଥିଲେ, ତାହା ରଜ ପର୍ବ ଦ୍ୱାରା ପ୍ରମାଣିତ ହୁଏ ।

ରଜ ପର୍ବର ପ୍ରାବଲ୍ୟତା ଉପକୂଳ ଓଡ଼ିଶା ଏବଂ ମଧ୍ୟ ତଥା ଉତ୍ତର ଓଡ଼ିଶାରେ ବହୁଳଭାବରେ ପରିଲକ୍ଷିତ ହୋଇଥାଏ । ଏଥିପାଇଁ ଅନେକ ଦିନର ପ୍ରାକପ୍ରସ୍ତୁତି ମଧ୍ୟ ଦେଖିବାକୁ ମିଳେ । ସ୍ଥାନେ ସ୍ଥାନେ ରଜପର୍ବକୁ ଅନେକ ଦିନ ଧରି ପାଳନ କରାଯାଏ, ଯଥା ରଜ ପାଇଁ ସଜବାଜ, ପହିଲି ରଜ, ରଜ ସଂକ୍ରାନ୍ତି, ଶେଷ ରଜ, ଭୂମିଦାହ, ବସୁମତି ସ୍ନାନ ଇତ୍ୟାଦି ଅନେକ ଆୟୋଜନ ଦ୍ୱାରା ଏହି ପର୍ବ ଓଡ଼ିଶାର ପୁରପଲ୍ଲି ଉତ୍ସବମୁଖର ହୋଇ ଉଠେ । ଏହି ପର୍ବକୁ ଆଧାର କରି ଅନେକ ପ୍ରତିଯୋଗିତା ଯଥା ରଜ କୁମାରୀ, ରଜ କ୍ୱିନ, ଇତ୍ୟାଦି ମଧ୍ୟ ଗଣମାଧ୍ୟମରେ ଦେଖିବାକୁ ମିଳୁଛି । ଏବଂ ସାମାଜିକ ଗଣମାଧ୍ୟମର ବହୁଳ ପ୍ରସାର ଫଳରେ ଏହା ଦିନକୁ ଦିନ ଅଧିକ ଲୋକପ୍ରିୟ ହେବାକୁ ଲାଗିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଶାର ପ୍ରାୟ ଅଧିକାଂଶ ଜିଲ୍ଲାରେ ବଡ଼ ବଡ଼ ସହର ତଥା ଜିଲ୍ଲା ଏବଂ ବ୍ଲକ୍ ସ୍ତରୀୟ କାର୍ଯ୍ୟକ୍ରମମାନ ଆୟୋଜନ ହେଉଛି । ରଜ ପାଇଁ ପାରମ୍ପରିକ ଝୋଟି ପ୍ରତିଯୋଗିତା, ପିଠା ପ୍ରତିଯୋଗିତା, ଓଡ଼ିଆଣୀ ବେଶ ପ୍ରତିଯୋଗିତା ଇତ୍ୟାଦି ଆୟୋଜିତ ହେବା ସହ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେଉଛି । ଦେଖିବାକୁ ଭଲ ଲାଗୁଛି, ଯେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶତାବ୍ଦୀ ଶତାବ୍ଦୀ ପୁରୁଣା ଆମ ଐତିହ୍ୟ ଏବଂ ପରମ୍ପରା ମଳିନ ନ ହୋଇ ବରଂ ନୁଆ ପରି ଝଟକୁଛି, ଆଉ ଆଶା ମଧ୍ୟ ମନରେ ଜାଗ୍ରତ ହେଉଛି ଆମର ଏହି ପରମ୍ପରା ଯୁଗ ଯୁଗଧରି ବଞ୍ଚି ରହିବ ।

ରଜ ପର୍ବ ଏକ ପାରମ୍ପାରିକ ଲୋକପର୍ବ, ଏହାକୁ ଧାର୍ମିକ ପର୍ବ ବୋଲି ମଧ୍ୟ କୁହାଯାଇ ପାରେ । କାରଣ ଓଡ଼ିଆ ଜାତି ଏହାର ପ୍ରତ୍ୟେକ ଉତ୍ସବ ଓ ପର୍ବକୁ ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ଅନୁଭବ କରେ । ଜଗନ୍ନାଥ ଆମ ଜାତିର ପ୍ରାଣ ଏବଂ ତାଙ୍କୁ ଆଧାର କରି ଆମ ଜାତି ଅଗ୍ରସର । ଆମର ଧାର୍ମିକ ମାନ୍ୟତା ଶ୍ରୀ ମନ୍ଦିର ଏବଂ ଜଗନ୍ନାଥଙ୍କ ସହ ଅଙ୍ଗାଙ୍ଗିଭାବରେ ଜଡ଼ିତ । ବସୁଧୈବ କୁଟୁମ୍ବକମ୍, ମନ୍ତ୍ରରେ ଦିକ୍ଷିତ ଆମ ସନାତନ ହିନ୍ଦୁ ଧର୍ମର ଭାବନା ଅତ୍ୟନ୍ତ ଉଦାର ଏବଂ କ୍ଷମାଶୀଳ, ତେଣୁ ଆମ ଧର୍ମକୁ କେହି ଆକ୍ଷେପ କରିଲେ ସୁଦ୍ଧା ଆମେ ପ୍ରତିକ୍ରିୟାଶୀଳ ନ ହୋଇ, ଉଦାରତାର ସହ ସହନ କରିବାର କ୍ଷମତା ରଖୁ । ହେଲେ ବିଗତ ଦିନରେ ଜାତୀୟ ଗଣମାଧ୍ୟମରେ ପ୍ରସାରିତ ଏକ କାର୍ଯ୍ୟକ୍ରମରେ ଜନୈକା ମହିଳା ଅତିଥିଙ୍କ ମନ୍ତବ୍ୟକୁ ନେଇ ସମଗ୍ର ଦେଶ ତଥା ବିଶ୍ୱସ୍ତରରେ ଯେଉଁଭଳି ଭାବରେ ପ୍ରତିକ୍ରିୟା ଦେଖା ଦେଇଥିଲା ତାହା ସର୍ବାଦୌ ନିନ୍ଦନୀୟ ଏବଂ ଭର୍ତ୍ସନା ଯୋଗ୍ୟ ବୋଲି ମନେ ହୁଏ ।

ଆପଣ ଜାଣିଥିବେ, ଯେ ବିଗତ ମାସରେ କାଶୀ ବିଶ୍ୱନାଥ ମନ୍ଦିର ନିକଟରେ ଥିବା ଜ୍ଞାନବାପୀ ମସଜିଦ(ମନ୍ଦିର)ରେ ଅଦାଲତ ନିର୍ଦ୍ଦେଶରେ ଆୟୋଜିତ ଭିଡ଼ିଓଗ୍ରାଫି ସମୟରେ ଶିବଲିଙ୍ଗ ଉଦ୍ଧାର ହୋଇଥିଲା, କିନ୍ତୁ ମୁସଲିମ୍ ପ୍ରତିପକ୍ଷ ଏହାକୁ ଏକ କୃତ୍ରିମ ଝରଣା ବା ଫବାରା ବୋଲି କହି ବାରମ୍ବାର ପ୍ରଚାରକରି ଆସୁଥିଲେ । ଏହି ବିଷୟରେ ଆୟୋଜିତ ଏକ ସମ୍ବାଦ ଚର୍ଚ୍ଚାରେ ବିଜେପିର ଜନୈକା ନାରୀ ନେତ୍ରୀ ଶିବଲିଙ୍ଗର ଅପମାନ ସହ୍ୟ ନ କରି ପାରି, ମହମ୍ମଦଙ୍କ ବିଷୟରେ କୁରାନରେ ଲିଖିତ କିଛି ତଥ୍ୟକୁ ଉତ୍ତେଜିତ ଅବସ୍ଥାରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସର୍ବସମ୍ମୁଖରେ ଉପସ୍ଥାପନ କରିଦେଲେ । ଏହା ଦ୍ୱାରା ମୁସଲିମ ପକ୍ଷ ଆହତ ହୋଇଥିଲେ ବୋଲି କୁହାଗଲା । ଅବଶ୍ୟ ସମ୍ବାଦ ପରିବେଷଣର ଅନ୍ୟୁନ ଦୁଇ ସପ୍ତାହ ପରେ ବିଶ୍ୱର ଅନେକ ମୁସଲିମ୍ ଦେଶ ଏହି ବିବାଦକୁ ସୃଷ୍ଟି କରିଦେଇ ଭାରତ ଉପରେ କୂଟନୈତିକ ଚାପ ପକାଇବାକୁ ଆରମ୍ଭ କରିଦେଲେ ।

ମଧ୍ୟ ପ୍ରାଚ୍ୟର ଗଣମାଧ୍ୟମ ଅଲଜଜିରା ଦ୍ୱାରା ପ୍ରଥମେ ଭାରତ ଏବଂ ହିନ୍ଦୁ ଧର୍ମ ବିରୁଦ୍ଧରେ ଟ୍ୱିଟରରେ ଶିତଳ ଯୁଦ୍ଧ ଆରମ୍ଭ ହୋଇଥିଲା, ଯାହା ଧିରେ ଧିରେ ସମଗ୍ର ମଧ୍ୟପ୍ରାଚ୍ୟ ଏବଂ ଅନ୍ୟାନ୍ୟ ଅନେକ ଦେଶକୁ ବ୍ୟାପିଗଲା ଏବଂ ଛୋଟ ଛୋଟ ଅନେକ ଦେଶ ଭାରତ ସରକାରଙ୍କ ଉପରେ ଚାପ ପକାଇବା ଆରମ୍ଭ କରିଦେଲେ । ଏବଂ ଏହି ସମୟରେ ଭାରତରେ ରହୁଥିବା ଶାନ୍ତିପ୍ରିୟ ମୁସଲମାନ ସମ୍ପ୍ରଦାୟକୁ ହିଂସା କରିବାକୁ ଉସୁକାଇବା ପାଇଁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏବଂ ରାଜନୈତିକ ସଂଗଠନ ଆଗେଇ ଆସିଲେ ଏବଂ ସମଗ୍ର ଦେଶରେ ଶୁକ୍ରବାର ସାମୁହିକ ନମାଜ ପଠନ ପରେ ଉତ୍ୟକ୍ତ ମୁସଲମାନ ଭିଡ଼ ଦ୍ୱାରା ପଥର ଫୋପାଡ଼ି ସର୍ବସାଧାରଣଙ୍କ ଧନଜୀବନ ପ୍ରତି ବିପଦ ସୃଷ୍ଟି କରାଗଲା । ଏହା ଅପ୍ରତ୍ୟାଶିତ ଥିଲା ଏବଂ ଏହା ଦେଶବ୍ୟାପୀ ଅନେକ ସ୍ଥାନରେ ଏକ ସମୟରେ ହୋଇଥିଲା, ଯେଉଁଥିରୁ ଏହା ସୁସଂଗଠିତ ଏବଂ ସୁସଂଯୋଜିତ ତଥା ସୁପରିକଳ୍ପିତ ବୋଲି ଦୃଢ଼ ଧାରଣା ସୃଷ୍ଟି କରିଥିଲା । ଶାନ୍ତିପ୍ରିୟ ଦେଶକୁ ଅଶାନ୍ତ ବାତାବରଣରେ ପରିଣତ କରିବାର ଏକ ଦୁର୍ବାର ଯୋଜନା ଫଳପ୍ରଦ ହେବାପୂର୍ବରୁ ସରକାରୀ ସ୍ତରରେ ଏହାକୁ ଦମକ କରାଯାଇ ପ୍ରତିକ୍ରିୟା ସ୍ୱରୂପ ଦଙ୍ଗାକାରୀଙ୍କୁ ଚିହ୍ନଟ କରାଯାଇ ବ୍ୟାପକ ଗିରଫଦାରୀ ତଥା ଦମନମୂଳକ କାର୍ଯ୍ୟ କରାଯାଉଛି । ତଥାପି ମନରେ ଅନେକ ପ୍ରଶ୍ନ ଏବେ ବି ଉଙ୍କି ମାରୁଛି, ଜଣେ ବ୍ୟକ୍ତିର ସାମାନ୍ୟ ଉଦ୍ଗୀରଣରେ ଯଦି ଏତେ ବଡ଼ ସମୁଦାୟର ଧାର୍ମିକ ଭାବନା ଆହତ ହୋଇଯାଉଛି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା ହେଲେ ବିଗତ ତିନିଶହରୁ ଅଧିକ ବର୍ଷଧରି ଜ୍ଞାନବାପୀ ମନ୍ଦିରରେ ଥିବା ଶିବଲିଙ୍ଗ ଉପରେ ମୁସଲମାନ ନମାଜି ମାନେ ହାତପାଦ ଧୋଇ ପାଣି ପକାଉଥିଲେ ସୁଦ୍ଧା ହିନ୍ଦୁ ସମାଜ କାହିଁକି ପ୍ରତିକ୍ରିୟାଶୀଳ ହୋଇନାହିଁ ?

ଏହି ସବୁ କଥା ଗମ୍ଭୀର ଭାବରେ ଚିନ୍ତା କଲେ ଆପଣଙ୍କୁ ହୃଦୟଙ୍ଗମ ହେବ, ଯେ ଧାର୍ମିକ ଉନ୍ମାଦ ଏବଂ ହିଂସାକାଣ୍ଡ ଏବର ନୁହେଁ, ବରଂ ଅନେକ ଶତାବ୍ଦୀର ପୁରୁଣା ଅଭ୍ୟାସ ଯାହା ବୁଦ୍ଧଙ୍କ ଦେଶ ଭାରତକୁ ସମୟ ସମୟରେ ଆହତ କରି ଆସିଛି । ଏତେ ବିଶାଳ ଦେଶରେ ରହୁଥିବା ସମ୍ପ୍ରଦାୟ ମାନେ ବର୍ତ୍ତମାନ ସୁଦ୍ଧା ନିଜକୁ ଧାର୍ମିକ ପୁସ୍ତକଠାରୁ ସମ୍ବିଧାନକୁ ଅଧିକ ସମ୍ମାନ ଦେବା ଶିଖି ପାରିନାହାନ୍ତି ।

ନୁପୁର ଶର୍ମା ଦେଇଥିବା ମନ୍ତବ୍ୟ ଯେ ଇସଲାମ ବିରୋଧୀ କିମ୍ବା ମିଥ୍ୟା ବୋଲି କେହି କହିନାହାନ୍ତି, କାରଣ ଅନେକ ମୁସଲମାନ ବୁଦ୍ଧିଜୀବି ସେଇ ଏକା କଥା ଅନେକ ସମୟରେ ଅନେକ ସ୍ଥାନରେ ସ୍ୱୀକାର କରିଛନ୍ତି ଏବଂ ତଥାପି ନୁପୁର ଶର୍ମା କହିଦେବା ପରେ ଏତେ ଉତ୍ୟକ୍ତ ହୋଇ ପ୍ରତିକ୍ରିୟା ଦେଖାଇବା ଦ୍ୱାରା ସମଗ୍ର ବିଶ୍ୱରେ ଅଗଣିତ ସର୍ବସାଧାରଣ କୁରାନରେ ଲିଖିତ ସେହି ସବୁ ବିଷୟରେ ବର୍ତ୍ତମାନ ଅଧିକ ଜାଣିବାକୁ ପାଇଲେ ଏବଂ ନିଜର ଭୁଲ ଦ୍ୱାରା ନିଜକୁ ହିଁ ନିନ୍ଦିତ କରାଇଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବର୍ତ୍ତମାନ ଆମେ ଜାଣିବା ଯେଉଁ ସବୁ ଦେଶ ଭାରତୀୟ ରାଷ୍ଟ୍ରଦୁତଙ୍କୁ ଡକାଇ ନୁପୁର ଶର୍ମା ଦେଇଥିବା ମନ୍ତବ୍ୟ ପାଇଁ କ୍ଷମାଯାଚନା କରିବାକୁ କହିଥିଲେ, ସେମାନଙ୍କ କଣ ହେଲା ? ପ୍ରଥମତଃ ଭାରତ ସରକାର ଘୋଷଣା କରି ଜଣାଇଲେ ଯେ ଏହି ମନ୍ତବ୍ୟ ଜଣେ ମହିଳାଙ୍କର, ତେଣୁ ଏଥିପାଇଁ ସରକାର କୌଣସି ଭାବରେ ବି କ୍ଷମା ମାଗିବେ ନାହିଁ । ଦ୍ୱିତୀୟତଃ ଭାରତରେ ଲୋକତନ୍ତ୍ର ରହିଛି ଏବଂ ଏଠାରେ ଅଭିବ୍ୟକ୍ତିର ସ୍ୱାଧୀନତା ରହିଥିବା ହେତୁ ଯେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେହି ବି ମନ୍ତବ୍ୟ ଦେଇ ପାରିବେ । ଦିଆଯାଇଥିବା ମନ୍ତବ୍ୟ ଯଦି ଭୁଲ ହୋଇଥାଏ ତା ହେଲେ ତାହା ବିରୁଦ୍ଧରେ ଦଣ୍ଡବିଧାନ ହୋଇପାରିବ । ଭାରତୀୟ ଜନତା ପାର୍ଟି ଦ୍ୱାରା ସୁଶ୍ରୀ ନୁପୁର ଶର୍ମାଙ୍କୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ କରାଯାଇ ପାର୍ଟିରୁ ବରଖାସ୍ତ କରାଗଲା । ଏହାକୁ ଦେଖି ଅନେକ ବିରୋଧୀ ଦଳ ବିଜେପିକୁ ନିନ୍ଦା କରିଥିଲେ । ହିନ୍ଦୁଙ୍କ ରକ୍ଷାକାରୀ କୁହାଉଥିବା ବିଜେପି ନିଜ ପ୍ରବକ୍ତାଙ୍କୁ ବରଖାସ୍ତ କରିବା ଏବଂ ମଧ୍ୟପ୍ରାଚ୍ୟର ଛୋଟ ଛୋଟ ଦେଶର ଚାପରେ ଆସିବା ଅନେକଙ୍କୁ ପ୍ରାରମ୍ଭିକ ଭାବରେ ଆଶ୍ଚର୍ଯ୍ୟ କରିଦେଇଥିଲା । ଅବଶ୍ୟ ଏହାର ପ୍ରତିକ୍ରିୟା ଭାରତ ରାଜନୈତିକ ଏବଂ କୂଟନୈତିକ ଭାବରେ ଦେଇଥିଲା, ଏବଂ ଯେଉଁ ସବୁ ଦେଶ ଭାରତକୁ ନାଲି ଆଖି ଦେଖାଇଥିଲେ, ସେମାନଙ୍କୁ ଜଣାଇଥିଲା ଯେ, ସେମାନଙ୍କ ଦେଶରେ ଜନସାଧାରଣ ଖାଉଥିବା ଗହମ ଓ ଅଟା ଭାରତରୁ ଆସେ । ଏବଂ ଯଦି ଭାରତ ଗହମ ରପ୍ତାନି ବନ୍ଦ କରିଦେବ, ତିନି ସପ୍ତାହରେ ସମୁଦାୟ ବିଶ୍ୱର ଏକ ବିଶାଳ ଭାଗରେ ଲୋକମାନେ ଖାଦ୍ୟାଭାବରୁ ହନ୍ତସନ୍ତ ହୋଇଯିବେ । ସୂଚନାଯୋଗ୍ୟ ଯେ ବିଗତ ଦିନରେ ଭାରତ ଗହମ ରପ୍ତାନି ଉପରେ କଟକଣା ଲଗାଇ ସାରିଛି । ବର୍ତ୍ତମାନର ପ୍ରକରଣ ପରେ ଯଦି ଭାରତ ଗହମ ରପ୍ତାନି ନ କରେ, ତା ହେଲେ ସେହି ସବୁ ଦେଶରେ ଉତ୍କଟ ଖାଦ୍ୟାଭାବ ଦେଖାଦେବ, ଏହି କଥାଟି ଜଣାଇବା ପରେ ଗୋଟିଏ ପରେ ଗୋଟିଏ ସବୁ ଦେଶ ନିଜର ବିରୋଧ ପ୍ରଦର୍ଶନ ବନ୍ଦ କରିବା ସହ ଯେଉଁମାନେ ସବୁ ସେଇ ଦେଶରେ ଭାରତ ବିରୋଧୀ ଆନ୍ଦୋଳନ ଓ ପ୍ରଦର୍ଶନ କରିଥିଲେ ସେମାନଙ୍କୁ ଦେଶରୁ ବାହାରି ଯିବାକୁ ନିର୍ଦ୍ଦେଶ (କୁଏତ) ବି ଦେଇ ସାରିଲେଣି । ଏହା ଭାରତର ବିଶାଳ କୂଟନୈତିକ ବିଜୟ ବୋଲି କୁହାଯାଇ ପାରେ ।

ଅନ୍ୟ ପରିପ୍ରେକ୍ଷୀରେ ଦେଖିଲେ, ଜାଣିବେ ଯେ ଋଷ ଏବଂ ୟୁକ୍ରେନ୍ ଯୁଦ୍ଧ ପରେ ପରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଋଷ ଓ ଭାରତ ମଧ୍ୟରେ ଭଲ ବୁଝାମଣା ହେବା ଯୋଗୁଁ, ଭାରତ ବର୍ତ୍ତମାନ ଋଷଠାରୁ କମ ଦାମରେ କଞ୍ଚାତେଲ ଆମଦାନୀ କରୁଛି । ଏହା ଫଳରେ ମଧ୍ୟପ୍ରାଚ୍ୟର ଦେଶ ମାନଙ୍କ ବ୍ୟବସାୟରେ ମାନ୍ଦାବସ୍ଥା ସୃଷ୍ଟି ହୋଇଛି । ବିଶ୍ୱରେ ଭାରତ କଞ୍ଚା ପେଟ୍ରୋଲିୟମ ତେଲର ସବୁଠାରୁ ବଡ଼ କ୍ରେତା ହୋଇଥିବା ହେତୁ ଯଦି ଭାରତ ତେଲ ନ କିଣେ ସେଇ ସବୁ ଦେଶରେ ମାନ୍ଦାବସ୍ଥା ଦେଖାଦେବା ସ୍ୱାଭାବିକ ତେଣୁ ମଧ୍ୟ କିଛି ଦେଶ ଅସନ୍ତୋଷ ଥିଲେ ତେଣୁ ମହମ୍ମଦଙ୍କ ଉପରେ ଦିଆଯାଇଥିବା ଟିପ୍ପଣୀ ପରେ ସେମାନେ ଭାରତକୁ ଘେରିବା ଯୋଜନା କରିଥିଲେ, କିନ୍ତୁ ଦୁର୍ଭାଗ୍ୟର ବିଷୟ ବର୍ତ୍ତମାନ ସମୁଦାୟ ବିଶ୍ୱର ଅନେକ ଦେଶକୁ ଭାରତ ଶସ୍ୟ ରପ୍ତାନୀ କରୁଥିବା ହେତୁ ସେହି ସବୁ ଦେଶ ଭାରତପ୍ରତି ଆନୁଗତ୍ୟ ରହିବା ଦ୍ୱାରା ସେମାନଙ୍କ ଯୋଜନା ସଫଳ ହେଲାନାହିଁ ।

ବିଗତ ଦିନରେ ଅନ୍ତରାଷ୍ଟ୍ରୀୟ ମୁଦ୍ରା କୋଷ (ଆଇଏମ୍ଏଫ୍) ଭାରତ ସରକାରଙ୍କୁ ନିବେଦନ କରିଥିଲେ ଯେ ଗହମ ରପ୍ତାନି ଉପରେ ଭାରତ ସରକାର ଲଗାଇଥିବା କଟକଣାକୁ ଉଠେଇ ନିଅନ୍ତୁ । ବର୍ତ୍ତମାନ ସମଗ୍ର ବିଶ୍ୱର ଅର୍ଥନୈତିକ ମାନ୍ଦାବସ୍ଥା ଲାଗୁ ରହିଥିବା ହେତୁ ବିଶ୍ୱ ବାଣିଜ୍ୟିକ ସଂଗଠନ (ଡବ୍ଲ୍ୟୁଟିଓ) କିଛି ନୂଆ କଟକଣା ପାଇଁ ଯୋଜନା କରୁଥିବା ପରିପ୍ରେକ୍ଷୀରେ ଭାରତ ସରକାର ସଂସ୍ଥାଙ୍କୁ କଡ଼ାକଡ଼ି ଭାବରେ ନିନ୍ଦା କରିବା ସହ, କୌଣସି ନୂତନ ନିୟମ ମାନିବାକୁ ମନା କରିଦେଇଛନ୍ତି ।

ଏହି ସବୁ ଘଟଣାବଳୀକୁ ଦେଖିବା ପରେ ବିଶ୍ୱ ଦରବାରରେ ଭାରତର ସ୍ଥାନ କେଉଁଠି ତାହା ବୁଝିବାକୁ ଆଉ ବିଳମ୍ବ ଲାଗୁନାହିଁ । ଦୁର୍ଭାଗ୍ୟର ବିଷୟ ଭାରତ ଭିତରେ ଥିବା କିଛି କୁଚକ୍ରାନ୍ତକାରୀ ଗୋଷ୍ଠୀ ଏହି ସବୁ ଉନ୍ନତିକୁ ଦେଖି ଭାରତ ସରକାରଙ୍କୁ ନିନ୍ଦିତ କରିବାର କୁପ୍ରୟାସ କରୁଛନ୍ତି । ତେଣୁ ଦେଶ ଭିତରେ ହିଂସାକାଣ୍ଡ, ଆନ୍ଦୋଳନ, ଗଣ୍ଡଗୋଳ ଆଦି କରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସରକାରଙ୍କୁ ଅସ୍ଥିର କରିବାକୁ ଚେଷ୍ଟା କରୁଛନ୍ତି ।

ବିଗତ ଦିନରେ ଭାରତୀୟ ଜାତୀୟ କଂଗ୍ରେସର ପ୍ରମୁଖ ନେତା ରାହୁଲ ଗାନ୍ଧୀ ଏବଂ ସୋନିଆ ଗାନ୍ଧୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତରଫରୁ ଜେରା କରିବା ପାଇଁ ଡକରା ଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ, ନ୍ୟାସନାଲ୍ ହେରାଲ୍ଡ ଖବର କାଗଜର ସମ୍ପତ୍ତି ହାତେଇବା ଅଭିଯୋଗରେ ଉଭୟ ଅଦାଲତରୁ ଜାମିନରେ ଅଛନ୍ତି । ଏହି ମାମଲାର ଶୁଣାଣି କରିବାପାଇଁ ପୁଣିଥରେ ତଦନ୍ତ ପ୍ରକ୍ରିୟା ଆରମ୍ଭ ହେବା ଏବଂ ଏହି ଖବର ଉଭୟଙ୍କୁ ଜଣାଇ ଦେବାପରେ ପରେ ଶ୍ରୀମତି ସୋନିଆ ଗାନ୍ଧୀ କରୋନାରେ କବଳିତ ହୋଇଥିଲେ ଏବଂ ପରେ ପରେ ସ୍ୱାସ୍ଥ୍ୟବସ୍ଥା ବିଗଡି ଯିବାରୁ ତାଙ୍କୁ ହସପିଟାଲରେ ଆଡ଼ମିଟ୍ କରିବାକୁ ପଡ଼ିଛି । କିନ୍ତୁ ଏହି ମାମଲାରେ ନିଜର ପକ୍ଷ ରଖିବା ପାଇଁ ରାହୁଲ ଗାନ୍ଧୀଙ୍କୁ ସମନ କରାଯାଇଥିଲା, ଏବଂ ଏଥିପାଇଁ ଶ୍ରୀ ଗାନ୍ଧୀ ଏକ ବିଶାଳ ଆନ୍ଦୋଳନର ଆୟୋଜନ କରି ଯାଇଥିଲେ । ଏହାକୁ କଂଗ୍ରେସ ଦଳ ତରଫରୁ ସତ୍ୟାଗ୍ରହ ଆନ୍ଦୋଳନର ନାଁ ଦିଆଯାଇଥିଲା । ଏଥିରେ କଂଗ୍ରେସ ଶାସିତ ବିଭିନ୍ନ ରାଜ୍ୟର ପ୍ରମୁଖମାନେ ଅଂଶ ଗ୍ରହଣ କରି ସ୍ୱେଚ୍ଛାକୃତ ଭାବରେ ଗିରଫ ହୋଇଥିଲେ । ଏହି ମାମଲା ସଂପୂର୍ଣ୍ଣ ବ୍ୟକ୍ତିଗତ ହୋଇଥିବା ବେଳେ କଂଗ୍ରେସ ଦଳ ଏଥିରେ ଉତ୍ସାହର ସହ ଯୋଗ ଦେବା ତଥା ଏକ ଠକେଇ ମାମଲା ପାଇଁ ତଦନ୍ତ ହେଉଥିବା ବେଳେ ଏହାକୁ ସତ୍ୟାଗ୍ରହ ବୋଲି ନାମ ଦେଇ ଦଳ କଣ ପ୍ରମାଣିତ କରିବାକୁ ଚାହୁଁଛି, ତାହା ଆମେ ବୁଝି ପାରୁନାହୁଁ । ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ ଶୁଣାଣି ପାଇଁ ବ୍ୟାପକ ପ୍ରଶ୍ନୋତ୍ତର ଆବଶ୍ୟକ ଥିବା ହେତୁ ଶ୍ରୀ ଗାନ୍ଧୀଙ୍କୁ ତିନିଦିନ ଧରି ଜେରା କରାଯାଇଛି ।

ଏହି ମାମଲା ବିଷୟରେ ସବିଶେଷ ବିବରଣୀ ଆପଣଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଦେଇ ପାରେ । ଏହି ମାମଲାର ସଂକ୍ଷିପ୍ତ ବିବରଣୀ ଏହି ପ୍ରକାରରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ୱର୍ଗତ ଶ୍ରୀ ଜବାହାରଲାଲ୍ ନେହେରୁଙ୍କ ଦ୍ୱାରା ସ୍ଥାପିତ ନ୍ୟାସନାଲ୍ ହେରାଲ୍ଡ ଖବର କାଗଜ ବିଗତ ଶତାବ୍ଦୀର ସବୁଠାରୁ ଅଧିକ ଆୟ କରୁଥିବା ସଂସ୍ଥା ମାନଙ୍କ ମଧ୍ୟରେ ଗୋଟିଏ ଥିଲା । ଏହାର ସମୁଦାୟ ସମ୍ପତ୍ତି ଦୁଇରୁ ପାଞ୍ଚ ହଜାର କୋଟି ବୋଲି ଅନୁମାନ କରାଯାଉଛି । ସେ ଯା ହେଉ ଏହି ପତ୍ରିକା ବିଗତ ଶତାବ୍ଦୀର ନବେ ଦଶକ ଆସୁ ଆସୁ ବନ୍ଦ ହୋଇଯାଇଥିଲା । ଶୁଣାଯାଉଥିଲା ଅର୍ଥାଭାବ ହେତୁ ଏମିତି ହେଉଛି । ଆସୋସିଏଟେଡ୍ ଜର୍ଣ୍ଣାଲ ଲିମିଟେଡ୍ ଏହାର ପରିଚାଳନା ଦାୟିତ୍ୱରେ ଥିଲା । କିନ୍ତୁ ବହୁତ କ୍ଷତି ହେବାପରେ ପତ୍ରିକାର ପ୍ରସାର ବନ୍ଦ ହୋଇଗଲା । ବନ୍ଦ ହେବାପୂର୍ବରୁ ଏହି କମ୍ପାନୀ ନବେ କୋଟି ଟଙ୍କାର ଋଣ କଂଗ୍ରେସ ଦଳଠାରୁ ନେଇଥିଲା । ଏହି କମ୍ପାନୀରେ ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ ସମେତ ମୋତିଲାଲ ଭୋରା ଆଦି ଅନେକ ବରିଷ୍ଠ କଂଗ୍ରେସ ନେତା ଥିଲେ ।

ଏହି ସମୟରେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ମୋତିଲାଲ ଭୋରା ଇତ୍ୟାଦି ସଦସ୍ୟଙ୍କୁ ନେଇ ଏକ ନୂଆ ସଂସ୍ଥା ଗଠନ କରାଗଲା, ୟଙ୍ଗ୍ ଇଣ୍ଡିଆ । ଏହି ସଂସ୍ଥା ଏଜେଏଲ୍ ଠାରୁ ନ୍ୟାସନାଲ୍ ହେରାଲ୍ଡ୍ ସଂସ୍ଥାକୁ ଅକ୍ତିଆରକୁ ନେଇ ଋଣ ପରିଶୋଧ କରିବା ଦାୟିତ୍ୱ ନେଇଥିଲା । ଏଥିପାଇଁ ସଂସ୍ଥା କଂଗ୍ରେସ ଦଳକୁ ପଚାଶ ଲକ୍ଷ ଟଙ୍କା ବିନିମୟରେ ଋଣ ଆଦାୟ ଦାୟିତ୍ୱ ନେଇଥିଲା ।

ୟଙ୍ଗ୍ ଇଣ୍ଡିଆ କିନ୍ତୁ ଋଣ ଆଦାୟ କରି ପାରିଲା ନାହିଁ, କିନ୍ତୁ ଭାରତର ସ୍ୱାଧୀନତା ସଂଗ୍ରାମ ସମୟରେ ଏହି ପତ୍ରିକାର ଉଲ୍ଲେଖନୀୟ ଅବଦାନକୁ ଆଖି ଆଗରେ ରଖି କଂଗ୍ରେସ ଦଳ ବକେୟା ୮୯ କୋଟି ୫୦ ଲକ୍ଷ ଋଣ ଛାଡ଼ କରିଦେଲେ । ଋଣ ଛାଡ଼ ହେବାପରେ ନ୍ୟାସନାଲ୍ ହେରାଲ୍ଡ ପତ୍ରିକାର ମାଲିକାନା ସତ୍ତ୍ୱ କିନ୍ତୁ ୟଙ୍ଗ୍ ଇଣ୍ଡିଆ ପାଖରେ ହିଁ ରହିଥିଲା ଏବଂ ଏହି ବାବଦରେ ୟଙ୍ଗ ଇଣ୍ଡିଆ ନ୍ୟାସନାଲ୍ ହେରାଲ୍ଡ ସଂସ୍ଥାର ୯୯ ପ୍ରତିଶତର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଲିକାନା ହକ୍ ପାଇଲେ ।

ଅର୍ଥାତ ମାତ୍ର ପଚାଶ ଲକ୍ଷ ଟଙ୍କା ଦେଇ ୟଙ୍ଗ୍ ଇଣ୍ଡିଆ ପାଖାପାଖି ଦୁଇହଜାର କୋଟି ଟଙ୍କାର ସମ୍ପତ୍ତିର ମାଲିକ ହୋଇଗଲେ । ହେଲେ, କଥା ସେତିକିରେ ସରିନଥିଲା, ଅସୁବିଧା ହେଲା, ଯେତେବେଳେ ଏହି ସବୁ ଦେଣନେଣ ହେଉଥିଲା ଏହାର କୌଣସି ସୂଚନା ଆୟକର ବିଭାଗ କିମ୍ବା ଅନ୍ୟ କୌଣସି ସରକାରୀ ବିଭାଗକୁ ଦିଆଯାଇ ନଥିଲା । ଏବଂ ଯେଉଁ ବର୍ଷ ଏହି ସବୁ ଅଂଶଧନ ବା ଭାଗିଦାରୀ ନିଷ୍ପତ୍ତି ନିଆଯାଇଥିଲା ତାହାର ଆୟକର ସରକାରଙ୍କ ପାଖରେ ଦାଖଲ କରାଯାଇନଥିଲା । ଏହି ବିଷୟରେ ପ୍ରଥମେ ଖବର ବର୍ଷ ୨୦୧୨ରେ ସାଂସଦ ଶ୍ରୀ ସୁବ୍ରମଣ୍ୟମ୍ ସ୍ୱାମୀ ଅଭିଯୋଗ ପତ୍ର ଦାଖଲ କରିବାପରେ ମାମଲା ଅଦାଲତର ବିଚାରାଧୀନ ହେଲା । ଏବଂ ଏହି ଜାଲିଆତି ପ୍ରସଙ୍ଗକୁ ନେଇ ଉଭୟ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀ ବ୍ୟକ୍ତିଗତ ଜାମିନରେ ରହିଥିବା କଥା ସମସ୍ତେ ଜାଣନ୍ତି ।

ବର୍ତ୍ତମାନ ସେଇ ମାମଲା ପୁଣିଥରେ ଅଦାଲତରେ ଉପସ୍ଥାପନ ହେବାପରେ ଘନଘନ ତଦନ୍ତ ଏବଂ ପ୍ରଶ୍ନୋତ୍ତର ହେଉଥିବା ବେଳେ କିନ୍ତୁ କଂଗ୍ରେସ ଦଳ ଏଥିପାଇଁ ବିଜେପିକୁ ଦାୟୀ କରୁଛନ୍ତି, କହୁଛନ୍ତି ଯେ ସରକାର ଜାଣିଶୁଣି କଂଗ୍ରେସର ମୁଖିଆ ମାନଙ୍କୁ ହଇରାଣ କରିବାକୁ ଚାହୁଁଛନ୍ତି ।

+=========================================+

ସୋସିଆଲ୍ ମିଡ଼ିଆରୁ ମିଳିଥିବା ତଥ୍ୟ: (ଏହାର ସତ୍ୟତା ବିଚାରଣୀୟ)

ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଶ୍ରୀ ଜବାହାରଲାଲ ନେହେରୁ ବିଗତ ଶତାବ୍ଦୀର ତୃତୀୟ ଦଶକରେ ନ୍ୟାସନାଲ୍ ହେରାଲ୍ଡ ନାଁରେ ଏକ ଖବରକାଗଜ ଆରମ୍ଭ କରିଥିଲେ । ଧିରେ ଧିରେ ଏହି ଖବରକାଗଜ ୨୦୦୦ କୋଟି ମୂଲ୍ୟର ସମ୍ପତ୍ତି ଅର୍ଜନ କଲା ଆଶ୍ଚର୍ଯ୍ୟର କଥା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହେଉଛି ଏତେ ଧନ ଅର୍ଜନ କରିବା ସତ୍ତ୍ୱେ ଏହି ଖବରକାଗଜ ୨୦୦୦ ମସିହାରେ କ୍ଷତିରେ ଗଲା ଓ କଂଗ୍ରେସ ଦଳ ଏହାକୁ ୯୦ କୋଟି ଟଙ୍କା ଋଣ ଦେଲେ ।

ନ୍ୟାସନାଲ୍ ହେରାଲ୍ଡର ତତ୍କାଳୀନ ନିର୍ଦ୍ଦେଶକ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ମୋତିଲାଲ ଭୋରା ଏହି ଖବରକାଗଜକୁ ୟଙ୍ଗ ଇଣ୍ଡିଆ ଲିମିଟେଡ୍ କମ୍ପାନୀକୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଥିଲେ ।

ଏବେ ମଜା ଶୁଣନ୍ତୁ ୟଙ୍ଗ ଇଣ୍ଡିଆର ନିର୍ଦ୍ଦେଶକମାନେ ହେଲେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ଓସ୍କାର ଫର୍ଣ୍ଣାଣ୍ଡିଜ୍ ଓ ମୋତିଲାଲ ଭୋରା ।

ଏହି ଚୁକ୍ତି ହେଲା ୟଙ୍ଗ ଇଣ୍ଡିଆ ନ୍ୟାସନାଲ୍ ହେରାଲ୍ଡର ୯୦ କୋଟି ଋଣ ପରିଶୋଧ କରିବ ଏବଂ ଏହାର ପ୍ରତିବଦଳରେ ୟଙ୍ଗ ଇଣ୍ଡିଆ ୨୦୦୦ କୋଟି ଟଙ୍କା ମୂଲ୍ୟର ଅସ୍ଥାବର ସମ୍ପତ୍ତି ପାଇବ ।

ଏହି ଚୁକ୍ତିନାମାକୁ ଶେଷ କରିବା ପାଇଁ ନ୍ୟାସନାଲ୍ ହେରାଲ୍ଡର ନିର୍ଦ୍ଦେଶକ ମୋତିଲାଲ ଭୋରା ତୁରନ୍ତ ୟଙ୍ଗ ଇଣ୍ଡିଆର ନିର୍ଦ୍ଦେଶକ ମୋତିଲାଲ ଭୋରାଙ୍କ ସହ କଥା ହେଇଥିଲେ କାରଣ ସେ କେବଳ ଉଭୟ କମ୍ପାନୀର ନିର୍ଦ୍ଦେଶକ ଥିଲେ ।

ଏବେ ଆସିଗଲା ଆଉ ଏକ ମୋଡ଼ ୯୦ କୋଟି ଟଙ୍କା ଋଣ ସୁଝିବା ପାଇଁ କଂଗ୍ରେସ ଦଳକୁ ୯୦ କୋଟି ଟଙ୍କା ଋଣ ମାଗିଲା ୟଙ୍ଗ ଇଣ୍ଡିଆ ।

ଏଥିପାଇଁ କଂଗ୍ରେସ ଦକ ଏକ ବୈଠକ ଡାକିଥିଲା ଯେଉଁଥିରେ କଂଗ୍ରେସ ସଭାପତି, ଉପରାଷ୍ଟ୍ରପତି, କୋଷାଧ୍ୟକ୍ଷ ଓ କଂଗ୍ରେସ ଦଳର ସାଧାରଣ ସମ୍ପାଦକ ଯୋଗ ଦେଇଥିଲେ ।

ଆଉ ଏହି ବରିଷ୍ଠ ବ୍ୟକ୍ତିମାନେ ଥିଲେ ସୋନିଆ, ରାହୁଲ, ଓସ୍କାର ଓ ମୋତିଲାଲ ଭୋରା । କଂଗ୍ରେସ ଦଳ ଋଣ ଗ୍ରହଣ କରିଥିଲା ଏବଂ ଏହାକୁ କଂଗ୍ରେସ ଦଳର କୋଷାଧ୍ୟକ୍ଷ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋତିଲାଲ ଭୋରା ମଧ୍ୟ ପାସ୍ କଲେ ଏବଂ ୟଙ୍ଗ ଇଣ୍ଡିଆର ନିର୍ଦ୍ଦେଶକ ମୋତିଲାଲ ଭୋରା ଏହାକୁ ନେଲେ ଏବଂ ନ୍ୟାସନାଲ୍ ହେରାଲ୍ଡ ନିର୍ଦ୍ଦେଶକ ମୋତିଲାଲ ଭୋରାଙ୍କ ହାତରେ ଦେଲେ ।

ଏବେ କଂଗ୍ରେସ ଦଳ ଏକ ବୈଠକ ଡାକିଲା ଯେଉଁଥିରେ ସୋନିଆ, ରାହୁଲ, ଓସ୍କାର ଓ ମୋତିଲାଲ ଭୋରା ସାହେବ ଉପସ୍ଥିତ ଥିଲେ । ସେମାନେ ମିଶି ନିଷ୍ପତ୍ତି ନେଲେ ସ୍ୱାଧୀନତା ସଂଗ୍ରାମରେ ନ୍ୟାସନାଲ୍ ହେରାଲ୍ଡ ବହୁତ ସେବା ଦେଲା ତେଣୁ ୯୦ କୋଟି ଟଙ୍କାର ଋଣ ଛାଡ଼ କରାଯିବା ଉଚିତ୍ ଏବଂ ଏହି ଉପାୟରେ ୯୦ କୋଟିର ଏକ ଛୋଟ ଋଣ ଛାଡ଼ କରାଯାଇଥିଲା ।

ଏହି ଉପାୟରେ ୟଙ୍ଗ ଇଣ୍ଡିଆ ଯେଉଁଥିରେ ୭୬% ସେୟାର ସୋନିଆ ଏବଂ ରାହୁଲଙ୍କ ପାଖରେ ଅଛି ଓ ବଳକା ସେୟାରଗୁଡିକ ଓସ୍କାର ମୋତିଲାଲ ଭୋରା ସାହେବଙ୍କର ମିଳିଲା ୨୦୦୦ କୋଟି ଟଙ୍କାର ସମ୍ପତ୍ତି ।

ଯେଉଁଥିରେ ବାହାଦୂର ଶାହା ଜାଫର୍ ମାର୍ଗ ଦିଲ୍ଲୀରେ ଥିବା ଏକ ୧୧ ମହଲା କୋଠା ଏବଂ ସେହି କୋଠାର ଅନେକ ଅଂଶ ବର୍ତ୍ତମାନ ପାସପୋର୍ଟ କାର୍ଯ୍ୟାଳୟ ସମେତ ଅନେକ ଅଫିସ୍ କୁ ଭଡାରେ ଦିଆଯାଇଛି ।

+========================================+

ଯେମିତିକି ଆପଣମାନେ ଜାଣନ୍ତି ବର୍ତ୍ତମାନ ସମଗ୍ର ବିଶ୍ୱ କରୋନା ପରବର୍ତ୍ତୀ ଅର୍ଥନୈତିକ ମାନ୍ଦାବସ୍ଥା ଦେଇ ଗତି କରୁଛି, ଏଇ ସମୟରେ ଭାରତର ଦକ୍ଷିଣରେ ଥିବା ରାଷ୍ଟ୍ର ଶ୍ରୀଲଙ୍କାରେ ଅବସ୍ଥା ଦୟନୀୟ ହୋଇ ଯାଇଛି । ସରକାରଙ୍କ ଅପାରଗତା ଏବଂ ଆବଶ୍ୟକତାଠାରୁ ଅଧିକ ମାଗଣାରେ ଦିଆଯାଉଥିବା ସ୍କିମ୍ ଆଦି ଫଳରେ ଶ୍ରୀଲଙ୍କା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେବାଳିଆ ଅବସ୍ଥାରେ ପହଞ୍ଚି ଯାଇଛି । ସମ୍ପୂର୍ଣ୍ଣ ଦେଶରେ ଅରାଜକତା ଦେଖା ଦେଇଥିବା ବେଳେ ସାଧାରଣ ଜନତା ଖାଇବା ପିଇବାକୁ ମଧ୍ୟ ପାଉନାହାନ୍ତି, ଦେଶରେ ପେଟ୍ରୋଲିୟମ ଦ୍ରବ୍ୟର ବହୁତ ଅଭାବ ଥିବା ବେଳେ, ବିଦେଶରୁ ଆଣିଥିବା ଋଣ ସୁଝିବାକୁ ମଧ୍ୟ ପର୍ଯ୍ୟାପ୍ତ ଅର୍ଥ ନାହିଁ । ଏହିଭଳି ଅବସ୍ଥା, ଅତୀତରେ ଭେନେଜୁଏଲା ଭଳି ରାଷ୍ଟ୍ରକୁ ଭୋଗିବାକୁ ପଡ଼ିଥିଲା ଯାହାର ଉଦାହରଣ ଆମେ ବାରମ୍ବାର ସାମାଜିକ ଗଣମାଧ୍ୟମରେ ଦେଖି ଆସୁଥିଲୁ, ହେଲେ ଆମର ଏତେ ନିକଟରେ ଏଭଳି ପରିସ୍ଥିତି ଏକ ଦେଶକୁ ହୋଇପାରେ ତାହା ଆମର ଭାବନାରୁ ଦୂରରେ ଥିଲା, କିନ୍ତୁ ବର୍ତ୍ତମାନ ଶ୍ରୀଲଙ୍କା ଗୃହଯୁଦ୍ଧର ସମ୍ମୁଖୀନ ହେଉଥିବା ବେଳେ, ଏହିଭଳି ଅବସ୍ଥା ଆଗାମୀ ଦିନରେ ଭାରତର ପଶ୍ଚିମରେ ଥିବା ପାକିସ୍ତାନରେ ହୋଇପାରେ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଲେଣି ।

ଆଜୀବନ ଭାରତକୁ ଶତ୍ରୁ ରାଷ୍ଟ୍ର ଭାବରେ ଧରିନେଇ, ଏଠାରେ ଅଶାନ୍ତିର ବାତାବରଣକୁ ପ୍ରୋତ୍ସାହନ ଦେବାପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବା, ଆତଙ୍କବାଦକୁ ବଢାଇବା, ଭଳି କଦର୍ଯ୍ୟ କାମ କରୁଥିବା ପାକିସ୍ତାନ ବର୍ତ୍ତମାନ ଏମିତି ଏକ ଅବସ୍ଥାରେ ଆସି ପହଞ୍ଚି ଯାଇଛି ଯେ ସେଇ ଦେଶର ମନ୍ତ୍ରୀ ଘୋଷଣା କରି କହୁଛନ୍ତି, ଗୋଟିଏ ରୁଟିକୁ ଚାରିଜଣ ଭାଗ କରି ଖାଅ, ଚା' ପିଅନାହିଁ, କାରଣ ବିଦେଶରୁ ଚା' ଆମଦାନୀ କରିବାକୁ ଅର୍ଥାଭାବ ରହିଛି । ସାଉଦୀ ଆରବରୁ ଆଣିଥିବା ଋଣ ପରିଶୋଧ କରିବାକୁ ଅକ୍ଷମ ପାକିସ୍ତାନ ଚୀନଠାରୁ ମଧ୍ୟ ଋଣ ନେବା ସହ ବିଶ୍ୱର ଅଧିକାଂଶ ଦେଶରୁ କିଛି କିଛି ଋଣ ନେଇ ପରିଶୋଧ କରିବା ଅବସ୍ଥାରେ ଏବେ ନାହିଁ । ଏହି ସମୟରେ ଦେଶରେ ମୁଣ୍ଡ ଟେକିଥିବା ତହରିକେ-ତାଲିବାନ୍ ଗୋଷ୍ଠୀ ନରସଂହାର ଚଳାଇଛନ୍ତି, ଏବଂ ଖୁବ୍ ଶୀଘ୍ର ସେମାନେ ପାକିସ୍ତାନର ଫାଟା ପ୍ରଦେଶକୁ ନିଜ ଅକ୍ତିଆରକୁ ନେଇ ସେଠାରେ ଶରିଆ ଆଇନ ଲାଗୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବେ ବୋଲି ଘୋଷଣା କରି ସାରିଲେଣି । ଏଭଳି ଅବସ୍ଥା ହେଲେ ପାକିସ୍ତାନ ଦୁଇଭାଗରେ ବିଭକ୍ତ ହୋଇଯିବ ।

ଦେଶର ଏହିଭଳି ଦୁର୍ବଳ ଅବସ୍ଥାରେ ମଧ୍ୟ, କାଶ୍ମୀରର ଆଳାପ ଜପିବାରୁ କ୍ଷାନ୍ତ ହେଉନାହିଁ, ପାକିସ୍ତାନ । ଦିନକୁ ଦିନ ଅତ୍ୟାବଶ୍ୟକ ସାମଗ୍ରୀ ମାନଙ୍କର ଦରଦାମ ହୁ ହୁ ହୋଇ ବଢ଼ିବାକୁ ଲାଗିଛି । ସେଇ ଦିନ ଦୂର ନାହିଁ, ଯେତେବେଳେ ପାକିସ୍ତାନ ସମ୍ପୂର୍ଣ୍ଣ ଦେବାଳିଆ ହୋଇ ନିଜର ନିଜତ୍ୱ ହରାଇ ବସିବ ।

ମହମ୍ମଦଙ୍କୁ ନେଇ ଦେଇଥିବା ଟିପ୍ପଣୀ ପରେ ନୁପୁର ଶର୍ମାଙ୍କ ଉପରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ହତ୍ୟା ଓ ହିଂସାକାଣ୍ଡର ଧମକ ମିଳୁଥିବା ବେଳେ ତାଙ୍କ ବୟାନକୁ ବିରୋଧ କରି ଦେଶବ୍ୟାପୀ ହୋଇଥିବା ପ୍ରଦର୍ଶନରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ନ୍ୟାୟିକ ବ୍ୟବସ୍ଥା ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ଏବଂ ଅନେକ ଅପରାଧୀଙ୍କ ବେଆଇନ୍ ଭାବରେ ନିର୍ମିତ କୋଠାମାନଙ୍କୁ ବୁଲଡୋଜର ଲଗାଇ ଧୂଳିସାତ କରାଯାଉଛି, ଏହି ବାବଦରେ ଅଦାଲତ ହସ୍ତକ୍ଷେପ କରୁ ବୋଲି ଅନେକ ଦାବୀ କରୁଥିବା ସତ୍ତ୍ୱେ, କିନ୍ତୁ ବ୍ୟାପକ ଦମନମୂଳକ କାର୍ଯ୍ୟାନୁଷ୍ଠାନ ଚାଲିଛି ।

ଏହି ସମୟରେ ହାଇଦ୍ରାବାଦର ସାଂସଦ ଅସଦୁଦ୍ଦିନ ଓବେସୀ, ଜଗନ୍ନାଥ ମନ୍ଦିରକୁ ନେଇ ଏକ ହାସ୍ୟାସ୍ପଦ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ, ଜଗନ୍ନାଥ ମନ୍ଦିର ପୂର୍ବରୁ ଏକ ବୌଦ୍ଧ ମନ୍ଦିର ଥିଲା, ଯାହାକୁ ଚାପି ଦିଆଯାଇ ଜଗନ୍ନାଥ ମନ୍ଦିରର ନିର୍ମାଣ କରାଯାଇଛି । ଏହି ବୟାନକୁ ନେଇ ଓଡ଼ିଆ ଭାବାବେଗ ସହ ଖେଳୁଥିବା ଅଭିଯୋଗରେ ଅନେକ ବୁଦ୍ଧିଜୀବି ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି । ପୁରୀ ସମେତ ସମଗ୍ର ରାଜ୍ୟରେ ଜଗନ୍ନାଥପ୍ରେମୀ ଆହତ ହେବା ସହ ଓବେସୀଙ୍କ ବିରୋଧରେ ବିଭିନ୍ନ ଥାନାରେ ପ୍ରାରମ୍ଭିକ ସୂଚନା ଦାଖଲ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

(ଏଫଆଇଆର୍) କରିଛନ୍ତି । ଏହିଭଳି ବିଭେଦକାରୀ ମନ୍ତବ୍ୟ ଦେଇ ଓବେସୀ ପୁଣିଥରେ ତାଙ୍କର ନିମ୍ନଗାମୀ ରାଜନୀତିର ଉଦାହରଣ ଦେଇଛନ୍ତି ।

ସେ ଯାହେଉ, ବର୍ତ୍ତମାନ ଅତ୍ୟନ୍ତ ହାସ୍ୟଉଲ୍ଲାସର ସମୟ । ସମଗ୍ର ରାଜ୍ୟରେ ରଜ ପର୍ବ ଅତି ଆନନ୍ଦ ଉତ୍ସାହର ସହ ପାଳିତ ହେଉଛି । ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ଆଶା କରୁଛି, ଆହ୍ୱାନ ଇ-ପତ୍ରିକାର ଚଳିତ ସଂସ୍କରଣ ସମସ୍ତଙ୍କୁ ଭଲ ଲାଗିବ ।

ଚଳିତ ସଂସ୍କରଣ ପରେ ଆହ୍ୱାନ ପାଇଁ ଲେଖା ପଠାଉଥିବା ସମସ୍ତ ସ୍ରଷ୍ଟାଙ୍କୁ ସମ୍ମାନିତ କରିବା ନିମନ୍ତେ ମାନପତ୍ର ବ୍ୟବସ୍ଥା କରାଯାଇଛି । ଖୁବ ଶୀଘ୍ର ଆପଣ ନିଜ ପ୍ରେରିତ ଆଲେଖ୍ୟ ପାଇଁ ଆହ୍ୱାନ ଇ-ପତ୍ରିକା ତରଫରୁ ଏକ ଧନ୍ୟବାଦ ପତ୍ର ପାଇବେ । ଏଥିପାଇଁ ବିଧିବଦ୍ଧ ବ୍ୟବସ୍ଥା ହୋଇଗଲା ପରେ ଆପଣଙ୍କୁ ଇମେଲ୍ ଦ୍ୱାରା ଜଣାଇ ଦିଆଯିବ ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୨୨



ଅଶୋକ ବିଶ୍ୱାଳ

କିନ୍ତୁ ସେଥିରେ ସମସ୍ତେ ସହମତ ହୋଇପାରୁ ନଥିଲେ । ଘଉଡ଼ାଇବା ସମୟରେ ବାଘଟି ହୁଏତ ଅନ୍ୟ ଯାଗାକୁ ଖସି ପଳାଇ ଯାଇପାରେ । ତା'ଛଡ଼ା କାଦୁଆ ପାଣିଭରା ଅଞ୍ଚଳରେ ଘଉଡ଼ାଇବାଟା ଏତେ ସହଜ କାମ ନୁହେଁ । ଅନ୍ୟ ସବୁ ଅଞ୍ଚଳର ଜଙ୍ଗଲ ଭଳି ଏଠାକାର ଜଙ୍ଗଲ ଶୁଖିଲା ନୁହେଁ । ସବୁଆଡେ ପାଣି କାଦୁଅ । ଲୋକବସତିପୂର୍ଣ୍ଣ ଅଞ୍ଚଳରେ ମଧ୍ୟ କିଛି ଅଂଶ ଶୁଖିଲା ଆଉ କିଛି ଅଂଶ କାଦୁଆ । କାଦୁଆ ଅର୍ଥାତ୍ ଏଠାକାର ଅନ୍ୟ ଜଙ୍ଗଲ ଯେମିତି କାଦୁଆ ସେମିତି କାଦୁଆ । ଏମିତିଆ କାଦୁଆ ଅଞ୍ଚଳରେ ପଶିବା ବିପଦଜନକ । ଏଠି ଜଙ୍ଗଲରେ ତ ମୁହଁକୁ ମୁହଁ ଦେଖାଯାଉନାହିଁ । ୧୦ଫୁଟ ଦୂରରେ ଯଦି ବାଘଟା ଯଦି ଥିବ ତାହାହେଲେ ଭଲକରି ଦେଖା ମଧ୍ୟ ଯିବ ନାହିଁ । ଠଉରେଇ ହୋଇପାରେ । ଆଉ ସେ ଭିତରେ ବାଘଟା ଲୋକଙ୍କୁ ଆକ୍ରମଣ କରିଦିଏ ତାହେଲେ ଅନେକ ଖଣ୍ଡିଆଖାବରା ହେବେ । ତେଣୁ ଘଉଡାଇବାଟା ବିପଦଜନକ ରହିବ । ପଳେଇବା ପାଇଁ କେଉଁଠି ବାଟ ମଧ୍ୟ ନାହିଁ । ତେଣୁ ଏଥିରେ ଟିକିଏ ଅସୁବିଧା ଥିଲା । ତା'ଛଡ଼ା ଯଦି ବାଘ ପହଁରିଯାଏ । ବାଘ ସେ ସମୟରେ ଘାବରେଇଯିବ । ତାହେଲେ କେଉଁ ଅନ୍ୟ ଦ୍ୱୀପକୁ ପହଁରିଯିବ । ପାଖ ଆଖର ସବୁ ଜଙ୍ଗଲିଆ ଦ୍ୱୀପର ଚାରିପଟେ ଏମିତିଆ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାରଜାଲି ଘେରାଯାଇଛି । ଏ ଜାଲଗୁଡ଼ାକୁ ବାଘ ପକ୍ଷରେ ହଠାତ୍ ଅତିକ୍ରମ କରିବା ସହଜ ହେବ ନାହିଁ । ପୁଣି ଆଉ ଏକ ଦ୍ୱୀପକୁ ଫେରି ଆସିପାରେ ।

ଯେଉଁ ରାସ୍ତା ଦେଇ ବାଘ ଆସିଥିଲା ସେ ରାସ୍ତାକୁ ଖୋଲିଦେଲେ କ୍ଷତି କ'ଣ ?

ଏହାର ପ୍ରତିବଦଳରେ କିଛି ପ୍ରଶ୍ନ ଥିଲା । କିନ୍ତୁ ଏହାର ଉତ୍ତର ମଧ୍ୟ ଥିଲା । ଉତ୍ତରଟା ହେଉଛି ବାଘ ସେହି ଜାଗାରେ ପହଞ୍ଚିପାରିଲେ ତ । ଏପଟୁ ବ୍ୟସ୍ତହୋଇ ଯେତେବେଳେ ବାଘ ପହଁରିବ ତା'ର ଦିଗ ନିର୍ଣ୍ଣୟର ଆଉ ଉପାୟ ନଥିବ । ସେ ଯେଉଁ ଦିଗ ସମ୍ଭବ ସେ ଦିଗକୁ ପଳେଇବା ପାଇଁ ଚେଷ୍ଟା କରିବ । ପହଁରୁ ପହଁରୁ ପ୍ରାୟ ଶତକଡ଼ା ୧୦୦ ଭାଗ କ୍ଷେତ୍ରରେ ସେ ଅନ୍ୟଯାଗାରେ ପହଞ୍ଚିବ ଆଉ ସେଠି ସବୁ କିଛି ଭିତରକୁ ଯିବା ପାଇଁ ରାସ୍ତା ନାହିଁ । ତା' ଛଡ଼ା ଏ ଦ୍ୱୀପର ପାଖରେ ଆଉ କେତୋଟି ଦ୍ୱୀପ ମଧ୍ୟ ଜନବସତିପୂର୍ଣ୍ଣ । ଯଦି ବାଘ ଏ ଦ୍ୱୀପରୁ ତଡ଼ା ଖାଇଲା ସେ ଅନ୍ୟ ଦ୍ୱୀପରେ ପହଞ୍ଚିଯିବ । ପୁଣି ସେଠି ଆଉ ଏକ ବିଷମ ସମସ୍ୟାଟିଏ ତିଆରି ହୋଇଯିବ । ସେ ନୂଆ ସମସ୍ୟାର ଆଉଥରେ ସମାଧାନ ଖୋଜିବା କଷ୍ଟ । ତେଣିକି ଆଗକୁ ଆଗକୁ ଜନବସତିପୂର୍ଣ୍ଣ ଦ୍ୱୀପଗୁଡ଼ା । ଏଇଟା ଜନବସତିପୂର୍ଣ ଶେଷ ଦ୍ୱୀପ । ତେଣୁ ବାଘର ଦିଗ ଭୁଲ୍ ହୋଇଗଲା ଆଉ ଅନ୍ୟ ଅଧିକ ଜନବସତିପୂର୍ଣ ଦ୍ୱୀପକୁ ଆସିଲା ତାହେଲେ ସେଠି ଅଧିକ ଅସୁବିଧା ହୋଇଯିବ । ସେଠି ବେଶୀ ଲୁଚିବାର ଯାଗା ନାହିଁ । ଅଧିକାଂଶ ଖୋଲାଯାଗା । ହୁଏତ ବାଘର ଆକ୍ରମଣ ବଢ଼ିଯାଇପାରେ । ଅନେକ ଲୋକ ମୃତାହତ ହୋଇପାରନ୍ତି । ଏମିତି ଅବସ୍ଥା ହେଲେ ବାଘକୁ ଟ୍ରାଙ୍କଲାଇଜ୍ କରିବା ପାଇଁ ସୁଯୋଗ ବି ନମିଳିପାରେ । କାରଣ ବାଘ ଅଧିକ ଉତ୍ୟକ୍ତ ଅବସ୍ଥାରେ ଥିବ । ତା' ପାଖକୁ ଯିବାକୁ ଦେବନାହିଁ । ଏ କ୍ଷେତ୍ରରେ ଗୁଳିମାରିବା ଛଡ଼ା ହୁଏତ ଉପାୟ ନଥାଇପାରେ ।

ଗୁଳି ମାରିବା କଥା ଶୁଣିକରି ଅଧିକାଂଶ ଚମକି ପଡ଼ିଲେ । ରେଞ୍ଜରବାବୁଙ୍କ ମୁହଁଟା ହାଁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଗଲା । କଣ କଥା ଆସୁଛି ? ଲୋକମାନଙ୍କର ବୁଦ୍ଧି କଣ ବଣା ହୋଇଗଲାଣି ? ଟ୍ରିଗାର କଥା ସବା ଶେଷକୁ ଆସେ । ଏବେ କିଛି ଆରମ୍ଭ ହୋଇନାହିଁ । ଗୁଳି କଥା ଭାବିବା ମୋଟେ ଠିକ ନୁହେଁ । ତା' ଛଡ଼ା ବାଘର ଦୋଷ ମଧ୍ୟ କ'ଣ ଥିଲା । ଗୋଟିଏ କେଉଟ ଭୁଲରେ କିମ୍ବା ଜାଣିଶୁଣି ଜାଲିଟାକୁ ଖୋଲିଦେଇଛି ଆଉ ବାଘଟି ବାହାରିଆସିଛି । କିନ୍ତୁ ପରିସ୍ଥିତିରେ ବାଘଟି ମଣିଷ ମାରିପାରେ । ତାହେଲେ କ'ଣ କରାଯିବ ? କ୍ରିଷ୍ଣପଦ ଲୋକଟା ଉପରେ ଭରସା ଥିଲା । ସେମାନେ ବାଘପାଖକୁ ଲୋକଙ୍କୁ ଯିବାକୁ ଦେବେନାହିଁ । ଶେଷରେ ନିଶ୍ଚିତ କରାଗଲା ଯେ ଏହି ଦ୍ୱୀପରେ ବାଘକୁ ଧରାଯିବ ।

ବାଘ ଧରିବାଟା କିଛି ସହଜ କଥା ନୁହେଁ । ଧରାଯିବ କେମିତି ? ତା'ର ଉପାୟ କ'ଣ ? କେଉଁ ସମୟରେ ଧରାଯିବ ?

ଏ ବିଷୟରେ ଅନେକ ଆଲୋଚନା ହେଲା । ବାଘକୁ ଲୁହା ପଞ୍ଜୁରି ଭିତରେ କେମିତି ଥୋପ ଦେଇ ଅଣାଯିବ । ଅନେକ ସମୟରେ ଥୋପ ଦେଇ ବାଘକୁ ଲୁହାପଞ୍ଜୁରୀ ଭିତରେ ଧରାଯାଇଛି । ଭୋକିଲା ହେଲେ ବାଘ ଥୋପ ପାଇଁ ଅନେକ ସମୟରେ ଖାଞ୍ଚା ବା ପଞ୍ଜୁରୀ ଭିତରକୁ ଆସିଯାଏ । ଆଉ ସେଠି ସହଜରେ ଧରାପଡିଯାଏ । ତେଣୁ ବାଘକୁ ପଞ୍ଜୁରି ଭିତରେ ଧରାଯିବ । ଯେହେତୁ ସେ ଦ୍ୱୀପରେ କିଛି ଜଙ୍ଗଲ ଅଛି ତେଣୁ ବାଘ ବହୁତ ଉତ୍ୟକ୍ତ ହେବ ନାହିଁ । ଜଙ୍ଗଲ ନଥିଲେ ବାଘଟି ସହଜରେ ବ୍ୟସ୍ତବିବ୍ରତ ହୋଇଯାଆନ୍ତା । ଆଉ ଏପଟ ସେପଟ ଦୌଡ଼ାଦୌଡ଼ି କରୁଥାଆନ୍ତା । ତେଣୁ ସେ ସମୟରେ ବାଘକୁ ଧରିବାକୁ କଷ୍ଟ ହୁଅନ୍ତା । ଏମିତି ୩-୪ଟି ସ୍ଥାନରେ ଏକା ସଙ୍ଗରେ ଯନ୍ତା ରଖିଲେ ବାଘଟି ନିଶ୍ଚିତ ଭାବରେ ଦିନେ ଦୁଇଦିନ ଭିତରେ ଧରାପଡିଯିବ । ଏ କଥାରେ ସମସ୍ତେ ସହମତି ହେଲେ । ଏହା ସବୁଠୁ ସୁରକ୍ଷିତ ଉପାୟ ବୋଲି ଜଣାପଡ଼ିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହାଠୁ ଆଉ କିଛି ସୁରକ୍ଷିତ ଉପାୟ ଅଛି ବୋଲି ପାଓଲି ଭାବିପାରୁନଥିଲେ । ରେଞ୍ଜରବାବୁ ମଧ୍ୟ ରାଜି ହୋଇଗଲେ । ଉପରକୁ ମଧ୍ୟ ସେହି ହିସାବରେ ଖବର ଦିଆଗଲା । ମଜୁମଦାର ବାବୁଙ୍କୁ ଖବର ମଧ୍ୟ ଜଣାଇ ଦିଆଗଲା । ମଜୁମଦାରବାବୁଙ୍କ ଅଧିନରେ ପାଓଲି କାମକରି ନିଜକୁ ବଡ଼ ଭାଗ୍ୟବାନ୍ ମନେ କରୁଥିଲେ । ମଜୁମଦାର୍ ବଡ଼ ପ୍ରାକ୍ଟିକାଲ୍ ଲୋକ । ସେ ଲୁଣା ଜଙ୍ଗଲରେ ଅନେକ ଦିନ କଟାଇଛନ୍ତି । ଆଉ ଜଙ୍ଗଲକୁ ଭଲଭାବରେ ଜାଣିଛନ୍ତି । ସୁନ୍ଦରବନଟା ତାଙ୍କର ପ୍ରାୟ ନଖ କୋଣରେ । ତେଣୁ ଏହି ବାଘକୁ ଧରିବା ଉପାୟଟା ତାଙ୍କୁ ବିସ୍ତୃତ ଭାବରେ ବୁଝାଇଦିଆଗଲା । ତାଙ୍କ ମତରେ ଏଇଟା ବର୍ତ୍ତମାନପାଇଁ ସବୁଠୁ ଭଲ ଉପାୟ । ପାଓଲିଙ୍କୁ ନିର୍ଦ୍ଦେଶ ଆସିଲା । ବାଘର ପ୍ରତିଟି ଗତିକୁ ନିରୀକ୍ଷଣ କର । କେମିତି ଧରାଯାଉଛି ତା'ର ପରୀକ୍ଷଣ ମଧ୍ୟ କର ।

କଥା ସରିବା ସାଙ୍ଗେ ସାଙ୍ଗେ କାମ ଆରମ୍ଭ ହୋଇଗଲା । ଆଗରୁ କିଛି ଏସ ଟି ଆର୍ ଲୋକମାନେ ସେ ଗାଁରେ ପହଞ୍ଚି ଯାଇଥାଆନ୍ତି । ପାଓଲି ମଧ୍ୟ ସାଥିରେ ଥିଲେ । ବେଶୀ ବଡ଼ ଦ୍ୱୀପ ନୁହେଁ । ଜଙ୍ଗଲ ବୋଧହୁଏ ୪ ଟି ଯାଗାରେ ଅଛି । ସେମାନେ ପ୍ରଥମେ ସବୁ ଜଙ୍ଗଲକୁ ଖୋଜିନେଲେ । ଜଙ୍ଗଲଗୁଡ଼ିକ ସାଧାରଣତଃ ବନ୍ଧର ବାମ ଭାଗରେ ଥିଲା । ତା'ପରେ ଛୋଟ ନଦୀ । ତା'ପରେ ବାଘ ଆସିଥିବାର ଦ୍ୱୀପ । ଏମିତି କେଉଁଠି ବାଘ ଅଛି ସେଇଟା ଜଣାପଡୁନଥିଲା । ତେଣୁ ସେମାନେ ନିଶ୍ଚିତ କଲେ ୨-୩ଟି ଯାଗାରେ ଯନ୍ତା ଲଗାଇବେ । ଦିନେ ଦୁଇଦିନ ଭିତରେ କ'ଣ ହେଉଛି ଜଣାପଡିଯିବ ।

ପାଓଲି ଗାଁରେ ବସିଥିବା ମହିଳାମାନଙ୍କୁ ଅନାଇଲେ । ଗୋଟିଏ ମହିଳା ତାଙ୍କ ଘର ଆଗରେ ବସି ବେସର ବାଟୁଥିଲେ । ସାଧାରଣ ସ୍ତ୍ରୀ ଲୋକଟିଏ । ବେଶୀ ବୟସ ହେବନି । ୩୦-୩୫ ବର୍ଷ ଭିତରେ । ଏଠିକାର ମହିଳାମାନଙ୍କ ହିସାବରେ ପ୍ରୌଢ଼ା । ସେ ମୁଣ୍ଡରେ ବଡ଼

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସିନ୍ଦୂର ଟୋପାଟିଏ ଲଗାଇଛନ୍ତି, ସୂନ୍ଥାରେ ମଧ୍ୟ ସିନ୍ଦୂର । ଦେହରେ ସାଧାରଣ ଛପା ଶାଢ଼ୀଟିଏ ଆଉ ବ୍ଲାଉଜ୍ ପିନ୍ଧିଛନ୍ତି । ଏମାନଙ୍କୁ ଦେଖି ସେ ବଡ଼ ଆଶ୍ୱସ୍ତ ଥିଲେ । ବାଘ ନିଶ୍ଚିତ ଭାବରେ କିଛିଦିନ ମଧ୍ୟରେ ଧରାପଡ଼ିଯିବ । ତାଙ୍କ ଆଖିଟି ଉଜ୍ଜ୍ୱଳ । ନାକରେ ନୋଥ ଲଗାଇଥିଲେ । କାନରେ ରିଙ୍ଗ୍ । ସେପଟେ ଆଉ ଜଣେ ବୁଢ଼ୀଟିଏ ଗଛ ମୂଳରେ ବସିଥିଲେ । ଏତେଗୁଡ଼ିଏ ଲୋକ ଆଉ ନୂଆ ପିଞ୍ଜରା ଦେଖି ସେ ମଧ୍ୟ ଆସ୍ୱସ୍ତି ଅନୁଭବ କରୁଥିଲେ । ଏ ବାଘ ଯୋଗୁଁ ସେମାନେ ଭଲ ଭାବରେ ବୁଲାବୁଲି କରିପାରୁନାହାନ୍ତି । ଏପଟସେପଟ ଯାଇପାରୁ ନାହାନ୍ତି । ସବୁବେଳେ ଡର ରହିଛି । କେତେବେଳେ ବାଘ କାହାକୁ ଆକ୍ରମଣ କରିପାରେ ।

ବୁଢ଼ୀ ତା' ନାତୁଣୀ ଆଡ଼କୁ ଅନାଇଲା । ନାତୁଣୀକୁ ୫-୬ ବର୍ଷ ବୟସ । ଝିଅଟି ନଣ୍ଡା ହୋଇଥିଲା । ହାତରେ ପଟେ ପଟେ ଚୁଡ଼ି । ଦେହରେ ମା'ର କପଡ଼ାକୁ ଢ଼ାଙ୍କି ହେଇଛି । ସେ ଗୋଟିଏ ଗଛ ମୂଳରେ ଭରାଦେଇ ଏମାନଙ୍କୁ ଅନାଇଥିଲା । ବୁଢ଼ୀଟିକିଏ ଲମ୍ବା ନିଃଶ୍ୱାସ ନେଲା । ବୁଢ଼ୀ ଭାବୁଥିଲା ଏତେ ଛୋଟ ଛୁଆ । ଯଦି ଭୁଲରେ ବାଘଥିବା ବୁଦା ଆଡ଼କୁ ଚାଲିଯିବ ବାଘ ତ ଗୋଟିଏ ମୁହୂର୍ତ୍ତରେ ବୁଦାଆଡ଼କୁ ନେଇଯିବ । ସେ ଝିଅଟି ମା'ର କପଡ଼ାକୁ ପାଟିରେ ପୁରାଇ ଚୋବାଉଥିଲା । ତା'ର ଡର ବାଘ ପାଇଁ ନୁହେଁ, ଡର ଏ ଅଜଣା ଲୋକଙ୍କ ଦଳକୁ । ସେ ବୁଢ଼ୀମା ଆଡ଼କୁ ଘୁଞ୍ଚିଆସିଲା । ଆଉ ଗୋଟିଏ ବୁଢ଼ା ଅନ୍ୟ ଏକବୁଢ଼ୀର ପାଖରେ ବସିଥିଲେ । ବୁଢ଼ାଟି ଲୁଙ୍ଗି ପିନ୍ଧିଛି । ଦେହ ଖାଲି । ବାଳ ଗୁଡ଼ିକ ସମ୍ପୂର୍ଣ୍ଣ ପାଚି ଝୋଟ ହୋଇଗଲାଣି । ତାଙ୍କ ସ୍ତ୍ରୀ ଏମିତି ସାଧାରଣ ଛାପାଶାଢ଼ୀଟି ପିନ୍ଧି ଏ ଦଳକୁ ଅନାଇଥିଲେ । ଘରଟି ଝାଟିମାଟିର, ଉପରେ ଚାଳ ଛାଉଣୀ । ଏ ସାଧାରଣ ଦୁନିଆରେ ବାଘଟି ବିରାଟ ବଡ଼ ବିପଦ । ଯଦି ଗାଁ ଭିତରକୁ ଆସିଲା । ଏମାନେ କିଛି କରିବା ଆଗରୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅନେକଙ୍କୁ ମାରିଦେବ । ସମସ୍ତ ଆଖିରେ ବଡ଼ ଆଶା ଥିଲା । ପୋଖରୀରେ ଅନେକ ହଂସ ପହଁରୁଥିଲେ । ନଡ଼ିଆଗଛ ସବୁ କୂଳରେ ଲାଗିଥିଲା । ସୁନ୍ଦରବନର ଯେକୌଣସି ଅନ୍ୟ ଗାଁ ଭଳି ଏ ଗାଁଟି ଥିଲା । ଅନେକ ଲୋକ ଛାଇରେ ବସି ଗପଆରମ୍ଭ କରୁଥିଲେ ।

ପାଓଲି ଆଉ ତାଙ୍କ ଦଳ ଗାଁରେ କିଛି ସମୟ କଟାଇଲେ । ଏ ଦ୍ୱୀପରେ ଥିବା ଜଙ୍ଗଲ ବିଷୟରେ କିଛି ତଥ୍ୟ ନେଲେ । ତା'ପରେ ନଈ ବନ୍ଧକୁ ଉଠିଆସିଲେ । ନଈବନ୍ଧଟା କାଦୁଅ ଆଉ ଇଟାର । ନଈଆଡ଼କୁ ସାଧାରଣ ଦେଶୀ ଡଙ୍ଗା ସବୁ ଅଛି । ନଈବନ୍ଧରେ କେତେଜଣ ମହିଳା ମୁଣ୍ଡରେ ଜିନିଷ ରଖି ଚାଲିଚାଲି ଆସୁଥିଲେ । ଏପଟେ ଆଗକୁ ଜଙ୍ଗଲ ନାହିଁ । ତାଙ୍କ ପଛରେ ବୁଢ଼ାଟିଏ ଗୋଟିଏ ବାଡ଼ି ଧରି ଧୀରେ ଧୀରେ ଆସୁଥିଲେ ।

"ବାଘ ଦେଖିଛ ?"- ପାଓଲି ସେ ମହିଳାଟିଙ୍କୁ ପଚାରିଲେ ।

ମହିଳାଟି ମୁଣ୍ଡରେ ଜିନିଷ । ତାଙ୍କର ନଇଁଯାଉଥିବା ଶରୀରଟି ଟିକେ ସିଧା ହୋଇଗଲା । ସେ କିଛି ନକହି ତାଙ୍କର ହାତକୁ କାଦୁଅ ଆଡ଼କୁ ଦେଖାଇଦେଲେ । ସେଠି ବାଘର ପାଦଚିହ୍ନ । ବାଘ ସେହି ବାଟେ ଏ ଦ୍ୱୀପକୁ ଆସିଛି । ଗାଁ ପାଖକୁ ଉଠିଆସିଛି । ଆଉ ଉଠିଆସିବା ପରେ ପାଖରେ ଘରସବୁ ଦେଖି ଦୂରକୁ ଚାଲିଯାଇଛି । ନଈ ବନ୍ଧରେ ପାଦଚିହ୍ନ ଖୋଜିବା ସମ୍ଭବ ନଥିଲା । ଶୁଖିଲା ନଈବନ୍ଧରେ ଆଗକୁ ଚାଲିଯାଇଥିବ । ସେମାନେ ପୁଣି ପାଦଚିହ୍ନକୁ ଖୋଜିବାରେ ଲାଗିଗଲେ । ଆଉ ଏମିତି ଖୋଜିବା ପାଇଁ ଆଗକୁ ଚାଲିଗଲେ । ବାଘଟି ତା'ହେଲେ ଆଗକୁ ଯାଇଛି । ପ୍ରାୟ ୧ କିଲୋମିଟର ଦୂରରେ ଜଙ୍ଗଲ ଥିଲା । ବେଶୀ ବଡ଼ ଜଙ୍ଗଲ ନୁହେଁ । ୨୦୦-୩୦୦ ମିଟର ଲମ୍ବା, ପ୍ରାୟ ୧୦୦ ମିଟର ଚଉଡ଼ା । ଏଠି ଛୋଟ ଚଡ଼ାଟିଏ ତିଆରି ହୋଇଯାଇଛି । କିଛି ମାଟି ଜମିଯାଇଛି । ଅଳ୍ପ ଖାଲୁଆ ଜମି ସେଥିରେ କିଛି ପାଣି ଅଛି । ତା'ପରେ ଟିକେ ଝାଡ଼ି ଜଙ୍ଗଲ । ବାଘ ଏ ଜଙ୍ଗଲକୁ ଚାଲିଯାଇଥିଲା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତା'ପରେ ଏ ଜଙ୍ଗଲ ଦେଇ ଆଗକୁ ମଧ୍ୟ ଯାଇଛି । ତା'କୁ ଦେଖିବାର କାହାଣୀ ଅନ୍ୟ ଅଞ୍ଚଳରୁ ମଧ୍ୟ ଆସିଛି । ତେଣୁ ଏବେ ସ୍ଥିର ହେଲା ଏ ନଦୀ କୂଳରେ ଥିବା ୩ଟି ଅଞ୍ଚଳରେ ପଞ୍ଜୁରୀ ବସାଯିବ । ପାଓଲି ଆଉ ତାଙ୍କ ଦଳ ଫେରିଆସିଲେ । ଯନ୍ତ୍ର ବସାଇବାର ପ୍ରସ୍ତୁତି କରିବାକୁ ପଡ଼ିବ ।

ସେମାନେ ତା'ପରେ ଏ ଦ୍ୱୀପର ଚାରିପଟେ ଏକ ପରିକ୍ରମା କରିବାକୁ ଭାବିଲେ । ପାଣିରେ ପରିକ୍ରମା କରିବାଟା ସହଜ । ହୁଏତ ଅଧଘଣ୍ଟାବା ଘଣ୍ଟାଏ ଭିତରେ ଏ ଦ୍ୱୀପ ଚାରିପଟେ ବୁଲି ଆସିହେବ । ସମୟ ଟିକିଏ ଅଧିକ ଲାଗିପାରେ । ସେପଟେ ବାଘ ରହୁଥିବା କମ୍ପାର୍ଟମେଣ୍ଟ । ଜାଲିପରେ କିଛି ଖାଲି ଜାଗା ସ୍ପଷ୍ଟ ଦେଖାଯାଉଥିଲା । ହରିଣଟିଏ ସେଠି ଚରୁଥିଲା । ଅଳ୍ପ ପାଣି ଆଉ କାଦୁଅ ଥିବା ଯୋଗୁଁ ହରିଣର ମୁହଁରେ ଟିକିଏ ଟିକିଏ କାଦୁଅ ଲାଗିଯାଇଥିଲା । ଗୋଡରେ ଆଣ୍ଠୁ ପର୍ଯ୍ୟନ୍ତ କାଦୁଅ । ହରିଣଟି ସେ ପାଣି ଛାଡ଼ିଥିବା ଅଞ୍ଚଳରୁ ଗୋଟିଏ ଯୋଡ଼ିଏ ଘାସ ଖୋଜି ଖାଉଥିଲା । କେତେଟା ଗଛ ଭିତରେ ସାମାନ୍ୟ ଖାଲିଯାଗା । ଗୋଲ୍ଗୋଲ୍ ପତ୍ର ସବୁ ପଡ଼ିଥିଲା । କେତେଟା ପତ୍ର ହଳଦିଆ ଆଉ ବାକି ଗୁଡିକରେ କାଦୁଅ ଜମିଯାଇଥିଲା । ମଝିରେ ମଝିରେ ଗଛର ଶ୍ୱାସମୂଳ ।

ଜଙ୍ଗଲୀ କୁକୁଡ଼ାଟିଏ ସେ କାଦୁଆ ଅଞ୍ଚଳରେ ବୁଲୁଥିଲା ଆଉ ମଝିରେ ମଝିରେ ଥଣ୍ଟମାରି କିଛି ପୋକଜୋକ ଖାଉଥିଲା । ଜଙ୍ଗଲୀ କୁକୁଡ଼ାର ରଙ୍ଗଟା ଭାରି ସୁନ୍ଦର । ତା'ର ପୁଛଟା ଚକ୍ ଚକ୍ କଳା ରଙ୍ଗର । ପିଠିରେ ସାମାନ୍ୟ ନାଲି କଳା ରଙ୍ଗ । କିଛି ଧଳା ପର ଆଉ ଆଗକୁ ସାମାନ୍ୟ କଳା ରଙ୍ଗର ପର । ବେକରେ ବହୁ ସୁନ୍ଦର ରଙ୍ଗର ସୁନେଲୀ ପର, ମୁଣ୍ଡ ଆଡ଼କୁ କମଳା ହୋଇ ଶେଷକୁ ଗୋଲାପୀ ହୋଇଯାଇଛି । କାନଟା ଦେଖିଲେ ଯେମିତି ଲାଗୁଛି କୁକୁଡାଟି ଗୋଟିଏ ବଡ଼ ଗୋଲ ଆକାରର କାନ ରିଙ୍ଗ ପିନ୍ଧିଛି । ଜଙ୍ଗଲୀ କୁକୁଡ଼ାକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଖିଲେ ତା' ରୂପରଙ୍ଗ ଦେଖି ପ୍ରଶଂସା କରିବାକୁ ଇଚ୍ଛା ହେବ । ମୟୁରର ହୁଏତ ବହୁତ ରଙ୍ଗର ଚନ୍ଦ୍ରିକା ଥାଇପାରେ । କିନ୍ତୁ ଏକ ଛୋଟ ପକ୍ଷୀ ହିସାବରେ କୁକୁଡ଼ା ପାଖରେ ଅନେକ ରଙ୍ଗର ପର । ଆଉ ସବୁ ଗୁଡ଼ିକ ଚକ୍ ଚକ୍ କରୁଥିବା ରଙ୍ଗ । ଏମିତି କିଛି ଧୁସରିଆ ରଙ୍ଗ ନୁହେଁ । ଯେକୌଣସି ଅନ୍ୟ ପକ୍ଷୀ ଅପେକ୍ଷା ଏ ପକ୍ଷୀର ରଙ୍ଗରଟି ଜଙ୍ଗଲ ଭିତରେ ସ୍ୱଷ୍ଟ ବାରି ହୋଇଯାଏ । କୁକୁଡ଼ାଟି ମୁଣ୍ଡ ଉଠାଇ ଏକର ସେକର କରୁଥିଲା । ତା'ପରେ ପୋକଟିଏ ଖାଇ ପୁଣି ମୁଣ୍ଡ ଉପରକୁ ଉଠାଇଥିଲା ।

ଟିକିଏ ଆଗରେ ଏପଟକୁ ଗୋଧିଟିଏ ବନ୍ଧ ଉପରକୁ ଚଢୁଥିଲା । ଏ ଗୋଧିଗୁଡ଼ିକ ସବୁ ଅଞ୍ଚଳରେ ଅଛନ୍ତି । କେଉଁଠି ଛୋଟ ବୁଦା ବା ଛୋଟ ଜଙ୍ଗଲରେ ଏ ଗୋଧି ଲୁଚିବ । ତା' ମୁଣ୍ଡଟି ସାପ ଭଳି ଆଗକୁ ହୋଇଯାଇଥିଲା । ଜିଭଟି ବାର ବାର ବାହାରି ଆସୁଥିଲା । ଗୋଧିଟି କିଛି ସମୟ ଚାଲି ଏକ ବୁଦା ପଛପଟେ ଲୁଚିଗଲା । ସେପଟ ଦ୍ୱୀପରେ ଅନେକ ହରିଣ ଦେଖା ଯାଉଥିଲେ । ସେ ହରିଣଗୁଡ଼ିକ ଗଛମୂଳରେ ଜମାହୋଇ ଗଛରୁ ପତ୍ର ଖାଇ ଚାଲିଥିଲେ । ଜଙ୍ଗଲ ଜୀବନ ବଡ଼ ଜୀବନ୍ତ ଥିଲା ସୁନ୍ଦରବନରେ । ସମସ୍ତେ କିଛି ନା କିଛି କାମରେ ବ୍ୟସ୍ତ ଥିଲେ । ଗୋଟିଏ ମଡ୍‌ସ୍କିପର ପାଣିରେ ବୁଡ଼ି କାଦୁଅଆଡ଼କୁ ଉଠିଆସୁଥିଲା । ଏ ମାଛ ଗୁଡ଼ିକ ପାଣି ଆଉ କାଦୁଅରେ ବଞ୍ଚିପାରନ୍ତି । ଓଦାଳିଆ କାଦୁଅରେ ଏମାନଙ୍କୁ ନିଶ୍ୱାସ ନେବାକୁ କିଛି ଅସୁବିଧା ହୁଏନାହିଁ । ତା' ଆଖିଗୁଡ଼ିକ ଉପରକୁ ଉଠିଯାଉଥିଲା ଆଉ ସେ ଏପଟ ସେପଟ ହେଉଥିଲା । ଅନେକ ମାଙ୍କଡ଼ ଗଛଡାଳରେ ଖେଳୁଥିଲେ । ସେମାନେ କେତେବେଳେ ପତଳା ପତଳା ଡାଳକୁ ଚାଲିଯାଉଥିଲେ । ଡାଳଗୁଡ଼ିକ ପାଣି ଉପରକୁ ଥିଲା । କିଛି ମାଙ୍କଡ଼ ମଣିଷଦଳକୁ ଅନାଇ ରହୁଥିଲେ । ଗୋଟିଏ ଦୁଇଟି ଠିଆ ହୋଇଯାଇ ସେମାନଙ୍କୁ ଦେଖୁଥିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ଭିତରେ ଡଙ୍ଗାଟିଏ କୂଳରେ କୂଳରେ ଜୋରରେ ହାଲିସମରି ଆସୁଥିଲା । ଖୋଲାଡଙ୍ଗା ମଝିରେ ଜାଲସବୁ ପଡ଼ିଥିଲା । ପଛରେ ଗୋଟିଏ ଲୋକ ଛିଡ଼ା ହୋଇ ମଙ୍ଗ ଦେଉଥିଲା । ଆଉ ଲୋକଟି ଜୋର୍‌ରେ ହାଲିସ୍ ମାରୁଥିଲା । ତା'ର ଦେହଟି ଲମ୍ବା ହୋଇ ଯାଉଥିଲା । ହାତଟା ଛାତିଆଡକୁ ଖୁବ୍ ଜୋରରେ ଟାଣି ହେଉଥିଲା । ଆଉ ଡଙ୍ଗା ଆଗକୁ ଜୋରରେ ଚାଲିଯାଉଥିଲା । ଏମିତି ଏ କେଉଟମାନେ କେଉଁଠି ସୁଯୋଗ ଦେଖି ଭିତରକୁ ପଶିଯିବାକୁ ଚେଷ୍ଟା କରୁଥିବେ । ସବୁ ଯାଗାରେ ଏମାନଙ୍କ ଉପରେ ନଜର ରଖିବା ସମ୍ଭବ ନୁହେଁ । ଏମାନଙ୍କର କିଛିଟା ଭୁଲ୍ ଯୋଗୁ ବର୍ତ୍ତମାନ ବାଘଟି ଏପଟକୁ ଆସିଯାଇଅଛି । ଏ ଅଳ୍ପ ବୟସ୍କ କେଉଟମାନେ ନିଜକୁ ଭାରି ଚାଲାକ୍ ଭାବନ୍ତି । ସବୁବେଳେ କିଛି ନା କିଛି ନୂଆ ଜିନିଷ କରିବାକୁ ଇଚ୍ଛା କରନ୍ତି । କେଉଁଠି ମଉକା ମିଳିଲେ କେମିତି ଜଲ୍‌ଦି ମାଛମାରି ଘରକୁ ଫେରିଯିବା ପାଇଁ ଚେଷ୍ଟା କରନ୍ତି । ବୟସ୍କ କେଉଟମାନେ ପ୍ରାୟ ଏମିତି ବିପଦପୂର୍ଣ୍ଣ କାମ କରନ୍ତି ନାହିଁ । କିନ୍ତୁ ଏ ତରୁଣ ବାମଧ୍ୟ ବୟସ୍କ କେଉଟମାନେ ସବୁବେଳେ କିଛି ନା କିଛି କରିବାକୁ ମଉକା ଦେଖୁଥାନ୍ତି । ସାମାନ୍ୟ ବିପଦ ଅଛି ବୋଲି ଏମାନେ ଭାବନ୍ତି । କିନ୍ତୁ ଏ ବିପଦଟା କେତେ ବଡ଼ ହୋଇଯାଇପାରେ ଏ ବିଷୟରେ ଏମାନଙ୍କର କେବେ ଜ୍ଞାନ ନଥାଏ ।

ସେପଟେ ଦୂରରେ ନଈରେ କୁମ୍ଭୀରଟିଏ ଧୀରେ ଧୀରେ ପହଁରୁଥିଲା । ତା'ର ନାକଟା ଉପରକୁ ଉଠିଯାଇଥିଲା, ଆଖିଟା ଦେଖା ଯାଉଥିଲା । ଆଉ ତା'ର ଶରୀରଟା ପାଣି ଉପରେ ଭାସୁଥିଲା । ଏ ଜଙ୍ଗଲରେ କେତେ ବିପଦ ଅଛି । ବାଘ, କୁମ୍ଭୀର, ସାପ ସବୁକିଛି । କେଉଟମାନେ ଅସାବଧାନ ହୋଇ ନିଜକୁ ବିପଦ ମୁଖରେ ପକାଇ ଦେଉଛନ୍ତି । କୁମ୍ଭୀରଟି ଅନେକ ସମୟରେ ଏମିତି ରହିଲା ତା'ପରେ ଟିକିଏ ବୁଲିଗଲା । ତା'ର ହଳଦିଆ କଳା ଆଖିଟି ଚମକୁଥିଲା । ଆଉ ଧୀରେ ଧୀରେ ସେ ପାଣିରେ ବୁଡ଼ିଗଲା । କିଛି ଆଉ ଜଣାପଡ଼ିଲା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାହିଁ ।

ଏବେ ଦଳ ସବୁ ସ୍ଥାନ ପରଖିନେଲା । ଯନ୍ତ୍ରାଟା ପାଣିବାଟେ ଡଙ୍ଗାରେ ବସାଇବା ଯାଗାକୁ ଅଣାଯିବ । ସେପଟ ନଇବନ୍ଧରେ ଯନ୍ତ୍ରାକୁ ଆଣିବା କଷ୍ଟ । ଗୋଟିଏ ଯାଗାରୁ ଆଉ ଗୋଟିଏ ଯାଗାକୁ ଟାଣିନେବା କଷ୍ଟ । ତେଣୁ ପାଣି ରାସ୍ତାରେ ଡଙ୍ଗାରେ ନେଇ ଉପଯୁକ୍ତ ସ୍ଥାନରେ ବସାଇ ଦିଆଯିବ । କୂଳରେ ଆଣ୍ଠୁଏ ଗଭୀରର କାଦୁଅ । ବେଳେବେଳେ ଜଙ୍ଘଯାଏ କାଦୁଅ ହୋଇଯାଉଥିଲା । ସେତିକି କଷ୍ଟ କିନ୍ତୁ ତା'ପରେ ପିଞ୍ଜରାଟା ବସାଇବା ଏତେ କଷ୍ଟ ହେବ ନାହିଁ । ଜଙ୍ଗଲପଟୁ କୂଳକୁ ଆସିବା କଷ୍ଟ । କିନ୍ତୁ କୂଳରୁ ଜଙ୍ଗଲକୁ ଯିବାଟା ସହଜ । ଦଳ ସେମିତି ସ୍ଥାନ ସବୁ ନିରୀକ୍ଷଣ କରିବାକୁ ଲାଗିଲା । ସେମାନଙ୍କ ସହିତ କେତୋଟି ଗନମ୍ୟାନ୍ ମଧ୍ୟ ଥିଲେ । ବାଘ ହୁଏତ କୋଉଠି ଲୁଚି ଥାଇପାରେ । ଏ ଗନମ୍ୟାନମାନେ ବାଘକୁ ଦେଖିଲେ ବ୍ଲାଙ୍କ୍ ଫାୟରିଂ କରିବେ । ହଠାତ୍‌ଶବ୍ଦରେ ବାଘ ଡରି ପଳେଇବ । ବିନା ଗନମ୍ୟାନରେ ସୁନ୍ଦରବନ କିମ୍ବା ତା' ପାଖ ଆଖରେ ବାଘ ରହୁଥିବା ଅଞ୍ଚଳରେ ଯିବା ବିପଦପୂର୍ଣ୍ଣ । ଗୋଟିଏ ଗନମ୍ୟାନ୍ ତା'ର ମୁଣ୍ଡରେ ଗାମୁଛାଟିଏ ବାନ୍ଧି ଦେଇଥିଲା । ହାତରେ ଗୋଟିଏ ଲମ୍ବା ବନ୍ଧୁକ ଧରି ଚାଲିଥିଲା । କିଛିଲୋକ ଆଗରେ ଛୋଟ ଫାଳ ଥିବା ଲମ୍ବା କଟୁରୀ ଧରି ଚାଲିଥିଲେ । ଆଗର ଡାଳ ସଫା କରି ଦେଉଥିଲେ । କେଉଁଠି ପିଞ୍ଜରା ବସିବା ସ୍ଥାନ ଦେଖୁଥିଲେ ।

ଏପଟେ ପିଞ୍ଜରାକୁ ପ୍ରସ୍ତୁତ କରାଯାଉଥିଲା । ପ୍ରାୟ ୭ଫୁଟରୁ ୮ଫୁଟ ଲମ୍ବା ପିଞ୍ଜରା । ପ୍ରାୟ ୫ଫୁଟ ଉଚ୍ଚା ଆଉ ୪ଫୁଟ ଚଉଡା । ଏଥିରେ ଲୁହାପାତି ଦେଇ ମୋଟା ଜାଲି ଲଗାଯାଇଛି । ତା'କୁ ବାଘ ଭାଙ୍ଗିପାରିବ ନାହିଁ । ସେଥିରେ ଲୁହା ରଡ୍ ମଧ୍ୟ ଲଗାଇ ଦିଆଯାଇଛି । ବାଘ ଥରେ ଭିତରକୁ ଆସିଲେ ଆଉ ଖସିପାରିବ ନାହିଁ । ସବୁ ଜାଲିକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପରୀକ୍ଷା କରି ନିଆଗଲା । କେଉଁ ଜାଲି ଦୁର୍ବଳ ନୁହେଁ । ସବୁ ଲୁହାପାତିଆ ଭଲଭାବରେ ଲାଗିଛି । କେଉଁଠି ଜଙ୍କ୍ ଲାଗିନି କିମ୍ବା ହୁଗୁଳା ମଧ୍ୟ ନାହିଁ । ଜାଲିର ରଙ୍ଗ ନେଳିଆ ଥିଲା । ଗାଢ ସବୁଜ ରଙ୍ଗ ଜଙ୍ଗଲ ସହିତ ପ୍ରାୟ ମିଶିଯାଉଥିଲା । ବାଘଧରା ଯନ୍ତ୍ରାଟା ଶକ୍ତ ଲାଗୁଥିଲା । ଏଥିରେ ଏକ ସ୍ୱାଧିନ ଆଉ ଘାବରେଇ ଯାଇଥିବା ବାଘକୁ ଜଙ୍ଗଲରୁ ଧରାଯିବ । ତେଣୁ ସାଧାରଣ ହଲୁଥିବା ଜନ୍ତା ହେଲେ ହେବନି । ବାଘ ମୁକୁଳିବାପାଇଁ ପ୍ରାଣପଣେ ଚେଷ୍ଟା କରିବ । ବାଘର ଥାବା ମାଡରେ ବଡବଡ ମଇଁଷିର ମୁଣ୍ଡ ଫାଳ ହୋଇଯାଇଛି । ତେଣୁ ଏଣୁତେଣୁ ଜନ୍ତା ହେଲେ ହେବନି । ଜନ୍ତା ବେଶ ଶକ୍ତ ହେବା ଆବଶ୍ୟକ । କିଛିଜଣ ଶ୍ରମିକ ପ୍ରାୟ ଭଲଭାବରେ ସ୍ଥାନକୁ ପରୀକ୍ଷା କରୁଥିଲେ । ପାଖରେ ଅନ୍ୟ କର୍ମଚାରୀମାନେ ରହି ସେମାନଙ୍କ କାମ ତଦାରଖ କରୁଥିଲେ । ଏମିତିଆ ଯାଗାରେ ପିଞ୍ଜରା ବସେଇଦିଆଯିବ ।

ପିଞ୍ଜରା ଗୁଡ଼ିକ ଡଙ୍ଗାରେ ଲଦି ଦିଆଗଲା । ଗୋଟିଏ ପିଞ୍ଜରାକୁ ୪ରୁ ୬ଜଣ ଲୋକ ଉଠାଇ ପାରୁଥିଲେ । ଏମିତିଆ ପିଞ୍ଜରା ନେବାଟା ସହଜ । ପିଞ୍ଜରାକୁ ଆହୁରି ଶକ୍ତ କରାଯାଇପାରେ । କିନ୍ତୁ ନବା ଆଣିବା କରିବାଟା କଷ୍ଟ । ଏ କାଦୁଅରେ ଉପରକୁ ଉଠାଇବା ସହଜ କଥା ନୁହେଁ । ଏମିତି ୪ଟା ଯାଗା ସ୍ଥିର କରାଗଲା । ଏହା ଭିତରେ ଡ. ମଜୁମଦାର୍ ଆସିଯାଇଥିଲେ । ତାଙ୍କ କହିବାନୁସାରେ ସେହି ୪ଟି ଯାଗାରେ ପିଞ୍ଜରା ରଖାଯିବ । ସେ ପିଞ୍ଜରାକୁ ଦେଖିନେଲେ । ସବୁ ନଟ୍ ଗୁଡ଼ିକ ଶକ୍ତ ଭାବରେ ଟାଇଟ୍ ହୋଇଅଛି । କେଉଁଠି କିଛି ହଲୁନି । ପିଞ୍ଜରା ରଖାଗଲା ପରେ ସବୁ ଜାଗାକୁ ଆଉଥରେ ଏ ଦଳ ପରୀକ୍ଷଣ କରିବେ ।

ଦ୍ୱୀପର ଜଙ୍ଗଲର ଏ ପଟ ପାଖରେ ବାଘର ପାଦ ଛାପ ଥିଲା । ବାଘ ଏପଟେ ଯିବା ଆସିବା କରୁଛି । ତେଣୁ ଏକ ପ୍ରକୃଷ୍ଟ ଜାଗା । କାଦୁଅରେ ଅସଂଖ୍ୟ ଛୋଟ ଛୋଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫୋଟକା । ଅଗଣିତ ଜୀବଙ୍କର ଯିବା ଆସିବା ଲାଗିଛି । କେତେଟା ନାଲି କଙ୍କଡ଼ା ଏପଟ ସେପଟ ହେଉଥିଲେ । ଏ କଙ୍କଡ଼ା ଗୁଡ଼ିକ କାଦୁଆ ଅଞ୍ଚଳରେ ଭରି ରହିଛନ୍ତି । ଛୋଟ ଛୋଟ ମାନ୍‌ଗ୍ରୋଭ୍ ଗଛ ଉଠିଆସିଛି । ବେଶୀ ବଡ଼ଗଛ କୂଳରେ ହୋଇନାହିଁ । କୂଳଠୁ କିଛି ଦୂରରେ ଗଛଗୁଡ଼ିକ ଅବଶ୍ୟ ବଡ଼ । ଏ ଛୋଟ ମାନ୍‌ଗ୍ରୋଭ୍ ଗଛର ଜଙ୍ଗଲ ଭିତରେ ବାଘର ଯିବା ଆସିବା ଚିହ୍ନ ସ୍ପଷ୍ଟ ଦେଖାଯାଉଛି । ପିଞ୍ଜରାକୁ କିଛି ଗଛ ମଧ୍ୟରେ ସଜାଇ ଦିଆଗଲା । ଗଛ ଡାଳଗୁଡ଼ିକ ପିଞ୍ଜରା ଉପରକୁ ନଇଁ ଆସୁଥିଲା । ଭିତରକୁ ଚାଲିଗଲା ପରେ ପ୍ରାୟ ପିଞ୍ଜରାଟି ଜଣା ପଡୁନଥିଲା । ଦିପଟ କରରେ ଆଗକୁ ଡାଳ ଗୁଡ଼ିକ ବହୁତ ନଇଁ ଆସିଛି । ପିଞ୍ଜରାର ଦୁଆର ଆଉ ତା'ର ସ୍ପ୍ରିଙ୍ଗ୍‌କୁ ଭଲ ଭାବରେ ପରୀକ୍ଷା କରାଗଲା । ସ୍ପ୍ରିଙ୍ଗ୍‌ଟି ଭଲଭାବରେ କାମକରୁଛି କି ନାହିଁ ? ସହଜରେ ପଡ଼ିଯିବ କିଛି ଅସୁବିଧା ହେବ ନାହିଁ ।

ଏମିତି ଚାରିଟି ଯାଗାରେ ପଞ୍ଜରାକୁ ଲଗାଇ ଦିଆଗଲା । ଭିତରେ ଥୋପ ହିସାବରେ ଛେଳିକୁ ରଖି ଦିଆଗଲା । ଛେଳି ଲୋକ ରହିଲାବେଳେ ମେଁ ମେଁ କରେନା । କିନ୍ତୁ ଲୋକ ଚାଲିଗଲା ପରେ ସ୍ଥିର ହୋଇ ରହିପାରେନା । ବାଘର ମଧ୍ୟ ଛେଳି ଏକ ଭଲ ଭୋଜନ । ଏ ଛୋଟ ପିଞ୍ଜରା ଭିତରେ ଛେଳିକୁ ସହଜରେ ବାନ୍ଧି ଦେଇହେବ । ପିଞ୍ଜରା ଭିତରେ କିଛି ଡାଳ ପକାଇ ଦିଆଗଲା । ସେ ଭିତରେ ଛେଳିକୁ ବାନ୍ଧି ଦିଆଗଲା । ପିଞ୍ଜରା ବାହାରର ଜଙ୍ଗଲ ସହ ମିଶି ଯାଉଥିଲା । ପିଞ୍ଜରା ଭିତରକୁ ଜଙ୍ଗଲରୁ ଯିବାର ରାସ୍ତାକୁ ଆଗରୁ ଦେଖି ନିଆଯାଇଥିଲା । ରାସ୍ତାରୁ କିଛି ବୁଦା କଟାକଟି କରାଗଲାନି । ଟିକିଏ ଟିକିଏ ବୁଦାକୁ ଆଡେଇ ଦିଆଗଲା । ବାଘ କିଛି ସନ୍ଦେହ ନକରି ଭିତରକୁ ସହଜରେ ଆସିଯିବା । ଯିବା ପୂର୍ବରୁ ଛିଟିକିଣିକୁ ଭଲଭାବେ ପରୀକ୍ଷା କରିନିଆଗଲା । ଜନ୍ତା ଠିକ ଭାବେ କାମ କରୁଛି । ଜନ୍ତାର ଉପର ଆଉ କଡକୁ ଗଛ ପତ୍ରରେ ଢାଙ୍କି ଦିଆଯାଇଥିଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୋକମାନେ ଚାଲିଯିବା ପରେ ଛେଳି ମେଁ ମେଁ କରି ଜୋରରେ ବୋବାଇବା ଆରମ୍ଭ କଲା । ତା'ର ବୋବାଇବା ୧୦୦ ମିଟର ଦୂର ପର୍ଯ୍ୟନ୍ତ ସ୍ୱଷ୍ଟ ଶୁଣାଯାଉଥିଲା । ଲୋକମାନେ ବନ୍ଧ ଉପରକୁ ଉଠିଗଲେ । ଏବେ ପରଦିନ ସକାଳ ପର୍ଯ୍ୟନ୍ତ ଅପେକ୍ଷା କରିବାର କଥା । ସବୁ ପିଞ୍ଜରା ଜଙ୍ଗଲ ଭିତରେ ଥିଲା । ବାଘର ହାଲୁକା ଗର୍ଜ୍ଜନ ଗତ ରାତିରେ ଭାସି ଆସିଥିଲା । ବାଘ ନିଶ୍ଚିତ ଭାବରେ ପିଞ୍ଜରାରେ ପଡିଛି ।

ଗାଁ ପାଖ ଜଙ୍ଗଲରେ ବସା ଯାଇଥିବା ଦ୍ୱିତୀୟ ପିଞ୍ଜରାରେ ବାଘ ଧରାପଡିଗଲା । ଏକଦମ ସକାଳୁ ପିଞ୍ଜରାକୁ ଦେଖିଲାବେଳକୁ ସେଥିରେ ବାଘ ଥିଲା । ଏସ ଟି ଆର୍ ଲୋକମାନେ ଆଉ ବିଳମ୍ବ ନକରି ବାଘକୁ ସେ ସ୍ଥାନରୁ ପିଞ୍ଜରା ସହ ସ୍ଥାନାନ୍ତରଣ କରିବାରେ ଲାଗିଗଲେ । ଯନ୍ତ୍ରା ଉଠାଇବା ସମୟରେ ବାଘକୁ ଶାନ୍ତ ରଖିବା ପାଇଁ ଚାରିଆଡେ କପଡା ଗୁଡାଇ ଦିଆଗଲା । ଗାଁ ଲୋକେ ପହଁଞ୍ଚିବା ଆଗରୁ ପିଞ୍ଜରାକୁ ବୋଟରେ ଲଦି ରେଞ୍ଜ ଅଫିସ ଅଣାଗଲା । ପଶୁ ଚିକିତ୍ସକ ଆଉ ଅନ୍ୟମାନେ ପ୍ରସ୍ତୁତ ଥିଲେ । ବାଘ ସୁସ୍ଥ । କିଛି ଦେହରେ ଖଣ୍ଡିଆ ଖାବରା ନାହିଁ । ବାଘକୁ ଅନ୍ୟ ଅଫିସରମାନେ ଜାଞ୍ଚ କରିବେ । ତାପରେ ତା'କୁ ଉପଯୁକ୍ତ ସ୍ଥାନରେ ଛାଡି ଦିଆଯିବ । ଦ୍ୱୀପର ଏକ ବଡ଼ ବିପଦ ଦୂର ହେଲା ।

"ସତରେ ବାଘ କାବୁ ହୋଇଗଲା ?"- ପାଓଲି କହିଲେ ।

ବାଘର ଆଉ ଚାରା କଅଣ ? ବାଘ ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ଶକ୍ତିଶାଳୀ ଲୁହା ପିଞ୍ଜରାକୁ ଭାଙ୍ଗି ପାରେନା । – ସପନବାବୁ କହିଲେ ।

ସବୁ ଯାଗାରେ ଥୋପ ହିସାବରେ ଛେଳି ପରା ଦିଅନ୍ତି । ଛେଳି ଅବସ୍ଥା କଣ ରହେ ?

"ବାଘ ରାଗରେ ପ୍ରାୟ ଛେଳିକୁ ମାରିଦେଇଥାଏ । କିନ୍ତୁ କେବେ କେବେ ଘାବରେଇ ବାଘ ଛେଳିକୁ ସେମିତି ଛାଡି ଦେଇଥାଏ । ଖୋଲାରେ ବୁଲୁଥିବା ବାଘ ହଠାତ୍ କାବୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଯିବାରୁ ତା'ର ବୁଦ୍ଧିବଣା ହୋଇଯାଏ ।"– ଜଣେ ଷ୍ଟାଫ କହୁଥିଲା ।

"ବାଘ ସିନା ଯନ୍ତ୍ରାରେ ମେଁ ମେଁ କରି ବିରକ୍ତ କରୁଥିବା ଛେଳିକୁ ମାରିଦିଏ କିନ୍ତୁ ତା'କୁ ମୋତେ ଖାଇପାରେନା ।"– ସେ ବାବୁ କହିଲେ ।

"ବନ୍ଦୀ ହେଲେ ତାହେଲେ ସମସ୍ତଙ୍କ ଏକା ଅବସ୍ଥା । କି ରାଜା, କି ପ୍ରଜା, ବନ୍ଦୀହେଲେ ବୁଦ୍ଧିଶୂନ୍ୟ ହୋଇଯାଆନ୍ତି ।"- ପାଓଲି କହିଲେ । କଥାଟା ନିରାଟ ସତ । କାହା ମୁଣ୍ଡରେ ବୁଦ୍ଧି ପଶେନା । ଜଙ୍ଗଲର ପ୍ରତାପୀ ବାଘ ବନ୍ଦୀ ହୋଇପାରେ ।

କ୍ରମଶଃ-

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାଲା ବୁଢ଼ା



ଅଭିଜିତ୍ ସାହୁ

ମଇ ମାସ ୭ ତାରିଖ ଭୋର ସମୟ, ପୋଲିସ ଗାଡି ଆଜି ମାଧପୁର ଗାଁ କୁଣ୍ଡ ପୋଖରୀ କୂଳରେ ଥିବା ଅଣଓସାରିଆ ରାସ୍ତା ଦେଇ ଗାଁ ମଝିରେ ଥିବା ରାଜଉଆସ ଆଗରେ। ରାଜଉଆସ ଅସଲରେ କେଉଁ ରାଜାଙ୍କର ବାସଭବନ ନୁହେଁ, ଗାଁର ବୋଧହୁଏ ସବୁଠୁ ଧନୀ ଲୋକର ଘର, ଧଳା ଫରଫର ଘରଟି। ସେ ଘର ଆଗ ଦେଇ ଯିଏ ଯାଏ, ମନରେ ଥରେ ଏହି ଭାବନା ତ ନିଶ୍ଚିନ୍ତ ଆସେ, "ଏମିତି ମୋର ଖଣ୍ଡେ ଘରଟି ଥାନ୍ତା ହେଲେ" । ପୋଲିସ ବାବୁମାନେ କାହାର ଗୋଟିଏ ଶବକୁ ଧଳା ବେଡ଼ସିଟରେ ଘୋଡେଇ ଦେଇଛନ୍ତି, ପାଖରେ ଦଉଡି ଖଣ୍ଡେ ପଡିଛି, କିଏ ଗୋଟିଏ ଆତ୍ମହତ୍ୟା କରିଛି ବୋଧେ । କୋହଲା ପବନର ଚାପୁଡ଼ାରେ ବେଡ଼ସିଟ ଟି ଅଧା ଉଡ଼ିଗଲାରୁ ଦେଖାଗଲା ଯେ ବାଲା ବୁଢା ଶୋଇଛି, ପୋଲିସ ପାଖରେ କିଛି ଲୋକଙ୍କୁ କଣ ପଚରାଉଚୁରା କରୁଛି। କ୍ଷୀଣ ସ୍ୱରରେ କିଏ ଜଣେ "ଯେସାକୁ ତେସା" ବୋଲି କହିବାର ଶୁଣି ପାରୁଛି ମୁଁ ।

ପାଦ ତଳୁ ମାଟି ଖସିଗଲା ଭଳି ଲାଗିଲା ମୋତେ, ଏଇ ସେହି ବାଲା ବୁଢାଟି ? ବାଳକୃଷ୍ଣ ସାମନ୍ତସିଂହାର, ନାଁ ଟା ପୂରା ଗୋବିନ୍ଦପୁର ପଞ୍ଚାୟତର ୧୦ ଟି ଗାଁରେ କାହାକୁ ଅଜଣା ନଥିବ । ଆଚ୍ଛା ମୁଁ କିଏ, ବାଲା ବୁଢା ମରିବା ଖବର ଶୁଣି ମୁଁ କାହିଁକି ଏତେ ହତବାକ ହୋଇ ପଡିଛି ? ମୁଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଇ ମାଧପୁର ଗାଁର ନକୁଳ ସାହୁ, ଆଜକୁ ପ୍ରାୟ ତିରିଶି ବର୍ଷ ପୂର୍ବେ ମୋର ଗୋଟିଏ ୨ ଗୁଣ୍ଠ ଜମିକୁ ବନ୍ଧା ଦେଇଥିଲି, ସୁଧ ମୂଳ ବାବଦକୁ ୭ ବର୍ଷ ଋଣ ସୁଝିଲା ପରେ ବି ସେ ଜମିକୁ ଆଉ ଫେରି ପାଇଲି ନାହିଁ। କୋର୍ଟକଚେରୀ ଚକର ଲଗେଇବାକୁ ବଳ ନଥିଲା, ତଥାପି ପୁଅଝିଅ ଥିବାରୁ ତାଙ୍କ ଭବିଷ୍ୟତ କଥା ଭାବି ମୋର ପାରୁ ପର୍ଯ୍ୟନ୍ତ ଚେଷ୍ଟା କଲି । ତଥାପି ମୁଁ ହାରିଗଲି, ବାଲା ବୁଢା ଠାରୁ, ଓ ତାର ଶକ୍ତି, ସତ୍ତା, ଓ ପଇସା ଠାରୁ । ଦୀର୍ଘ ଦେଢ଼ବର୍ଷ ଚେଷ୍ଟା କଲି, କିନ୍ତୁ ଲଘୁଚାପରେ ଇନ୍ଦ୍ରଧନୁ ଲୁଚିଗଲା ଭଳି ମୋର ସେହି ୨ ଗୁଣ୍ଠ ଜମି ବାଲାର ବିଶାଳ ସାମ୍ରାଜ୍ୟରେ ଲୀନ ହୋଇ ସାରିଥିଲା । ନିଜ ଜମି ଗଲା ପରେ ମୂଲ ଲାଗି ଭାରି କଷ୍ଟରେ ପୁଅକୁ ସହର ପଠେଇଲି, ଇନଫୋସିସରେ ଚାକିରି କରିଛି ସେ, କଣ କୋଡ଼ିଂ କରୁଛି, ସବୁଠାରୁ ବଡକଥା ହେଲା ସେ ଭଲରେ ଅଛି, ମାସକୁ ୧୦୦୦୦ ଟଙ୍କା ପଠାଉଛି, ମଝିରେ ମଝିରେ ଗାଁକୁ ଆସୁଛି ଓ ଆମକୁ ବି ଥରେ ଦି ଥର ବାହାରକୁ ବୁଲେଇ ନେଇଛି । ଝିଅ ମୋର ବି.ଏ. ପାସ କରି ୨ ବର୍ଷ ତଳେ ହାତକୁ ଦି ହାତ ହେଇଛି, ସରକାରୀ ଚାକିରି ମୋ ଜ୍ୱାଇଁର, ଭୁବନେଶ୍ୱର ସେକ୍ରେଟାରୀ ଅଫିସରେ କାମ । ଏବେ ଆମେ ବୁଢା ବୁଢ଼ୀ ଭଲରେ ଅଛୁ, ଆର ବର୍ଷ ପୁଅ ବାହାଘର କରିଦେଲେ ଚିନ୍ତା ସରିଲା । ଇଏ ତ ଗଲା ମୋ କଥା, ଏବେ ଆସିବା ବାଲା ବୁଢାର କଥା, ତାର ଅସହିଷ୍ଣୁତା ଓ ବର୍ବରତାର କଥା, ଛନ୍ଦ କପଟର କଥା ।

୮୩ ବର୍ଷରେ ବାଲା ବୁଢା ଆଜି ଆତ୍ମହତ୍ୟା କରିଛି, ଚଉଡ଼ା କପାଳ, ଚନ୍ଦା ମୁଣ୍ଡ ଓ ଶ୍ୟାମଳ ବର୍ଣ । ଲୁଙ୍ଗିଖଣ୍ଡେ ପିନ୍ଧିଛି, ହାତ ଶିଥିଳ ହୋଇ ପଡିଛି, ଆଖି କୋରଡରେ ପଶି ଯାଇଛି, ପାଦ ନିସ୍ତେଜ ହୋଇ ପଡିଛି, ଉଚ୍ଚ ସ୍ୱରରେ ଚିତ୍କାର କରୁଥିବା ବୁଢା ଆଜି ସବୁଦିନ ପାଇଁ ଚୁପ ହୋଇଯାଇଛି । କିନ୍ତୁ ପ୍ରଶ୍ନ ଏଇଠି ଉଠିଛି ଯେ ୮୩ ବର୍ଷରେ ଆତ୍ମହତ୍ୟା, ସେ ପୁଣି

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଛାତ ଉପରୁ ଏକ ରସି ଲଗାଇ ଝୁଲି ପଡିଛି ? ଆଜିକାଲି ଲୋକେ ୬୫-୭୦ ବର୍ଷରୁ ବାର୍ଦ୍ଧକ୍ୟ ଅନୁଭବ କରୁଛନ୍ତି ଆଉ ସେ ୮୩ ବର୍ଷରେ ରସି ବାନ୍ଧି ଝୁଲିଛି ? ଲୋକେ କହୁଛନ୍ତି ସାନ ପୁଅ ବୋହୂର ବ୍ୟବହାରରେ ଅତିଷ୍ଠ ହୋଇ ବୁଢା ଏମିତି କରିଛିଉ ୮୩ ବର୍ଷ ଜୀବନକାଳ ଭିତରେ କେତେ ଯେ ଜୀବନ ଉଜାଡିଛି ସେ, କେତେ ନିରୀହ ଲୋକର ଦାନାପାଣି ବନ୍ଦ କରିଦେଇଛି ସେ ତାର ହିସାବ କେବଳ ସମୟ ପାଖରେ ହିଁ ଅଛି । ଏତେ ଶକ୍ତିଶାଳୀ, ଅହଂକାରୀ, ନିଷ୍ଠୁର ଲୋକର ଏଭଳି ଅବସାନକୁ ଲୋକେ ଟିକେ ସହଜରେ ଗ୍ରହଣ କରି ପାରୁ ନାହାନ୍ତି ! ବାକ୍ୟର ବାଣ ବୁଢାର ବକ୍ଷକୁ ଏଭଳି ଭେଦ କରିଛି ଯେ ବୁଢା ଆଉ ବଞ୍ଚିବାକୁ ଇଚ୍ଛା କଲାନି । ବୁଢା ଗତ ୩-୪ ବର୍ଷ ହେଲାଣି ବ୍ଲଡ଼ ପ୍ରେସର, ଡାଇବେଟିସ, ବ୍ରେନ ଷ୍ଟ୍ରୋକ, ପାରାଲେସିସରେ ପୀଡିତ ହୋଇ ଶଯ୍ୟାଶାୟୀ ଥିଲା, ଭାରି ଯନ୍ତ୍ରଣାରେ ଜୀବନ ବିତାଉଥିଲା, ଚାମୁଚରେ ବି ଟିକେ ଖାଇ ପାରୁନଥିଲା କି କଷ୍ଟରେ ଠିକରେ ଶୋଇ ପାରୁ ନଥିଲା । ବଡପୁଅ ଦିଲ୍ଲୀରେ ଗତ ୧୫ ବର୍ଷ ଧରି ରହୁଛି, ତା ମୁହଁ ଟିକେ ଦେଖି ପାରିନି ସେ । ଗତ ୬-୭ ମାସ ହେବ ବୁଢା ଠିକ ହୋଇ ଚଲା ବୁଲା କଲା, ଠିକ ହୋଇଆସିଲା, ତେବେ ଅଚାନକ ଏଭଳି ଏକ ଅଘଟଣ । ଏହା କଣ ବିଧିର ବିଧାନ, ନା ଭଗବାନଙ୍କ ଶାସ୍ତି ନା ହଜାର ହଜାର ଲୋକଙ୍କ ଆଖିର ଲୁହ ? ସେ ଯାହା ବି ହେଉ, ବୁଢା ଆଜି ନାହିଁ, ଏହି ଚର୍ଚ୍ଚା ଯେତିକି ଜୋର ଧରିନି ତା ଠାରୁ ବଡ କଥା ହେଲା ଆତ୍ମଗର୍ବୀ ବାଲା ବୁଢା ଆତ୍ମହତ୍ୟା କରିଛି । ବାଲା ବୁଢାକୁ ମୁଁ ଏତେ ଭର୍ତ୍ସନା କାହିଁକି କରୁଛି ? ହଉ, ଆସନ୍ତୁ ଶୁଣିବା ବାଳକୃଷ୍ଣ ସାମନ୍ତସିଂହାରର କଥା

ଦେଶ ସ୍ୱାଧୀନର ପର କଥା, ବାଲା ସେତେବଳେ ୬ ବର୍ଷର ବାଳୁତ । ଧୀରେ ଧୀରେ ବଡ ହେଲା, ପାଠଶାଠରେ ଟିକିଏ ହେଲେ ମନ ଦେଲାନି । ବାଲାର ଦୁଇ ଭାଇ ଓ ବାଲାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାପା ଅମାପ ସମ୍ପତ୍ତିର ଅଧିକାରୀ । କାହାକୁ ଖାତିର କରୁନଥିଲା ବାଲା, ସମସ୍ତଙ୍କ ସହ ଝଗଡା କରିବା, ଅସଭ୍ୟ ଭାଷାରେ ଲୋକଙ୍କୁ ଗାଳିଗୁଲଜ କରିବା, ସମସ୍ତଙ୍କ ପରିହାସ କରିବା ବାଲାର ଗୋଟିଏ ଅଭ୍ୟାସରେ ପରିଣତ ହେଉଥିଲା । ନିଜ ଜେଜେବାପା ବୋଉଙ୍କୁ ବାଲା ଖରାପ ବ୍ୟବହାର କଲା, ଏଥିରେ ତା ବାପାମା ତାକୁ ରୋକିଲେ ନାହିଁ, ସାହସ ପାଇ ବାଲା ଆହୁରି ଉଦ୍ଧତ ହୋଇଗଲା । ୧୯୭୦ ମସିହାରେ ବାଲା ହାତକୁ ଦି ହାତ ହେଲା । ଦିନକୁ ଦିନ ବାଲାର କାର୍ଯ୍ୟକଳାପ ଆହୁରି ଅସହ୍ୟ ହୋଇଗଲା । ବାଲା ନିଜ ସ୍ତ୍ରୀ, ବାପାମାଙ୍କୁ ବି ଖରାପ ଭାଷାରେ ଗାଳି ଦେବାରେ ଲାଗିଲା । ନିଜ ସ୍ତ୍ରୀକୁ ଗାଳିଗୁଲଜ କରିବା ସହ ମାଡ ମାରିଲା । ବୁଢା ବୟସରେ ନିଜ ବୁଢା ବାପା ମାଙ୍କୁ ନାନା ରକମର ହଇରାଣ କଲା, ଦିନେ ତ ନିଜ ଜନ୍ମ ଦିଆ ମାକୁ ଟେକି ତଳେ ଫୋପାଡ଼ି ଦେଇଥିଲା । ବାହା ହେବା ପରଠାରୁ ନିଜ ସ୍ତ୍ରୀକୁ ଦିନେ ବି ଖୁସିରେ ରଖିନି ବାଲା, କେବେ ଦୋ ଅକ୍ଷରୀ ଗାଳି ତ କେବେ ଚାରି ଅକ୍ଷରୀ‌ଢ ସବୁବେଳେ ତା ମନରେ କଷ୍ଟ ଦେଇ ଆସିଛି‌ଢ ନିଜ ପୁଅ-ବୋହୂଙ୍କୁ ବି ଖରାପ ଭାଷାରେ ଗାଳି ଦେଇଛି ସେ । ଇଏ ତ ଗଲା ବାଲା ପରିବାରର ଭିତିରି କଥା, ତା ସାମାଜିକ ରୂପ ବି କିଛି କମ କଠୋର ଥିଲା । ସାହୁକାର ଜମିଦାର ଭଳି ସମ୍ଭ୍ରାନ୍ତଶ୍ରେଣୀର ଲୋକ ସେ । ସେତେବେଳେ ତ ଆଉ ବ୍ୟାଙ୍କ ନଥିଲା, ତା ଦୁଆରେ ଲୋକଙ୍କର ଲମ୍ବା ଧାଡି ଲାଗୁଥିଲା ଟଙ୍କା ଋଣ ନେବା ପାଇଁ । ଋଣ ଉପରେ ମନ ଇଚ୍ଛା ସୁଧ ହିସାବ କରେ, ସୁଧ ଟଙ୍କା ପୈଠ କଲାପରେ ବି ଅନେକ ଲୋକଙ୍କର ଘରଜମି ହଡପ କରିଛି ସେ । ଟଙ୍କା ପାଇଁ କେତେ ଲୋକ ନିଜ ସୁନାଗହଣା ବନ୍ଧକ ରଖିଥାନ୍ତି ତା ପାଖରେ, ସେ ସବୁ ସୁନାଗହଣା ଆଉ ଫେରେ ନାହିଁ ସେ ନିରୀହ ଲୋକଙ୍କ ପାଖକୁ । ଋଣ ଦେବା ଓ ଋଣ ଟଙ୍କା ପରିଶୋଧ ନ କରି ପାରିଲେ ଜମି ହଡ଼ପ କରିନେବା କାମରେ ସେ ବୋଧହୁଏ ସ୍ନାତକ ହାସଲ କରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସାରିଥିଲା । ଏହା ବ୍ୟତୀତ ଲୋକଙ୍କ ନିନ୍ଦା ଓ ପରିହାସ କରିବା, ଛନ୍ଦ କପଟ କରିବା, ପାରିବାରିକ କଳହରେ ଲିପ୍ତ ହେବା, ନିଜ ସ୍ତ୍ରୀ ସମେତ ସମସ୍ତଙ୍କୁ ଅସଭ୍ୟ ଭାଷାରେ ଗାଳି ଦେବା, ସମ୍ପତ୍ତି ପାଇଁ ନିଜ ଭାଇମାନଙ୍କ ଠାରୁ ଅଲଗା ହେବା, ତାଙ୍କ ଜମିକୁ ଜବରଦଖଲ କରିନେବା, ଲୋକଙ୍କୁ କଷ୍ଟ ଦେଇ ଖୁସି ପାଇବା - ଏଭଳି କେଉଁ ଅମାନୁଷିକ କାର୍ଯ୍ୟ ନାହିଁ ଯେଉଁଥିରେ ବାଲା ସାମନ୍ତସିଂହାର ଲିପ୍ତ ନଥିଲା । ଅମାପ ସମ୍ପତ୍ତିର ଅଧିକାରୀ ହୋଇ ସେ ଥିଲା କଂଜୁସ- ଗୋଟିଏ ଟଙ୍କା କାହାକୁ ଦେଉ ନଥିଲା ଓ ଲୋଭୀ - ଜମି/ ଘରବାଡ଼ି ପାଇବାର ଲାଳସା ତାର କେବେ ବି ସରୁ ନଥିଲା । ୧୯୮୦-୧୯୯୦ ମସିହା ଭିତରେ ଏସବୁ ବହୁତ ଅଧିକ ହୋଇ ଯାଇଥିଲା । ନିଜ ଭାଇର ଅପରେସନ ପାଇଁ ଟଙ୍କା ମାଗିବାରୁ ଭାଉଜଙ୍କ ଗହଣା ପର୍ଯ୍ୟନ୍ତ ବନ୍ଧା ରଖିବାକୁ ପଛେଇ ନଥିଲା ଓ ସେ ଗହଣାକୁ ଆଉ ଫେରେଇ ବି ନଥିଲା । ଏହିଭଳି ଥିଲା ବାଳକୃଷ୍ଣ ସାମନ୍ତସିଂହାରର ଓରଫ ବାଲା ।

କଥାରେ ଅଛି ଏ ହାତ ପାପ ସେ ହାତ ନିଏନି ଆଉ ମଣିଷକୁ ନିଜ ପାପର ଦଣ୍ଡ ତା ପରଜନ୍ମରେ ମିଳେ, କିନ୍ତୁ ଯଦି ପାପଭାର ଅତି ହୋଇଯାଏ ତେବେ କିଛିଟା ଏଇ ଜନ୍ମରେ ବି ଭୋଗିବାକୁ ପଡେ । ସାନପୁଅ-ବୋହୂ ବାଲାବୁଢାକୁ କଣ ହଇରାଣ କରିଛନ୍ତି କି ଖରାପ ବ୍ୟବହାର କରିଛନ୍ତି ସେ କଥା ମୁଁ ଜାଣିନି । କିନ୍ତୁ ବୁଢା ବୟସରେ ବଡ ପୁଅ ଘର ବାହାରେ, ନାନା ରୋଗରେ ପୀଡିତ ହୋଇ ୩-୪ ବର୍ଷ ଧରି ଶଯ୍ୟାଶାୟୀ, ସାନପୁଅ-ବୋହୂଙ୍କର ଅତ୍ୟାଚାର - ବାର୍ଦ୍ଧକ୍ୟ ହେଉଛି ଅଣକୁଶଳୀ ନିରସ୍ତ୍ର ସିପାହୀର ଅବସ୍ଥା ଭଳି, ସେଥିରେ ପୁଣି ତାକୁ ସାମ୍ନା କରିବାକୁ ପଡିଛି ସୃଷ୍ଟିର ଶକ୍ତିଶାଳୀ ଯୋଦ୍ଧାମାନଙ୍କୁ । ସେ ସାନପୁଅ-ବୋହୂର କେଉଁ କଥା ବୁଢାକୁ ଏତେ ବାଧିଛି ତାହା ତ ଭଗବାନ ହିଁ ଜାଣିଥିବେ । କିନ୍ତୁ ସେ କଥା ପଦ ବୋଧେ ଇନ୍ଦ୍ରାସ୍ତ୍ର ଓ ବ୍ରହ୍ମାସ୍ତ୍ର ଠାରୁ ଅଧିକ ଭୟାନକ ଥିଲା ଯାହା ବାଲା ସାମନ୍ତସିଂହାର ଭଳି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲୋକର "ଗର୍ବ-ଅହଂକାର" ସ୍ୱରୂପ କବଚକୁ ବି ଭେଦି ଦେଇପାରିଲା । ବାଳକୃଷ୍ଣ ସାମନ୍ତସିଂହାରର ଚିତା ଜଳୁଛି, କିଛି ଲୋକ ଠିଆ ହୋଇ ଦେଖୁଛନ୍ତି, ନିଜ ଭିତରେ କଣ ଗୁଣୁଗୁଣୁ ହେଉଛନ୍ତି । ସେମାନେ ବୋଧେ ବାଲା ବୁଢାର ମରଶରୀରକୁ ଜଳିବାର ଦେଖୁ ନାହାନ୍ତି, ସେମାନେ ଦେଖୁଛନ୍ତି ବାଲାର ଲୋଭ, ଗର୍ବ, ଅହଂକାର, ଛନ୍ଦ କପଟ, କଟୁ କଥା ଓ ଅସଂଖ୍ୟ ଅମାନୁଷିକ କାର୍ଯ୍ୟକଳାପ ଗୁଡିକ ମାଟିରେ ମିଶୁଥିବାର ।

ଅଭିଜିତ୍ ସାହୁ, ଖଣ୍ଡଗିରି

ମୋବାଇଲ- 8917500934

ଇମେଲ୍- sabhijit05@gmail.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ପେଟେଣ୍ଟ ମେଡ଼ିସିନ ଏଗେନ୍



ରୋଜାଲିନି ମିଶ୍ର

ସ୍ମାର୍ଟଫୋନଟେ କିଣି ଆଣି ଆଗ ଫେସବୁକ ଆଉ ମେସେଞ୍ଜର ଡାଉନଲୋଡ଼ କରିଦେଲେ ବାଙ୍କଚୂଳ ବାବୁ । ନିଜର ଫେସବୁକ ଆକାଉଣ୍ଟଟେ ଖୋଲି କିଛି ବନ୍ଧୁ ବାନ୍ଧବଙ୍କ ସହ କିଛି ସୁନ୍ଦରୀ ଝିଅ ମାନଙ୍କୁ ମଧ୍ୟ ଫ୍ରେଣ୍ଡ ରିକୁଏଷ୍ଟ ପଠେଇଦେଲେ । ଦିଦିନ ଗଲା, ଚାରି ଦିନ ଗଲା, ସପ୍ତାହେ ଗଲା... କିନ୍ତୁ କୌଣସି ସୁନ୍ଦରୀ ତାଙ୍କ ବନ୍ଧୁତା ଗ୍ରହଣ କଲେ ନାହିଁ କି ତାଙ୍କ ପାଖକୁ କୁଆଡ଼ୁ ବନ୍ଧୁତାର ଅନୁରୋଧ ମଧ୍ୟ ଆସିଲା ନାହିଁ । କ'ଣ ହୋଇପାରେ କାରଣ ! ! କୁକୁଡ଼ା ମାଲିକ ତା କୁକୁଡ଼ା ଅଣ୍ଡା ଦେଇଛି ନା ନାହିଁ ଦେଖିବା ପାଇଁ ମଝିରେ ମଝିରେ କୁକୁଡ଼ାର ପେଟ ତଳ ଚେକ କଲା ଭଳିଆ ବାଙ୍କଚୂଳ ବାବୁ ଯାଉଣୁ ଆସୁଣୁ ତାଙ୍କ ନୋଟିଫିକେସନ ଚେକ କରନ୍ତି । କିନ୍ତୁ ନା ... କିଛି ନାହିଁ ।

ସେ ତାଙ୍କ ଅଫିସର ସାହୁ ବାବୁଙ୍କୁ ଦେଖିଛନ୍ତି । କାମ ନଥିଲା ବେଳେ ମୋବାଇଲଟାକୁ ଧରି କେଞ୍ଚୁଥାନ୍ତି ସେ । କେତେବେଳେ ମନେ ମନେ ହସୁଥାନ୍ତି ତ, କେତେବେଳେ କୁରୁଳି ଉଠୁଥାନ୍ତି । ପୁଣି କେତେ ବେଳେ ମୁହଁରୁ ପ୍ରେମର ଭାବ ଉକୁଟି ଉଠୁଥାଏ । ଘଟଣା କଣ କିଛି ବୁଝି ପାରନ୍ତିନି ବାଙ୍କଚୂଳ ବାବୁ ।

ଦିନେ ହସଖୁସି ଗପ ଚାଲିଥିଲା ବେଳେ ସ୍ପେଶାଲ ଚା' କପେ ଲାଞ୍ଚ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଇ ପ୍ରସଙ୍ଗଟି ଉଠେଇଲେ ବାଙ୍କ ବାବୁ । ସାହୁବାବୁ ବି ମେସେଞ୍ଜରର ସବୁ ଭିତିରି କଥା ଗୁଡା ବଖାଣି ପକେଇଲେ । ନିଜ ମୋବାଇଲଟି କାଢି ଦେଖେଇଲେ ମଧ୍ୟ । ବାଙ୍କବାବୁ ସବୁ ଚାଟିଂ ଦେଖିଲେ ଆଉ ପଢିଲେ ବି । ଖୁବ ସୁନ୍ଦରୀ ଝିଅ ମାନଙ୍କ ସହ ବନ୍ଧୁ ବାନ୍ଧିଥିଲେ ସାହୁବାବୁ । କାହାକୁ ହେ ବେବି ଲେଖିଥିଲେ ତ କାହାକୁ ମାଇଁ ଡ଼ାର୍ଲିଙ୍ଗ, କାହାକୁ ପୁଣି ସ୍ୱିଟହାର୍ଟ.. । ଆଖି ଟେରା ହୋଇଗଲା ବାଙ୍କଚୂଳ ବାବୁଙ୍କର । ଛେପ ଢ଼ୋକି ପଚାରିଲେ .... ଆପଣ ଏମାନଙ୍କୁ ଜାଣନ୍ତି ??

__ କିଏ କାହାକୁ ଜାଣେ ହୋ ଏଠି ?? ଯେଝା ଘରେ ସିଏ । ଖାଲି ଟିକେ ସାଙ୍ଗ ଭାବି ଖୁସି ଗପ କରିବା କଥା । ଆପଣ ବି ସ୍ମାର୍ଟଫୋନଟିଏ ଧରନ୍ତୁ ବାଙ୍କବାବୁ । ଦେଖିବେ ଖୁବ କମ ଦିନ ଭିତରେ ସ୍ମାର୍ଟ ହୋଇଯିବେ ଆପଣ । ବୟସ ଆସି ପଚାଶ ଉପରେ ହେଲାଣି, ଆଉ କେତେଦିନ ଏଇ ଧତରା ବଟନ ଚିପା ମୋବାଇଲ ଧରି ବୁଲୁଥିବେ ।

ସାହୁବାବୁଙ୍କ କଥା ଶୁଣି ବାଙ୍କବାବୁଙ୍କ ମନଟା ଛନଛନିଆ କଖାରୁ ଗଛ ଭଳିଆ କୁଆଁ ମେଲେଇ ଚାଳରେ ଲଟେଇ, ଡାଳପତ୍ର ଶାଖାପ୍ରଶାଖା ମେଲିଦେଲା ସାଙ୍ଗେସାଙ୍ଗେ । କିନ୍ତୁ ପତ୍ନୀ ସୁମତୀଙ୍କୁ ବୁଝେଇବ କିଏ !!

ବାଙ୍କଚୂଳ ବାବୁଙ୍କ ସ୍ତ୍ରୀ ସହଜ ଜନ୍ତୁ ନୁହନ୍ତି । ସେଥିରେ ପୁଣି ତାଙ୍କ ବାପଘର ପଇସାରେ ଘରର ଷ୍ଟାଟସ ମେଣ୍ଟେନ ହେଉଛି ବୋଲି ଭାରି ଭାଉ ତାଙ୍କର । କି ବେଳାରେ ବାଙ୍କବାବୁ ସୁମତୀଙ୍କୁ ପ୍ରେମ କରି ବସିଥିଲେ କେଜାଣି ଆଉ ଯାହା ହେଉ ନହେଉ ପଇସା ପତ୍ର ମାମଲାରେ କିନ୍ତୁ ଭାଗ୍ୟ ଖୋଲି ଯାଇଥିଲା ତାଙ୍କର । ପୂଜ୍ୟ ଶଶୁରଜୀ ତାଙ୍କ ଏକମାତ୍ର ଅଲିଅଳି ରାଜଜେମାର କଥା ଭାଙ୍ଗି ନପାରି ବାହାଘରରେ ସମ୍ମତି ଦେଇଥିଲେ । ନହେଲେ କାହିଁ ରାଣୀ କାହିଁ ଚନ୍ଦ୍ରକାଣୀ ! ଭୁବନେଶ୍ବର ଭଳିଆ ଜାଗାରେ ତିନି ମହଲା ଘର ସହ, ଜାଗା,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦାମୀ କାର, ହଲେ ଚାକର ଚାକରାଣୀ ...ଏ ଜନ୍ମରେ ତ ବାଙ୍କବାବୁ ପାଇ ନଥାନ୍ତେ ଏ ସବୁ । ଶଶୁରଙ୍କ ଦେହାନ୍ତ ପରେ ସବୁ ସମ୍ପତ୍ତିର ମାଲିକାଣୀ ଏବେ ସୁମତୀ । ସୁମତୀଙ୍କ ବାପଘର ପଇସାରେ ଭୁବନେଶ୍ୱରରେ ଚାକର ବାକର ଧରି ଅୟସ କରୁଛନ୍ତି ଏବେ ବାଙ୍କବାବୁ । କାର ଚଢି ଅଫିସ ଯାଉଛନ୍ତି । ନହେଲେ କିରାଣୀ ଚାକିରୀରେ କେତେ ଦରମା ଯେ ସେ ଏ ସବୁ ସୁଖ ଭୋଗ କରିଥାନ୍ତେ । ସେଥିପାଇଁ ସୁମତୀ ଯାହା କହିଲେ ବାଙ୍କବାବୁଙ୍କର ଯଥା ଆଜ୍ଞା । ନହେଲେ କ୍ଷଣେ କ୍ଷଣେ ବାସଚ୍ୟୁତ ହେବାର ଭୟ । ଆଉ ବାସଚ୍ୟୁତ ହେଲେ ଗାଁରେ ବସି ଖୋଲା ପବନ ଖାଇବା କଥା । ଭୁବନେଶ୍ୱର ଘରଟି ସୁମତୀଙ୍କ ନାଁ ରେ ଯେ !!

ହଉ ଯାହା ହେବ ଦେଖାଯିବ ଭାବି ଅଫିସ ଫେରନ୍ତା ବାଟରେ ସ୍ମାର୍ଟଫୋନଟିଏ କିଣି ଘରକୁ ଫେରିଲେ ବାଙ୍କଚୂଳ ବାବୁ । ଫୋନଟିକୁ ଦେଖି ଚମକି ପଡିଲେ ସୁମତୀ । ସେ ଜାଣନ୍ତି ଏ ଜିନିଷର ମାହାତ୍ମ୍ୟ ବିଷୟରେ ।

ପଡିଶା ଘରେ ରହୁଥିବା ତାଙ୍କ ସାଙ୍ଗ ନିଶାକୁ ଦେଖିଛନ୍ତି ସିଏ । ହରଦମ ଫୋନଟାକୁ ବସି କେଞ୍ଚୁଥିବ, ମନେମନେ ହସୁଥିବ ଆଉ ବେଳେବେଳେ ଗାରେଇ ପକାଉଥିବ କିଛି । ପଚାରିଲେ କହିବ... ହଁ ଖାଲିଟାରେ ବସିଛି ତ ଟିକେ ଖୁସିଗପ ହେଇ ଯାଉଛି । ଆସୁନୁ ଦେଖିବୁ ଆଜି ଦି ଟା ନୂଆ ଟୋକାଙ୍କୁ ସାଙ୍ଗ କରିଛି । ଆଶ୍ଚର୍ଯ୍ୟ ହୁଅନ୍ତି ସୁମତୀ । ଭାବନ୍ତି ଏ କାଳୀକୋତରୀ, ମୁଖ ଦାନ୍ତରି, ଦରବୁଢ଼ୀଟାକୁ କୋଉ ଟୋକା ସବୁ ରସୁଛନ୍ତି ଲୋ ମା' । ଏଗୁଡା ସବୁ ଅନ୍ଧ ନା କ'ଣ !!

ଏବେ ସ୍ୱାମୀଙ୍କ ହାତରେ ସେଇ ଜିନିଷ ଦେଖି ଆକ୍ରମଣ ଆରମ୍ଭ ହେଲା । କିନ୍ତୁ ବାଙ୍କବାବୁ ବୁଝେଇ ଦେଲେ ଭଲରେ.... ଦେଖ ସୁମତୀ, ତୁମେ ସବୁ ଜିନିଷକୁ ଖରାପ ଦୃଷ୍ଟିରେ ଦେଖିଲେ କେମିତି ହେବ ? ଆମ ଅଫିସରେ ସମସ୍ତେ ଏମିତି ମୋବାଇଲ ଗୋଟେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦୁଇଟା ଧରିଛନ୍ତି । ଆଉ ମୁଁ ସେଇ ଖଣ୍ଡିଆ ମୋବାଇଲ ଧରିଲେ ମୋ ସମ୍ମାନରେ କେତେ ଆଞ୍ଚ ଆସୁଛି ଭାବ ତ ଟିକେ । ତା ଛଡା ମୋ ଇଜ୍ଜତ ବଢିଲେ ତୁମ ପାଇଁ ତାହା କଣ ସମ୍ମାନର କଥା ନୁହେଁ ?

ବୁଝିଗଲେ ସୁମତୀ । ନୂଆ ମୋବାଇଲ ବ୍ୟବହାର ପାଇଁ ଅନୁମତି ଦେଇଦେଲେ । ତା ସହ ଚେତାବନୀଟେ ବି ଫୋପାଡ଼ି ଦେଲେ । "ଯଦି କେଉଁଦିନ କିଛି ବି ଏପଟ ସେପଟ ଜିନିଷରେ ହାତ ମାରିଛ ତାହେଲେ ତୁମ ମୋବାଇଲ ସହ ତୁମକୁ ବି ଛେଚିକି ଗୁଣ୍ଡା କରିଦେବି ଗୋଲମରିଚ ଗୁଣ୍ଡ ଭଳିଆ ... ଜାଣି ଥା ... ହାଁ ..."

ତା ପରେ ପରେ ତ ବାଙ୍କଚୂଳ ବାବୁ ଫେସବୁକ ମେସେଞ୍ଜର ଖୋଲିଥିଲେ । କିନ୍ତୁ କେହି ଧରା ଦେଉ ନାହାନ୍ତି ଆଠଦିନ ହେଲା । ଘୋର ଲଜ୍ଜା ।

ବାଧ୍ୟହୋଇ ଅଫିସରେ ଯାଇ ନିଜ ଅସୁବିଧାଟି ଜଣେଇଲେ ସେ ସାହୁବାବୁଙ୍କୁ । ସାହୁବାବୁ ବାଙ୍କବାବୁଙ୍କ ପ୍ରୋଫାଇଲ ଚେକ କଲେ । ଆଉ ତା ପରେ ହସି ହସି ଗଡ଼ିଲେ ଯେ ଗଡ଼ିଲେ । ଘଟଣା କ'ଣ ବୁଝି ପାରୁ ନଥାନ୍ତି ବାଙ୍କବାବୁ । ହସ ଟିକେ ଥମିବା ପରେ ଗୋଟେ ନିଶ୍ୱାସ ନେଇ ସାହୁ ବାବୁ କହିଲେ... ହଇଓ ବାଙ୍କବାବୁ... ଆପଣ ଏଡ଼େ ଅନାଡି !! ମୁଣ୍ଡରେ ଖାଲି ତୁଚ୍ଛା ଗୋବର ଆପଣଙ୍କର । ହଇଓ ବାବୁ ଟିକେ ଦେଖିଲେ ଏ ପ୍ରୋଫାଇଲ ଫୋଟୋକୁ ଆପଣଙ୍କର । ମୁଣ୍ଡରେ ଗୋଟାଏ ଚୁଟି ନାହିଁ । ପୁରା ଚନ୍ଦା । ଠାକରା ଗାଲରେ ପୋଷେ ଲେଖା ଚାଉଳ ଧରିବ । ପାନଖିଆ ଅସନା ଦାନ୍ତରୁ ବି ଦିଶୁଛି ଟିକେ । ଯାହାକୁ ଦେଖିଲେ କିଏ କାହିଁକି ଆପଣଙ୍କୁ ମେସେଞ୍ଜର ପ୍ରେମ କରିବ ? ତା ଛଡା ଆଇଡ଼ିରେ ଯେଉଁ ନାଁ ଟି ରଖିଛନ୍ତି... କ'ଣ ନା... ବାଙ୍କଚୂଳ ପ୍ରଧାନ... । ହଇଓ ପ୍ରଧାନେ... ଏଡ଼େ ବୁଦ୍ଧୁ ଆପଣ !! ଛିଃ ଛିଃ । ବାପା ମା' ହେଲେ ପୁରୁଣା ଜମାନାର ଲୋକ । ସେମାନେ ତାଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଜମାନାରେ ଏମିତି ନାଁ ଟେ ରଖିବା ସ୍ୱଭାବିକ କଥା । କିନ୍ତୁ ମେସେଞ୍ଜର ପ୍ରେମ ପାଇଁ ଏ ନାଁ କାମ କରିବନି । ଡିଲିଟ କର ସାଙ୍ଗେ ସାଙ୍ଗେ ଏ ଆଇଡି ।

ବାଙ୍କ ବାବୁଙ୍କ ପାଇଁ ନୂଆ ଆଇଡି ଟିଏ ଖୋଲିଦେଲେ ସାହୁବାବୁ । ପ୍ରୋଫାଇଲରେ ଫୋଟୋ ରହିଲା ଗୋଟେ ନାଲି ଗୋଲାପ ଫୁଲର । ନାଁ ରଖା ହେଲା "କୁମାର ଭେଙ୍କଟେଶ" । ବାୟୋଡାଟା ବି ସେଇ ଅନୁସାରେ ସେଟିଙ୍ଗ ହେଲା । ସାହୁବାବୁ କହିଲେ.... ଆପଣଙ୍କର ଆଉ କିଛି କରିବା ଦରକାର ନାହିଁ ବାଙ୍କବାବୁ । ସନ୍ଧ୍ୟା ସୁଦ୍ଧା କ'ଣ ହେଉଛି ଖାଲି ଦେଖନ୍ତୁ । ସତକୁ ସତ ସନ୍ଧ୍ୟା ଭିତରେ ଫ୍ରେଣ୍ଡ ରିକୁଏଷ୍ଟ ଗଦା ହୋଇ ପଡ଼ିଲା । ଏବେ ବାଙ୍କଚୂଳ ବାବୁଙ୍କ ମୁହଁରେ ଗୋଟିଏ ବିଶ୍ୱବିଜୟୀର ଦର୍ପ ଆଉ ହସ । ବାଛି ବାଛି ଆଠ ଦଶଟି ବନ୍ଧୁତ୍ୱ ଗ୍ରହଣ କଲେ ସିଏ ।

ଏବେ ଏବେ ସୁମତୀ ଟିକିଏ ସନ୍ଦେହରେ । କିନ୍ତୁ କିଛି ସୁରାକ ମିଳୁନି କୋଉଠୁ ବି । ଆଗରୁ ସବୁବେଳେ ଚୁପଚାପ ରହୁଥିବା ବାଙ୍କଚୂଳ ବାବୁ ଏବେ ଭାରି କନକନ ହେଉଛନ୍ତି । କଥାବାର୍ତ୍ତା ଚାଲି ଚଳନରେ ରସିକପଣ ଫୁଟି ଉଠୁଛି । ଦର୍ପଣରେ ବାରମ୍ବାର ମୁହଁ ଦେଖି ଚନ୍ଦା ମୁଣ୍ଡରେ ହାତ ବୁଲା ହେଉଛି । ମୁହଁରେ ଆଜି କାଲି ପାଉଡର ମରା ହେଉଛି । ଫୋନଟିକୁ ହାତରେ ଧରିଲେ ମୁହଁରେ ମଲ୍ଲିଫୁଲିଆ ହସ ଫୁଟି ଉଠୁଛି । ଘଟଣା କଣ ??

ଦିନେ ସୁମତୀ ଯାଇଥାନ୍ତି ନିଶା ଘରଆଡେ । ଚିରାଚରିତ ଢଙ୍ଗରେ ନିଶା ବସି ମୋବାଇଲ ଟିପୁଥାଏ ଭୋଳ ହୋଇ । ସୁମତୀ ଘ୍ର ଭିତରେ ଯାଇ ବସିଲେଣି ତା ସୋଫାରେ ତାର ସେ ଆଡକୁ ନଜର ନାହିଁ । ସୁମତୀ ପଚାରିଲେ.... ଆଲୋ କୁଆଡେ ଏତେ ଗପିକି ହସୁଛୁ ବା । ନିଶା ସେମିତି ମୋବାଇଲକୁ ଚାହିଁ ଚାହିଁ ଉତ୍ତର ଦେଲା,... ଏଇ ଅଳ୍ପ ଦିନେ ଗୋଟେ ଟୋକା ନୂଆ ସାଙ୍ଗ ହୋଇଛି ତ ... ତାରି ସାଙ୍ଗରେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

- ଏଁ .... ତୋ ଭଳିଆ ବୁଢ଼ୀ ସାଙ୍ଗରେ ପୁଣି କୋଉ ଟୋକା ସାଙ୍ଗ ହେଉଛି ବା...

- ତୁ ଏତେ ଗୁମର ବୁଝି ପାରିବୁନି । ଆ ...ଆ ... ଦେଖିବୁ ଆ ... ହେଇ ଦେଖେ ...

ନିଶା ତା ପ୍ରୋଫାଇଲଟା ଖୋଲିକି ଦେଖେଇଲା ସବୁ ଗୋଟି ଗୋଟି କରି । ହାଁ କରି ରହିଗଲେ ସୁମତୀ । ପ୍ରୋଫାଇଲରେ ଗୋଟେ ସୁନ୍ଦରୀ ଝିଅର ଫୋଟୋ । ନାଁ ରଖା ଯାଇଛି "ଲଭଲି  ନିଶିଗନ୍ଧା " ।

- ଆଲୋ ଆଲୋ ତୁ ନିଶାମଣି ରୁ ନିଶିଗନ୍ଧା କେବେ ହେଲୁ ! ! !

- ସେତିକି ନୁହେଁ... ଆହୁରି ଦେଖେ । ଡେଟ ଅଫ ବର୍ଥ ଅନୁସାରେ ମୋ ବୟସ ଏବେ ସତେଇଶି ।

- ହାଁ... ଆଛା... ତାହେଲେ କଥା ଆସି ଏଠି ।

ନିଶା ପୁଣି କହିଲା.... ହେଇ ଦେଖ ଦେଖ ଏଇ ଯେଉଁ ଟୋକାଟା ନା... ୟାରି ସହ ଗପୁଥିଲି ଏବେ । ନୂଆ ନୂଆ ସାଙ୍ଗ ହୋଇଛି ତ । ସକାଳ ଚା ଠାରୁ ରାତି ଖାଇବା ଯାଏ ଯାହା ଖାଇଲେ ବି ମୋତେ ଫୋଟୋ ଉଠେଇ ପଠାଉଛି ପରା । ହେଇ ଦେଖୁନୁ...

ନିଶାମଣି ହାତରୁ ମୋବାଇଲ ନେଇ ଦେଖିଲେ ସୁମତୀ । ଖାଦ୍ୟ ଗୁଡା ଟିକେ ଚିହ୍ନା ଚିହ୍ନା ହୋଇ କେଉଁଠି ଗୋଟେ ଦେଖିଲା ପରି ଲାଗୁଥିଲା ତାଙ୍କୁ । ସେ ଆଉ ଟିକେ ଭଲକି ଜୁମ କରି ଦେଖିଲେ ଆଉ ଭୁତ ଦେଖିଲା ଭଳିଆ ଠାଏକିନା ଚମକି ପଡିଲେ । ଏଗୁଡା ତ ତାଙ୍କରି ଘର ଖାଦ୍ୟ । ଆଜି ସେ ନିଜେ ରାନ୍ଧିଛନ୍ତି । ହଁ ତ... ସେଇ ଜହ୍ନିଆଳୁ ପୋସ୍ତ, ଚିଲି କୋବି, ପୋଟଳ କୁର୍ମା, ଗୋଟା ବାଇଗଣ ଭଜା... । ସେ ଆଉ ଟିକେ ଭଲକି ଦେଖିଲେ । ହଁ ତ... ସେ ତ ଠିକ ଏମିତି ହିଁ ସଜେଇକି ଦେଇଥିଲେ ତାଙ୍କ ସ୍ୱାମୀଙ୍କ ଲଞ୍ଚବକ୍ସରେ ଅଫିସ ଗଲାବେଳେ । ତାହେଲେ ଏ ସବୁ କୁମାର ଭେଙ୍କଟେଶ୍ ପାଖକୁ ଗଲା କେମିତି  ! ! !

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେ ଆହୁରି ତଳ ଉପର କରି ଚାଟିଂ ଗୁଡାକ ପଢିଲେ । ଆରେ... ଏଇଟା ତ ତାଙ୍କରି ଘର ଚା' କପ । ସକାଳୁ ସକାଳୁ ଗୁଡ୍‌ମର୍ଣ୍ଣି ମେସେଜ ସହ ଆସିଛି ଚା କପଟା । ଫୋଟୋରେ ଅଳ୍ପ ଉଠିଥିବା ଆଙ୍ଗୁଳି ଗୁଡାକ ସହ ସେ ନୀଳପଥର ବସା ମୁଦିଟା ବି ତାଙ୍କ ସ୍ୱାମୀଙ୍କର ।

ଆଚ୍ଛା... ତାହେଲେ ଏ ନିଶା ନିଶାମଣିରୁ ନିଶିଗନ୍ଧା ହେଲା ଭଳିଆ ବାଙ୍କ ବାବୁବି ବାଙ୍କଚୂଳରୁ କୁମାର ଭେଙ୍କଟେଶ ହୋଇ ଯାଇଛନ୍ତି । ସବୁକଥା ଏଥର କାଚ ଭଳି ସ୍ୱଚ୍ଛ ହୋଇଗଲା ସୁମତୀଙ୍କ ଆଗରେ ।

ସେ ଆହୁରି ଖୋଳିତାଡି ମେସେଜ ସବୁ ପଢିଲେ । ମେସେଜ କିଛି ଏମିତି ପ୍ରକାର ଥିଲା ।

କୁମାର ଭେଙ୍କଟେଶ – ଦିସ ଇଜ ମାଇଁ ଲଞ୍ଚ ମେନୁ ଫର ଟୁଡେ

ନିଶିଗନ୍ଧା – ୱାଉଉଉଉଉଉ ..... ସୋ ୟମି ...

- ୟେସ... ଆଇ ଆମ ଏ ଫୁଡ୍ ଲଭର ବଟ୍ ଅନଫର୍ଚୁନେଟଲି ମାଇଁ ୱାଇଫ ଇଜ ନଟ ଏ ଗୁଡ୍ କୁକ୍ । ସୋ ଦିଜ ଆର ଫ୍ରମ୍ ମାଇଁ ଅଫିସ କ୍ୟାଣ୍ଟିନ ।

- ଆଉ ରାତି ମେନୁ କଣ ?

- ନାନ ସହ ଚିଲି ଚିକେନ୍ ଖାଇବି ବୋଲି ଭାବିଛି ତ ଦେଖାଯାଉ...

ମୁଣ୍ଡକୁ ପିତ୍ତ ଚରିଗଲା ସୁମତୀଙ୍କର । ନିଆଁଲଗା... ଗାତପଶା... ବଡି ଭୋରରୁ ଉଠି ମୁଁ ମରିପଡି ଛ ତିଅଣ ନ ଭଜା ରାନ୍ଧୁଛି ଏ ଲୋକଟା ଅଫିସ ନେଇକି ଯିବ ବୋଲି, ଆଉ ଏ ଲେଖିଛି କ'ଣ ନା... ମାଇଁ ୱାଇଫ ଇଜ ନଟ ଏ ଗୁଡ୍ କୁକ୍ । ଆହୁରି ପୁଣି ମୋ ଆଖିରେ ଆଙ୍ଗୁଠି ଗେଞ୍ଜି ଖେଳ ଚାଲିଛି କୁମାର ଭେଙ୍କଟେଶ ସାଜିକି । ଆ..ରେ.. ନୁଙ୍ଗୁଡ଼ା ଧର୍ମଛଡ଼ା... ଆଜି ଆ ଘରକୁ... । ଆଜି ଯଦି ବାଙ୍କଚୂଳର ଗର୍ଦ୍ଦନ ବଙ୍କା ନ କରିଛି ତାହେଲେ ମୁଁ ବି ମୋ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନାଁ ସୁମତୀ ପ୍ରଧାନରୁ କୁମତୀ ପ୍ରଧାନ କରିଦେବି ।

ଅଫିସରୁ ଫେରିଲେ ବାଙ୍କବାବୁ । ସୁମତୀ ଦାଣ୍ଡଘରେ ବସି ଟିଭି ଦେଖୁଥିଲେ । ସ୍ୱାମୀଙ୍କୁ ଦେଖି କହିଲେ, ହାଏ ... ଭେଙ୍କଟେଶ୍ ...

ଧଡ଼କିନା ଚମକି ପଡିଲେ ବାଙ୍କବାବୁ । ହାତରୁ ଲଞ୍ଚବକ୍ସଟି ଖସି ପଡୁ ପଡୁ ରହିଗଲା । ଦେହରୁ ଗମ୍ ଗମ୍ ଝାଳ ବୋହିଗଲା । କୁଆଡେ ଯିବେ କିଛି ସୁରକ୍ଷିତ ସ୍ଥାନ ନ ପାଇ ସିଧା ଗାଧୁଆ ଘରେ ପଶିଗଲେ ଧୁଆଧୋଇ ହେବା ପାଇଁ । ଯା ଭିତରେ ସୁମତୀ ମୋବାଇଲଟି ଆଣି ଘାଣ୍ଟିବାକୁ ଲାଗିଲେ । ସେପଟୁ ଲଭଲି ନିଶିଗନ୍ଧାର ମେସେଜ ଆସିଛି ...

- ହାଏ ଡିଅର... କ'ଣ କରୁଛ ? ତୁମ ପ୍ରୋଫାଇଲରେ ସେଇ ଗୋଲାପ ଫୁଲଟାକୁ ଦେଖି ଦେଖି ବିରକ୍ତ ଲାଗିଲାଣି । କିଛି ଚେଞ୍ଜ କର ନା ...

ଏପଟୁ ସୁମତୀ ଲେଖିଲେ ....

- ସିଓର ଡିଅର... ମୁଁ ଏବେ ଚେଞ୍ଜ କରି ମୋ ନିଜ ଫୋଟୋ ରଖି ଦେଉଛି ।

ସାଙ୍ଗେ ସାଙ୍ଗେ ସେପାଖୁ ରିପ୍ଲାଇ ଆସିଲା ...

- ଓଃ, ରିଅଲି ... ଗ୍ରେଟ୍ ...ଆଇ ଆମ ୱେଟିଙ୍ଗ...

ଏଥର ସୁମତୀ ଖୋଜି ଖୋଜି ବାଙ୍କଚୂଳ ବାବୁଙ୍କର ଗୋଟିଏ ଗନ୍ଧିଆ ଫୋଟୋ ବାହାର କଲେ । ଯେଉଁ ଫୋଟୋରେ କି ବାଙ୍କବାବୁ ଲୁଙ୍ଗି ପିନ୍ଧି ଖାଲି ଦେହରେ ଗୋଟେ ଚେୟାର ଉପରେ ବସିଛନ୍ତି । ପେଟଟା ସାଇକେଲ ଟାୟାରରେ ଗେଟିସ୍ ଭଳିଆ ଟୁମେଇକି ଆଗକୁ ବାହାରିଛି । ଚନ୍ଦା ମୁଣ୍ଡଟା ଫ୍ଲାସ ଲାଇଟ ପଡି ଟିକେ ବେଶୀ ହାଇ ଲାଇଟେଡ଼ ଦିଶୁଛି । କଳା ଖପରା ମୁହଁ ଭିତରୁ ପାନଖିଆ ପୋକଡ଼ା ଦାନ୍ତ ଦି ଭାଡ଼ି ବି ଦିଶୁଛି । ସେଇ ଫୋଟୋଟାକୁ ଅପଲୋଡ କରିଦେଲେ ସୁମତୀ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦୁଇ ମିନିଟ ଭିତରେ ବିନା କଥାବାର୍ତ୍ତାରେ କୁମାର ଭେଙ୍କଟେଶ୍ ଙ୍କୁ ବ୍ଲକ କରିଦେଲେ ଲଭଲୀ ନିଶିଗନ୍ଧା ।

କିଛି ନ ହେଲା ପରି ଚୁପଚାପ ମୋବାଇଲଟା ଥୋଇ ଦେଇ ନିଜ କାମରେ ମନଦେଲେ ସୁମତୀ । ଗୋଟାଏ ଘଣ୍ଟା ପରେ ଗାଧୁଆ ଘରୁ ବାହାରିଲେ ବାଙ୍କବାବୁ । ଆଉ ସୁନାପିଲା ଭଳିଆ ବସି ଟିଭି ଦେଖିଲେ । କିନ୍ତୁ ଚୋର ମନ ଚୋର ଗଣ୍ଠିରେ । କିଛି ତ ଘଟିଛି ନିଶ୍ଚୟ ।

ରାତି ଖାଇବା ବଢା ହେଲା । ରାତି ମେନୁରେ ନାନ୍ ଆଉ ଚିଲି ଚିକେନ୍ ଦେଖି ପୁଣିଥରେ ଚମକି ପଡିଲେ ବାଙ୍କବାବୁ । ସୁମତୀ କହିଲେ... ଖାଅ ଡାର୍ଲିଂ, ତୁମେ ଆଜି କ୍ୟାଣ୍ଟିନରେ ଖାଇଛ ଜାଣି ଭାରି କଷ୍ଟ ହେଲା ମୋତେ । ସେଥିପାଇଁ ତୁମ ମନ ଜାଣି ବନେଇଛି ମୁଁ । ଖାଅ ନା ...

ବାଙ୍କବାବୁଙ୍କର ଫାକାସି ଉଡ଼ିଗଲାଣି ସେତେବେଳକୁ । ପାଟିରେ ଭାଷା ନାହିଁ ଆଉ । ତଳମୁହାଁ ହୋଇ ଖାଇବା ଆରମ୍ଭ କଲେ ସେ ।

ଆରେ ଆରେ... ଖାଇଦେଲ ଯେ... ଫୋଟୋ ଉଠେଇବନି କି ଖାଦ୍ୟର !!

ଏପଟେ ବାଙ୍କବାବୁଙ୍କର ଭିତରେ ଭିତରେ ସନ୍ନିପାତ ଅବସ୍ଥା । ଚୁପଚାପ ଖାଇ ଦେଇ ସେ ଚାଲିଗଲେ ଶୋଇବା ଘରକୁ । ମୋବାଇଲଟି ଖୋଲିଲେ ଘଟଣା କ'ଣ ଜାଣିବା ପାଇଁ । ଦେଖିଲେ ପ୍ରୋଫାଇଲରେ ତାଙ୍କର ଏତାଦୃଶ କିମ୍ଭୁତ କିମାକାର ଫୋଟୋ ଆଉ ଲଭଲି ନିଶିଗନ୍ଧାଙ୍କ ସମେତ ଅନ୍ୟାନ୍ୟ ସବୁ ସୁନ୍ଦରୀ ତାଙ୍କୁ ବ୍ଲକ କରି ସାରିଛନ୍ତି ।

ମୁହଁଟାକୁ ଆମ୍ବିଳା କରି ସେ ମୋବାଇଲଟା ଧରି ବସିଛନ୍ତି ତ ସୁମତୀ ଆସି ଝାମ୍ପିନେଲେ ଫୋନଟାକୁ । ଆଉ କହିଲେ ... ଅବ୍ ଖେଲ୍ ଖତମ ମିଷ୍ଟର କୁମାର ଭେଙ୍କଟେଶ୍ ...

କାଲିଠାରୁ ସେଇ ଟିପା ବଟନ ଫୋନ ଧରି ଅଫିସ ଯିବ ନହେଲେ ତୁମର ଏଇ ସ୍ମାର୍ଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଫୋନଟାକୁ ଧରି ତୁମ ବେଡିଙ୍ଗ ପତର ସହ ମୋ ଘରୁ ବାହାରିଯିବ । ଚଏସ୍ ଇଜ ୟୋର୍ସ ...

ବାଙ୍କବାବୁ ବିନା ବାକ୍ୟବ୍ୟୟରେ ଥାକରୁ ପୁରୁଣା ମୋବାଇଲଟି ସାଉଁଟି ଆଣିଲେ । ତାକୁ ଯତ୍ନରେ ପୋଛାପୋଛି କରି ସିମ୍ ପକେଇ ଠିକ କରିଦେଲେ ଆଉ ନୂଆ ଫୋନଟିକୁ ସୁମତୀଙ୍କ ଆଡକୁ ବଢ଼େଇ ଦେଲେ ।

ତା ପରଦିନ ଅଫିସରେ ସମସ୍ତେ ପଚାରିଲେ... ଆରେ ବାଙ୍କବାବୁ, ଆପଣଙ୍କ ନୂଆ ମୋବାଇଲ କୁଆଡେ ଗଲା ? ? ପୁଣି ଏ ପୁରୁଣା ଫୋନ ଧରିଲେ ଯେ ! !

ବାଙ୍କବାବୁଙ୍କ ଉତ୍ତର ଥିଲା କିଛି ଏହିପରି... "ନା ବାବା...ନା, ମୋର ଏଇ ପୁରୁଣା ଫୋନ ଭଲ ତ ମୁଁ ଭଲ । ଏ ହ୍ୱାଟସ ଆପ ଆଉ ଫେସବୁକ ଗୋଟେ ମାୟାରେ ବାବା ... ଅଯଥା ସମୟ ବର୍ବାଦ । ସବୁବେଳେ ଫୋନ ଧରିଲାରୁ ଆଖିରେ ପ୍ରେସର ପଡିଲା ମୋର । ରାଡ଼ିଏସନ ଯୋଗୁଁ ମୁଣ୍ଡ ବିନ୍ଧା ବି ବାହାରି ପଡ଼ିଲା । ଆପଣ ମାନଙ୍କୁ ବି ମୋର ଅନୁରୋଧ , ଯଥା ସମ୍ଭବ ଏ ମୋବାଇଲ କମ ବ୍ୟବହାର କରନ୍ତୁ " ।

ବି:ଦ୍ର: - ଗଳ୍ପଟି ସମ୍ପୂର୍ଣ୍ଣ ରୂପେ କାଳ୍ପନିକ ଏବଂ କେବଳ ହସିବା ଆଉ ହସେଇବା ଉଦ୍ଦେଶ୍ୟରେ ଲିଖିତ ।

ଭି ଏସ ଏସ ନଗର, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚଇତିର ଚଇତା



ଡଃ ଉଷାରାଣୀ ଦାଶ

ସ୍କୁଲ ବାରଣ୍ଡାର ଖୁଣ୍ଟକୁ ପିଠିଭରା ଦେଇ ବସିଛି ଚଇତା । ମନ ଆଜି ତା'ର ବନ୍ଧବାଡ ମାନୁନି । ଆଉ ଗୋଟେ ରାତିର ଦୂରତା । ରାତିପାହିଲେ ଏ ବନ୍ଦୀ ଜୀବନରୁ ମୁକ୍ତି । ଓହୋ ! ମଣିଷ କେତେ କଷ୍ଟ ପାଇଲାଣି ବିନା ଦୋଷରେ । ପିଲା ଦିନେ ଦୁଷ୍ଟାମୀ କେତେ କରିଛି, ହେଲେ ଏମିତିକା ଦଣ୍ଡ !

ନିଜ ଘରକୁ ଯାଇପାରିବନି, ଆପଣାରମାନଙ୍କୁ ଛୁଇଁବା ବି ମନା । ବୋଉ ହାତରୁ ପଖାଳ ମୁଠେ ଖାଇବା କି ନିଜ କଅଁଳ ବୟସୀ ପ୍ରିୟାର ପଣତ ତଳେ ଘଡ଼ିଏ ଶାନ୍ତିରେ ବିତେଇବା ବି ସାତ ସ୍ୱପ୍ନ । ଆପଣାର ମଧ୍ୟରେ ଦୁଇ ଫୁଟର ଦୂରତା । ସେମାନଙ୍କୁ ଆଖି ପୁରାଇ ଦେଖିବାର ମଉକା ବି ନାହିଁ । ଇଏ ଯମଦଣ୍ଡ ନୁହେଁ ତ ଆଉ କ'ଣ ? ଚଉଦ ଦିନର ଏକାନ୍ତବାସ ଯେ କେତେ ଯନ୍ତ୍ରଣାଦାୟକ ଚିନ୍ତା କରି ତା' ଛାତି ଥରି ଉଠୁଥିଲା । ରାମଚନ୍ଦ୍ରଙ୍କର ଚଉଦ ବର୍ଷ ବନବାସ ଯନ୍ତ୍ରଣା ଏହା ଆଗରେ ତୁଚ୍ଛ ବୋଲି ଚଇତା ଛାତିପିଟି କହିପାରିବ ।

କୋହ ଭରା ତତଲା ଦୀର୍ଘଶ୍ୱାସଟିଏ ପଞ୍ଜରା ଥରାଇ ବାହାରି ଆସିଲା ତା'ର । ସ୍କୁଲ ଫାଟକ ଆଡକୁ ଦୃଷ୍ଟି ପହଁରିଗଲା । ଫାଟକ ସେପଟେ ଗୁରେଇ ଏକ ଲୟରେ ଚାହିଁରହିଥିଲା ଚଇତାକୁ । ତବ ତବ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଖି ଦୁଇଟା ତା'ର ଲୁହରେ ଢଳଢଳ । ଚଇତା ଆଖିରେ ଥିଲା ନିରୀହ ଦୋଷୀର ଭାବ । 'କଥାଦେଇ ରଖିପାରିଲିନି' – ଇଶାରାରେ କହୁଥିଲା ଯେମିତି ଗୁରେଇକୁ । 'ତୁମେ ନିରାପଦରେ ଗାଁରେ ପହଞ୍ଚିଛ,- ଏହାହିଁ ମୋର ଖୁସି ଓ ଆନନ୍ଦ । ଆଉ କେଇଟା ଘଣ୍ଟା କେମିତି ବିତିଯିବ ଜଣା ପଡିବନି' । ଲୁଗା କାନିରେ ଲୁହକୁ ପୋଛି ମୁହଁରେ ଶୁଖିଲା ହସର ଗାରଟିଏ ଟାଣି କହୁଥିଲା ଯେପରି ଗୁରେଇ । ଗୁରେଇ ପଛକୁ ଠିଆ ହୋଇଥିଲା ବୋଉ । ଆଲୁରା ବାଲୁରା କେଶ, ଆଖି କୋରଡରେ ପଶିଯାଇଛି, କେତେ ବିନିଦ୍ର ରଜନୀର ଶଙ୍କୁ ।

ଚଇତା ଫେରି ଯାଉଥିଲା ତା'ର ହସଫୁଲର ଅତୀତକୁ । ବାପଛେଉଣ୍ଡ ଚଇତାକୁ ବୋଉ କେମିତି କାନି ଘୋଡେଇ ଏଡୁଟିରୁ ଏଡେଟିଏ କଲା । ଦିନଟିଏ ବି ତା'କୁ ଅଭାବ କ'ଣ ଜାଣିବାକୁ ଦେଇନି । ଆଖିରୁ ଦୂର ହେବା ସହିନି । ହେତୁ ହେବା ପରେ ସେ ବି ପଇସା ରୋଜଗାର ଉଦ୍ଦେଶ୍ୟରେ ଚେନାଇ ଯିବା ପାଇଁ ବାହାରିବାରୁ ବୋଉ କେମିତି ଅମଙ୍ଗ ହେଉଥିଲା । ଗାଁ ପିଲା ମଦନା, ବଇନ, କୁସୁଆ, ବସୁଆ ଆସି ବୋଉକୁ କେମିତି ବୁଝାଇ ରାଜି କରିଥିଲେ । ତଥାପି ପ୍ରଥମ ଥର ପାଇଁ ତା'କୁ ପାଖରୁ ଛାଡ଼ିବା ସମୟରେ କେମିତି କାନ୍ଦି କାନ୍ଦି ବୋଉର ଆଖି ଫୁଲିଯାଇଥିଲା । ପାଖ ଗାଁ ଝିଅ ଗୁରେଇକୁ କେମିତି ସେ ଜୀବନସାଥୀ ଭାବରେ ବାଛି ଥିଲା । ବୋଉ କେମିତି ପ୍ରଥମେ ଅରାଜି ହେଉଥିଲା । ମାତ୍ର ଦିନ କେଇଟାରେ ଗୁରେଇ ତା' ଶାଶୁର ମନ ଜିଣି ନେଇ ଥିଲା ।

ବାହାଘରର ଦିନ କେଇଟା ବିତିଛି କି ନାହିଁ ଚେନାଇ ମାଲିକଠାରୁ ଖବର ଆସିଲା ଶୀଘ୍ର କାମରେ ଯୋଗ ଦେବା ପାଇଁ, ନହେଲେ କାମରୁ ବାହାର କରି ଦେବାର ତାଗିଦା । ନୂଆ ନୂଆ ଘର ସଂସାର । ଆଗକୁ ପଛକୁ କେହି ନାହିଁ । ବୋଉ ବି ଆଉ କାମକୁ ପାରୁନି । ଗୁରେଇକୁ ରାଣୀ କରି ରଖିବାର କଥା ବି ଦେଇଛି । ପଛକୁ ନ ଚାହିଁ ଏକ ମୁହାଁ ବାହାରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗଲା ଚେନ୍ନାଇ ।

ମାସଟିଏ ନ ପୂରୁଣୁ ଚାରିଆଡେ ହାଉଳି ପଡ଼ିଗଲା - ମହାମାରୀ.. ମହାମାରୀ .. । ଘର ଭିତରେ ଲୁଚିଯାଅ । ମୁହଁରେ ତୁଣ୍ଡି ବାନ୍ଧ, ନହେଲେ ଜୀବନ ଚାଲିଯିବ । କାନ ଉଠିବା ଦିନରୁ ଚଇତା ଏମିତି କଥା ଶୁଣି ନଥିଲା । ତାକୁ ଭାରି ଡର ମାଡ଼ିଲା । ବୋଉ କଥା ଭାରି ମନେପଡ଼ିଲା । ଏଣେ ଦୋକାନ ବଜାର ବନ୍ଦ । ଖାଇବାକୁ କିଛି ମିଳୁନି । କମ୍ପାନୀ ବି ବନ୍ଦ । ମାଲିକ ସମସ୍ତଙ୍କୁ କିଛି ବାକିଆ ଟଙ୍କା ଧରେଇ ଦେଇ କଡ଼ା କଥା ଶୁଣେଇ ଦେଲା –'ନିଜ ବ୍ୟବସ୍ଥା ନିଜେ କର' । ସାଙ୍ଗସାଥୀମାନଙ୍କ ସହିତ ବିଚାର ବିମର୍ଶ ଚାଲିଲା । ଗାଡ଼ି ମଟର ଚାଲୁନି, ଲୋକେ ଚାଲି ଚାଲି ଘରକୁ ଯାଉଛନ୍ତି, ବିଦେଶ ଫେରନ୍ତାଙ୍କୁ ଗାଁରେ ପଶିବାକୁ ଲୋକମାନେ ଦେଉନାହାଁନ୍ତି । ବସଷ୍ଟାଣ୍ଡ, ଷ୍ଟେସନରୁ ଲୋକଙ୍କୁ ଘରକୁ ନ ଛାଡି ସିଧା ନେଇ କ୍ୱାରେନଟାଇନ ସେଣ୍ଟରରେ ପୂରେଇ ଦେଉଛନ୍ତି । ଶେଷରେ ସିଦ୍ଧାନ୍ତ ହେଲା, ଯେମିତି ହେଉ ଜୀବନ ବଞ୍ଚେଇକି ଜଳମାର୍ଗରେ ଘରକୁ ପଳେଇବା ।

ଯାହା ପାଖରେ ଯାହା ଥିଲା ଏକାଠି କରି ଗୋଟେ ଡଙ୍ଗା ଯୋଗାଡ଼ ହେଲା । ତିନି ଦିନର ଯାତ୍ରାକୁ ଆଖିରେ ରଖି କିଛି ଶୁଖିଲା ଖାଦ୍ୟ ଆଉ ପାଣି ଧରି ରାତିଅଧରୁ ବାହାରି ପଡିଲେ । ବାହାରିବା ଖବର ଏବେ ଗୋପନ ରଖିବାକୁ ନିଷ୍ପତି ହେଲା । ଚଇତା ସମସ୍ତଙ୍କ ଅଲକ୍ଷ୍ୟରେ ଏକଥା ଗୁରେଇକୁ ଜଣେଇ ଦେଲା ।

ଅଧରାତିରେ ଚଇତା ଆସିବ । କହିଛି, କାହାକୁ କିଛି କହିବୁନି, ବୋଉକୁ ବି ନୁହେଁ । ବାଡ଼ି ଦୁଆର ଖୋଲା ରଖିଥିବୁ । ଅନ୍ୟମନସ୍କ ହୋଇ ଯାଇଥିଲା ଗୁରେଇ ।

"କିଲୋ, କ'ଣ ହୋଇଛି କି ତୋର ? ଖାଲି ଦାଣ୍ଡ-ବାଡ଼ି ହେଉଛୁ" ? ଶାଶୁଙ୍କର ଆଖିରେ ଧରା ପଡ଼ି ଯାଇଥିଲା ତା'ର ହାବଭାବ । ବାଧ୍ୟ ହୋଇ ସତ କହିଥିଲା । ଶାଶୁ ତା' ମୁହଁରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହାତ ଦେଇ କହିଲେ -"ଚୁପ୍ ହୋଇ ଯାଆ । ଗାଁ ଲୋକଙ୍କ କାନରେ ନ ବାଜୁ ଏ କଥା, ନ ହେଲେ କ'ଣ ନାହିଁ କ'ଣ କରି ବସିବେ । କେଉଁଠି ନେଇ ପୁରେଇ ଦେବେ ମୋ ପୁଅକୁ । ତୁଣ୍ଡରୁ ଦଶତୁଣ୍ଡ ହେଲେ... । କେଉଁଦିନରୁ ଦେଖିନି ମୋ ଧନକୁ । ତା ପାଇଁ ଟିକେ କ'ଣ ଭଲମନ୍ଦ ତିଆରି କରିଦେ । ନ ଖାଇ ନପିଇ ତିନି ଦିନ ହେଲାଣି କେମିତି ଥିବ ମୋ ପୁଅ । ଏ କଥା କାନରୁ ଦି କାନ ନ ହୁଏ ଯେମିତି" ।

"ଆଉ ଶୁଣ୍, ତୁ ଏମିତି ଭୂତୁଣୀ ପରି ମୁଣ୍ଡ କରିଛୁ କାହିଁକି ? ଭଲ କରି ତେଲ ଟିକେ ମାଖି ମୁଣ୍ଡଟା କୁଣ୍ଡେଇ ଦେ" । ଗୁରେଇର ମୁଣ୍ଡରେ ସ୍ନେହରେ ହାତ ବୁଲାଇ ଆଣୁ ଆଣୁ ଶାଶୁ କହିଲେ । ଶାଶୁଙ୍କ କଥାରେ ଲାଜେଇ ଗଲା ଗୁରେଇ ।

କେଡ଼େ ସରାଗରେ ନିଜକୁ ସଜାଇ କୁରେଇ ଫୁଲର ପେନ୍ଥା ଜୁଡାରେ ଖୋସି ଆଇନାକୁ ଚାହିଁ ନିଜେ ସରମି ଯାଉଥିଲା ସେ ।

ଚାହିଁ ଚାହିଁ ଆଖିରୁ ପାଣି ମଲାଣି । ମଝିରେ ମଝିରେ କିଛି ଶବ୍ଦ ଶୁଣି ଚମକି ପଡୁଥିଲା ସେ । ସିନ୍ଦୂରା ଫିଟିଲାଣି । ଚଇତା ଏ ଯାଏ ଆସିଲାନି । ମନରେ ଛନକା ପଶୁଥାଏ, କିଛି ଅଘଟଣ ହେଲା କି ? ବାସକସଜ୍ଜା ଗୁରେଇର ଅପେକ୍ଷାର ଅନ୍ତ ନାହିଁ । ବେଳ ଦି ଘଡିକୁ ଖବର ଆସିଲା ଚଇତା ସହିତ ଆଖପାଖ ଗାଁର ଛଅ ଜଣଙ୍କୁ ପୋଲିସ ଧରି ଆଣି କ୍ୱାରେନଟାଇନ ସେଣ୍ଟରରେ ରଖିଛି । ମନଟା ସମ୍ଭାଳି ହେଲାନି, ଶାଶୁ ବୋହୂ ଦିହେଁ ଧାଇଁଲେ ଦେଖା କରିବାପାଇଁ । ବାଟସାରା ଗାଁ ଲୋକଙ୍କ ଉପରେ ଗାଳି ବର୍ଷଣ କରୁଥାଏ ବୋଉ । ମୋ ପୁଅର ସୁଖ ଟିକେ ଦେଖି ପାରିଲେନି ଗାଁ ଲୋକେ, ପୋଲିସକୁ ଖବର ଦେଇ ଦେଲେ । ତାଙ୍କ ବଂଶ ବୁଡୁ, କୂଳ ବୁଡୁ, ତାଙ୍କୁ କୋଭିଡ଼ ଖାଉ ।

ତା' ଫୋନ ପାଇବା ଠାରୁ କ୍ୱାରେନଟାଇନ ସେଣ୍ଟରରେ ପହଞ୍ଚିବା ପର୍ଯ୍ୟନ୍ତ ଗୁରେଇର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହି ସବୁ କଥା ଗୋଟି ଗୋଟି କରି ମନ ମଧ୍ୟରେ ଦୃଶ୍ୟାୟିତ ହେଇ ଯାଉଥିଲା ଚଇତାର ।

ଘର ପାଖ ହୋଇ ଆସିଲାଣି । ବାଟରେ ମନୁଆ, ଘାସିଆ, ରାମୁଲୁ ଓହ୍ଲାଇ ଯାଇଛନ୍ତି, ଯେଝା ଯେଝା ଘରେ ପହଞ୍ଚି ଯିବେଣି । ପେଟର ଭୋକ ଓ ମନର ଭୋକ ଏକାଠି ହୋଇ ଚଇତାକୁ ଅସ୍ତବ୍ୟସ୍ତ କରିପକାଉଛି । ଠିକ ଏତିକି ବେଳକୁ ଘାଟ ପାଖରେ ଅନ୍ଧାର ଭିତରୁ କିଏ ସେମାନଙ୍କୁ ଗୋଠଛଡା ଗାଇ ପରି ପଘା ଲଗାଇ ଘୋଷାରି ଘୋଷାରି ଆଣି ଏଠାରେ ବନ୍ଦୀ କରି ଦେଲା ।

"ଆରେ ଚଇତା, ଚା' ପିଇବୁନି କିରେ ?" - ବଡ଼ ପାଟିରେ ଡାକ ପକାଉଥିଲା ମଦନା ।

ଭାବନା ରାଜ୍ୟରୁ ଫେରି ଆସିଲା ଚଇତା । ଉତ୍ତର ଦେବାକୁ ବଳ ପାଉନଥିଲା ତା'ର । ଚା ଗ୍ଲାସ୍ ଟେ ହାତରେ ଧରି ମଦନା ପହଞ୍ଚିଲା ଚଇତା ପାଖରେ । ସାଙ୍ଗରେ ଚାରିଖଣ୍ଡ ବିସ୍କୁଟ । ତା' ହାତରେ ଧରେଇ ଦେଇ ବାହାରିଗଲା ସେ । ଢୋକେ ପାଟିକୁ ନେଇ ବାହାର କରିଦେଲା । କାଲିଠାରୁ ଦେହଟା ଜମା ଭଲ ଲାଗୁନି । ପାଟିକୁ କିଛି ରୁଚୁନି । ପୁଣି ମନକୁ ଆଶ୍ୱାସନା ଦେଲା- ହଉ, ଯାହା ଯେମିତି ହେଇ ରାତିଟା ପାହିଯାଉ । ସକାଳେ ବୋଉ ହାତର ଆମ୍ବୁଲସିପକା ପଖାଳ ସାଙ୍ଗକୁ ଗୁରେଇ ହାତର କଳମଶାଗ ଭଜା ଆଉ ରସୁଣ କଞ୍ଚାଲଙ୍କା ବଡିଚୁରାପାଗ ଅରୁଚି ଛଡାଇ ଦେବ ।

କୁକୁର ପାଖକୁ ବିସ୍କୁଟ ଚାରିଟା ପକେଇ ଦେଇ ଫାଟକଆଡକୁ ଚାହିଁଲା ସେ । ବହଳ ଅନ୍ଧାର ଭରିଗଲାଣି । ଫାଟକ ସେପଟୁ କୋଳାହଳ ଆଉ ଶୁଭୁନି । ବୋଉ ଆଉ ଗୁରେଇ ବୋଧେ ଚାଲିଗଲେଣି । ଗାମୁଛାଟାକୁ ତଳେ ପାରି ଟିକେ ଗଡ଼ିପଡ଼ିଲା । ଆକାଶରେ ଦ୍ୱିତୀୟା ଚାନ୍ଦ ଅସ୍ପଷ୍ଟ । ତାରାମାନଙ୍କ ମୁହଁରେ କିଏ ଝୀନ ଓଢଣୀ ଟାଣି ଦେଇଛି ଯେପରି ।

ଚୋରା ଚଇତାଳି ବହୁଛି । ଆମ୍ବ ବଉଳ ଓ କଷି ଆମ୍ବର ମହକ ରହି ରହି ଭାସି

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆସୁଛି । ଠିକ ତା' ଘର ଦକ୍ଷିଣ ପଟକୁ ଜେଜେ ଲଗାଇଥିବା ଆମ୍ରପଲ୍ଲୀ ଗଛରୁ ଭାସି ଆସି ଅଗଣାକୁ ମହକାଇ ଦେଉଥିବା ବାସ୍ନା ପରି ।

ଏ ଗଛ ଲଗାଇବାର ଠିକ ଚବିଶ ବର୍ଷ ପରେ ଚଇତିର ପ୍ରଥମ ଦିନରେ ଚଇତାର ଜନ୍ମ । ଜେଜେ କହନ୍ତି, ହିନ୍ଦୁ ଚାନ୍ଦ୍ର-ସୌର କ୍ୟାଲେଣ୍ଡର ଅନୁସାରେ ପ୍ରଥମ ମାସ ଚୈତ୍ରର ପ୍ରଥମ ଦିନରେ ବ୍ରହ୍ମା ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି କରିଥିଲେ, ଆଉ ସେହି ଦିନ ବି ଆମ ଚଇତା ଜନ୍ମ ହୋଇଛି ବଡ ପବିତ୍ର ବେଳାରେ । ସ୍ୱୟଂ ଶ୍ରୀକୃଷ୍ଣ ପରା କହିଥିଲେ –ଋତୁମାନଙ୍କ ମଧ୍ୟରେ ମୁଁ ବସନ୍ତ । ତା ଛଡ଼ା ପ୍ରଭୁ ଶ୍ରୀରାମ ଓ ଭକ୍ତଶ୍ରେଷ୍ଠ ହନୁମାନଙ୍କ ଜନ୍ମ ବି ଏହିମାସରେ । ବୈଦିକ ଶିକ୍ଷା ଏହି ଦିନ ଆରମ୍ଭ ହୁଏ । ରାମାୟଣ, ସୁନ୍ଦରାକାଣ୍ଡ, ଭଗବତ୍ ଗୀତା ଆଦି ପଢାହୁଏ, ସୁଖ, ଶାନ୍ତି, ସମୃଦ୍ଧି, କାମନା କରି । ଚଇତା ଆମ ପରିବାରରେ ସୁଖ ସମୃଦ୍ଧି ଆଣିବ ।

ସୁଖ ଦେଖିବାକୁ ଜେଜେ ନଥିଲେ । ଦୁଇବର୍ଷରୁ ବାପଛେଉଣ୍ଡ ଚଇତା ଛଅବର୍ଷରେ ଜେଜେଙ୍କୁ ହରେଇ ଥିଲା । ଚେନ୍ନାଇରେ କାମ କରି ଜେଜେ ଅମଳରୁ ବନ୍ଧା ପଡିଥିବା ଆଠଗୁଣ୍ଠ ଜମି ମୁକୁଳେଇ ଥିଲା । ସନା କକେଇ ପୁଅ ଶୁକୁଟାକୁ ଭାଗ ଚାଷ ଦେଇଛି । ଆରସନକୁ ତାଙ୍କ ଚକଡ଼ାକୁ ଲାଗି ଆଉ ଚାରିଗୁଣ୍ଠ କିଣିବାକୁ ଯୋଗାଡ଼ କରୁଛି । ହେଲେ ଏ ମହାମାରୀ ଆସିଲାଣି । କ'ଣ ହେବ କହିହେଉନି ।

ଦେହ ହାତ ଘୋଳାବିନ୍ଧା କରୁଛି । ଦେହଟାବି କସ କସ ଲାଗିଲାଣି । ମୁଣ୍ଡଟା ଭାରି ଭାରି ଲାଗୁଛି । ଗଳାଟା ବି ଦରଜ ହେଲାଣି । ଦୁଇତିନିଦିନ ହେଲା ସଂଧ୍ୟା ବେଳେ ଘଡଘଡି ସହ ବର୍ଷା ହେଉଛି । ଟିକେ ଥଣ୍ଡା ଧରି ପକାଇଛି ବୋଧେ । ଚିନ୍ତା କଲା ଏ କଥା କାହାକୁ କହିବନି । ନହେଲେ କାଲି ଘରକୁ ଛାଡ଼ିବେନି ।

"ଆରେ ଚଇତା, ତୁ ସେତିକି ବେଳୁ ଏଇଠି ବସିଛୁ । ଆ, ଗଣ୍ଡେ ଗଣ୍ଡେ ଖାଇ ଶୋଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଡିବା । ରାତି ପାହିଲେ ଏ ଜେଲରୁ ମୁକ୍ତି" ।- ମଦନା କଣ୍ଠରେ ଉଦ୍ଦୀପନା ।

"ହଉ, ତୁ ଯାଆ, ମୁଁ ଆସୁଛି" । - କ୍ଷୀଣ କଣ୍ଠ ସ୍ୱର ଚଇତାର ।

ଉଠି ବସିଲା ଚଇତା । ବାରଣ୍ଡା ଖୁଣ୍ଟରେ ପିଠି ଭରା ଦେଇ ଆଣ୍ଠୁ ଦୁଇଟାକୁ ଭାଙ୍ଗି ବାହୁ ବେଷ୍ଟନୀ ଭିତରେ ପୁରେଇ ଦେଲା । ମୁଣ୍ଡରେ ଗାମୁଛାଟାକୁ ଭଲକରି ଭିଡି ଆଣ୍ଠୁ ଉପରେ ମୁଣ୍ଡ ରଖି ଆଖି ବୁଜିଦେଲା ।

ଆଖି ଆଗରେ ଭାସି ଆସିଲା ଗୁରେଇର ହସିଲା ଛବି । ନାଲି ପାଟ ପିନ୍ଧି ହାତରେ ଭୋଗ ଥାଳି ଧରି ସେ ଠିଆ ହୋଇଛି । ବୋଉ ହାତରେ ଖିରି ପିଠା । ମୁଣ୍ଡ ଆଉଁସି ବୋଉ ବଳେଇ ବଳେଇ ଖୁଆଇ ଦେଉଛି । ଆଜି ପରା ପହିଲି ଚଇତି, ମୋ ଚଇତାର ଜନ୍ମଦିନ । ବୋଉ କୋଳରେ ଆନନ୍ଦରେ ଗଡି ପଡିଲା ଚଇତା ।

ଖୁବ୍ ଜୋର ଗୋଟାଏ ଦୁମ୍ କରି ଶବ୍ଦ ଆଉ ଆଁ..ଆଁ..ଉଁ...ଉଁ ସ୍ୱର ଅନ୍ଧକାରର ବକ୍ଷରେ ଭଉଁରୀ ଖେଳି ଉଭେଇ ଗଲା ।

ଅଧ୍ୟକ୍ଷା, ରାଜଧାନୀ ଜୁନିଅର କଲେଜ, ଭୁବନେଶ୍ୱର
୯୪୩୮୧୩୩୬୧୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉଦ୍ଭ୍ରାନ୍ତ ପ୍ରେମୀ



ଅନସୂୟା ପଣ୍ଡା

ସେଦିନ ପ୍ରଶାନ୍ତ ଆଉ ସ୍ୱାଗତିକା ଦୁଇ ବନ୍ଧୁ କଥା ହେଉଥିଲେ ଜୀବନଟା ଅଧା ଲାଗୁଛି । ଚାଲ ଆମେ ଦୁଇଜଣ କୁଆଡେ ଲୁଚି ଚାଲିଯିବା । ଏମିତି କୁଆଡେ ବାହାରକୁ ଯିବା ଯେ କେହି ଖୋଜିଲେ ବି ପାଇବେନି । ପାଇବେ ଯଦିବି ଆଉ ଫେରେଇ ଆଣି ପାରିବେନି । ପ୍ରଶାନ୍ତ କହିଲା, "ମୁଁ ଜଣେ ଶିକ୍ଷକ । ବହୁତ ଭଲ ଛାତ୍ର । ତେଣୁ ଯେଉଁଠିକି ଯିବି ମୋ ପେଟ ଅପୋଷା ରହିବନି । ମୁଁ କେବଳ ମୋ ସାର୍ଟିଫିକେଟ ନେଇ ଆସିଯିବି । ବାସ୍ ସେତିକିରେ ଆମେ ଆରାମରେ ଚଳିପାରିବା" । ସ୍ୱାଗତିକା କହିଲା "ମୁଁ ବି ସିଲେଇ ମେସିନଟିଏ କିଣି ପକେଇବି । ବୁଟିକ୍ସଟେ ଖୋଲିଦେବି । ସେଥିରେ କିଛି ରୋଜଗାର କରିପାରିବି । ଆମ ଚଳିବା ପାଇଁ କିଛି ଅସୁବିଧା ହେବନି" । ଦୁଇଜଣ ବୟସ୍କ ପୁରୁଷ ଓ ନାରୀଙ୍କ ମଧ୍ୟରେ ଏହାଥିଲା ନିବିଡ ବନ୍ଧୁତ୍ୱ, ଆନ୍ତରିକତା, ଗଭୀର ବିଶ୍ୱାସ ଓ ଇନ୍ଦ୍ରିୟାତୀତ ପ୍ରେମ ସମ୍ପର୍କ ।

ପ୍ରଶାନ୍ତ କହିଲା, "ମୁଁ ଘରେ ମୋ ଝିଅ ଦୁଇଟାଙ୍କୁ ଭାରି ଭଲ ପାଏ । ସେମାନେବି ମତେ ବହୁତ ଭଲ ପାଆନ୍ତି ,ତାଙ୍କ ମାମା ଠାରୁ । ଭାଙ୍ଗି ପଡିବେ" । ସ୍ୱାଗତିକା ବି ସଙ୍ଗେଇରେ ଅସ୍ୱାଭାବିକ ଭାବେ କହି ଉଠିଲା, "ତେବେ କାହିଁକି ସ୍ୱପ୍ନରେ ମିଛ ରଙ୍ଗ ଭରିବା । ଆଉ ମନରେ କଳଙ୍କ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡେଣା । ଏପଟେ ମୋ ସ୍ୱାମୀ ଆଉ ପିଲାଙ୍କର ମୁଁ ମଝିଖୁଣ୍ଟ । ସେମାନେ ବି ମୋ ବିନା ଭାଙ୍ଗି ପଡିବେ ।"

ଏତକ ଶୁଣି ପ୍ରଶାନ୍ତ ବ୍ୟାକୁଳତାରେ କହିପକାଇଲା, "ହେଲେ ଯେବେଠାରୁ କଥା ହେଲେଣି ମୋତେ ଦୂରରେ ରହିବାକୁ ଆଉ ଇଛା ନାହିଁ । ତୁମର ପ୍ରେମହୀନତା ମତେ ଦୁର୍ବିସହ ଲାଗୁଛି । ମୁଁ ତୁମ ମନ ହୃଦୟ ପାଇବା ଆକାଂକ୍ଷୀ ।" ସ୍ୱାଗତିକା ବୁଝେଇଲା, "ଦୂର କ'ଣ । ସବୁବେଳେ ତ ଆମେ ଦୁହେଁ କଥା ହଉଛେ । ଏମିତି କଳ୍ପନାମାନେ ବି ପାଖକୁ ଟାଣି ଆଣନ୍ତି । ମୁଁ ତୁମକୁ ବହୁତ ଭଲ ପାଏ ।"

ପ୍ରଶାନ୍ତ କହିଲା, "ସେଥିରେ କଣ ସନ୍ତୁଷ୍ଟି ମିଳେ, କେବଳ ଯନ୍ତ୍ରଣା ।" ସ୍ୱାଗତିକା ପ୍ରତ୍ୟୁତ୍ତରରେ କହିଲା, "ସେ ଯନ୍ତ୍ରଣାରେ ବି ନିଆରା ଆନନ୍ଦ ଥାଏ ।"

ହଠାତ୍ ପ୍ରଶାନ୍ତର ଫୋନ୍ ବାଜିଉଠିଲା । ପ୍ରଶାନ୍ତ କହିଲା ସ୍ପିକର ଅନ କରିଥାଅ । ମୋ ଝିଅ କାହିଁକି ଫୋନ୍ କରିଛି । ଝିଅ ଜିଦିକରି କହିଲା, "ପାପା ଆସିବା ବେଳେ, ମାମା ପାଇଁ ସୁନ୍ଦର ଗିଫ୍ଟ ଆଣିବାକୁ ଭୁଲିବନି । କାଲି ତୁମ ଦୁଇଜଣଙ୍କର ଦଶମ ୱେଡିଙ୍ଗ ଆନିଭର୍ସରୀ । ସେଥିପାଇଁ ମୁଁ କେକ୍ ଅର୍ଡର କରି ଦେଇଛି ।" ସ୍ୱାଗତିକା ନୀରବରେ ପାଖରେ ବସି ସବୁ ଶୁଣିଥିଲା । ଫୋନ୍ କଟି ଗଲାରୁ ଉଦାସ କଣ୍ଠରେ କହିଲା, "ଝିଅ ତା'ର କର୍ତ୍ତବ୍ୟ ପାଳନ କରିଛି । ଏବେ ଯାଅ ତୁମେ । ଭଲ ସମ୍ବଲପୁରୀ ଗିଫ୍ଟ ବାଛି ନେବ ସୁମିତ୍ରା ମ୍ୟାଡାମଙ୍କ ପାଇଁ । ବଜେଟରେ ଇମିଟେସନ୍ ଗହଣାର ଦାମ ବଢିଯାଇଛି । ଡେରିହେଲେ ସବୁ ଦୋକାନ ବନ୍ଦ ହେଇଯିବ । କାଲି କଥା ହେବା" । ପ୍ରଶାନ୍ତ ସମ୍ମତିରେ ଘରକୁ ବାହାରିଗଲା ।

ସ୍ୱାଗତିକାର ପରାମର୍ଶରେ ଗୋଟେ ସମ୍ବଲପୁରୀ ପାଟ ନେଇଗଲା ଆସନ୍ତା କାଲି ପାଇଁ । ସେ ଶାଢୀ ଖୁବ ସୁନ୍ଦର ହେଇଥିଲା । କିନ୍ତୁ ପ୍ରଶାନ୍ତ ସ୍ତ୍ରୀର ଦରକାର ଥିଲା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଉପହାରରେ ସୁନା ଗହଣା । ସେ ଏତେ ପଇସାର ଶାଢ଼ୀ ଦେଖି ଅସନ୍ତୁଷ୍ଟ ହେଇଥିଲା । ପ୍ରଶାନ୍ତବି ମନେ ମନେ ବିରକ୍ତ ହେଇଥିଲା । କେବେ ବି କିଛି ଆଣିଲେ ଖାଲି ସୁମିତ୍ରା ନା ସବୁ ସ୍ତ୍ରୀ ଲୋକମାନେ ଏମିତି ମନକୁ ପାଏନି । ସିଏ ଯେତେ ସୁନ୍ଦର ହେଇଥାଉ ସ୍ୱାମୀ ଆଣିଛନ୍ତି ମାନେ ଖରାପ । ପ୍ରଶାନ୍ତ ମନଟା ସାଙ୍ଗେ ସାଙ୍ଗେ ସ୍ୱାଗତିକାର ସ୍ୱଭାବ ସହ ତୁଳନା କଲା ସୁମିତ୍ରାର କଥାକୁ । ସ୍ୱାଗତିକା ସବୁବେଳେ ଅଳ୍ପରେ ସନ୍ତୁଷ୍ଟ ହେଇଥାଏ । ସୁମିତ୍ରା କିନ୍ତୁ ଆହୁରି ଆହୁରି ଖୋଜେ । ମୋ ପାରିବା କ୍ଷମତାକୁ ନଜରରେ ନରଖି ଖାଲି ଅନ୍ୟମାନଙ୍କର କ'ଣ ଅଛି ତୁଳନା କରେ । ଶାଳୀନତା ଓ ପତିକୁ ମର୍ଯ୍ୟାଦା ଦେବା ଜଣାନାହିଁ । ପାଠ୍ୟକ୍ରମ ବହିର୍ଭୂତ ଆଚରଣ । ମନ ପୁଣି ଆନ୍ଦୋଳିତ ହେଲା ସ୍ୱାଗତିକା ପାଖକୁ ଫେରିଯିବାକୁ ।

ବିବାହ ବାର୍ଷିକି ଦିନ ସ୍ୱାଗତିକା ଆଉ ଫୋନ୍ କରିଲାନି । ଫୋନ୍ ବନ୍ଦ କରି ରଖିଦେଲା । ଭବିଲା ଆଜି ପ୍ରଶାନ୍ତକୁ ବିଶେଷ ଦିନରେ କିଛିବି ଡିସଟର୍ବ ହେବାକୁ ଦେବନି । ଖୁବ ଜୋରରେ ଭୋଜିଭାତ ହେଲା । ସମସ୍ତ ବନ୍ଧୁମାନେ ଆସିଥିଲେ । ତା ପରଦିନ ଅଫିସ୍ ରେ ପହଞ୍ଚି ପ୍ରଶାନ୍ତ କଥା ହେଲା ସ୍ୱାଗତିକା ସହିତ । କହିଲା, "ବୁଝିଲ, ସବୁ ପ୍ରକାର ଲୋଭ ମନକୁ ଘାରୁଛି । ଆଡେ ପରିବାର ସେଆଡେ ପ୍ରେମକୁ ପ୍ରାପ୍ତି କରିବାର ଇଛା ।" ସ୍ୱାଗତିକା ନମ୍ର ସ୍ୱରରେ କହିଲା, "ଛାଡ ସେ ବାଜେ କଥା । ଯାହା ସମ୍ଭବ ନୁହେଁ ସେ କଥା ଭାବିବାନି । ଏମିତି କଥାରେ କଥାରେ ସୁଖ ଦୁଃଖ ବାଣ୍ଟୁଥିବା ଜୀବନର ଶେଷଯାଏ । ଆଉ ଅଧିକା ଆଗକୁ ଭାବିବା ମନା ।"

ସ୍ୱାଗତିକା ଗତକାଲି ଉତ୍ସବ ପାଳନ ବିଷୟରେ ପଚାରିଲା । ପ୍ରଶାନ୍ତ ବିରକ୍ତ ହେଇ ବର୍ଣ୍ଣନା କଲା, "ମୁଁ ଦଶହଜାର ଟଙ୍କା ଦେଇ ଶାଢ଼ୀ ନେଇଥିଲି ଯେ ସେଥିରେ ଅର୍ଦ୍ଧାଙ୍ଗିନୀ ଖୁସି ହେଲାନି । ତାର ସବୁ ବେଳେ ସୁନା, ଘର, ଜାଗା ଏମିତିକା ଉପହାର ଦରକାର ।" ସ୍ୱାଗତିକା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶୁଣି କହିଲା "ତେବେ ସୁନା କିଣିଲନି । ଭଲ ତ ଉପହାର ସହିତ ଇନଭେଷ୍ଟମେଣ୍ଟ ବି ହୋଇଥାନ୍ତା ।" ଏମିତି କଥାବାର୍ତ୍ତା ହୁଅନ୍ତି ଦୁଇ ସହକର୍ମୀ ପ୍ରତିଦିନ । ଛୋଟ ଘଟଣାଠାରୁ ବଡ ପର୍ଯ୍ୟନ୍ତ । ସବୁ କଥା । ସୁଖ ଠାରୁ ଦୁଃଖ ଯାଏ ।

ହଠାତ୍ ଦିନେ ପ୍ରଶାନ୍ତ ଜିଦି ଧରି ରାଣ ନିୟମ ପକେଇ କହିଲା, "ଚାଲ ଏଥର ଆମେ ଦୁଇଜଣ କୁଆଡେ ପଳେଇଯାଇ ବାକି ଜୀବନ ଏକାଠି କଟେଇବା । ତୁମେ ସବୁ ଛାଡି ଆସି ପାରିବ ତ ?" । ସ୍ୱାଗତିକା କହିଲା, "ଏଇଟା ସଂସାର । ବୁଢିଆଣୀ ଜାଲ ପରି, ଦେହର ଶିରା ପ୍ରଶିରାରେ ଛନ୍ଦି ହେଇଛି । ଏଠୁ ସିଧା ଉପରକୁ ରାସ୍ତା..... ।" ପ୍ରଶାନ୍ତ ଭାବ ବିହ୍ୱଳ ହେଇପଡି କହିଲା, "ତୁମ ଆଗରେ ମତେ ସବୁ ତୁଚ୍ଛ ଲାଗେ । ଯଦି କେବେ ଭଗବାନ ସୁଯୋଗ ଦେବେ, ତୁମେ ଦେଖିବ ମୁଁ କ'ଣ କରି ଦେଖେଇବି । ତୁମେ ଖାଲି ଥରେ ଘରୁ ଗୋଡ କାଢି ବାହାରି ଆସିବାକୁ ସାହସ କର ।" ପ୍ରଶାନ୍ତର ଏତେ ଆନ୍ତରିକତା ଭରା କଥାରେ ସ୍ୱାଗତିକା ତରଳିଯାଏ । କେତେବେଳେ ନିଜ ପରିଧିର ବାହାରକୁ ଆସିଯାଏ ଭାବନାରେ ।

କିଛି କଥାକୁ ନେଇ ଦିନେ, ସ୍ୱାଗତିକାର ତା ସ୍ୱାମୀ ସହ ଭଲ ଝଗଡାଟେ ହେଲା । ଦୁଇଜଣଯାକ ଅତ୍ୟନ୍ତ କଟୁ ଭାଷାରେ ଅନ୍ୟକୁ ଭର୍ତ୍ସନା କରୁଥାଆନ୍ତି । ସ୍ୱାଗତିକା ମୁଣ୍ଡରେ ପ୍ରଶାନ୍ତର ଭରସାପୂର୍ଣ୍ଣ ବାକ୍ୟସବୁ ଏହି ରାଗବେଳେ ଖୁବବିଶ୍ୱାସ ଓ ଆପଣାର ଲାଗିଲା । ତା ମନ କହିଲା ସଂସାରରେ ପ୍ରଶାନ୍ତଠାରୁ ତାକୁ ଆଉ କେହି ବେଶି ଭଲ ପାଆନ୍ତିନି । ସ୍ୱାଗତିକା ରାଗରେ ତା ସାର୍ଟିଫିକେଟ ଆଉ କିଛି ଗହଣା ନେଇ ଘରୁ ବାହାରି ଚାଲିଗଲା ସ୍ୱାମୀ ଅଫିସ ଗଲାପରେ । ଅଟୋରେ ବସି ସାରି ସଦ୍ୟସମାପ୍ତ କଳି କଥା ପ୍ରଶାନ୍ତକୁ ସବୁ କହିଦେଲା । ସବୁ ଶୁଣିବା ପରେ ପ୍ରଶାନ୍ତ କହିଲା, "ବହୁତ ବଢିଆ କାମ କରିଛ । ତୁମେ ଯାଇ ବିପିଲିମା ଜଳଭଣ୍ଡାର ପାଖରେ ଅପେକ୍ଷା କର । ମୁଁ ଏପଟେ ସବୁ ବନ୍ଦୋବସ୍ତ କରି ସାରି ଯାଉଛି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦିଲ୍ଲୀ କି ଗୋଆ ଚାଲିଯିବା ।" ନିଶ୍ଚିତ ପଳାୟନର ପ୍ରତିଶ୍ରୁତି ପାଇ ସ୍ୱାଗତିକାର ମନ ଖୁସି ହେଇଗଲା । ବିଶ୍ୱାସ ମଜଭୁତ୍ ହେଇଗଲା । କିଛି ଲୋକ କାମ କରୁଥିଲେ । ତାଙ୍କ ପାଖାପାଖି ଯାଇ ବସିଲା । ସମୟ ଗଡି ଚାଲିଥାଏ । ଏହା ଭିତରେ ଚାରିପାଞ୍ଚ ଘଣ୍ଟା କଟିଗଲାଣି । ପ୍ରଶାନ୍ତ ଆସୁନି । ଫୋନ୍ କରି ଖାଲି କହୁଥାଏ ତୁମେ ଅପେକ୍ଷା କରିଥାଅ । ମୁଁ ଯାଇ ପହଞ୍ଚୁଚି । ଏମିତିରେ ଧୀରେଧୀରେ ସନ୍ଧ୍ୟା ହେଲା । ସେତେବେଳକୁ ସ୍ୱାଗତିକାର ସାରା ଖୁସି ପାଣିଚିଆ ହେଇଗଲାଣି । ସେ କ'ଣ ଏବେ କରିବ । ସ୍ୱାମୀ ବାରମ୍ବାର ଫୋନ୍ କରୁଥାନ୍ତି ବୋଲି ବନ୍ଦକରି ଦେଇଥାଏ ।

ଶେଷରେ ପ୍ରଶାନ୍ତ କହିଲା, "ଦୁଃଖିତ ମୁଁ । ମୋ ପରିବାରକୁ ଛାଡି ମୁଁ ତୁମ ସହ ଯାଇପାରିବିନି । ଏହା ମୋର ଶେଷ ନିଃଷ୍ପତ୍ତି । ମତେ କ୍ଷମା କରିଦିଅ । ଭଗବାନ ତୁମକୁ ଶାନ୍ତିରେ ରଖନ୍ତୁ ।" ସ୍ୱାଗତିକା ଅସ୍ତ ସୂର୍ଯ୍ୟ ସାଙ୍ଗରେ ଅସ୍ତ ହେବାର ଆଭାସ ପାଇସାରିଥିଲା । ବୁଝିଥିଲା ଥରେ ପରିସୀମାରୁ ଗୋଡ଼ ଖସେଇଲେ ପରିଣତି କ'ଣ ହୁଏ । ଉଦ୍ଭ୍ରାନ୍ତ ପ୍ରେମର ଶେଷ ପରିଣତି ତୁଚ୍ଛା ଛକି ଶୂନ । ତା'ର ଆଉ ମୁହଁ ନଥିଲା ସ୍ୱାମୀଙ୍କ ପାଖକୁ ଫେରିବାକୁ । ସାର୍ଟିଫିକେଟ ଫାଇଲକୁ ଭସେଇ ଦେଇଥିଲା ପାଣି ସୁଅରେ ନିଜ ସହିତ । ଫୋନରେ ସ୍ୱାମୀଙ୍କୁ ମେସେଜ ପଠେଇ କ୍ଷମା ମାଗିଥିଲା ଆଉ କହିଥିଲା, "ମଣିଷକୁ ଚିହ୍ନିବା ଡେରି ହେଇଗଲା ମୋ'ର । ନିଜ ଅନ୍ଧ ବିବେକରେ ଧୂର୍ତ୍ତ ଆତତାୟୀଟାକୁ ଆତ୍ମୀୟ ବୋଲି ଭାବିନେଲି ଛଳନାର ଇନ୍ଦ୍ରଜାଲରେ । ମୁଁ ସଂସାରର ସବୁଠୁ ନିର୍ବୋଧ ସ୍ତ୍ରୀଟିଏ, ଯିଏ ତୁମ ଭଳିଆ ସରଳ ମଣିଷର ବିଶ୍ୱାସ ଭରସାକୁ ଭାଙ୍ଗି ତୁଟେଇ ଚାଲି ଆସିଥିଲି ଏକ ନିଷ୍ଫଳ ନୂଆ ଉଡାଣରେ । ଏ କ୍ଷତାକ୍ତ ଜୀବନକୁ ନେଇ ତୁମସହ ଚଳିପାରିବିନି ।"

ବୁର୍ଲା, ସମ୍ବଲପୁର,-୭୬୮୦୧୮, ମୋ:୯୪୩୭୬୧୯୯୭୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନୁଶୋଚନା



ଅମୃତ ନାରାୟଣ ଶତପଥୀ

ଅଶୀ ବର୍ଷର ବୃଦ୍ଧ ସନାତନ ଝାପସା ଆଖିରେ ସୁଦ୍ଧା ଦେଖିପାରୁଥିଲେ ପଞ୍ଚାୟତ ନିର୍ବାଚନରେ ବିଡା ବିଡା ଟଙ୍କା ଉଡିବାର ଦୃଶ୍ୟ ଏବଂ ଭୋଜିଭାତ ଓ ମଦର ବନ୍ୟା । ନେତାଙ୍କ କଥାରେ ପଡି ହଣାକଟା ହେବାକୁ ପଛାଉ ନଥିଲେ ଲୋକେ । ବିନାଟଙ୍କାରେ ପୂର୍ବରୁ ଚାରିଥର ସରପଞ୍ଚ ହୋଇଥିବା ସନାତନ ଆଖିରୁ ଦୁଇଟୋପା ଲୁହ ଝରେଇବା ଛଡ଼ା ଅନ୍ୟ ଉପାୟ ପାଉ ନ ଥିଲେ । ମନରେ ଭରିଥିଲା ଗ୍ଲାନି ହୃଦୟରେ ଅନୁଶୋଚନାର ଶାୟା ସତେ ଯେପରି ଏହି ନିର୍ବାଚନର କାୟା ପରିବର୍ତ୍ତନ ତାଙ୍କ ମନକୁ ଗଭୀର ଆଘାତ ଦେଉଥିଲା ଏବଂ ପୂର୍ବରୁ ଥିବା ନିଜର ନୀତି ଆଦର୍ଶ କୁ କୁଠାରଘାତ କରି ତାଙ୍କୁ କରିଥିଲା ଭୂପତିତ, ଏହାର କାରଣ ଅନ୍ୟମାନଙ୍କ ପାଇଁ ଅସ୍ୱଷ୍ଟ ଥିଲେ ବି ଖୁବ୍ ସ୍ୱଷ୍ଟ ଥିଲା ବୃଦ୍ଧ ସନାତନଙ୍କ ପକ୍ଷରେ, କାରଣ ଏହି ନିର୍ବାଚନ ପାଇଁ ସେ ଦେଇଥିଲେ ଭିନ୍ନ ଏକ ବଳିଦାନ ପୂର୍ବତନ ନୀତି ନିଷ୍ଠ ସରପଞ୍ଚରୁ ସାଜିଥିଲେ ହତ୍ୟାକାରୀ ନରାଧମ । ଆଖି ଆଗରେ ଝାପସା ହୋଇ ଆସିଥିଲା ସେହି ଚେହେରା ଓ ଘଟଣା ପ୍ରବାହ ଗୁଡିକ ପ୍ରଚ୍ଛଦପଟ୍ଟ ପରି ଗୋଟିଏ ପରେ ଗୋଟିଏ ନାଚି ଯାଉଥିଲା ତାଙ୍କ ଦୃଶ୍ୟପଟ୍ଟରେ ।

ହଁ ସନାତନ ଥିଲେ ଜଣେ ହତ୍ୟାକାରୀ । ଏବେ ତାଙ୍କର ରହଣି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସ୍ଥାନ ଥିଲା ଜେଲ୍ ର ଅନ୍ଧକାର ପ୍ରକୋଷ୍ଠ କାରଣ ସେ ଯାହାକୁ ହତ୍ୟା କରିଥିଲେ ସେ ଥିଲା ମୋହିତ୍ ପୂର୍ବତନ ସରପଞ୍ଚ ତଥା ଏଥର ନିର୍ବାଚନରେ ଆଉଥରେ ସରପଞ୍ଚ ପଦ ପାଇଁ ଛିଡା ହୋଇଥିବା ପ୍ରାର୍ଥୀ । ତା'ର ହତ୍ୟାକାଣ୍ଡ କୁ ଛଅ ମାସ ପୂରିଲାଣି ଏବଂ ସେହି ପଞ୍ଚାୟତ ରେ ପୁଣିଥରେ ବାଜିଲାଣି ନିର୍ବାଚନର ବିଗୁଲ । ହତ୍ୟାକାରୀ ସନାତନ ଦେଇଥିବା ବଳିଦାନ କଥା ସଭିଏଁ ଭୁଲି ଗଲେଣି କେତେକ ପୁଣି ତା'କୁ ବଳିଦାନ ତ ନୁହେଁ ମୂର୍ଖତା ତଥା ନିଜ ଗୋଡ଼ରେ ନିଜେ କୁରାଢି ମାରିବା ବେଲି ଆଖ୍ୟାନ କରିଛନ୍ତି, କେହି ସେ ହତ୍ୟାରେ ବିଶେଷ ପ୍ରଭାବିତ ହେବାର ନାମମାତ୍ର ନାହିଁ ସେଥିପାଇଁ ତ ଉପରୋକ୍ତ ବର୍ଣ୍ଣିତ କାର୍ଯ୍ୟକଳାପର ପୁନଃ ଆରମ୍ଭ ହୋଇଛି ଯଥା ମଦ ମାଂସ ଟଙ୍କା ଇତ୍ୟାଦି ନିର୍ବାଚନର ପ୍ରଚାର ସମୟରେ ଏବଂ ସନାତନଙ୍କ ମନ ଭରିଯାଇଛି ଅନୁଶୋଚନାର ଆତ୍ମଗ୍ଲାନିରେ । ସତରେ କ'ଣ ତାଙ୍କର ହତ୍ୟାରୂପୀ ବଳିଦାନର କ'ଣ କୌଣସି ମୂଲ୍ୟ ନଥିଲା ?

ଏହି ସମୟରେ କେଁ କଟର ଶବ୍ଦ ଶୁଣି ପ୍ରକୃତିସ୍ଥ ହେଲେ ସନାତନ ଏହା ସହ ଟପ୍ ଟପ୍ ଟପ୍ ମୋଟା ଚମଡା ପୋଲିସ ବୁଟ୍ ର ଶବ୍ଦ ଏହା ସହ କିଛି ଅସ୍ପଷ୍ଟ ଚିତ୍କାର । କିଛି ସମୟ ପରେ ଦେଖାଗଲା ତିନି ଚାରିଜଣ ପୋଲିସବାଲା ଦୁଇ ଜଣ ବ୍ୟକ୍ତିଙ୍କୁ ଗଳାଧକ୍କା ଦେଇ ଭିତରକୁ ଆଣୁଛନ୍ତି । ସତେ ଯେପରି ସେମାନେ ଥିଲେ ନୂଆ କଏଦୀ । ଅଗତ୍ୟା ସନାତନଙ୍କ ଜେଲ୍ ପ୍ରକୋଷ୍ଠର ସାମ୍ନା ପ୍ରକୋଷ୍ଠ ସଶବ୍ଦେ ଖୋଲିଗଲା ଏବଂ ପୋଲିସ ସେହି ଦୁଇ ବ୍ୟକ୍ତିଙ୍କୁ ସେ ପ୍ରକୋଷ୍ଠ ମଧ୍ୟରେ ଧକ୍କା ଦେଇ ବାହାରୁ ତାଲା ପକାଇ ପଳାଇଲେ ।

ସେ ସ୍ଥାନରେ ଜଳୁଥିବା ଇଷତ୍ ହଳଦିଆ ରଙ୍ଗର ଆଲୋକରେ ମୁହଁ ସ୍ପଷ୍ଟ ଦେଖା ନଗଲେ ମଧ୍ୟ ଶରୀରରୁ ସେ ଦୁହେଁ ୭୫ ରୁ ୮୦ ବୟସର ବୃଦ୍ଧ ବୋଲି ଜଣା ଯାଉଥିଲେ, ନିଜର ଅସ୍ପଷ୍ଟ ନଜରରେ ସେମାନଙ୍କୁ ଅନୁଧ୍ୟାନ କରି ସନାତନ କହିଲେ – " ଆରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମହେନ୍ଦ୍ର, ମୁକୁନ୍ଦ ତୁମେ ଦୁହେଁ ଏଠି କେମିତି ?" ସଦ୍ୟ ଆଗତ କଏଦୀ ଦୁଇଜଣ ସ୍ୱର ଚିହ୍ନି ପାରିବା ଭଳି ହଠାତ୍ ଉଠି ଠିଆ ହେଲେ ଏବଂ କହିଲେ – "କିଏ ସନାତନ ଭାଇ ?" ଏଥର ସନାତନ କହିଲେ –"ହଁ ମୁଁ ସେହି ହତଭାଗ୍ୟ ।" " ହତଭାଗ୍ୟ ନୁହେଁ ଭାଇ ତୁମେ ତ ଆମର ଆଦର୍ଶ ତୁମ ପଦାଙ୍କ ଅନୁସରଣ ତଥା ତୁମର ବଳିଦାନର ଅନୁକରଣ କରୁଥିଲୁ ଆମେ କିନ୍ତୁ ଦୁର୍ଭାଗ୍ୟ କାର୍ଯ୍ୟ ସଫଳ ହୋଇପାରିଲା ନାହିଁ ।" ସନାତନ ଆଚମ୍ବିତ ହୋଇ ପଚାରିଲେ –" ତା ମାନେ ତୁମେ ଦୁହେଁ ବି ସରପଞ୍ଚ ପ୍ରାର୍ଥୀ ...." ଏତିକି କହି ଛଳଛଳ ହୋଇଗଲା ସନାତନଙ୍କ ନେତ୍ର ଦ୍ୱୟ କଣ୍ଠ ବାଷ୍ପ ରୁଦ୍ଧ ହୋଇଗଲା ମନସ୍ତାପ ତଥା ଅନୁଶୋଚନା ଓ ଆତ୍ମଗ୍ଲାନି ସତେ ଯେପରି ଉଭେଇ ଯାଉଥିଲା ତାଙ୍କ ମନରୁ, ଦିଶୁଥିଲା ଏକ ନୂତନ ସୂର୍ଯ୍ୟୋଦୟ ।

ନିରବତା ଛାଇ ଯାଇଥିଲା ସେହି ସ୍ଥାନରେ । ହଠାତ୍ ନିରବତା ଭଙ୍ଗ କରି ମହେନ୍ଦ୍ର ଓ ମୁକୁନ୍ଦ ଏକାସଙ୍ଗେ କହି ଉଠିଲେ –" ସନାତନ ଭାଇ ଆମେ ଜାଣୁ ତୁମେ କି ଆମେ କରିଥିବା କାର୍ଯ୍ୟ ଆଇନ ସମ୍ମତ ନୁହେଁ, କିନ୍ତୁ ଯୁଗେ ଯୁଗେ ଅଧର୍ମର ବିନାଶ ବଳିଦାନ ମାଗେ, ତୁମ ହତ୍ୟାକାଣ୍ଡ ସମ୍ପର୍କରେ ସମସ୍ତଙ୍କୁ ଜଣା ହେଲେ ସଭିଏଁ ତୁମ ବଳିଦାନ ବିଷୟରେ ଅଜ୍ଞ । ଏଥିପାଇଁ ଏହା ଆମର ଏକ ଯୋଜନାବଦ୍ଧ ପଦକ୍ଷେପ । କିଛିଦିନ ମଧ୍ୟରେ ଆମର ଓକିଲ ସହ କିଛି ପ୍ରେସବାଲାଙ୍କୁ ମଧ୍ୟ ଡକା ଯିବ ଏବଂ ତୁମକୁ ବିଶେଷ ଅନୁରୋଧ ନିଜ ବଳିଦାନର କାହାଣୀ ତୁମେ ନିଶ୍ଚୟ ଶୁଣାଇବ ।

ଏପଟେ ହଇଚଇ ସୃଷ୍ଟି ହୋଇଯାଇଥାଏ ନିର୍ବାଚନୀ ହିଂସାରେ ବିଶେଷ କରି ବୃଦ୍ଧଙ୍କ କାର୍ଯ୍ୟକଳାପ ସଭିଙ୍କ ମନରେ ଆଲୋଡନ ସୃଷ୍ଟି କରିଥାଏ । ଛଅ ମାସ ମଧ୍ୟରେ ପ୍ରଥମତଃ ସନାତନ ଙ୍କ ସରପଞ୍ଚ ପ୍ରାର୍ଥୀଙ୍କ ହତ୍ୟା ତଥା ମହେନ୍ଦ୍ର, ମୁକୁନ୍ଦଙ୍କ ପୁଣି ସରପଞ୍ଚ ପ୍ରାର୍ଥୀଙ୍କ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଉପରେ ମରଣାନ୍ତକ ଆକ୍ରମଣ ଅନେକଙ୍କୁ ବ୍ୟଥିତ କରିଥାଏ । ଘଟଣାର ସତ୍ୟାସତ୍ୟ ଜାଣିବାକୁ ଗଣମାଧ୍ୟମ ଚଲାଇଥାଏ ଅଥକ ପ୍ରୟାସ । ଶେଷରେ ସେହିଦିନ ଆସି ପହଞ୍ଚିଲା ଯେବେ ସର୍ବ ସମ୍ମତି କ୍ରମେ ସନାତନ, ମହେନ୍ଦ୍ର ଓ ମୁକୁନ୍ଦଙ୍କ ପ୍ରେସ ମିଟ୍ ର ବ୍ୟବସ୍ଥା ହେଲା ଜେଲ୍ ରେ ଏବଂ ସମାଜ ଚାହୁଁଥିଲା ଉତ୍ତର ତଥା ଜାଣିବାକୁ ଚାହୁଁଥିଲା ଘଟଣା, ଦୁର୍ଘଟଣା ତଥା ବୃଦ୍ଧ ମାନଙ୍କ ମାନସିକତା ।

ଜେଲ୍ ର ଖୋଲା ପ୍ରାଙ୍ଗଣରେ ହେଉଥିଲା ସେହି କାର୍ଯ୍ୟକ୍ରମ ଏବଂ ସାରା ରାଜ୍ୟର ନଜର ଥିଲା ସେହି ଲାଇଭ ଶୋ ରେ । କ୍ୟାମେରା ସାମ୍ନାରେ ଥିଲେ ତିନି ଅପରାଧୀ ସନାତନ, ମହେନ୍ଦ୍ର ଓ ମୁକୁନ୍ଦ । କାର୍ଯ୍ୟକ୍ରମ ଆରମ୍ଭ ହେବା ସହ ମୁକୁନ୍ଦ କହି ଉଠିଲେ – “ ସମସ୍ତଙ୍କୁ ସୁପ୍ରଭାତ, ଆମ ତିନିଜଣଙ୍କୁ ଅବଶ୍ୟ ସଭିଏଁ ଅପରାଧୀ ବୋଲି ବିବେଚନା କରୁଥିବେ, ହଁ ଆମେ ସବୁ ଅପରାଧୀ କିନ୍ତୁ ଅପରାଧ ତଥା ହତ୍ୟା ପଛର ବଳିଦାନର କାହାଣୀ କ'ଣ କାହାକୁ ଜଣା ଅଛି ? ଏହାକୁ ବଖାଣିବେ ଶ୍ରେଷ୍ଠ ବଳିଦାତା ତଥା ଆମର ଆଦର୍ଶ ସନାତନ ଭାଇ ।“ ସନାତନ କିନ୍ତୁ ନିରବ ଥିଲେ ପାଟିରୁ ପଦୁଟିଏ ବାହାରୁ ନଥିଲା । ମହେନ୍ଦ୍ର ଓ ମୁକୁନ୍ଦ ଦୁହେଁ ଏକାସାଙ୍ଗରେ କହି ଉଠିଲେ “ତୁମର କାହାଣୀ କୁହ ସନାତନ ଭାଇ କୁହ ସେହି ଭିନ୍ନ ଏକ ବଳିଦାନର କାହାଣୀ ।“

ଏଥର ଧୀର ତଥା କମ୍ପିତ ଆବାଜ୍ ରେ କହିବା ଆରମ୍ଭ କଲେ ସନାତନ – “ ପୂର୍ବରୁ ଚାରିଥର ସରପଞ୍ଚ ଥିଲି ମୁଁ, ସରପଞ୍ଚର ନୀତି ଆଦର୍ଶ ଓ ସମସ୍ତ କାର୍ଯ୍ୟ ବିଷୟରେ ଅବଗତ ଥିଲି ଓ ସମସ୍ତଙ୍କୁ ଗାଆଁରେ ଅବଗତ କରାଉଥିଲି କିନ୍ତୁ ବୟସ ବଢିବା ସହ ଯୁବପିଢିଙ୍କ ନିର୍ବାଚନ ପ୍ରତି ଲୋଭ ମନୋଭାବ ତଥା ଅନୈତିକ କାର୍ଯ୍ୟକଳାପ ମନରେ ଘୋର ଅନୁଶୋଚନା ଭରି ଦେଇଥିଲା । ସେଥିପାଇଁ ମୁଁ ମୋହିତ୍ କୁ ନୀତି ଆଦର୍ଶର ଦୁହାହିଦେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସରପଞ୍ଚ ପଦରେ ଛିଡା କରାଇଥିଲି । ପ୍ରଥମଥର ସେ ମୋର ତଥା ଗଣତାନ୍ତ୍ରିକ ଆଦର୍ଶରେ ଅନୁପ୍ରାଣିତ ଥିଲା କିନ୍ତୁ ସମୟକ୍ରମେ ସେ ପାଲଟିଲା ନରାଧମ । ଏପରି କୌଣସି ଅନୈତିକ କାର୍ଯ୍ୟ ରହିଲା ନାହିଁ ଯାହା ସେ ନକଲା । ଏଥରର ନିର୍ବାଚନ ପ୍ରଚାର ବେଳେ ସେ ସବୁ ସୀମା ଲଙ୍ଘିଗଲା । ମଦ ମାଂସ ଟଙ୍କା ଆଦିର ବିପୁଳ ପ୍ରୟୋଗ ସାଙ୍ଗକୁ ଅନେକ ହିଂସାକାଣ୍ଡରେ ଲିପ୍ତ ରହିଲା, ସେ କୁଆଡେ କିଛି ଲୋକଙ୍କ ହତ୍ୟାକାଣ୍ଡ ପଛରେ ଉତ୍ତରଦାୟୀ ବୋଲି ମୁଁ ଜାଣିବାକୁ ପାଇଲି ।" ସେଦିନ .... ସେଦିନ ରାତିରେ ସେ ଆକଣ୍ଠ ମଦ୍ୟପାନ କରି ଆସିଥିଲା ମୋ ଶୋଇଥିବା ସ୍ଥାନରେ ପଡିଗଲା ତା ପକେଟରୁ ଏକ ଛୋଟ ଡାଏରୀ ମୋ ହାତରେ ଲାଗିଗଲା ମୁଁ ସେଥିରୁ ଜାଣିବାକୁ ପାଇଲି ତା'ର ନରାଧମ କାର୍ଯ୍ୟକଳାପ । ଏପରିକି ଅନୈତିକତାର ଚରମ ସୀମାରେ ପହଞ୍ଚିଥିଲା ଯେତେବେଳେ ମୁଁ ଜାଣିଲି ତା'ର ସନ୍ତ୍ରାସବାଦୀଙ୍କ ସହ ମଧ୍ୟ ସମ୍ପୃକ୍ତି ଅଛି । ମୁଁ ଅଗତ୍ୟା ଗ୍ରାମର ସମୂହ ଉଦ୍ଧାର ପାଇଁ ତା'ର ବେହୋସ୍ ଶରୀରକୁ ଘୋଷାରି ଘୋଷାରି ମୋ ଚାଳଘର ଭିତରକୁ ନେଇଗଲି, ପ୍ରଥମେ ଭାବିଲି ପୋଲିସ ଏତାଲା କରିବି କିନ୍ତୁ ସମସ୍ତଙ୍କୁ ଜଣା ମୋହିତ ନିଜ ରାଜନୈତିକ ଶକ୍ତି ରେ ପୋଲିସ ଥାନାରୁ ସହଜେ ଆସିଯିବ । କ୍ରୋଧ ସେତେବେଳେ ମୋ ମୁଣ୍ଡକୁ ଚଢିଯାଇଥାଏ ସମୂହ ସ୍ୱାର୍ଥ ଦୃଷ୍ଟିରୁ ମୋହିତ୍ ର ଅନ୍ତ ହିଁ ଶ୍ରେୟସ୍କର ଭାବି କିରୋସିନ୍ ଢାଳି ତା'ର ବେହୋସ୍ ଶରୀରକୁ ମୋର ଏକମାତ୍ର ମୁଣ୍ଡ ଗୁଞ୍ଜିବା ଚାଳଘର ସହ ଜୀବନ୍ତ ଦଗ୍ଧ କରିଦେଲି ।"ସନାତନଙ୍କ ଆଖିରେ ପଶ୍ଚାତାପର ଅଶ୍ରୁ ସହ ହୃଦୟରେ ଥିଲା ଅନୁଶୋଚନାର ସୁସ୍ପଷ୍ଟ ଚିହ୍ନ । ସତେ ଯେପରି ଏହା ତାଙ୍କର ଥିଲା ଏକ ମହାନ ବଳିଦାନ କିନ୍ତୁ ଆଇନ୍ କୁ ହାତକୁ ନେବା ଥିଲା ଏକ ମସ୍ତବଡ ଭୁଲ୍ ।

ଏହି ସମୟରେ ଜଣେ ସାମ୍ବାଦିକ ପ୍ରଶ୍ନ କଲେ –" ସନାତନ ବାବୁ ମୋହିତ୍ ଯଦି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆପଣଙ୍କ ପୁଅ ହୋଇଥା'ନ୍ତା ତେବେ....” ଏତିକିବେଳେ ମହେନ୍ଦ୍ର ଓ ମୁକୁନ୍ଦ ଏକାସଙ୍ଗେ କହିଉଠିଲେ –“ ମୋହିତ୍ ସନାତନ ଭାଇଙ୍କ ପୁଅ ହୋଇଥାନ୍ତା ନୁହେଁ ସେ ହିଁ ତାଙ୍କ ପୁଅ ଥିଲା ସେଥିପାଇଁ ତ ଏହା ସନାତନ ଭାଇଙ୍କ ଶ୍ରେଷ୍ଠ ବଳିଦାନ ।“

ଚାରିଆଡେ ଚାପା କୋଳାହଳ ସୃଷ୍ଟି ହେଲା ହେଲେ ସେହି ସମୟରେ ହଠାତ୍ ବସିଥିବା ଚୌକିରୁ ଧଡାମ୍ କରି ତଳେ ପଡ଼ିଲେ ସନାତନ ଓ ତାଙ୍କର ପ୍ରାଣବାୟୁ ସେହିଠାରେ ହିଁ ଉଡିଗଲା । ମହେନ୍ଦ୍ର ଓ ମୁକୁନ୍ଦ ଦୁହେଁ ତାଙ୍କ ପାଖକୁ ଧାଇଁଗଲେ ହେଲେ ସେତେବେଳକୁ ସବୁ ସରିଯାଇଥିଲା । ସମସ୍ତ ଅନୁଶୋଚନାର ଅନ୍ତ ଘଟାଇ ତଥା ନିଜ ବଳିଦାନର କାହାଣୀ ଶୁଣାଇ ସମସ୍ତଙ୍କୁ ଛାଡି ଆରପାରିକୁ ଚାଲିଯାଇଥିଲେ ସନାତନ । ହେଲେ ତାଙ୍କର ବଳିଦାନର କାହାଣୀ ସାରା ରାଜ୍ୟର ଲୋକଙ୍କ ପାଖରେ ଅଛପା ନଥିଲା ସମସ୍ତେ ମନେମନେ ତାଙ୍କ ପ୍ରତି ସହାନୁଭୂତି ତଥା ତାଙ୍କ ବଳିଦାନର ମହତ୍ତ୍ୱ ବୁଝି ସାରିଥିଲେ, ବିଶେଷ କରି ତାଙ୍କ ଗ୍ରାମବାସୀ ମାନେ । ସେହିଦିନଠାରୁ ତାଙ୍କ ଗ୍ରାମରେ ପଞ୍ଚାୟତ ନିର୍ବାଚନର ସ୍ଥିତି ବଦଳି ଯାଇଥିଲା ଓ ଗ୍ରାମଟି ଦେଶର ଆଦର୍ଶ ଗ୍ରାମ ମଧ୍ୟରେ ସ୍ଥାନ ପାଇଥିଲା ।

ଠିକଣା- ନୟାପଲ୍ଲୀ, ଭୁବନେଶ୍ୱର, ଓଡିଶା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅପର୍ଯ୍ୟାପ୍ତ ଆଶା



ଡଃ ଆର୍ଯ୍ୟକୁମାରୀ ପ୍ରଜ୍ଞା ପାରମିତା

ଅବସନ୍ନ କ୍ଲାନ୍ତ ଶରୀର ନେଇ ବର୍ଷ ପରେ ବର୍ଷ ଅତିକ୍ରମ କରିଚାଲିଛି । ସକାଳ ସନ୍ଧ୍ୟାର ଲୁଚକାଳି ଖେଳ ମଧ୍ୟରେ କ୍ଲାନ୍ତ ମନ ବିଚଳିତ ହୋଇପଡୁଛି । ଭବିଷ୍ୟତର ସୁନେଲି ସ୍ୱପ୍ନକୁ ଆଖିରେ ସାଉଁଟୁ ସାଉଁଟୁ କେତେବେଳେ ଯେ ଲବଣାକ୍ତ ଲୁହରେ ତାହା ଭାସି ଯାଉଛି । ଯଥେଷ୍ଟ ଜ୍ଞାନ ଥାଇ ମଧ୍ୟ ସମାଜରେ ଅଯୋଗ୍ୟା । ଅବାସ୍ତବତା ମଧ୍ୟରେ ଦେହର ପ୍ରତିଟି ଶିରାପ୍ରଶିରା ଯନ୍ତ୍ରଣା ପାଉଛି । ସତଚେଷ୍ଟା ପରେ ମଧ୍ୟ ସମସ୍ତ କାର୍ଯ୍ୟ ବିଫଳ । ପିଲାଦିନର ସେଇ ରଂଗିନ୍ ସ୍ୱପ୍ନ ଆଜି ସତେ ଯେମିତି ପାଣିଚିଆ ହୋଇଯାଇଛି । ବେରଙ୍ଗ ମନ ମଧ୍ୟରେ ସମାଜର କଟୁକ୍ତି ମନକୁ ଅସହ୍ୟ କରି ଦେଉଛି । ଜୀବନ ତରୀ କୁଆଡ଼େ ନେଉଛି କିଛି ଜାଣି ହେଉନି । ଚାବିଦିଆ ଜାପାନୀ କଣ୍ଢେଇ ପରି ଅସ୍ତିତ୍ୱ ବେଳେବେଳେ ଖତେଇ ହେଉଛି । କୁସୁମ ପ୍ରସ୍ଫୁଟିତ ମାର୍ଗଗୁଡ଼ିକ ସତେ ଯେମିତି କଣ୍ଟକିତ ହୋଇ ଯାଉଛି । ଅବସନ୍ନ ଶରୀରଟି ଠେଲିପେଲି କିଛି ରାସ୍ତା ଗଲାପରେ ଥକି ଯାଉଛି । ଜୀବନ ଯନ୍ତ୍ରଣାକୁ ପ୍ରକାଶ କରିବାର ସମସ୍ତ ରାସ୍ତା ସରିଯାଉଛି । ରାଜା ଧୃତରାଷ୍ଟ୍ର ଭଳି ଶକ୍ତି ଥାଇ ମଧ୍ୟ ଦାନୀ କର୍ଣ୍ଣ ଭଳି ନିଃସ୍ୱ ଲାଗୁଛି । ପୁରାଣର ପୃଷ୍ଠାଗୁଡ଼ିକ ବାସ୍ତବ ଜୀବନରେ ଅଧ୍ୟାୟ ପରି ପିଛା ଛାଡୁନାହିଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଂକର୍ତ୍ତବ୍ୟବିମୂଢ଼ ହୋଇ ଗୋଟିଏ ସ୍ଥାନରେ ନିର୍ମୂଳି ଲତା ଭଳି ମାଡ଼ିବା ଶ୍ରେୟ ହେଉଛି । ମନର ଫାଙ୍କା କ୍ରୋଧଗୁଡ଼ିକ ସମୟେ ସମୟେ ଅସ୍ତବ୍ୟସ୍ତ କରି ପକାଉଛି । ସମୟ ସୁଅର ପରିଚିତ ଚେହେରା ଗୁଡ଼ିକ ଧିରେ ଧିରେ ଅପରିଚିତ ପରି ଲାଗୁଛି । ପାଇ ନଥିବାର ଗ୍ଲାନି ମନ ମଧ୍ୟରେ ଅଜଣା ଭୟ ସୃଷ୍ଟି କରୁଛି । ଚିହ୍ନା ରାସ୍ତାଗୁଡ଼ିକ ପ୍ରତିଟି କ୍ଷେତ୍ରରେ ଦୋଛକି ଭଳି ପ୍ରତୀୟମାନ ହଉଛି । ବଞ୍ଚି ରହିବାର ଖୁସି ନାହିଁ କି ମରିଯିବାର ଦୁଃଖ ନାହିଁ ମାତ୍ର ଜୀବନ ଏମିତି ଅପନ୍ତରା ରାସ୍ତାରେ ଗତି କରି ଚାଲିଛି ।

ସାହିତ୍ୟରେ ପଢ଼ିଥିବା ସେଇ ବିରାମ ଚିହ୍ନଗୁଡ଼ିକ ଆଜି ଜୀବନର ପ୍ରତିଟି କ୍ଷେତ୍ରରେ ବ୍ୟବହୃତ ହୋଇପାରୁ ନାହିଁ । ସ୍ୱପ୍ନର ସହର ଆଜି ଜଳି ପୋଡ଼ି ପାଂଶ ପାଲଟି ଯାଉଛି । ଅନନ୍ତ କାଳର ସେହି ସୀମାହୀନ ସମୟ ଚେତନା ଗୁଡ଼ିକ ପ୍ରଶ୍ନବାଚୀ ଭଳି ଦଣ୍ଡାୟମାନ । ସେଦିନ କପଟ ସୂର୍ଯ୍ୟାସ୍ତର ଆସନ୍ନ ଅନ୍ଧକାର ଯେପରି ଜୟଦ୍ରଥର ଜୀବନରେ ଲୋଟି ପଡ଼ିଥିଲା ସମୟ ମଧ୍ୟ ସେପରି ଅନ୍ଧକାରଗୁଡ଼ିକୁ ମୋ ଜୀବନରେ ଅଜାଡ଼ି ଦେଇଛି । ଯନ୍ତ୍ରଣାର ଶିକୁଳି ମଧ୍ୟରୁ ମୁକ୍ତ ହେବାର ପ୍ରୟାସ ଗୁଡ଼ିକ ଅଭିମନ୍ୟୁର ଚକ୍ରବ୍ୟୂହ ଭିତରେ ଏକାକୀ କାପୁରୁଷ ସପ୍ତରଥୀଙ୍କ ହାତରେ ବୀରଗତି ପାଇବା ଭଳି ପ୍ରତୀୟମାନ ହେଉଛି । ଥାଇ ନଥିବାର ପାଇ ହରାଇବାର ବେଦନା ମଧ୍ୟରେ ସବୁ ଯେମିତି ମୃଗତୃଷ୍ଣା ଭଳି ଲାଗୁଛି । ବ୍ୟକ୍ତିଗତ ଅନୁଭୂତିର ବାକ୍‌ଚାତୁରୀ ଦେଇ ନିଜସ୍ୱ ସମ୍ଭାବନାହୀନ ସ୍ୱପ୍ନଗୁଡ଼ିକ ବିଷଣ୍ଣ ଅନ୍ଧାର ମଧ୍ୟରେ ପ୍ରବେଶ ସିନା କରିଛି ଫେରିବା ପାଇଁ ବାଟହୁଡ଼ା ହୋଇ ଶରୀରକୁ କ୍ଷୟ କରି ଚାଲିଛି । ବସନ୍ତର ଆଗମନୀ ଆଜି ସପ୍ତମ ଋତୁର ଧାରାକୁ ବିଚ୍ଛିନ୍ନ କରି ପକାଇଛି । ପୂର୍ବାହ୍ନ, ମଧ୍ୟାହ୍ନ, ଅପରାହ୍ଣ ଭଳି ଜୀବନ ବିନ୍ଦୁଟିରେ ଏକ ତ୍ୱରିତ ଆବେଗ ସ୍ନାୟୁ ତା' ରକ୍ତକୁ ଖିନ୍‌ଭିନ୍ କରି ପକାଉଛି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସମୟକୁ ଆଜି ପ୍ରଶ୍ନ କରୁଛି ସମାଜର କକ୍ଷଚ୍ୟୁତ ବିଦ୍ରୂପଗୁଡ଼ିକ କାହିଁକି ବାରମ୍ବାର ସୁନାମୀ ପୂର୍ବର ଶୀଳତାକୁ ଅନୁଭବ କରାଉଛି । ମୋହାବିଷ୍ଟ ଅନ୍ତରାତ୍ମାର କ୍ଷଣିକ ଅବସାଦକୁ ଅତୀତ, ବର୍ତ୍ତମାନ, ଭବିଷ୍ୟତ ସଙ୍ଗେ ଅଡୁଆ ସୂତାର ଖିଅକୁ ସାମ୍ନା କରିବାକୁ ପଡୁଛି । ବିନା ଦୋଷରେ କବଚ କୁଣ୍ଡଳକୁ ଦାନ କଲା ସ୍ୱରୂପ ନିରପରାଧ ମନଟି କେଉଁ ଏକ ଅଜଣା ଭୟର ସ୍ପର୍ଶରେ ପାର୍ଥିବ ସୁଖ ଠାରୁ ସୁଦୂରକୁ ଚାଲିଯିବାକୁ ପ୍ରୟାସ କରୁଛି । ଗ୍ଲାନି ଅପ୍ରାପ୍ତି ସତ୍ତ୍ୱେ ଅକ୍ରୁର ପରି ସମସ୍ତ ବୋଝକୁ ପିଠିରେ ବୋହି ଚାଲିଛି । ଅନେକ ଦିନ ତଳର ସ୍ମିତହାସ୍ୟ ଗୁଡ଼ିକ ଦାଲ୍କାଏ ଦାଲ୍କାଏ ମନର ଗବାକ୍ଷ ଦେଇ ଆସିବାର ଚେଷ୍ଟା କରୁଛି; ହେଲେ ଚିହ୍ନବର୍ଣ୍ଣ ନଥିବା କୌଣସି ଏକ ଅତୀତର ବେଳାଭୂମିରେ ବିଛୁରି ହୋଇ ପଡ଼ିଥିବା ସମୁଦ୍ର ଜୀବ ସଦୃଶ ଅନ୍ତରାତ୍ମାରେ ଚାଲିଥିବା ଉଦ୍ବେଳନ ବେଳେବେଳେ ପ୍ରତିବିମ୍ବିତ ହୋଇ ଉଠୁଛି । ବିଜନ ବେଳାରେ ସ୍ୱପ୍ନର ଇମାରତଗୁଡ଼ିକ ସତେ ଯେମିତି ନିଜ ସାଙ୍ଗେ ଦ୍ୱନ୍ଦ୍ୱ ଖେଳିବାକୁ ଆକାଂକ୍ଷା ପୋଷଣ କରିଛି । ଉତ୍ତୀର୍ଣ୍ଣ ବାସ୍ତବତାକୁ ସ୍ୱୀକାର କରିବାକୁ ଚେଷ୍ଟା କଲାବେଳେ ମନର ନିଃସଙ୍ଗତାକୁ ଦୂର କରିବା ପାଇଁ କେଉଁ ଏକ ରାଜ୍ୟର ପରୀ କାହାଣୀକୁ ଶୁଣାଇ ନିଜକୁ ନିଜେ ବୋଧ କରିବା ହିଁ ଶ୍ରେୟ ହେଉଛି । ତଥାପି ମନର ପ୍ରତୀୟମାଣ ଆଶାଟି ଲାଭକ୍ଷତିର ହିସାବ କରି ନିଷ୍ଠୁର ଯନ୍ତ୍ରଣାକୁ ଦୋହରେଇବାର ସତଚେଷ୍ଟାରେ ପୋଡ଼ାମନକୁ କିଛିଟା ମଲମ ମାରି ଚାଲିଛି । ହୃଦୟତନ୍ତ୍ରୀରେ ଯେଉଁ ଆଘାତଟି ଲାଗିଛି ତାହା କେଉଁ ଏକ ଅନିର୍ଦ୍ଦିଷ୍ଟ ପଥରେ ଜୀବନ ସହ ସଂଗ୍ରାମ କରୁଥିବା ଶରୀରକୁ ଜୀର୍ଣ୍ଣଶୀର୍ଣ୍ଣ କରି ଚାଲିଛି । ଇନ୍ଦ୍ରିୟ ଗୁଡ଼ିକରେ ଶିଳାଶଯ୍ୟାରେ ଶିଉଳି ମାଡ଼ିଲା ପରି ଆସ୍ତରଣ ଜମିଗଲାଣି ତଥାପି ମନ ହୃଦୟକୁ ପ୍ରକୃତିଗତ ପ୍ରତିଶ୍ରୁତି ଦେଇଚାଲିଛି । ଏକ ନୂତନ ଯୁଗର ଅୟମାରମ୍ଭ ପାଇଁ, ଯେଉଁ ଆରମ୍ଭରେ ଅବିଚଳିତ ଯନ୍ତ୍ରଣାଗୁଡ଼ିକ ଜୀବନ ରୂପକ ଅକାତ ପାଣିରେ ବାଟ ପାଉନଥିବା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନିଜଠାରୁ ପରିତ୍ୟକ୍ତ ସତ୍ତାଟିକୁ ଅତ୍ୟନ୍ତ ବୀଭତ୍ସ ଭାବେ ବବ୍ରୁବାହନର ସ୍ଥିତିରେ ଠିଆ କରେଇ ଦେଇଛି ଯାହାର ନା ଅଛି ଆଜି ନା ଆସନ୍ତା କାଲି ।

ସମ୍ଭାବନାହୀନ ଅସ୍ତିତ୍ୱ ପରି ଅତୀତର ସମସ୍ତ ଅନ୍ଧକାର ଭବିଷ୍ୟତର ଉଇଁ ଆସୁଥିବା ସୂର୍ଯ୍ୟକୁ ବିକଳାଙ୍ଗ କରି ଏକ ପ୍ଲାଷ୍ଟିକ୍ ହସ ଧରେଇ ଦେଇଛି । କଙ୍କାଳସାର ଯନ୍ତ୍ରଣାଗୁଡ଼ିକ ଜୀବନ ରୂପକ ଶ୍ମଶାନରେ ଅଗ୍ନ୍ୟୁତ୍ସବ କରୁଛି । ଏକ ଅଜଣା ଭୟ ମନରେ ଶୀତ ସକାଳର କାକର ବିନ୍ଦୁ ପରି ଇତସ୍ତତଃ ହୋଇ ପଡ଼ିଛି । ଅବସାଦଗ୍ରସ୍ତ ଜୀବନର ଅନିବାର୍ଯ୍ୟତା ମଧ୍ୟରେ ଅନେକ ଦିନର ସଂପର୍କଗୁଡ଼ିକୁ ଅତି ସଂତର୍ପଣର ସହ ସଜାଡ଼ିବାର ପ୍ରୟାସରେ ଆଜିର ବସ୍ତୁକୈନ୍ଦ୍ରିକ ନବ୍ୟ ସଭ୍ୟ ମଣିଷ ନିଜର ଆତ୍ମ ପରିଚୟ ହରାଇ ଏକ ପ୍ରଶ୍ନବାଚୀରେ ଉପନୀତ ହୋଇ ଯାଇଛି ।

ଅଧ୍ୟାପିକା, କେଶପୁର କଲେଜ
ଦୂରାଭାଷ: ୯୭୭୮୯୧୯୮୪

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସମୟର ଚକ ଯାଏ ଘୁରିଘୁରିକା



ସୁଧାଂଶୁ ଶେଖର ଦ୍ୱିବେଦୀ

ନାଟକ:- (୧୧ଶ ଭାଗ)

।।୨୨ ଦୃଶ୍ୟ ।।

(ଜେଲରେ କଏଦୀ ଭାବେ ଅସିତ ଦଣ୍ଡାୟମାନ । ଶ୍ରାବଣୀ ଜେଲ ରେଲିଂର ଅପରପଟେ । ଦୁହେଁ ବିପରୀତ ମୁଖା ହୋଇ ଛିଡା ହୋଇଥାଆନ୍ତି ।)

ଅସିତ- (ନିଜେ ନିଜେ କହିଥାଏ) ହେ ଭଗବାନ ଜୀବନରେ ବହୁତ ବଡ଼ ଭୁଲ କରିଦେଲି । ଏ ସମୟରେ ସତ କହିବା ସବୁଠୁ ବଡ଼ ଭୁଲ । ସତ୍ୟ ପଥରେ ଚାଲିଲି ବୋଲି ଆଜି ମୋତେ ଏ ବନ୍ଦୀଗୃହରେ ରହିବାକୁ ପଡିଛି । କିନ୍ତୁ ଏସ ପି ପଣ୍ଡା ଏସ ଆଇ ଅଭିଜିତ ମିଛ କହି ଲାଞ୍ଚ ନେଇ ବେଶ ଆରାମରେ ଅଛନ୍ତି । କାହିଁକି ମୁଁ କାହିଁକି ସେମିତି ହୋଇପାରିଲି ନାହିଁ ?

ଶ୍ରାବଣୀ- ଭଗବାନ ସମସ୍ତଙ୍କୁ ଗୋଟିଏ ନିକିତିରେ ତଉଲି ପାରନ୍ତି ନାହିଁ । ସେଥିପାଇଁ କିଛି ସଚ୍ଚୋଟ ଲୋକଙ୍କୁ ଜନ୍ମ ଦିଅନ୍ତି ସଂସାରରେ ଶାନ୍ତି ଧର୍ମ ଓ ନ୍ୟାୟକୁ ବଜାୟ ରଖିବା ପାଇଁ ।

ଅସିତ- ମୁଁ ଯଦି ମିଛ କହିଥାନ୍ତି ଲାଞ୍ଚ ନେଇଥାନ୍ତି ଆଜି ହୁଏତ ପରିସ୍ଥିତି ଅନ୍ୟପ୍ରକାର ହୋଇଥାନ୍ତା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରାବଣୀ- ପରିସ୍ଥିତି ଯାହା ବି ହେଉ ନା କାହିଁକି ସତ୍ୟ ସବୁବେଳେ ଚିରନ୍ତନ । ହୁଏତ ସତ୍ୟର ପଥ ବଡ଼ ଜଟିଳ କିନ୍ତୁ ଶେଷରେ ସତ୍ୟର ହିଁ ଜୟ ହୁଏ ।

ଅସିତ- ହଁ ସେଇଥିପାଇଁ ତ ମୁଁ ଆଜି ଜେଲର ଅନ୍ଧକାର କୋଠରୀ ମଧ୍ୟରେ ଯନ୍ତ୍ରଣା ଭୋଗୁଛି । ସତ୍ୟଟା ଏତେ ଚିରନ୍ତନ ଯେ ଶେଷରେ ମୋତେ ଜେଲ ହୋଇଗଲା । ମୋ ଚାକିରୀ ଜୀବନରେ କଲଙ୍କର ଛିଟା ବୋଳିଗଲା ।

ଶ୍ରାବଣୀ- ତୁମେ ଆଦୌ ବ୍ୟସ୍ତ ହୁଅନା ଅସିତ ସମୟ ସ୍ରୋତରେ ସବୁ ଧୀରେ ଧୀରେ ଠିକ ହୋଇଯିବ ।

ଅସିତ-(ବୁଲିପଡ଼ି) କିଏ.. ? କିଏ ତୁମେ ?

ଶ୍ରାବଣୀ- ମୁଁ .... ମୁଁ ଅସିତ, ମୁଁ ତୁମ ସ୍ତ୍ରୀ ଶ୍ରାବଣୀ ।

ଅସିତ-(ହସ ମଧ୍ୟରେ) ସ୍ତ୍ରୀ... (ପୁନଃ ହସ) କାହିଁ ମୋ ସ୍ତ୍ରୀ ଚରିତ୍ରରେ ତୁମକୁ ତ କେବେ ଦେଖିନାହିଁ କି ଜାଣିନାହିଁ ।

ଶ୍ରାବଣୀ- ଅସିତ ! !

ଅସିତ- ଓଃ ମନେପଡ଼ିଲା ତୁମେ ସେଇ କାଳ ନାଗୁଣି ନୁହେଁ ତ ଯିଏ ନିଜ ସ୍ୱାମୀକୁ ଭୁଲି ପରକୀୟା ପ୍ରୀତି କରୁଥିଲା ।

ଶ୍ରାବଣୀ- ତୁମେ ଏସବୁ କଣ କହୁଛୁ ଅସିତ ?

ଅସିତ- କାହିଁକି ମୁଁ କଣ କିଛି ମିଛ କହିଛି ?

ଶ୍ରାବଣୀ- ଆଖି ଯାହା ଦେଖେ କାନ ଯାହା ଶୁଣେ ତାହା ବେଳେ ବେଳେ ସତ ହୋଇନଥାଏ ।

ଅସିତ- ଓହୋଃ- ତାହେଲେ ଆମେ ସବୁ ମିଛୁଆ ରାଧୁଆ । ଏ ସଂସାରରେ ତୁମେ ଏକା ସତୀ ସାବିତ୍ରୀ । ମୁଁ ଯାହା ଶୁଣିଛି ନିର କକା ଯାହା ଦେଖିଲେ ସେସବୁ ମିଛ ପ୍ରହସନ ?

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶ୍ରାବଣୀ- ମୁଁ କେବଳ ଏତିକି କହିପାରେ ଶ୍ରାବଣୀ ଚୌଧୁରୀ ଗଙ୍ଗା ଜଳ ପରି ପବିତ୍ର ।

ଅସିତ- (ଖୁବ ଜୋର ହସିଉଠେ) ପବିତ୍ର ! ! କାହିଁକି ମୋ ପାଖେ ସେ ଅଯଥା ମିଛ ସତର ତର୍କ କରୁଛ । କେହି ନିଜ ଦହି ଖଟା ହୋଇଛି ବୋଲି କହିଲାଣି ନା କହିବ । ତା ଛଡା ତୁମ ସ୍ତ୍ରୀ ଜାତିକୁ ଚିହ୍ନିବା ବି ବଡ଼ ମୁସ୍କିଲ । ମୁହଁରେ କଅଁଳ କଥା କହି ଛାତିରେ ଛୁରୀ ଚଳେଇବାରେ ଭାରି ଓସ୍ତାଦ ।

ଶ୍ରାବଣୀ- ନା ନା ସବୁବେଳେ ସମସ୍ତଙ୍କୁ ସମୀକରଣ କଲେ ରେଜଲ୍ଟ କେବଳ ସେଇ ଗୋଟିଏ ପ୍ରକାର ବାହାରେ । ତୁମେ ମୋତେ ଭୁଲ ବୁଝନା, ଆମ ବାହାଘର ଆମ ଭଲପାଇବା କଣ ମିଛ । ମୋ ମଥାର ସିନ୍ଦୁର କଣ ମିଛ ?

ଅସିତ- ଯେଉଁ ସ୍ତ୍ରୀ ବିଶ୍ୱାସରେ ବିଷ ଭରି ଅନ୍ୟ ପୁରୁଷ ସହିତ ଅବୈଧ ସମ୍ପର୍କ ରଖେ ତା' ମଥାର ସିନ୍ଦୁର କେତେ ସତ ତା ଭଲପାଇବା କେତେ ନିର୍ମଳ ତାହା ଆଉ ମୋତେ ବୁଝେଇବାକୁ ପଡିବନି । ମୁଁ ବେଶ ଭଲଭାବେ ବୁଝିସାରିଛି ମୋର କେହି ସ୍ତ୍ରୀ ନାହାନ୍ତି । ଆଇ ଏମ ଏଲୋନ ।

ଶ୍ରାବଣୀ- ତୁମେ ଏକ ଭୁଲ ବୁଝାମଣାର ଶିକାର ହୋଇ ଏସବୁ କହୁଛ ମୁଁ ଜାଣେ ତୁମ ମନ ହୃଦୟ କେତେ ସ୍ୱଚ୍ଛ କେତେ ନିର୍ମଳ ।

ଅସିତ- ମିଛରେ ଆଉ ଫଟା କାନ୍ଥରେ କାଦ ଲେପ ଦିଅନା । ପ୍ଲିଜ ମୋତେ ଏକାକୀ ଛାଡିଦିଅ ।

ଶ୍ରାବଣୀ- ତୁମେ ଯେତେ ମନା କଲେ ବି ମୁଁ ଆସିବି । କାରଣ ମୁଁ ତୁମ ସାରା ଜୀବନର ସାଥୀ । ଆଜି ତୁମେ ମିଛକୁ ସତ ବୋଲି ମନେକରି ଆମ ସ୍ୱାମୀ ସ୍ତ୍ରୀର ସମ୍ପର୍କରେ କଳଙ୍କ ବୋଲୁଛ ଦିନ ଆସିବ ସେଇ କଳଙ୍କର କାଳିମା ସୂର୍ଯ୍ୟର ପ୍ରଖର ତାପରେ ଅପସରି ଯିବ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସିତ- ସେ ଦିନ ଆଉ ଆସିବନି । ଭୁଲରେ ସୁଦ୍ଧା ଆଉ କେବେ ମୋ ପାଖକୁ ଆସିବାପାଇଁ ପ୍ରୟାସ କରିବନି । ଜଣେ କଳଙ୍କିନୀର ମୁହଁ ଦେଖିବାକୁ ଏପରିକି ତାଠାରୁ କିଛି ଶୁଣିବାକୁ ମୋତେ ଘୃଣା ଲାଗେ । ମୁଁ ମୋର ଯେଉଁ ଅବସ୍ଥାରେ ଅଛି ମୋତେ ଭୋଗିବାକୁ ଦିଅ । ହେଲେ ତୁମେ ବେଶ ଖୁସିରେ ରୁହ । ଯାଅ ଚାଲିଯାଅ ମୋ ସମ୍ମୁଖରୁ ।

ଶ୍ରାବଣୀ- ହଁ ଚାଲି ତ ଯିବି । ପ୍ରେମ ଦୋକାନରେ ଯେତେବେଳେ ପ୍ରତିହିଂସା ବିକ୍ରି ହେଲାଣି ସେଠି ସ୍ନେହ ଖୋଜିଲେ କୋଉଠୁ ମିଳିବ ? ତଥାପି ଯିବାବେଳେ ପୁଣିଥରେ କହିଯାଉଛି ମୁଁ ସେଇ ଶ୍ରାବଣୀ ଚୌଧୁରୀ । ଅସିତ ଚୌଧୁରୀଙ୍କ ବାଗଦତ୍ତା ।(ପ୍ରସ୍ଥାନ)

ଅସିତ- (ହସ ମଧ୍ୟରେ ଲୁହ)ଏଇ ନାରୀ ଜଣକ କଣ କହିଗଲା ସେ ମୋ ବାଗଦତ୍ତା ? ନୋ ନେଭର- ମୁଁ କାହାର ସ୍ୱାମୀ ନୁହେଁ କି ମୋର କେହି ସ୍ତ୍ରୀ ନାହାନ୍ତି । ଆଇ ଏମ ଏଲୋନ, ଆଇ ଏମ ଏଲୋନ ।(ମ୍ରିୟମାଣ)

(ମଞ୍ଚ ଅନ୍ଧାର)

। । ୨୩ ଦୃଶ୍ୟ । ।

(ଦିନଦାୟଲ, ନାଥୁରାମ, ମି:ପଣ୍ଡାଙ୍କର ଆଲୋଚନା ଚାଲିଥାଏ । ଦ୍ୱାରଦେଶରେ କେଶରୀଆ ପହରା ଦେଉଥାଏ ।)

ଦିନ- ବାଃ ଏସ.ପି. ସାହେବ, ଆପ ତୋ କମାଲ କେ ଆଦମୀ ନିକଲେ ହୋ । ଆପକା ଚତୁରାଇ କୋ ହମ ତାରିଫ କରତେ ହେଁ ।

ନାଥୁ- ରିଏଲି ଏସ.ପି. ସାହେବ ଆଇ ମିନ ମି: ପଣ୍ଡା ୟୁ ଆର ଗ୍ରେଟ, ଗ୍ରେଟ ମେନ ।

ପଣ୍ଡା- ପାଦରୁ କଣ୍ଟା କାଢ଼ିବାକୁ ହେଲେ କଣ୍ଟାର ଆବଶ୍ୟକତା ପଡେ । ମୁଁ ଯେଉଁ କଣ୍ଟାକୁ ଆପଣଙ୍କ ରାସ୍ତାରୁ ହଟେଇ ଦେଇଛି ସେଇଟା ଗୋଟେ ସପ୍ତଫେଣି କଣ୍ଟା ଥିଲା । ଯଦି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆପଣଙ୍କ ଗୋଡ଼ରେ ଫୁଟିଥାନ୍ତା ସାରା ଜୀବନ ସେ କ୍ଷତ ଶୁଖି ନଥାନ୍ତା ।

ଦିନ- ହାଁ ଏସ.ପି. ସାହେବ ଇନ୍‌ସପେକ୍ଟର ଅସିତ ଚୌଧୁରୀ ହମାରେ ଲିୟେ ସିରିଫ କାଣ୍ଟା ନେହିଁ ଥା ବଲକି ଏକ ବିସ୍ଫୋଟ ଥା ଜୋ ଫାଟନେ ସେ ପହଲେ କାଲ କୋଠରୀ ମେ କଏଦ ହୋ ଗୟା ।

ନାଥୁ- ଏସ. ଫଣ୍ଡା ଆଇ ମିନ ଠୁମେ ଜହୁଁ ପ୍ଲେଟରେ ଇଟ ଖଲ ଦାଟ ପ୍ଲେଟ କୋ ହୋଲ କଡ଼ିଦେଲ ।

ପଣ୍ଡା- କେବଳ ପ୍ଲେଟ କଣା କରିନି ବନ୍ଧୁ ଆବଶ୍ୟକ ପଡ଼ିଲେ ପୂରା ପ୍ଲେଟ ବି ଗାୟବ କରିଦେବି ।

ନାଥୁ- ନାଠୁରାମ ବହୁଟ ଛୁଣିଲା । ବଟ ମି: ଫଣ୍ଡା ଆପନକ ହେଣ୍ଡରେ ଆଇନ ଠିଲେ ବି ଆଫଣ ଆମ ଏନମିକୁ ଧଡି ପାଡିଲେ ନାହିଁ ।

ପଣ୍ଡା- ଆଇ ଡୋଣ୍ଟ ନୋ ହୁ ଇଜ ଦାଟ ଫେଲୋ । ଆଇନ ଆଖିରେ ଧୂଳି ଛାଟି ଫୁରର ହୋଇଯାଉଛି । ବଟ ରିମେମ୍ବର କେତେଦୂର ଉଡିବ । ଉଡି ଉଡି ଥକି ପଡ଼ିଲେ ଆଇନ ଜାଲରେ ଧରା ପଡିବ ।

ଦିନ- ଲେକିନ କିତନେ ଦିନ ହମ ଇନ୍ତେଜାର କରଙ୍ଗେ ? ଏକ କେ ବାଦ ଏକ ହମାରା ଦୋ ପାର୍ଟନାର କୋ ଓ ହାରାମଖୋର ମର୍ଡର କରଦିୟା । ଔର ଇନ୍ତେ ଜାର ନେହିଁ ହୋଗା । ତୁରନ୍ତ କୁଛ କରିଏ ଏସ.ପି ସାହେବ ।

ପଣ୍ଡା- ଓକେ ମୁଁ ବହୁତ ଚେଷ୍ଟା କରିବି । ତେବେ ମୋର ଫିସଟା ଦେଇଦେଲେ ଆଉ ଟିକେ ଅଧିକ ଚେଷ୍ଟା ସଫଳ ହୁଅନ୍ତା ।

ନାଥୁ- ଇଏସ, ଇଏସ ଟେକ ୟର ଫିସ । (ଟଙ୍କା ବଣ୍ଡିଲ ପଣ୍ଡା ନିକଟକୁ ଫିଙ୍ଗି ଦିଏ)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଭିଜିତ- (ପ୍ରବେଶି) ଆଉ ମୋ ଫିସଟା.... ?

ପଣ୍ଡା- ଏସ ଆଇ ଅଭିଜିତ ତୁମେ ଏଠାରେ ?

ଅଭି- ଇଏସ ସାର ମୁଁ....

ପଣ୍ଡା- ହାଓ ଷ୍ଟ୍ରେଞ୍ଜ ?

ଅଭି- ଇଏସ ସାର, ଅସିତ ଚୌଧୁରୀ ଜଣେ ପ୍ରକୃତ ଅପରାଧୀ । ଆଇନ ଯେଉଁ ସୈନିକକୁ ଦିନେ ଗୌରବର ସାର୍ଟିଫିକେଟ ଦେଇଥିଲା ସେ ଯେ ଆଇନ ପାଇଁ କଳଙ୍କର ଛିଟା ହେବ କିଏ ଜାଣିଥିଲା ? ସତରେ କଣ ସାର ଆମ ଦେଶରୁ ସତ୍ୟ-ନ୍ୟାୟ୍-ଧର୍ମ ଲୋପ ହୋଇଯାଇଛି ?

ଅଣ୍ଡା- ତୁମେ କଣ କହିବାକୁ ଚାହଁ ?

ଅଭି- ଫମ୍ପା ମାଠିଆର ଶବଦ ବେଶୀ । ଇନ୍‌ସପେକ୍ଟର ଅସିତ ଚୌଧୁରୀକୁ ମୁଁ ବହୁଥର କହିଛି ଆରେ ସାର ଏବେ ସମୟ ଖରାପ, ଆଉ ସେ ପୂର୍ବ ସମୟ ନାହିଁ ଆପଣଙ୍କ ସତ୍ୟତାର ମାନ୍ୟତା ମିଳିବ । ଏଠି ଆଜି ଯେତେ ମିଛ ଯେତେ ଅନ୍ୟାୟ କରିବ ସବୁ ସାତ ଖୁଣ ମାଫ ଭଳି ମାଫି ମିଳିଯିବ । ହେଲେ ସେ କଣ ମୋ ଉପଦେଶ ଶୁଣିଲା । ନିଜକୁ ନିଜେ ଚତୁର୍ଦଶ ଲୁଇଙ୍କ ଦ୍ୱିତୀୟ ଅବତାର ଭାବିଲା । ଶେଷରେ ଲୁଇଙ୍କୁ ଯେମିତି ଉଇ ଚରି ଯାଇଥିଲେ ଅସିତ ଚୌଧୁରୀ ମଧ୍ୟ ଜେଲ ଭିତରେ ରହି କୋଉଦିନ ହରିଯିବ କେହି ଜାଣିପାରବେ ନାହିଁ ।

ପଣ୍ଡା- ତା'ମାନେ ତୁମେ... ?

ଅଭି- ତିନି ତୁଣ୍ଡରେ ଛେଳି କୁକୁର ସାର ।

ନାଥୁ- ଆଇ ମିନ... ?

ଅଭି- ଆପଣ ଆମ ମାତୃଭାଷା ବୁଝି ପାରିବେ ନାହିଁ । କଥା କଣ କି ବର୍ଷା ଯୋଉଘଟେ ଛତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେଇପଟେ । କିଛି ଠଣଠଣ ଗୋପାଳ ମିଳିଗଲେ ମୁଁ ବି ଖୁସି ମୋ ପ୍ରେମିକା ବି ଖୁସି ।

ନାଥୁ- ଇଏସ ଜରୁର ମିଲିବ । ଏଇ ଣିଅ ତମ ଫିସ (ଟଙ୍କା ବଣ୍ଡିଲ ଅଭି ନିକଟକୁ ଫିଙ୍ଗିଦିଏ, ଅଭି ଧରି ନପାରି ତଳେ ପଡ଼ିଯାଏ)

ଅଭି- ଆମ ଦେଶରେ ମହାଲକ୍ଷ୍ମୀଙ୍କୁ ଏଭଳି ହତାଦର କରନ୍ତି ନାହିଁ ଆଜ୍ଞା । ଏହାରି ପାଇଁ ପରା ଏତେ ଟଣାଟଣି, ପେଲାପେଲି ଠାରୁ ଆରମ୍ଭ ହୋଇ ହଣାକଟାରେ ସାରିଥାଏ । ଆପଣ ଜାଣି ନାହାନ୍ତି ଏହାରି ପାଇଁ ସୁଲତାନ ମାମୁଦ ଏକୋଇଶି ଥର ସୋମନାଥ ମନ୍ଦିର ଲୁଣ୍ଠନ କରିଥିଲା । ଶଳାଟା କେତେ ଧନ ଲୋଭି ଥିଲାରେ.... ।

ନାଥୁ- ନାଠୁରାମ ବହୁଟ ଛୁଣିଲା ନାଓ ଜ୍ୱୋଥ ଆର ଗେଟ ଆଉଟ ।(ଏକ୍ସନ)

(ମଞ୍ଚ ଅନ୍ଧାର)

କ୍ରମଶଃ............

email- dwibedysudhansu@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

DRJYOTIPRASAD

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବସୁଧା (ପୃଥ୍ୱୀ)



ଶିବ ନାରାୟଣ ଦାଶ

ଜନନୀଠୁ ମହିୟସୀ ତୁମେ
ସ୍ୱର୍ଗ ଠାରୁ ଅଟ ଗରୀୟସୀ,
ଧୈର୍ଯ୍ୟ, କ୍ଷମା, ସହିବାର ପଣେ ତୁମର ଯେ ପଟାନ୍ତର ନାହିଁ ।

ତୁମରି ସେ ବିଶାଳ ବକ୍ଷରେ
ବହିଚାଲ କେତେ କେତେ
ନଦୀ, ନାଳ, ନିର୍ଝରିଣୀ
ଆଉ ପୁଣି ସାଗର ହିଲ୍ଲୋଳ,
ସୁରମ୍ୟ ପ୍ରାସାଦ
ଆଉ ନଭଶ୍ଚୁମ୍ବୀ ଅଟ୍ଟାଳିକାମାନ,
ପାହାଡ, ପର୍ବତ କେତେ -
ଉପତ୍ୟକା, ସବୁଜ ପ୍ରାନ୍ତର !
ସୁଷମା ମଣ୍ଡିତ ଶୋଭା
ପ୍ରକୃତିର ସ୍ନିଗ୍ଧ ସୁନ୍ଦରତା -
ତୁମ ଦେହେ ଦିଶେ ମନୋରମ,
ରୋମାଂଚିତ କରେ ପୁଣି ତୁମ
ନିକାଂଚନ ବନସ୍ତର ରୁଦ୍ର ମଧୁରିମା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପଶୁ-ପକ୍ଷୀ, ଜୀବ-ଜନ୍ତୁ
ଯାନ ଆଉ ଜନ
ନିର୍ବିବାଦେ ଆତଯାତ କରନ୍ତି ସଭିଏଁ
ନିଃସଂକୋଚେ ଯହିଁ -
ନିର୍ଭୟରେ ତୁମର ସେ ପ୍ରଶସ୍ତ ବୁକୁରେ,
ତୁମେ କେବେ ମନାକର ନାହିଁ,
ସକରୁଣ ସ୍ନେହାବଶେ ସଭିଙ୍କୁ ଆଦରି
ସର୍ବଂସହା ହେ ଧରିତ୍ରୀ !
ତୁମେ ହସ ଯନ୍ତ୍ରଣାର କ୍ଲିଷ୍ଟ ଅନ୍ତରାଳେ,
ଉଦାର, ଅଭୟ ତୁମ ଦୃଢ ଆଲିଙ୍ଗନେ ।

ପାହାଡର ଫାଙ୍କୁ ତୁମ ସୂର୍ଯ୍ୟ ଉଏଁ ଯେବେ,
ଜୀବନେ ସଞ୍ଚାରେ ପ୍ରାଣ
ଆଶାର ଆଲୋକେ,
ହସିଉଠେ ପ୍ରକୃତିର ସୁସ୍ନିଗ୍ଧ ସୁଷମା
ଦେହେ ଭରି ବଂଚିବାର ଅତୀନ୍ଦ୍ରିୟ ସ୍ପର୍ଶ,
ଜୀବନ-ସଂଗ୍ରାମେ ଧାଏଁ ଅସହାୟ ବିକ୍ଷତ ମଣିଷ,
ବିଶ୍ୱାସର ବହ୍ନି ଜାଳି
କରିବାକୁ ଆପଣାର ପୂର୍ଣ୍ଣାଙ୍ଗ ପ୍ରକାଶ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୂର୍ଯ୍ୟ ପୁଣି ଅସ୍ତ ଯାଏ
ତୁମରି ସେ ଦୂର ଦିଗବଳୟରେ,
ସଞ୍ଜ ଆସେ ନଇଁ -
ଆଶା ଆଉ ନିରାଶର ଘୋର ଅନ୍ଧକାରେ
ଘୁମନ୍ତ ମଣିଷ ଶିଶୁ ସ୍ୱପ୍ନ ଦେଖେ ଯହିଁ -
ଉଷାର ସିନ୍ଦୁରା ଫାଟି ଆଗାମୀ ଦିନରେ
ନବ ସୂର୍ଯ୍ୟୋଦୟ ଏକ ହେବ ପ୍ରତିଭାତ,
ଅନ୍ତ କରି ମଣିଷର ଦୁଃଖ, ଦୈନ୍ୟ ଯେତେ
ଜଳାଇବ ଅନ୍ତରରେ ପ୍ରଜ୍ଞାର ପ୍ରଦୀପ -
ଚୈତନ୍ୟର ଆଲୋକରେ କରି ଉଦ୍ଭାସିତ ।

ହେ ବସୁଧା !
ତୁମେ କୋଟି ଜୀବନର ପୂର୍ଣ୍ଣପ୍ରାଣ ସୁଧା,
ଛାଡି ଚିରି ଦିଅ ତୁମେ ଅନ୍ନ
କ୍ଷୁଦାର୍ତ୍ତ ଜନଙ୍କୁ,
ଉପୁଜାଅ ଶସ୍ୟ ସବୁଜିମା ।
ପଶୁ-ପକ୍ଷୀ ଆସ୍ୱାଦନ୍ତି ପୁଣି
ତୃଣମୟ ସବୁଜ ପ୍ରାନ୍ତରେ
ଆଉ ଗୁଳ୍ମ, ଲତା ପତ୍ର, ପୁଷ୍ପେ ଭରା
ତୁମରି ସେ ଜୀବନୀ ନିର୍ଯ୍ୟାସ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫଳ-ମୂଳ ସ୍ୱାଦ ମାଧୁରିମା

ପ୍ରକୃତିର କୋଳେ ତବ

ବୁଭୁକ୍ଷିତ ପ୍ରାଣୀଜନେ ଦିଏ

ବଂଚିବାର ଗଭୀର ଆଶ୍ୱାସ,

ପ୍ରଶମିତ କରି କୋଟି ଉଦରର ଜ୍ୱାଳା

ଶାନ୍ତ କର ତୁମେ ସତେ

ଜୀବନରେ ଜୀଇଁବାର ନିୟତ ସଂଗ୍ରାମ

ଆଉ ପ୍ରଖର ଯନ୍ତ୍ରଣା ।

ସର୍ବଂସହା ବସୁନ୍ଧରା ଆଗୋ  !

ଇତିହାସ ସାକ୍ଷୀ ପୁଣି ଏଠି -

ତୁମ ବକ୍ଷେ ବହିଯାଏ କେତେ

ନିଃଶବଦ ସମୟର ଅସଂଖ୍ୟ ମୁହୂର୍ତ୍ତ

ଆଉ ପୁଣି ତା' ଭିତରେ ଭାସି

ଉତଥାନ ଓ ପତନର

ଅସୁମାରୀ ଉର୍ଜ୍ଜସ୍ୱଳ ସ୍ରୋତ ।

ତୁମେତ ଦେଖିଛ ଏଠି

ଶତ ସହସ୍ର କୋଟି ସଭ୍ୟତାର ଅନ୍ତ,

ରାଜା, ମହାରାଜା କେତେ -

ସାମ୍ରାଜ୍ୟର ଅଭ୍ୟୁଦୟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅବା ପୁଣି ବିନାଶ ବୃତ୍ତାନ୍ତ ।
ତୁମେ ବି ଦେଖିଛ କେତେ ରକ୍ତପାତ
ମଣିଷର ଅହଂ- ସମ୍ଭୂତ,
ହେଉ ତାହା ରଣକ୍ଷେତ୍ର ମହାଭାରତର
ଅବା ହେଉ ବିଶ୍ୱଯୁଦ୍ଧ କମାଣ-ଗର୍ଜନ ।
ରାଜା ଏଠି ପାଲଟିଛି ରଙ୍କ
ଆଉ କେବେ ଚକ୍ରବର୍ତ୍ତୀ ସାଜି
ସିଂହାସନେ ବିରାଜିଛି
ଦୀନ-ସର୍ବସ୍ୱାନ୍ତ ।
ତୁମେ ତ ଦେଖିଛ ସବୁ
ଯୁଗ-ଯୁଗ, କଳ୍ପ-କଳ୍ପ ଧରି
ହେ ଧରିତ୍ରୀ !
ତୁମେ ତ ସହିଛ ସବୁ
ଅନାୟାସେ ଛାତିକୁ ପଥର କରି,
ପ୍ରତିବାଦ ସ୍ଫୁରିନାହିଁ ତୁମ କଂଠୁ କେବେ,
ତୁମେ ଖାଲି ପାଲଟିଛ ଦ୍ରଷ୍ଟା
ସ୍ରଷ୍ଟାଙ୍କର ବିବର୍ତ୍ତନ ପଥେ ।

ତୁମେ ସତେ ଏମିତିଆ ମାଆଟିଏ କୁହ
ଯିଏ ଖାଲି ନିଜ କୋଳେ ଜନ୍ମ ଦିଏ ନାହିଁ -

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବରଂ ଦେଇ ତୁମ ରକ୍ତ, ମାଂସ, ହାଡ଼

ଆଉ ଜୀବନର ପ୍ରୋଥିତ ନିର୍ଯ୍ୟାସ,

ତୁମ ସୃଷ୍ଟି ବିଶ୍ୱ ଚରାଚରେ

ସ୍ନେହାବଶେ ସଭିଙ୍କୁ ଯେ ଗଢ ।

ନାଚି କୁଦି ତୁମରି ଛାତିରେ

ତୁମେ କର ପ୍ରାଣବନ୍ତ ତାଙ୍କୁ

ଦେଇ କେତେ ଜୀବନର

ବହୁମୂଲ୍ୟ ଅଭିଜ୍ଞତା ଧନ ।

ଆଉ ପୁଣି ସର୍ବଶେଷେ

କରୁଣାର ଗଭୀର ଆବେଗେ

ଆଲିଙ୍ଗନ କର ତବ ସନ୍ତାନଙ୍କୁ ତୁମେ,

ନିଜ ଦେହେ କରି ଅଂଗୀକାର

ଟାଣିନିଅ ଆପଣା ଗର୍ଭକୁ,

ଆଉ ଆପଣା ଭିତରେ ଦିଅ ସଭିଙ୍କୁ ମିଳାଇ

ଜୀବନର ଯାତ୍ରା ଶେଷ ହେଲେ ।

ଧୈର୍ଯ୍ୟ, କ୍ଷମା, ସହିଷ୍ଣୁତା ଭରା

ମହିୟସୀ ହେ ପରମା ଧାତ୍ରୀ,

ହେ ଚିରନମସ୍ୟା ତୁମେ


ଘେନ ଆମ ବିନମ୍ର ପ୍ରଣତି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱୟଂଭୂ ମହାକାଳ



ସ୍ୱର୍ଗତ ଶ୍ରୀ
ମାୟାଧର ଦାଶ

ଆନନ୍ଦମୟ ସତ୍ୟ-ସୁନ୍ଦର ବିଶ୍ୱ ଅଂତରବାସୀ,
ଅକ୍ଷୟ ତୁମେ ଅକ୍ଷର ତୁମେ ଅମୃତ-ଅବିନାଶୀ,
ଅସୀମ ଅପାର କାରୁଣିକ ପ୍ରଭୁ ସସୀମ ସଂଜ୍ଞାଧାରୀ,
ଅନନ୍ତ ବିଶ୍ୱ ଚରାଚର ବିଭୁ ସାନ୍ତ ଜଗତଚାରୀ ।

କାଳାତୀତ ତୁମେ କାଳେ କାଳେ ପୁଣି ଧରିଛ ମର୍ତ୍ତ୍ୟଦେହ,
ଶାଶ୍ୱତ ପ୍ରଭୁ ପ୍ରଜ୍ଞାଗୋଚରେ ଅବ୍ୟକ୍ତ ଲୀଳାମୟ,
ପୁରୁଷୋତ୍ତମ ପରମେଶ୍ୱର ଅଜ୍ଞେୟ ଅନାସକ୍ତ,
ଜଗତ ଜୀବନେ ବଦ୍ଧ ହେ ପୁଣି ନୀରବ ନିଶ୍ଚଳ ମୁକ୍ତ ।

ତ୍ରିଗୁଣାତୀତ ପରା-ପ୍ରକୃତିରେ ଭର୍ତ୍ତା, ଈଶ୍ୱର, ଜ୍ଞାତା,
ଚୈତନ୍ୟମୟ ଜଗତ ଜୀବନେ ପରମପୁରୁଷ ତ୍ରାତା,
ମହିମାମୟ ଅକ୍ଷୟକାଳ ବିଶ୍ୱତୋମୁଖଃ ହରି,
ଅବିନଶ୍ୱର ଅନାଦି ବିଶ୍ୱ ସର୍ବସଂହାରକାରୀ ।

ମାୟାବିଧୃତ କଳେବରଧାରୀ ତୁମେହିଁ ବିଶ୍ୱରୂପ,
ଜନ୍ମରହିତ-ଅଜ-ସନାତନ ସର୍ବଭୂତର ଭୂପ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁରାଣ-ପୁରୁଷ ଧ୍ୱଂସ ମହାକାଳ ଜନ୍ମ-ମରଣଚାରୀ,
ପ୍ରେମମୟ ଶାନ୍ତି ଦିବ୍ୟ ବିଧାନେ ନୂତନ ସୃଷ୍ଟିକାରୀ ।

ସର୍ବସହାୟକ ଅମିତ ସ୍ରଷ୍ଟା କରୁଣାମୟ ଦେବ,
ବିଶ୍ୱପୁରୁଷ ବିପଦ-ବନ୍ଧୁ ସର୍ବନିୟନ୍ତା ଶିବ,
କରାଳରୂପର ପଶ୍ଚାତେ ପ୍ରଭୁ ଆନନ୍ଦମୟ ସତ୍ୟ,
ବରାଭୟଦାତା କୃପାଘନରୂପ ଆଦି ଅକଳନ ନିତ୍ୟ ।

ସକଳ ଭୂତରେ ନିତ୍ୟ ବିରାଜିତ ବିଶ୍ୱାତୀତ ଆଦିଦେବ,
ପ୍ରକୃତିପତି କର୍ମବନ୍ଧନେ ଅକ୍ଷରୁ କ୍ଷରଭାବ,
କର୍ମରୂପେ ତୁମେ ଜ୍ଞାତାରୂପେ ପୁଣି ଜ୍ଞାନରୂପେ ଭଗବାନ,
ଜ୍ଞେୟ ରୂପେ ପ୍ରଭୁ ଗତିରେ ମୁକ୍ତିରେ ଶକ୍ତିରେ ବିଦ୍ୟମାନ ।

ଯଜ୍ଞର ହବି ଯଜ୍ଞର ହୋତା ଯଜ୍ଞର ଭୋକ୍ତାବର,
ଯଜ୍ଞର ଲକ୍ଷ୍ୟ ଉଦ୍ଦେଶ୍ୟ ତୁମେ ଯଜ୍ଞର ଅଧୀଶ୍ୱର,
ସର୍ବଲୋକର ମହେଶ୍ୱର ତୁମେ ସାଧକ-ସାଧନା-ସିଦ୍ଧି,
ଚିନ୍ମୟ ଚିରସୁନ୍ଦର ପ୍ରଭୁ ଭକ୍ତ କରୁଣାନିଧି ।

ଅଚିନ୍ତ୍ୟରୂପ ଦୁର୍ନିରୀକ୍ଷ ଶାଶ୍ୱତ ମହାବଳ,
ରକ୍ଷମାଂ ପ୍ରଭୁ ଶରଣାଗତ ସ୍ୱୟଂଭୂ ମହାକାଳ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂସ୍କୃତିର ପର୍ବ ରଜ



ସାଇ ପ୍ରସାଦ ସାହୁ

ବରଷକେ ଥରେ ଆସିଛି ରଜ
କେତେ ସଜବାଜ ହୋଇ
ସାଥିରେ ଆଣିଛି ଆନନ୍ଦ ଉଲ୍ଲାସ
ଜଗତେ ବାଣ୍ଟିବା ପାଇଁ ।

ପରବ ଭିତରେ ଶ୍ରେଷ୍ଠ ପରବଟି
ଏଇ ରଜପର୍ବ ପରା
ଓଡ଼ିଆ ସଂସ୍କୃତି ମହିମା ମଣ୍ଡିତ
ଉଚ୍ଚ ତା'ର ପରମ୍ପରା ।

ଗାଆଁ ଠୁ ସହର ମେଳା ମହୋତ୍ସବ
ସବୁଠି ଖେଳେ ତା' ଆନନ୍ଦ ଲହରୀ
ଦୋଳିର ଗୀତରେ ମଜ୍ଜି ଯାଏ ସତେ
କେତେ ସଂପର୍କ ଶାଏରୀ ।

ଏହି ପରବଟି କୃଷି ଭିତ୍ତିକ
ଆନନ୍ଦ ଉଲ୍ଲାସେ ପାଳେ କୃଷକ
ମୌସୁମୀର ଯେବେ ହୁଏ ଆଭାସ
ଚାଷୀ ଖୁସି ହୋଇ କରିବ ଚାଷ ।

ପବିତ୍ର ଏ ମାଟି ସୁନ୍ଦର ତା' ଛବି
ନାନା ସଂସ୍କୃତିରେ ଭରା
ବାର ମାସେ ତେର ପରବ ମଧ୍ୟେ
ରଜ ଉତ୍ସବଟି ହୀରା ।

ସିନ୍ଧେକେଲା ,ବଲାଙ୍ଗୀର
ଭ୍ରାମ୍ୟ ଭାଷ – ୯୯୩୭୦୩୪୬୭୪୨
ଇ-ମେଲ୍ : saiprasadsahu867@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ



ଅନନ୍ତ କୁମାର

ଜୀବନଟା ମୋର କାଚର ଆଇନା
ଥରେ ଭାଙ୍ଗି ଗଲେ ହେଇ ଯାଏ ଚୁନା,

ଜୀବନଟା ମୋର  ଚଢେଇର ନୀଡ଼
ଭାଙ୍ଗି ଦେଇଯାଏ ଅଦିନିଆ ଝଡ,

ଜୀବନଟା ଶୂନ୍ୟ ପୋଖରୀର କଇଁ,
ତୋଳିବାକୁ ମୋର ହାତ ପାଏ ନାହିଁ,

ଜୀବନଟା ଦୁଃଖର ଅଥଳ ନଇ
ଅଳ୍ପ ହସରେ ଯାଏ ଶୁଖିଲା ହେଇ,

ଜୀବନଟା ଏକ ଛୋଟ ବାଲି ଘର
ଢେଉ ଆସି ଭାଙ୍ଗି ଦିଏ ବାର ବାର,

ଜୀବନଟା ମୋର କାଗଜର ଗୁଡି
ଫୁର୍ କିନା କେତେବେଳେ ଯିବ ଉଡି,

ଭଦ୍ରକ, ତିହିଡି, ଯୋଗାଯୋଗ-୮୩୩୯୯୩୯୯୨୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଜକୁ ପଚାର ଥରେ



ଶିଶିର କୁମାର ପଣ୍ଡା

ଫେସବୁକ୍ ରେ ମୁଁ ବନ୍ଧୁତା ଯୋଡ଼ିଛି
ନିଜର ଲୋକଙ୍କୁ ଛାଡ଼ି
ସୁନ୍ଦର ଫଟୋଟେ ଲଗେଇ ଦବାରୁ
ମୋ ପାଖେ ଲାଗିଛି ଧାଡ଼ି ।

ବୁଢ଼ୀ, ଦରବୁଢ଼ୀ, ତରୁଣୀ ମାନଙ୍କୁ
ପାଖକୁ ପାରିଛି ଆଣି
ନିରୋଳାରେ ବସି ଚାଟିଂ କରୁଛି
ମନକୁ ତାଙ୍କର ଜାଣି ।

ଅଷ୍ଟମୀ, ରଜରେ ସମୟ ମିଳୁନି
ଯିବାକୁ ଭଉଣୀ ଘର
ରାତି ନ ପାହୁଣୁ ଝିଅଙ୍କୁ ମେସେଜ
ଦବାକୁ ମୁଁ ତରତର ।

ହାଲୋ ହାଏ କରି ସକାଳ କାଟେ ମୁଁ
ସଞ୍ଜକୁ ଲାଗଇ ପାଲା
ଘରଣୀ କଥାରେ ଜବାବ ଦିଏନା
ମୁହଁରେ ପକାଏ ତାଲା ।

ବଦଳି ଗଲିଣି ଆଣ୍ଡ୍ରୋଏଡ୍ ସେଟ୍
ହାତରେ ଧରିଲା ପରେ
ମିଛ କହୁଛି କି ସତ ମୁଁ କହୁଛି
ନିଜକୁ ପଚାର ଥରେ ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶ୍ରଦ୍ଧା ସୁମନ



ସରୋଜିନୀ ମିଶ୍ର

ଜଗତର  ନାଥ ପ୍ରଭୁ
ବିଶ୍ୱ  କାରିଗର
କେମିତି ରଚିଲ
ଏହି ଭବ ପାରାବାର  ?

ବିଶାଳ ସାଗର ସହ
ଅସଂଖ୍ୟ ତଟିନୀ
ସବୁଜ ବନାନୀ ମାଳ
ମନ ନିଏ କିଣି  ।

ନଭଶ୍ଚୁମ୍ବୀ ଶ୍ୱେତ
ବସ୍ତ୍ରାବୃତ୍ତ ହିମାଳୟ
ସପ୍ତରଙ୍ଗି ଇନ୍ଦ୍ରଧନୁ
ଅତି ଶୋଭାମୟ

ବିସ୍ତିର୍ଣ୍ଣ ବାଲୁକାରାଶି
ବିଶାଳ ପ୍ରସ୍ତର

କୋଟି କୋଟି ଯିବଜନ୍ତୁ
କୋଟି ନାରୀ ନର  ।

କୋଟି କୋଟି ତାରାଫୁଲେ
ମଣ୍ଡିତ ଗଗନ
ସୁଗନ୍ଧିତ  ପୁଷ୍ପରାଶି
ପ୍ରଶାନ୍ତ ଉଦ୍ୟାନ  ।

ସୌମ୍ୟ, ଶାନ୍ତ, ସ୍ନିଗ୍ଧା  ମାତା
ସର୍ବସଂହା  କ୍ଷିତି
ମନଲୋଭା ପ୍ରୀତିପର୍ଣ୍ଣା
ସବୁଜ  ପ୍ରକୃତି  ।

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

ରୌଦ୍ରତାପ ବିକିରଣ
ସୂର୍ଯ୍ୟ ନାରାୟଣ
ସୁଶୋଭିତ ସୁଶୀତଳ
ଚାନ୍ଦର କିରଣ ।

ମନ୍ତ୍ର ମୁଗ୍ଧ ହୃଦସ୍ପର୍ଶି
ବସନ୍ତ ମଳୟ
ବିକଟାଳ ରୂପୀ ଧ୍ୱଂସ
ତୋଫାନ ପ୍ରଳୟ ।

ସୀମାହୀନ ସାଗରର
ଫେନୀଳ ଲହରୀ
କାଚକେନ୍ଦୁ ସମଜଳ
ବିମଳ ପୋଖରୀ ।

ବର୍ଣ୍ଣିବାକୁ ଭାଷା ଶୁନ୍ୟ
ଏ ଛାର ଜୀବନ
ଚରଣେ ଦିଅ ଶରଣ
ପତିତପାବନ ।

ଆଲୋକ ନଗର, ଆମ୍ବପୁଆ, ବ୍ରହ୍ମପୁର, ଗଞ୍ଜାମ
ଭ୍ରାମ୍ୟଭାଷ - ୯୯୩୮୪୭୫୨୦୭

Listen to Odia Podcast on https://anchor.fm/aahwaan
ଆହ୍ବାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗ୍ରାମ ପରିକ୍ରମା



ଭବାନୀ ଶଙ୍କର ଦାଶ

ପ୍ରାତଃକୁ ସଜେଇ ଦେଇଛି,
    ଦେଖ ଗାଁର ବୋହୁଟି
ମୁଣ୍ଡରେ  ସେ ଭରିଦେଇଛି,
    ଦେଖ ସିନ୍ଦୂର  ବିନ୍ଦୁଟି ।
ମେଘର କଳା ରଙ୍ଗ ଆଣି,
    ସିଏ କଜ୍ଜଳ କରିଛି
ଅସ୍ତସୂର୍ଯ୍ୟ ରଙ୍ଗ ଆଣି ,
    ସିଏ ସିନ୍ଥିକୁ ବାନ୍ଧିଛି ।
ନୀଳ ରଙ୍ଗେ ଢାଙ୍କିଛି ଦେହ,
    ଦେଇ ନାଲିଆ ଓଢ଼ଣୀ
ଲାଗୁଛି ସତେଯେ ଏମିତି ,
    ସିଏ ଗାଁ ସାଆନ୍ତାଣୀ ।
ଭାବ ପ୍ରୀତି ସ୍ନେହ ନେଇ,
    ଆଜି ସକାଳ ଆସିଛି
ଅନ୍ଧାର ମଣିଷ ମନରେ,
    ସିଏ ଆଲୋକ ଆଣିଛି    ।

ଠିକଣା-ଗୌରାଦେଇପୁର, କୋଦଳା,
ଗଞ୍ଜାମ, ଓଡିଶା, ୭୬୧୦୩୨
୯୦୧୯୮୯୬୭୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାଜି ରାଉତ



ରାକେଶ ଷଡ଼ଙ୍ଗୀ

ଜନମିଛି  ଯେଉଁ  ଓଡ଼ିଶା ଭୂଇଁରେ, ଏଇ ସେଇ ମାଟି ଏଇ ସେହି
ବାର ବରଷର ବାଜି ରାଉତ ମୁଁ, ଭୁଲ ନାହିଁ ମତେ ଭୁଲ ନାହିଁ
ସମ୍ମୁଖେ ମୋର ମୃତ୍ୟୁ ଘାଟ
ଉତ୍କଳ ସନ୍ତାନ ଶୁଣାଉଛି ମୁହିଁ ଜନ୍ମମାଟିର ଜୟପାଠ   । ।

କହୁଅଛି ସେଇ ରାତିର କଥାକୁ, ଶୁଣ ଏବେ ସାଥି ଶୁଣ ଏବେ
ବ୍ରିଟିଶ ସେନାର ନିଷ୍ଠୁର ଗୁଳି ଖାଇଥିଲା ଏଇ ଛାତି ଯେବେ
ନିର୍ମମ ସେଇ ରାତି କଥା
ବ୍ରାହ୍ମଣୀ ଘାଟରେ ଫିରିଙ୍ଗି ଫଉଜ ସାଜିଥିଲା ଯେବେ ନରହନ୍ତା   । ।

ଶୁଣିଥିଲେ ତୁମେ ଆଗରୁ ଯେତେବି ଭଲକରି ଶୁଣ ଏଇବାର
ଆମରି ଦେଶରେ ଆମରି ଭୂଇଁରେ ବ୍ରିଟିଶ ସେନାର ଅତ୍ୟାଚାର
ବ୍ରାହ୍ମଣୀ ନଦୀର ଅଞ୍ଚଳେ
ନୀଳବର୍ଣ୍ଣ ପାଣି ନାଲି ରଙ୍ଗ ହେଲା ପ୍ରଜାମଣ୍ଡଳର ରକ୍ତରେ   । ।

ବସିଥିଲା ସଭା କ୍ଷୁବ୍ଧ କ୍ରୋଧିତ ପ୍ରଜାମଣ୍ଡଳର ସିପାହୀର
ସହିବାନି ଆଉ ଏବେଠାରୁ ଆମେ ବ୍ରିଟିଶ ସେନାର ଅତ୍ୟାଚାର
ଏକ ମତ ହୋଇ ହେଲା ସ୍ଥିର

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ବିନା ନିର୍ଦ୍ଦେଶରେ ବ୍ରିଟିଶ ସେନାକୁ କରି ନ ଦେବାକୁ ନଦୀ ପାର ।।

ପ୍ରଜାମଣ୍ଡଳର ଆଦେଶ ପାଇ ମୁଁ ଜଗି ବସିଥିଲି ନଦୀ ଘାଟେ
କରିଥିଲି ସ୍ଥିର ଜୀବନ ଗଲେବି ଜିବାକୁ ଦେବିନି ଏଇ ବାଟେ
ଆସିଲା ଫଉଜ ନଦୀ କୂଳେ
ବନ୍ଧୁକ ମୁନରେ ଛାଡ଼ିବାକୁ ବାଟ କହିଲେ ମତେ ସେ ସେତେବେଳେ

ଏଇ ଯେ ଓଡ଼ିଶା ମାଟି ମା' ମୋର ଅତ୍ୟାଚାରୀତ ତୁମ ହାତେ
ଥିବାଯାଏ ପ୍ରାଣ କରିବିନି ପାରି ଫେରିଯାଅ ତୁମେ ତୁମ ପଥେ
ବଡ଼ ହିଂସ୍ର ତୁମ ସରକାର
ମାନବ ନୁହେଁ ସେ ମାନବ ରୂପରେ ନରଭକ୍ଷୀ ଏକ ଜାନୁଆର

ଏଇ ମୋ ପିଞ୍ଜରା ଅଟ୍ଟାଳିକା ସାଜି କରିଅଛି ତୁମ ପ୍ରତିରୋଧ
କରିବିନି ପାରି କେବେ ମୋ ଡଙ୍ଗାରେ ଜଗି ରହିଥିବି ତୁମ ପଥ
ଘୋର ଅନ୍ଧକାର ରାତି ବେଳ
ନଦୀର ସେପାଖୁ ଫୁଟିଥିଲା ଗୁଳି ଟଳି ପଡ଼ିଲି ମୋ ମାଆ କୋଳ ।।

ମୁକୁନ୍ଦଦାଶପୁର, ବାଲିପାଟଣା, ଖୋର୍ଦ୍ଧା
ଭ୍ରାମ୍ୟଭାଷ : ୭୮୫୩୦୭୬୦୭୯

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପାଉଁଶ ତଳର ନିଆଁ



ଦୁଷ୍ମନ୍ତ ବେହେରା

ହସି ଉଠିବି ତୁମେ ମୋ ମଲାଟ
ଆଡେଇ କହିବ ପୁରୁଣା ସ୍ମୃତି
ପାଉଁଶ ତଳର ଚିହ୍ନ !

ମୁଁ ସିନା ଏଠି ଶୋଇଛି ଏବେବି ମୋ
ପାଉଁଶ ତଳର ନିଆଁ କୁହୁଳା ଧୂଆଁରେ
ଏଣେ ତେଣେ ଝୁରି ହେଉଛି !

ଆତ୍ମା ଶରୀର ପୋଡି ଯାଇଛି
ସାକ୍ଷୀ ଅଛି ମୋ ଯଶ ପାଉଁଶ
ତଳର ନିରବ ଶବ୍ଦ !

କେମିତି କହିବି ମୋ ଯନ୍ତ୍ରଣା କଥା
ପୁଷ୍ଠା ଆଡେଇ ପଢିଲେ ଜାଣିବ
ଜୀବନ ଖେଳର ରେଖା !

ନରମି ନାହିଁ କି ସରମି ନାହିଁ
ଆଲୋକ ଦେଖିବି ବୋଲି ଅନ୍ଧାର
ଦୁନିଆ ରେ ମୁଁ ହଜି ଯାଇଛି !

ବଞ୍ଚିଥିଲି ତୁମ ଭଲ ପାଇବା
ନେଇ ମାୟାଜାଲ ରେ ଗୁନ୍ଥି
ଦେଲ ମିଠା କଥା କହି !

ଦିନ ହସି ପୁଣି ହସି ଦେଉଛି ରାତି
ମାଟି ପଚାରି କହୁଛି ଚିହ୍ନ ବର୍ଣ୍ଣ
ତୋ'ର ଦେଲି ମିଶେଇ !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଙ୍ଗାର କଳାକୁ ମୋ ଦେହ କଳା
କେମିତି ଲେଖି ପାରିବି ତୁମ
ଯୌବନର ଅନେକ କଳା !

ଝୁରୁଛି ଦୁନିଆ ପାଇଁ ମଶାଣି ପଚାରି
କହୁଛି କିଏ ପଚାରି ବୁଝିଛି
ତୋ'ର ଦୁଃଖ ଲେଉଟା !

ମୁଁ ହସି ହସି କହିଲି ସ୍ୱାର୍ଥପର
ଏମାନେ ମୁଁ କ'ଣ ସ୍ୱାର୍ଥପର
ହେଇ ପାରୁଛି !

ଜୁଇପରି ଜଳିଗଲି ସ୍ମୃତି ମୋର
ଜାଳି ଲୋହ ରେ ଭିଜେଇ ଦେଲି
ମୋ ସାଥି ସମାଧି !

କିଏ ବଡ କିଏ ଛୋଟ ମୁଁ ଜାଣିନି
ମୁଁ ଏତିକି ଜାଣିଛି ଆଜି ମୁଁ ମିଶିଛି
କାଲି ତୁମେ ମିଶିବ ମାଟିରେ !

ସପନ ଦେଖିଛି ପାଉଁଶ ତଳ ନିଆଁ ରେ
ଥାଇ ଦୁନିଆ ହସିବା ଆଗରୁ ଏ ମଣିଷ
ତା'ର ସ୍ୱାର୍ଥ ହାସଲ କରି ନେଉଛି !

ମୋ ଜୀବନ ବହି ଦିନେ ପଢ଼ିବ
ମୋ ପାଉଁଶ ତଳ ନିଆଁ କୁ
ଆସି କହିବ ତୁମେ ..

ସମାଧି ନୁହଁ
ଜୀବନ୍ତ ସମାଧି......

ରାସୋଳ-ମୁଣ୍ଡିଆପଷି, ଢେଙ୍କାନାଳ
ମୋ ନଂ-୯୯୩୭୬୫୨୫୦୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ କିଏ ?



ଆଦରମଣି ପ୍ରଧାନ

ତୁମେ କିଏ ,,,

ଯିଏ ମୋର

ସାରା ଅତୀତ ହଜାଇ ଦେଲ,,,

ତୁମେ କିଏ,,,

ଯିଏ ମୋର

ସାରା ସମ୍ପର୍କ  ଭୁଲେଇ ଦେଲ,,,

ତୁମେ କିଏ ,,,,,

ଯିଏ ମୋର

ସବୁ ଦୁଃଖ ଯନ୍ତ୍ରଣାକୁ ସମାଧି ଦେଲ,,

ତୁମେ କିଏ,,,,

ଯିଏ ମୋର

ଆଞ୍ଜୁଳିରେ ଖୁସି ଭରି ଦେଲ,,,

ତୁମେ କିଏ,,,,

ଯିଏ ମୋର

ହସ ଫୁଲ ହୋଇ ଓଠେ ଲାଗି ଗଲ,,

ତୁମେ କିଏ,,,,

ଯିଏ ମୋର

ହୃଦୟ ର ସ୍ପନ୍ଦନ ହେଇ ଗଲ,,,,

ତୁମେ କିଏ,,,,

ଯିଏ ମୋର

ସବୁ ଲୁହ କୁ ପିଇ ଯାଉଥିଲ,,,

ତୁମେ କିଏ,,,,

ଯିଏ ମୋର

ସବୁ ସମ୍ପର୍କର ଊର୍ଦ୍ଧ୍ୱ ରେ ଥିଲ,,

ତୁମେ କିଏ,,,,,

ଯିଏ ମୋର

ରକ୍ତ କଣିକାରେ ବୋହୁଥିଲ,,,

ତୁମେ କିଏ,,,,,

ଯିଏ ମୋର

ନିଶ୍ୱାସ ହୋଇ ପ୍ରବେଶ କଲ,,,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମେ କିଏ ,,,,

ଯିଏ ମୋର

ସବୁ ରୋଗର ଔଷଧ  ହେଇ ଗଲ,

ତୁମେ କିଏ,,,,

ଯିଏ ମୋର

କବିତାର ଶବ୍ଦ ଯୋଗାଇଲ,,,

ତୁମେ କିଏ,,,,

ଯିଏ ମୋର

ପାଗଳାମି ର ପ୍ରେମ ଥିଲ,,,

ତୁମେ କିଏ,,,,

ଯିଏ ମୋର

ବିନା ଖାଦ୍ୟରେ ପେଟ ଭରୁଥିଲ,,

ତୁମେ କିଏ,,,,

ଯିଏ ମୋର

ସମ୍ମାନର ସାରଥୀ ଥିଲ,,,

ତୁମେ କିଏ,,,,

ଯିଏ ମୋର

ଜୀବନର ନୌକା ବାହୁଥିଲ,,,

ତୁମେ କଣ ସିଏ,,,,

ଯିଏ ମୋର

ବଞ୍ଚିବାର ସଂଜୀବନି ସାଜିଥିଲ,,,

ତୁମେ କଣ ସିଏ,,,

ଯିଏ ମୋତେ

ମୃତ୍ୟୁ କୋଳରୁ ଛଡେଇ ଆଣିଥିଲ,

ଚାନ୍ଦବାଲି, ଭଦ୍ରକ,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମକୁ ପାଇଲା ପରେ



ବାଲାଜୀ ସେଠୀ

ତୁମକୁ ପାଇଲା ପରେ....
ମରୁ ଦେହେ ବୋହିଗଲା ଧାରା
ମେରୁ ଦେଶେ ସରୋଜର ତୋରା
ଖେଳିଗଲା ରଙ୍ଗର ପସରା
ବସ୍ନାୟିତ ଚଉଦିଗ ସାରା ।।

ତୁମକୁ ପାଇଲା ପରେ....
ବୈଶାଖରେ ମଳୟ ବହିଲା
ଶ୍ରାବଣୀର ଓଠ ହସୁ ଥିଲା
ଶୀତ ରାତି ଛୋଟ ଲାଗୁଥିଲା
ନିଶ୍ୱାସରେ ଝାଞ୍ଜି ବୋହୁଥିଲା ।।

ତୁମକୁ ପାଇଲା ପରେ....
ବୁଝିଗଲି ଜୀବନର ମାନେ
କରିନାହିଁ ଅଭିମାନ ଦିନେ
ଭଲ ଲାଗ ବେଶି ବେଶି ତୁମେ
ନିତି ଆସ ସୟନେ ସପନେ ।।

ତୁମକୁ ପାଇଲା ପରେ....
ପୃଥିବୀଟା ଦିଶୁଛି ସୁନ୍ଦର
ସମ୍ପର୍କଟା ଲାଗୁଛି ମଧୁର
କଥା ତୁମ ପଞ୍ଚତମ ସ୍ୱର
ସ୍ୱତନ୍ତ୍ର ଏ ପ୍ରେମର ଝଙ୍କାର ।।

ତୁମକୁ ପାଇଲା ପରେ....
ତୁମ କଥା ନ ଶୁଣିଲେ କର୍ଣ୍ଣ
ଦିନ ପରି ଲାଗେନାହିଁ ଦିନ
ସାରା ରାତି ଝୁରେ ଏଇ ମନ
ନେତ୍ର କରେ ଅଶ୍ରୁ ବିସର୍ଜନ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମକୁ ପାଇଲା ପରେ....
ହେଇଗଲ ମୋ ଦେହର ଛାଇ
ଦୁନିଆକୁ ଦେଇଛ ଭୁଲେଇ
ପ୍ରୀତି ଜଳେ ଦେଇଛ ଭିଜେଇ
ଯୋ ପ୍ରେମର ତୁଳନା ହିଁ ନାହିଁ ।।

ତୁମକୁ ପାଇଲା ପରେ....
ପ୍ରେମ ସ୍ୱୟମ୍ବରେ ଭିଡ଼ ଯେବେ
ସେ ଭିଡରେ ନଥିଲି ମୁଁ କେବେ
ବରିନେଲ ନ ଭାବବିଲ ଲବେ
ବାନ୍ଧିନେଲ ବାହୁବନ୍ଦୀ ଭାବେ ।।

ତୁମକୁ ପାଇଲା ପରେ....
ପାଲଟିଲ ପ୍ରେରଣାର ଉତ୍ସ
ତୁମ ପାଇଁ ମୋ କବିତା ଗୁଚ୍ଛ
ସମ୍ମାନର ସାଥୀ ହୋଇଅଛ
ଚଢାଇଛ ସଫଳ ପାବଛ ।।

ତୁମକୁ ପାଇଲା ପରେ....
ମାଗିନାହଁ ସୁନା ରୁପା ହାରା
ତୁମେ ମୋର ସେହି ଲକ୍ଷେହୀରା
ଗେହ୍ଲେଇ ମୋ ହସର ପସରା
ଫୁଲେଇ ମୋ ଖୁସିର ଅସରା ।।

ତୁମକୁ ପାଇଲା ପରେ....
ପ୍ରୀତି ଅନୁରାଗ ଆବେଦନ
ଆଜି ସେହି ସ୍ମରଣୀୟ ଦିନ
ହୃଦୟରେ ଦେଇ ଶ୍ରେଷ୍ଠ ସ୍ଥାନ
ଜଣାଉଛି ଶୁଭାଭିନନ୍ଦନ ।।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱପ୍ନ



ନିରଞ୍ଜନ ସାହୁ

କିଏ କହେ ସ୍ୱପ୍ନ ନିଦରେ ଆସେ
କିଏ କହେ ସ୍ୱପ୍ନ ଚେଇଁଲେ ଦିଶେ ।
ସ୍ୱପ୍ନ ତ ସମସ୍ତେ ନିତି ଦେଖନ୍ତି
ସ୍ୱପ୍ନକୁ ନେଇକି ଗୀତ ଲେଖନ୍ତି ।
ସ୍ୱପ୍ନ ଆଣିଦିଏ ମନରେ ଖୁସି
ସ୍ୱପ୍ନ ଭାଙ୍ଗିଗଲେ ଯାଆନ୍ତି ରୁଷି ।
ସ୍ୱପ୍ନ ଚେଇଁ କରି ଦେଖିଛି ଯିଏ
ସ୍ୱପ୍ନ ପୂରଣ କରିଛି ସିଏ ।
ସ୍ୱପ୍ନ ପୁଣି କେତେ ଯାଇଛି ଭାଙ୍ଗି
ସ୍ୱପ୍ନ ରହିଅଛି ପରଦା ଟାଙ୍ଗି ।
ସ୍ୱପ୍ନ ଦେଖିନାହିଁ ନିଦରେ ଯିଏ
ଭଲକି ନିଦରେ ଶୋଇନି ସିଏ ।
ସ୍ୱପ୍ନକୁ ନେଇକି ଅନେକ କଥା
ସ୍ୱପ୍ନ ବି ଘୁରାଇ ଦିଅଇ ମଥା ।
ସ୍ୱପ୍ନ ତୁମ ଠାରେ ଗୁହାରି ମୋର
ସ୍ୱପ୍ନ ହେ ଛିଣ୍ଡାନା ସମ୍ପର୍କ ଡୋର ।

ନିହଲ ପ୍ରସାଦ , ଢେଙ୍କାନାଳ
ମୋ – ୯୯୩୮୭୪୧୫୮୩

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅତୀତଟା ଯଦି ଭୁଲି ହୁଅନ୍ତା



ପଙ୍କଜ କୁମାର ମଙ୍ଗଳ

ଆଖିର ଦୁଆରେ ପ୍ରବେଶ କରି ସେ ମନ ଗ୍ରନ୍ଥାଗାରରେ  ଛାପି ଯାଏ,
ଆପଣା ଇଚ୍ଛାରେ ମନେ ପଡ଼ିଥାଏ ଭାରି ବିଚଳିତ ମନ ହୁଏ ।
ଭୁଲିବା ପାଇଁକି ପ୍ରୟାସ କଲେ ବି ଭୁଲିବାର ଉପାୟ ନାହିଁ,
କିଛି ବାସ୍ତବତା ଏମିତି ଥାଏ କେବେ ଭୁଲି ହୁଏ ନାହିଁ ।
ଅତୀତଟା ସିନା ଆଉ ଫେରେ ନାହିଁ, ହେଲେ ସ୍ମୃତି ଯେମିତିକା ଜିଅନ୍ତା,
ବର୍ତ୍ତମାନ ପାଇଁ ବରଦାନ ହେବ ଅତୀତଟା ଯଦି ଭୁଲି ହୁଅନ୍ତା ।

ସବୁ ଅତୀତଟା ଏକାପରି ନୁହଁ କିଛି ହସ ନେଇ ଆସିଥାଏ,
ଇଚ୍ଛା ହେଉଥାଏ ହଜିଯିବା ପାଇଁ ସେ ଅତୀତ ବି ଶାନ୍ତି ଦିଏ ।
ଜୀବନ ଚକ୍ର ଯେ ସଦା ବୁଲୁ ଥାଏ ସୁଖ ପରେ ଦୁଃଖ ଥାଏ,
କିଛି କ୍ଷଣ ଲାଗେ ଅଭିଶାପ ପରି ଯାହା ସ୍ମରଣରେ ଲୁହ ଝରି ଯଏ ।
ଲୋଡ଼ା ନାହିଁ ସେ ହସକି ଲୁହ ପାରିବକି କେହି ସାଥେ ନିଅନ୍ତା,
ପରିଣାମର ଚିନ୍ତା ନ ଥାନ୍ତା ଅତୀତଟା ଯଦି ଭୁଲି ହୁଅନ୍ତା ।

ପିଲାଦିନପରି ସମୟ ଚକ୍ରରେ କେତେ ଭୂମିକା ଲୁଚି ଗଲାଣି,
କାହିଁକି ଯେ ସବୁ ସ୍ମରଣ କରାଇ ନୀରବତା ଭାଙ୍ଗିଲାଣି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭବିଷ୍ୟତ ଚିନ୍ତା କରିବା ପାଇଁକି ସମୟ ପଡୁଛି ନିଅଣ୍ଟ,

କିଛି ଅତୀତ ଦଣ୍ଡ ପରି ଆସି ବର୍ତ୍ତମାନକୁ ଦିଏ କଷ୍ଟ ।

ବଞ୍ଚିବା ପାଇଁ କେତେଯେ ବାହାନା ଜୀବନକୁ ମିଳି ଯାଆନ୍ତା,

ସମୟ ସ୍ରୋତରେ ମନ ମସ୍ତିଷ୍କରୁ ଅତୀତଟା ଯଦି ଭୁଲି ହୁଅନ୍ତା ।

କିଛି ବ୍ୟକ୍ତି କିଛି ଶବ୍ଦ ପ୍ରେରଣା ଆଣିଦିଏ ଆଗକୁ ବଢ଼ିବା ପାଇଁ,

ଆଉ କିଛି ଶବ୍ଦ ନିତି ଜଳାଏ ବିଶାଦର ନିଆଁ ଦେଇ ।

ନୂଆ ଲକ୍ଷ୍ୟ ନୂଆ ଦିଗ ଖୋଜିବାକୁ ଅତୀତର ନାହିଁ ପ୍ରୟୋଜନ,

ଆଗକୁ ବଢ଼ିବା ସହଜ ହୋଇବ ଯଦି ଅତୀତର ହେବ ଅବସାନ ।

ସୁଖଠୁ ଅଧିକ ଯନ୍ତ୍ରଣା ଲାଗେ ଯେବେ ଅତୀତର ହୁଏ ଚିନ୍ତା,

ବର୍ତ୍ତମାନ ପାଇଁ ବରଦାନ ହେବ ଅତୀତଟା ଯଦି ଭୁଲି ହୁଅନ୍ତା ।

ଅତୀତଟା ଯଦି ଭୁଲି ହୁଅନ୍ତା ।

ବଡ଼ପାହି, ଭୋଗରାଇ, ବାଲେଶ୍ବର ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଦିନ ମେଘ



ରବି ନାରାୟଣ ସାହୁ

ଉଇଁଥିଲା ରବି           ସାଜି ରଙ୍ଗ ଛବି
ଅନ୍ତରୀକ୍ଷେ ସତେ ଦିବ୍ୟ କଳାପ,
ପଡ଼ିଥିଲା ଖରା           ସସାଗର ଧରା
ପ୍ରକୃତି ସଙ୍ଗତେ କରି ଆଳାପ ।।

ଅର୍ବାଚୀ ଆଶାରୁ           ବହଇ ଆସାରୁ
ସୁମଧୁର ଢେଉ ଢେଉ ପବନ,
ପଶୁପକ୍ଷୀ ନର           ହରଷମନର
କରୁଥିଲେ ସୁଖେ ତାହା ସେବନ ।।

କାହୁଁ ଶ୍ୟାମଘନ           ପ୍ରତୀଚୀ ଗଗନ
ଆଚ୍ଛାଦିତ କଲା ସ୍ତର ପରାୟ,
ଶୀତଳ ମରୁତ           ହୋଇ ରତରତ
ପ୍ରକାଶିଲା ତାଙ୍କ ସମ୍ମୁଖେ ରାୟ ।।

ବଉଦ ବଉଦ           ଆରମ୍ଭିଲେ ଯୁଦ୍ଧ
ନିର୍ଘୋଷ ହୋଇଲା ରଣ ହୁଙ୍କାର,
ତହିଁ କ୍ଷଣପ୍ରଭା           ପ୍ରହାରେ ତା ପ୍ରଭା
ସ୍ତନିତ ରୋଦନେ ଶର ପ୍ରକାର ।।

କ୍ରମେ କ୍ରମେ ଘୋଟି           ନଭ କାୟା ଗୋଟି
ଶ୍ୟାମଳ ବସନେ ହେଲା ଶୋଭିତ,
ମରତର ପ୍ରାଣୀ           ଦେଖି ତାର ଠାଣୀ
ଆପଣା ମନରେ କଲେଯେ ଭିତ ।।

ସାଏଁ ସାଏଁ ହୋଇ           ବାୟୁ ଗରଜଇ
ଅଣଚାଶ ଭାଇ ମଧ୍ୟରୁଜଣେ,
ସତେ କିବା ବିଶ୍ୱ           କରିଦେବ ନିଃସ୍ୱ
ସତ ଅବା ମିଥ୍ୟା କିଏବା ଜାଣେ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେହି ପରଦାରେ     ସୌନ୍ଦର୍ଯ୍ୟର ଦ୍ୱାରେ
ପ୍ରକୃତି ପ୍ରକୀର୍ତ୍ତି କଲା ନୂତନ,
ଶିଖରରେ ଶିଖି     ଶ୍ୟାମଅଭ୍ର ଦେଖି
ଥେଇ ଥେଇ ତାନେ କଲା ନର୍ତ୍ତନ ।।

ମେଘଦେଖି ଗୋରୁ     ପବନରୁ ଗରୁ
ତୀବ୍ର ବେଗଧାରେ କଲେ ଗମନ,
ବତ୍ସା ତା ସହିତେ     ଆସେ ଅନୁଗତେ
ସତେ କଢ ସହ ଶୋଭେ ସୁମନ ।।

ତହିଁ ଦେଖି କବି     କଳ୍ପନାରେ ଛବି
ନବଛନ୍ଦେ ନବରଙ୍ଗେ ଆଙ୍କିଲେ,
ଦୈବ ଦିଆଇଲା     ଶକ୍ରଧନୁ ଭଲା
ଚକ୍ର ପରକାର କରେ ଧରିଲେ ।।

ଭୁଷଣ୍ଡପୁର, ଖୋର୍ଦ୍ଧା
୭୭୮୯୮୨୪୨୮୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଉଁସି ପାଉଁଶକୁ



ବାମନ ଚନ୍ଦ୍ର
ଦିକ୍ଷିତ

ଖେଳେଇ ଖେଳେଇ ଦେଖୁଛି
ମୁଁ....ଖେଳେଇ ଖେଳେଇ ଦେଖୁଛି ।
ଜଳେଇ ସାରିବା ପରେ
ଅଧାଜଳା ଖଣ୍ଡେ ସମୟକୁ
ହଲେଇ ହଲେଇ ଦେଖୁଛି ।
ମୁଁ...ଖେଳେଇ ଖେଳେଇ ଦେଖୁଛି ।।

ଆକାଶରୁ ତୋଳି ମେଞ୍ଚେ ତାରା ଫୁଲ
ତକିଆ ତଳେ ମୁଁ ରଖିଥିଲି,
ସାତ ସପନର ଆବାହନୀ ସୁରେ
ମନ ମୂର୍ଚ୍ଛନା ତୋଳି ଡାକିଥିଲି ।
ବାହୁଡ଼ି ଗଲା ଦେଖି
ପାହାନ୍ତିଆ ତାରା ମୋ ଆଖି
ଜକେଇ ଜକେଇ ଆସୁଛି ।
ମୁଁ ଖେଳେଇ ଖେଳେଇ ଦେଖୁଛି ।।

ଏବେ ବି ଚାହିଁଛି ମଲା ଆଖି ମେଲି
ସରିଲାଣି ଜାଣି ପାରୁନାହିଁ ।
ଫୁଙ୍ଗଳା ଆକାଶୁ ଲଙ୍ଗଳା ଜହ୍ନ ଟା
ଲିଭୁ ଲିଭୁ ଲିଭି ସାରିନାହିଁ ।
ତଥାପି ଧରିଛି ବୋଲି,
ପଣତ କାନିକୁ ପ୍ରିୟା
ଛଡେଇ ଛଡେଇ ହସୁଛି ।
ମୁଁ ଖେଳେଇ ଖେଳେଇ ଦେଖୁଛି ।।

ଅନୁତାପ ତପ୍ତ ଆର୍ଦ୍ର ହୃଦୟକୁ
ଆଶ୍ୱାସନା ଟିକେ ଲୋଡ଼ା ବୋଲି
ପୁରୁଣା ଚିଠିର ଶେଷ ଦୁଇ ଧାଡ଼ି
ପଢ଼ିବାକୁ ଆଜି ଚାହୁଁଥିଲି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପାଉଁଶ ଉଡ଼ିଗଲା ପରେ

ପୀରତି ପିଞ୍ଜରା ତଳ

କଳିଜା କୋଳେଇ କାନ୍ଦୁଛି ।

ମୁଁ ଖେଳେଇ ଖେଳେଇ ଦେଖୁଛି ।।

କୋହ ସବୁ ଆଜି ଆଳାପ କରନ୍ତି

ଥଣ୍ଡା ହୁଏ ଲୁହ ପିଉ ପିଉ

ମୁଠେ ହୃଦୟ ଯେ ଥିଲା ଛାତି ତଳେ

ଧକ ଧକ ହେଉନାହିଁ ଆଉ

ବାଉଳା ମନଟା ଖୋଜେ

ଅଫେରା ଅତୀତ ତାତି

ଯାହା ମୁଁ ହଜେଇ ଦେଇଛି ।

ମୁଁ ଖେଳେଇ ଖେଳେଇ ଦେଖୁଛି ।।

ବିଳାସପୁର, ଛତିଶଗଡ଼, ୪୯୫୦୦୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପକ୍ଷୀ ତୁ ଗାଇଯା ମିଠା ମିଠା ଗୀତ



ଲକ୍ଷ୍ମୀଧର ସିଂ

ଦୁଃଖ ସୁଖ ତ
ଜୀବନରେ
ଆସିବ ଯିବ ।
ଦୁଃଖରେ ନ ଭାଙ୍ଗି
ସୁଖକୁ ନ ଝୁରି
ପକ୍ଷୀ ତୁ ଗାଇ ଯା
ହସି ହସି
ମିଠା ମିଠା ଗୀତ ।।

ବିଧି ଗଢିଛି ତତେ
ଏକ ସୁନ୍ଦର କର୍ମ ପାଇଁ
ଦୁଃଖ ସୁଖ ବାହାନାରେ
କର୍ମ ବିମୁଖ ହବୁ ନାହିଁ ।
ଭଲରେ ଥା କି ମନ୍ଦରେ ଥା
ପକ୍ଷୀ ତୁ ଗାଇ ଯା
ହସି ହସି
ମିଠା ମିଠା ଗୀତ ।।

ଏ ଦୁନିଆରେ
କିଛି ବି ନୁହେଁ ତୋର
ଏଠି କେହି ନୁହେଁ କାହାର
କେବଳ କର୍ମ ଏକା ନିଜର
ଭଲ କର୍ମ କରିଥିଲେ
ମଲା ବେଳେ ସାଥିରେ ନେଇଯିବୁ,
ଶୁଭ ସଂସ୍କାର ।
ଭାବରେ ଥା କି ଅଭାବରେ ଥା
ପକ୍ଷୀ ତୁ ଗାଇ ଯା
ହସି ହସି
ମିଠା ମିଠା ଗୀତ ।।

ଅଁଳାପାଳ, ଗରଡ଼ିହି, ବାଲେଶ୍ୱର ।
ପିନ: ୭୫୬୦୪୧, ୭୩୭୦୦୨୭୮୦୫
ଇମେଲ୍-laxmidharsng@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମିଠା ମିଠା ପ୍ରେମ



ଦେବାର୍ଚ୍ଚନ ମେହେର

ମିଠା ମିଠା ଏଇ ପ୍ରେମର ମିଳନ,
ଭୁଲି ହୁଏ ନାହିଁ କେବେ ଥିବା ଯାଏଁ ଜୀବନ । ।

ପ୍ରଥମ ଦେଖା ରେ ଦେଇଥିଲି ମନ,
ମୋ ଭଲ ପାଇବାକୁ ତୁମେ ବୁଝି ପାରିଲ ନି ଧନ । ।

ଏକା ଏକା ଥିଲି ମୁଁ ଭଲରେ ଥିଲି,
ମୋ ହୃଦୟେ ଆସିବା ଦିନଠୁ ତୁମକୁ ଝୁରି ଝୁରି ମୋଲି । ।

ଆସ୍ତେ ଆସ୍ତେ ହେଲା ପ୍ରେମ ଜ୍ୱର ମୋତେ,
ତୁମେ ମୋ ସପନ ରାଇଜେ ହେବ ରାଣୀ ବୋଲି ଭାବିଥିଲି କେତେ । ।

ପଦ୍ମ ଯେପରି ଧର୍ଯ୍ୟ ସହିତ ଅନେଇଥାଏ ସୂର୍ଯ୍ୟ କୁ,
ମୁଁ ସେପରି ଅନେଇଥାଏ ତୁମକୁ । ।

ନାମ କୁ ମାତ୍ର ମୋତେ ଭଲ ପାଏ ବୋଲି କୁହ,
କିନ୍ତୁ ଅନ୍ୟ ସାଙ୍ଗେ ଥିଲା ତୁମ ପ୍ରେମ ପିରତି ର ମୋହ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କଥା ଦେଇଥିଲ ବାହା ହେବି ବୋଲି,
ହେଲେ ଏତେ ଶୀଘ୍ର ଗଲ କି ଭୁଲି । ।

ମୁଁ ଗରିବ ବୋଲି ଦେଇ ଦେଲ କି ଧକା,
ଚାକିରିଆ ପିଲା ଦେଖି ହେଲ କି ଏକା । ।

ଗ୍ରାମ - ବାପୁଜୀନଗର
ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୦୩୪୩୫୫୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ବୋଉ



ନରେନ୍ଦ୍ର ପ୍ରସାଦ
ବେହେରା

ବୋଉ ଡାକ ହେଲା ଆଜିଠାରୁ ଶେଷ
କାହାକୁ ଡାକିବି ଆଉ
ରହିଗଲୁ ମନ ମଧ୍ୟରେ ସାଇତା
ଯୁଗଯୁଗ ରହିଥାଉ ।୧ ।

କେତେ ଦୁଃଖକଷ୍ଟ ସହି ତୋ ଜୀବନେ
ମଣିଷ କରିଣ ଥିଲୁ
କିପରି ଶୁଝିବି ଋଣ ମୁଁ ତୋହର
କେଉଁଆଡେ ଚାଲିଗଲୁ ।୨ ।

ଛାଡିଦେଇ ଗଲୁ ତିନିଗୋଟି ପୁତ୍ର
ତା ସଙ୍ଗେ ନାତିନାତୁଣୀ
ପୁତ୍ରବଧୂ ଆଉ ଆତ୍ମୀୟ ସ୍ୱଜନ
ନେତ୍ରରୁ ବହୁଛି ପାଣି ।୩ ।

ପୁତ୍ରକୁ ମଣିଷ କରିବା ପାଇଁ କି
ମାଜିଲୁ ପର ବାସନ
ନିଜେ ଉପବାସ ରହି ଯୋଗାଇଲୁ
ପୁତ୍ରକୁ ନୂଆ ବସନ ।୪ ।

ଶାଶୁ ଶ୍ୱଶୁରଙ୍କ ଅତ୍ୟାଚାର କେତେ
ସହିଅଛୁ ଧୈର୍ଯ୍ୟଧରି
ଖୁଦ ଆମ୍ବିଳରେ ଦିନ ତୁ କାଟିଛୁ
ପୁତ୍ରଙ୍କୁ ସାଥିରେ ଧରି ।୫ ।

ତଥାପି ପୁତ୍ରକୁ କରାଇ ଶିକ୍ଷିତ
ସମାଜେ ଠିଆ କରିଲୁ
ଯୁଗଯୁଗ ପାଇଁ ରଖିଗଲୁ ନାମ
ମୋ ପାଇଁ ମୃତ୍ୟୁ ନୋହିଲୁ ।୬ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାହିତ୍ୟରେ ମନ ବଳିଲା ଯେବେଠୁ
କଲମ ହାତେ ଧରିଲି
ସମ୍ବାଦ ସାହିତ୍ୟ ସମାଜ ସେବାରେ
ନିଜକୁ ହଜାଇ ଦେଲି ।୭ ।

ଯେଉଁଆଡେ ଗଲେ ବୋଉ ବୋଲି ଡାକି
ଆନନ୍ଦରେ ଯାଉଥିଲି
ଫେରିଆସି ବୋଉ ଡାକିଦେଇ ଥରେ
ଆନନ୍ଦିତ ହେଉ ଥିଲି ।୮ ।

ଆର୍ଥିକ ଅବସ୍ଥା ନୁହଁଇ ସ୍ୱଚ୍ଛଳ
ଭାଙ୍ଗିଗଲା ମନୋବଳ
କେମିତି ଚଳିବି ଏସମାଜେ ମୁହିଁ
ପାଉନାହିଁ ଥଳକୂଳ ।୯ ।

ଦୁଇ ହଜାର ବାଇଶି ମସିହାର
ମେ ମାସ ସାତ ତାରିଖ
ହଠାତ୍ ଦୁଃଖରେ ଆଳଦା ଗାଆଁର
ବଦଳିଲା ରୂପରେଖ ।୧୦ ।

ସାରା ଜୀବନଟା କଟିଲା ଦୁଃଖରେ
ପାଇଲୁନି ଟିକେ ଶାନ୍ତି
ଅସମୟେ ତୁମେ ସ୍ୱର୍ଗଗାମୀ ହୋଇ
ଦେଇଣଗଲୁ ଅଶାନ୍ତି ।୧୧ ।

ତୁମ ମହାନତା ସହନ ଶୀଳତା
ଅଛି ଯେତେ ସବୁ ଗୁଣ
ବର୍ଣ୍ଣନା କରିଲେ କେଜାଣି କେତେ ଯେ
କାଗଜ ଲାଗିବ ଜାଣ ।୧୨ ।

ଘରୁ ଗଲାବେଳେ ନେଇ ଆଶୀର୍ବାଦ
ବୋଉ ଡାକି ଯାଉଥିଲି
କାହାକୁ ଡାକି ମୁଁ ବାହାରକୁ ଯିବି
କହିଦେ ବୋଉ ତୁ ଖୋଲି ।୧୩ ।

ଯେଉଁଠି ଥିଲେ ତୁ ଶାନ୍ତିରେ ରହିବୁ
କରିବୁନି ମନ ଦୁଃଖ
ତୋ ପୁଅ ନରେନ୍ଦ୍ର ଭୁଲିବନି କେବେ
ଦେଇଅଛୁ ଯେତେ ସୁଖ ।୧୪ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପିତା ବଂଶୀଧର ମାତା ମୋ ଯମୁନା
ସ୍ୱର୍ଗରେ କରିଲ ଘର
ସାହା ଓ ଭରସା ଦେବାପାଇଁ କେହି
ରହିଲ ନାହିଁ ମର୍ତ୍ତ୍ୟର ।୧୫ ।

ପିତା ମାତାଙ୍କର ଅମର ଆତ୍ମାକୁ
ରଖିବ ସୁଖଶାନ୍ତିରେ
ଏତିକି ଗୁହାରୀ ଶୁଣ ଜଗନ୍ନାଥ
ନିବେଦନ ଅଶ୍ରୁ ନୀରେ । ।୧୬ ।

କବିକମଳ ନରେନ୍ଦ୍ର ପ୍ରସାଦ ବେହେରା,
ସମ୍ପାଦକ - ମୋ ଅନୁଷ୍ଠାନ, ଆଳଦା, ଖଇରା,
ବାଲେଶ୍ୱର, ମୋ - ୯୮୫୩୧୪୨୫୧୦

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅନାମିକା



କିରଣ କୁମାର
ମହାନ୍ତି

ତୁମେ କି ବୁଝିପାର ଅକୁହା ବେଦନା  ?
ଆଖିରୁ ଯେବେ ଲୁହ ନୁହେଁ ଝରେ ଲହୁ
ତୁମେ କି ସେ ମର୍ମକୁ ଭେଦିପାର  ?
ହୃତସ୍ପନ୍ଦନ ଯେବେ କିଛି କ୍ଷଣ ନୀରବିଯାଏ
ସାରା ଶରୀର ଅଜଣା ଭୟ ରେ କମ୍ପିଉଠେ
କାହାକୁ ହରାଇବା ଭୟରେ ବୋହିଯାଏ ଯମଝାଳ ॥

ତୁମେ ଆଜି ହୁଏତ ମୁରୁକି ହସିପାର
କିନ୍ତୁ ସେ ହସ ଭିତରେ ସମର୍ପିତ ମୋର ସହସ୍ର ଅଶ୍ରୁ  ।
ତୁମେ ହୁଏତ ଦେଖି ନ ଦେଖିଲା ପରି ମୁହଁ ବୁଲାଇଦେଇପାର
କିନ୍ତୁ ସେ ଆଖିଯୋଡିକ ରେ ସାଇତା ମୋର କାଳକାଳର ସ୍ୱପ୍ନ  ॥

ତୁମ ସ୍ୱପ୍ନର ରାଜମହଲ ହୁଏତ ଝଲସୁ ଥାଇପାରେ ଝିଲମିଲ୍ ଆଲୁଅରେ
କିନ୍ତୁ ତା ଭିତର କବର ଖୋଳିଲେ ଏବେ ବି ମିଳିପାରେ ମୋର କେଇଖଣ୍ଡ ହାଡର ଟୁକୁଡା  ॥

ଅର୍ଦ୍ଧରାତ୍ର ରେ ଚମକୁଥିବା ଚାନ୍ଦ ଦେଖି ତୁମେ ହୁଏତ ଖୁସି ହୋଇପାର
କିନ୍ତୁ ତୁମେ ଏକାକୀ ନ ହୁଅ ବୋଲି ମୁଁ ଯେ ନିଜକୁ ଖଣ୍ଡ ଖଣ୍ଡ କରି ପାଲଟିଥିଲି କୋଟି କୋଟି
ତାରାପୁଞ୍ଜ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ରକ୍ତ ରେ ହୋଲି ଖେଳିଥିଲା ଏ ସାରା ଆକାଶ
ଆଉ ରଙ୍ଗଅଧର ରେ ଖିଲିଖିଲି ହୋଇ ହସିଥିଲ ତୁମେ
ଗୋଲାପ ଗଛରେ କଣ୍ଟା ସାଜି ନିଜେ ହୋଇଥିଲି କ୍ଷତବିକ୍ଷତ
କିନ୍ତୁ ଯତନେ ସାଇତିଥିଲି ତୁମକୁ ॥

ଅତୀତ ରେ ତୁମ ପ୍ରତାରଣା କୁ ବି ଭାବିନେଇଛି ଅନାବିଳ ପ୍ରେମ
ଅବିରତ କଟାକ୍ଷ ରେ ବି କେବେ ହୋଇନି ବିଚଳିତ
ସବୁ ଜାଣି ବି ସାଜିଛି ନିର୍ବାକ୍ ଅଭିନେତା
ଆଉ ଅଭିନୟ ବି କରିଛି
ମୋହରେ ମତୁଆଲା ହୋଇ
କୋହ ର ମଦିରା ପିଇପିଇ
ଅଭ୍ୟସ୍ତ ନିଶାଡି ଟିଏ ପରି ॥

ଆଜି ବି ଅନୁଭବେ
ଅନାମିକା ର ନାମ ନ ଥାଇପାରେ
କିନ୍ତୁ ଅନୁଭବ ରେ ସେ ନୁହେଁ ଅପରିଚିତା ॥
ନାମ ନ ଥାଇ ସମ୍ପର୍କର
ପରିଭାଷା ମୋ ପାଇଁ ଅନନ୍ୟ
ଆଉ ସ୍ୱତନ୍ତ୍ର ବି ॥

ହୁଏତ ମିଳନ ଆଉ ବିଚ୍ଛେଦ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାହା ପାଇଁ ହୋଇପାରେ ସାଧାରଣ ଦିନଚର୍ଯ୍ୟା

କିନ୍ତୁ ମୋ ପାଇଁ ମୃତ୍ୟୁର ଖଣ୍ଡାଧାର ।

ପାଣିରେ ହୁଏତ ଦାଗ ଲିଭାଯାଇପାରେ

କିନ୍ତୁ ହୃଦୟ କାଗଜର କାଳି ଯେ ଅଲିଭା ॥

ଅନାୟାସ ରେ ଆଜି ବି ବଂଚାଇରଖିଛି

ମୋ ଆଶାରୂପୀ ଚାରା କୁ

ସ୍ନେହ ବୋଳା ପରଶ ଦେଇ

କାରଣ ମୁଁ ଭଲ ଭାବେ ଜାଣେ

କେବଳ

ଅନାମିକା ହିଁ ଦେଇପାରେ ସର୍ବନାମର ସ୍ୱର୍ଶ

ମହାଶୂନ୍ୟତା ହିଁ ସାଜିପାରେ ପୂର୍ଣ୍ଣତା ର ଜନନୀ

ଅମାବାସ୍ୟା ହିଁ ଜନମେଇପାରେ ପୂର୍ଣ୍ଣମୀ ର ଚାନ୍ଦ ॥

ଓ.ପ୍ର.ସେ-୧ , ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ , ଗଜପତି

ମୋ- ୮୧୪୪୪୧୦୫୭୯

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# କୁଳ କଳଙ୍କ



ଅମ୍ରିତା ଚର୍ଚ୍ଚି

ନିଲଠା ମୁହଁର ନିର୍ଲଜିଆ ପଣ ଦେଖାଉଅଛୁରେ କେତେ..
ମୁକୁଳା ଦେହ ତା କେମିତି ଦେଖୁଛୁ ଲାଜ ମାଡୁନାହିଁ ତତେ ।।

କିଣି ଦେଲୁ ନାହିଁ ଖଣ୍ଡିଏକନା ତୁ ନଦେଲୁ କିଛି ଘୋଡାଇ..
'ବୁଢ଼ୀଟାର ପୁଣି କି ଲାଜ ?' କହି ଫୁଙ୍ଗୁଳା ଦେଲୁ ଶୁଆଇ ।।

ତୋର ଜନ୍ମ ବେଳେ କେତେ ଲୁଗା ଚିରି ଯତ୍ନରେ ଶୁଆଉଥିଲା..
କନା ଓଦା ହେଲେ କାନ୍ଦୁଥିଲୁ ବୋଲି ଗୀତରେ ବୁଝାଉଥିଲା ।।

ଚିରା କନ୍ଥା ରୁ ବଞ୍ଚିତ କରିଲୁ ଦେଲୁନି ତୁ ଭଲ ଶେଯ..
ମଇଳା କରିବ କିଏସେ ଧୋଇବ ଧୋଇଲେ ଲାଗିବ ଲାଜ !!

ଥରେ ମନେପକା କେତେ ମଇଳା ତୋ ଧୋଉଥିଲା ପରିଷ୍କାରେ..
କୁଢ଼ କୁଢ଼ କନା ନେଇ ଧୋଉଥିଲା ବିନା ଘୃଣା, ନିଃ ସଂକୋଚରେ ।।

ଘିଅ ଭାତ ତତେ ରୁଚୁ ନଥିଲାରେ ଦେଲା ସେ ବହଳା ଡାଲି..
ସବୁ ଇଚ୍ଛା ତୋର ପୂରଣ କରିଲା ଲୁହ ନଦେଖିବ ବୋଲି ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରତିଦାନେ ତାକୁ ଘୋଷାଡି ନେଇ ତୁ କଚାଡି ଦେଲୁରେ ତଳେ..
ତୋର ସେବା ଆଉ କରିପାରିବିନି କହି ବିଧା ଦେଲୁ ପିଠି ମୂଳେ ।।

ଧର୍ମପତ୍ନୀ ତୋର ସର୍ବସ୍ୱ ହୋଇଲା ମାନିଲୁ ଏକା ତା କଥା..
ଦୁଇ ବିଧା ଦେଇ ଭୁଲି ଗଲୁ ତୁହି ମା ' ର ସ୍ନେହ ମମତା ।।

ଦୁନିଆ ଆଗରେ ମାତୃ ଗାରିମା ଭାଷଣ ଆକାରେ ଦେଉ..
ରାକ୍ଷସ ପଣ ର ଚରିତ୍ରକୁ ତୋର ସମାଜ ଆଗେ ଲୁଚାଉ ।।

ଯେବେ ବୁଝିନାହୁଁ ନିଜ ମା ' କଷ୍ଟ ତେବେ ବୁଝିବୁ ଆଉ କା ଦୁଃଖ..
ନୋତରା ଗାଲରେ ଚାପୁଡ଼ା ବସାଉଛି ! ତୁ ତ କୁଳର କଳଙ୍କ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରକୃତି



ପ୍ରଜ୍ଞାସ୍ମିତା ଷଡ଼ଙ୍ଗୀ

କବି ର କବିତା ସେ ସ୍ତମ୍ଭିଭୂତ ସାଗର ର ନିଳୀମା
ସେ ସୃତି ର ପଟାନ୍ତର ନାହିଁ ସେ ପୁଣି ଜଗତ କାଳିମା ।
ପୃଥିବୀ ବକ୍ଷେ ପୁଣି ଅତ୍ୟନ୍ତ ସୁନ୍ଦର
ଉତ୍କଳ ବିଶ୍ୱବିଦ୍ୟାଳୟ
ତାର ରୂପ ବର୍ଣ୍ଣନା ଅଟେ ମନୋହର ।
ବର୍ଣ୍ଣନା ର ଅନ୍ତ ନାହିଁ ଏ ବୁକୁ ମଧ୍ୟରେ
ମନୋରମ ଦୃଶ୍ୟ ଭରା ଗିରି କାନନ ରେ ।
କରାଳ ରୂପ ତାର ଅତ୍ୟନ୍ତ ଭୟଙ୍କର
ହୁଅନ୍ତି ପୁଣି ଜନ ସମୂହ ତା କ୍ରୋଧ ଶିକାର ।
ମୃତ୍ତିକାର ବାସ ଉଠେ ଜଳବିନ୍ଦୁ ସ୍ପର୍ଶେ
ଦିଗହରା କରେ ମନକୁ ଗଗନର ଶୀର୍ଷେ ।
ବର୍ଷାଜଳ ଟପ୍ ଟପ୍ ବୃକ୍ଷର ପତର
ତା ସ୍ୱର ପୁଣି ଅଟଇ ମନମୁଗ୍ଧକର ।
ବିଜୁଳି ସାଥେ ଘଡଘଡିର ମେଘନାଦ ଶବ୍ଦ
ଏହା ପୁଣି କରେ ପୃଥିବୀ କୁ ସ୍ତବ୍ଧ ।
ଛିଟା ଛିଟା ପାଣି ପୁଣି ଶୀତୁଆର ସଂଜେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତା ସାଥେ ବିଭିନ୍ନ ଶବ୍ଦ ମନକୁ ରୋମାଞ୍ଚେ ।

ବୃଷ୍ଟିପାତ ଶେଷ ଉଷା ଆଗମନେ

କୋଳାହଳ କରେ ଧରାକୁ ବିହଙ୍ଗ ଙ୍କ  ଗାନ ।

ବୃଷ୍ଟି ଆବରଣ ମଯ଼୍ଯ଼ ଘାସର ଗାଲିଚା

ତାକୁ ଯେ ସୁନ୍ଦର କରେ ପୁଷ୍ପ ର ବଗିଚା ।

ସ୍ନାତକ ସମାଜସେବା ବିଭାଗ

pragyansmita1998leema@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନ ଖୋଜୁଅଛି



ପୁଷ୍ପାଞ୍ଜଳି ପଣ୍ଡା

ସବୁ ବଦଳିଲା ସମୟ ସହିତ
ବଦଳିଛି ଗାଁ ଭୂଇଁ
ସହର ଦିଶୁଛି କଂକ୍ରିଟ ଜଙ୍ଗଲ
ସବୁଜିମା ଟିକେ ନାହିଁ ।।

ଆଧୁନିକତାର ଆଚାର ବିଚାର
ରୂପ ରେଖ ଢ଼ଙ୍ଗ ଯେତେ
ଗ୍ରହଣ ନକଲେ ମଣିଷ ଜୀବନ
ପଛରେ ରହିବ ସତେ ! ।।

ପ୍ରକୃତି କାନ୍ଦୁଛି ଅମ୍ଳଜାନ ପାଇଁ
ଗଛ ବୃଛ ସବୁ ପଦା
ବିଷ ବଳୟରେ ପୃଥୀ ର ଆଳୟ
ପ୍ରାକୃତିକ ଚିଜ ବିଦା ।।

ଋତୁ ବଦଳିବା ପ୍ରଭାବ ପଡେନି
ଜୀବନ ଯାତ୍ରା ଧ୍ୱଂସ
ଗ୍ରୀଷ୍ମ ର ଉଷ୍ଣତା ଶୀତର ଜଡ଼ତା
ଅସହ୍ୟ ଏ ପରିବେଶ ।।

ଦୁଃଖ ବେଦନା ଯନ୍ତ୍ରଣା କାତର
ଭରା ଏ ଜୀବନ ନଈ
ମନ ଖୋଜୁଅଛି ନୁଆ ଏକ ପୃଥୀ
ସତେକି ମିଳିବ କାହିଁ ! ।।

ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାହେଁ ଖାଲି ଟିକେ ଶାନ୍ତି



ତାରାପ୍ରସାଦ ଜେନା

ଗଜଲ୍

ଝଞ୍ଜଟ ଭିତରୁ ମୁକୁଳି ଆସିବି ଚାହେଁ ଖାଲି ଟିକେ ଶାନ୍ତି
ଅଶାନ୍ତି ଦାଉରୁ ହୁଗୁଳି ଆସିବି
ଚାହେଁ ଖାଲି ଟିକେ ଶାନ୍ତି ! ୦ !

ସରମ ଜୁଆକୁ ନିହାତି ଖେଳୁଛି ଆଖି ନାହିଁ ମୋର ଭ୍ରାନ୍ତି
ଅଝଟ ପଣରୁ ସଧୀରେ ଖସିବି
ଚାହେଁ ଖାଲି ଟିକେ ଶାନ୍ତି ! ୧ !

ଚଟୁଳ କଥାରେ ବାତୁଳ ହେଉଛି ଲକ୍ଷହୀରା ରୂପ କାନ୍ତି
ତାରୁଣ୍ୟ କାଳରେ ନିରତ ରସିବି
ଚାହେଁ ଖାଲି ଟିକେ ଶାନ୍ତି ! ୨ !

ଆଶାର ନଇରେ ପହଁରି ଯାଉଛି କୂଳ ପରା ହୁଏ ଚିନ୍ତି
କ୍ଷୀରରେ ଧୋଇକି ମହୁରେ ଭାସିବି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଚାହେଁ ଖାଲି ଟିକେ ଶାନ୍ତି ! ୩ !

'ତାରା' ଯେ ବିଶ୍ୱାସ ଜମେଇ ରଖିଛି ପ୍ରାଣ ପାଇଁ ରାଣ କ୍ରାନ୍ତି

ନିରବ ସାଥିର ପାଖରେ ବସିବି

ଚାହେଁ ଖାଲି ଟିକେ ଶାନ୍ତି ! ୪ !

ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬, ଓଡ଼ିଶା
ଦୂରଭାଷ-୯୩୪୮୦୫୪୩୦୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସପନ ଦେଖୁ ଫୁଲ



ଆଶୁତୋଷ ମେହେର

ସପନ ଦେଖିବା ମନା ନାହିଁ କାରେ ଫୁଲ ବି ସପନ ଦେଖୁ,
ମୁଠାଏ ତାହିଁରୁ ମନରେ ଗୋଟାଇ ଜୀବନ ବଞ୍ଚିବା ଶିଖୁ ।
ତା ଦେହରେ ଥାଏ ଆଗକୁ ବଢିବା ଗଢିବା ଜୀବନ ରାହା,
ସୁନ୍ଦର ପୃଥିବୀ ରଙ୍ଗ ପିଚକାରୀ ଚିତ୍ରକର କରେ ଯାହା ।।

ରଙ୍ଗ ବାସ ଭରି ମହକିବ ସାରା ଦୁନିଆଁର ରାଜପଥ,
କୃତ୍ରିମ ନ ହେଉ ହୃଦୟର ଭାବ ଜୀବନ ର କଥା ସତ ।
ହସ ଲହଡିବ ଲୁହ ବଦଳରେ ସଂସାର ସୁନ୍ଦର ଘର,
ଭାଇ ବନ୍ଧୁ ସଖା ପ୍ରିତି ଛନ୍ଦେ ବନ୍ଧା କେହି ନୁହେଁ ଆନ ପର ।।

ସଂସାର ଭିତରେ କିଏ ଯେ କାହାର ଫୁଲ ତ ପାରେନା ବୁଝି,
ସଭିଏଁ ସନ୍ତାନ ମାଁ କୋଳ ଋଣକୁ ପାରୁନା କେହି ଯେ ଶୁଝି ।
ନେଇଯାଉ ଯେତେ ଫେରାଇ ପାରୁନା ବଞ୍ଚିଥାଉ କରି ଧାର,
ମାଟି ମାଁ ମମତା ଅମୁଲ ମୁଲ ସେ ଋଣୀ ଥାଉ ବାରବାର ।।

ସପନରେ ଫୁଲ ସଜାଉ ଦୁନିଆଁ ପୁରି ଉଠୁ ମାତା କୋଳ,
କରମର ତଳେ ମହକୁ ଥାଏ ଯେ ମନର ସପନ ମୂଳ ।।

୫୪ ଆର୍ଯ୍ୟପଲ୍ଲୀ, କିଟଛକ, ପଟିଆ
ଭୁବନେଶ୍ୱର, ୭୫୧୦୨୪, ଦୂରଭାଷ : ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହମବତୀର ତ୍ୟାଗ



ରାଧାମୋହନ ପୂଜାହାରୀ

ଏକଦା ମୋ ଘରେ ବରଷା ରାତିରେ
ହଜିଗଲା ବିଜୁଳିଟା,
ଘରଟା ସାରା ମୋ ଛିଟୁକୁଥିଲା ସେ
ଅମାନିଆ ବର୍ଷା ଛିଟା ।(୧)

ଅଧା ଭିଜା ଦେହେ ବହୁ କଷ୍ଟ କରି
ବନ୍ଦ କଲି ଝରକାଟି,
ତଥାପି ବି ବର୍ଷା ବୁନ୍ଦା ସ୍ପର୍ଶ ପାଇ
ମହକୁଥିଲା ମା' ମାଟି ।(୨)

ଅମାଅନ୍ଧକାରେ ମୋ ନେତ୍ର ଯୁଗଳ
ଦେଖି ପାରିଲେନି କିଛି,
ଘରେ ଆସବାବ ଏଣେତେଣେ ସବୁ
ପଡ଼ିଥିଲେ ହୋଇ ବିଛି ।(୩)

ତଥାପି ଚଞ୍ଚଳ ପାଦଦ୍ୱୟ ମୋତେ
ଘେନିଗଲେ ଥାକ ପାଖେ,
ଅନ୍ଧାରେ ଅଣ୍ଡାଳୁ-ଅଣ୍ଡାଳୁ ବାଜିଲା
ମହମବତୀଟା ହାତେ ।(୪)

ମହମବତୀକୁ ଜାଳି ଯେବେ ଦେଲି
ଆଲୋକିତ ହେଲା ଘର,
ବର୍ଷା ବାଆ ଖାଇ ଖଟିଆ ଡାକିଲା
ନିଦୁଆ ଆଖିକୁ ମୋର ।(୫)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଖି ବନ୍ଦ କରି ଶୋଇଲା ବେଳକୁ
ଶୁଣିଲି ମୁଁ ନିଜ କାନେ,
ସୂତା ପଚାରୁଛି ମହମକୁ ଗୋଟେ
ପ୍ରଶ୍ନ ଅତି ଅଭିମାନେ ।(୬)

ମହମକୁ ସୂତା ପଚାରୁଛି ଦୁଃଖେ
ମୁଁ ଯେବେ ନିଆଁ ରେ ଜଳେ,
ମୋତେ ଜଳୁଥିବା ଦେଖି କାହିଁକି ଲୋ
ହୃଦୟଟା ତୋ' ତରଳେ ? (୭)

ତା' ଜଟିଳ ପ୍ରଶ୍ନେ ସ୍ତବ୍ଧ ମହମଟା
କ'ଣ ବା ତା'କୁ କହିବ ?
ଆଖି ଆଗେ ଆତ୍ମୀୟଙ୍କ ମୃତ୍ୟୁ ଦେଖି
ଆତ୍ମା ବା କା'ର ସହିବ ! (୮)

ରୁଦ୍ଧଗଳାରେ ସେ ତଥାପି କହିଲା
ମୋ ହୃଦେ ସ୍ଥାନ ଯାହାର,
ଦେଖି କି ପାରିବି ନିଆଁ ଦେହେ ଜଳି
ତା'କୁ ମୁଁ ମରୁଥିବାର ? (୯)

ତଥାପି ଛାତିକୁ ପଥର କରି ବି
ହୃଦ ମୋ ଆଜି ତରଳେ,
ତୋତେ ହରାଇବା ଦୁଃଖେ ଆଜି ନେତ୍ରୁ
ଲୁହ ଟିକେ ଝରିପଡ଼େ ।(୧୦)

ଲୁହ ତ ନୁହଁ ଏ ମୋ ହୃଦୟ ଲହୁ
ଯାହା ଅଛି ଝରିଯାଉ,
ସୂତା ଲୋ ତୋ ମୃତ୍ୟୁ ଦେଖିବା ପୂର୍ବରୁ
ପ୍ରାଣ ମୋର ସରିଯାଉ ।(୧୧)

ହିନ୍ଦୀ ଅଧ୍ୟାପକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମହୁଲପାଳ, ଡାଲଚେର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫିକା ପଡ଼ିଲାଣି ରଜମଉଜ



ରାମଚନ୍ଦ୍ର ପ୍ରଧାନ

ଫିକା ପଡ଼ିଲାଣି  ଏ ରଜ ମଉଜ
ନାହିଁ ଆଉ ଆଗ ଭଳି
ଗାଆଁ ଝିଅମାନେ  ଖିଲି ପାନ ଖାଇ
କରନ୍ତିନି ଖେଳାଖେଳି  ।

ତୋଟାମାଳେ ଆଉ  ବନ୍ଧା ହେଉ ନାହିଁ
ସ୍ମୃତିର ସେ ରଜ ଦୋଳି
ଏ ଯାନ୍ତ୍ରିକ ଯୁଗେ  ଦିଶୁ ନାହିଁ ଆଉ
ରସିକ ପିଲାଙ୍କ ମେଳି  ।

ରଜ ଦୋଳି ଗୀତେ  ଶ୍ରଦ୍ଧା ଆଉ ନାହିଁ
ଅପ ସଂସ୍କୃତିରେ ମଜି
ପାଶ୍ଚାତ୍ୟ ଗନ୍ଧରେ  ଆମେ ବାଟବଣା
ଅବକ୍ଷୟ କୀର୍ତ୍ତିରାଜି  ।

ରଜ ପୋଡ଼ ପିଠା  ପାଟିକୁ ରୁଚୁନି
ଏବେକାର ପିଲାମେଳେ
ଖାଦ୍ୟର ରୁଚି ବି  ବଦଳି ଯାଇଛି
ଆଧୁନିକତାର ତାଳେ  ।

ଉତ୍କଳଟା ଦିନେ  ଗର୍ବ କରୁଥିଲା
ରଜ ପରବକୁ ନେଇ
ଆଜି ସେ ଏହାକୁ   ଉପହାସ କରେ
ବିକାଶର ଦ୍ୱାହି ଦେଇ  ।

ଓଡ଼ିଆ ଭୁଲୁଛି  ପରମ୍ପରା ତା'ର
ଅତୀତ ଯାଉଛି ହଜି
ତଥାପି ରଜଟା  ମନେ ପଡିଗଲେ
ଆଖି ପତା ଯାଏ ଭିଜି ।

ଶିକ୍ଷକ, ସାନ୍ତରାପଲ୍ଲୀ,ଗଞ୍ଜାମ
ମୋ: ୯୮୨୯୨୭୩୮୭୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅବସୋସଭରା ଜୀବନଟି ଯା'ର



ନୀଳମଣି ଚାନ୍ଦ

ଅବସୋସ ଭରା ଜୀବନଟି ଯା'ର
କରେ କିଆଁ ଅଭିମାନ
ନିତି ମିଳୁଥାଏ ଗାଳିର ସାଥିରେ
ଆଉ କିଛି ଅପମାନ ।

ଜୀବନ ରହିଛି ଜିଇଁବା ନାଆଁରେ
ମରଣର ହାତ ଧରି
ଫୁଟିବା ଆଗରୁ ଝରିଯାଉଥାଏ
ମଉଳା ଫୁଲଟି ପରି
ନିନ୍ଦା ଅପବାଦ ବିଶେଷଣେ ଲେଖା
ତା ଜୀବନ ଅଭିଧାନ ।

ମରୀଚିକା ଯା'ର ଚିର ସହଚର
ଯାତ୍ରା ପଥେ ମରୁବାଲି
ଆଜିର ସକାଳ କୁହୁଡ଼ିରେ ଘେରା
ଯେମିତି ତ ଥିଲା କାଲି
କେତେ ଅନମନୀୟ ନୀତି ନେଇ ଲେଖା
ଜୀବନର ସମ୍ବିଧାନ ।

ତା' ପାଇଁ ଲୁହଟି ଶ୍ରାବଣର ଧାରା
ବାରି ହୋଇ ପଡ଼େ ଝରି
ସାରା ଜୀବନ ସେ ଦୁଃଖର ଏଲିଜି
ଗାଏ ବୁଲିବୁଲି କରି
ସିଏ ଚାଲୁଥିଲା, ଚାଲୁଛି, ଚାଲିବ
ରୋକିବନି ଅଭିଯାନ ।

୨୭, ମନ୍ତ୍ର ମାନୋର, ଗୋଠ ପାଟଣା
ଭୁବନେଶ୍ୱର-୨୯.ମୋ:୯୪୮୩୨୦୨୩୫୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଜାଣିନି ମୁଁ ତମେ କିଏ ?



ସଂଘମିତ୍ରା
କାନୁନଗୋ

କିଏ ଗୋ ରୂପସୀ, ମୃଦୁ ମଂଦଭାଷି,
କିଏ ଗୋ ଅଳସୀ କନ୍ୟା,
ବିନା ଆମଂତ୍ରଣେ, ମୋ ଦୁଆରେ ଠିଆ,
ତୁମ ଆଖିରେ ଲାଜର ବନ୍ୟା ।

ତୁମ କବରୀର ବାସ୍ନାରେ ମୁଁଯେ,
ବିମୋହିତ ହେଉଥାଏ ।
ତମ ନୟନର ମୁଗ୍ଧ ଚାହାଣୀ,
ମନମୋର ମୋହି ନିଏ ।
ଭାଷାରେ ତୁମେଯେ ବେଶୀ କୁହନାହିଁ,
ତୁମ ଆଖି କଥା କହୁଥାଏ ।
ତେବେ ଜାଣେନି ମୁଁ ତମେ କିଏ
ଜାଣେନି ମୁଁ ତମେ କିଏ.......

ଅମା ରାତିର ଅଂଧାର ଚିରି,
ତୁମେ ସ୍ୱପ୍ନରେ ଯେବେ ଆସ ।
ମୁହଁରେ ତୁମର ଲାଗି ରହିଥାଏ
ମନଲୋଭା ଧାରେ ହସ ।
ସେହି ହସ ମୋର ଅସାଡ ଦେହକୁ,
ପବନେ ଉଡାଇ ନିଏ ।
ତେବେ ଜାଣିନି ମୁଁ ତମେ କିଏ,
ଜାଣିନି ମୁଁ ତମେ କିଏ......

ବସନ୍ତର ରଂଗ ଦେହେ ବୋଳି ହୋଇ,
ତୁମେ ଯେତେବେଳେ ଆସ ।
ସବୁ ଆଡ ଖାଲି ରଂଗୀନ ଲାଗେ,
ପଳାଶ ଛୁଟାଏ ବାସ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମ ଆଗମନୀ ବାରତା ପାଇଣ,

ମୋ ମନ ଅଥୟ ହୁଏ ।

ତେବେ ଜାଣେନି ମୁଁ ତୁମେ କିଏ,

ଜାଣେନି ମୁଁ ତୁମେ କିଏ........

କହିବାର ଅଛି ଯାହା ପ୍ରୀତି ଭାଷା,

ସହଜରେ କହିଦିଅ ।

ଅଭିମାନେ ତୁମେ ଯାଅ ନାହିଁ ଚାଲି

ବୁଲାଇ ନିଅନା ମୁହଁ ।

କହିବନି ଯଦି କିମିତି ଜାଣିବି,

ଅଭିସାରିକା ମୋ ପ୍ରିୟେ !

ତୁମ ଲାଜୁଆ ଅଧର, ପ୍ରୀତିଭରା ହସ

ଦେଖି ମୁଁ ଜାଣିଲିଣି ତୁମେକିଏ,

ଜାଣିଲିଣି ତୁମେ କିଏ......

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭାବିବ ଯାଇଛି ମରି



ଜୟନ୍ତ କୁମାର ମଲ୍ଲିକ

ଜହର ଟିକିଏ ଦେଇ ଯାଅ ପ୍ରିୟା
ରାତିରେ ହେଉନି ନିଦ
ଭଲ ପାଇ ଆଜି ଭୁଲିଗଲ ତୁମେ
ଖାଉଥିଲି ବୋଲି ମଦ ।

ତୁମକୁ ପାଇ ମୁଁ ଦୁନିଆଁ ଭୁଲିଛି
ଭୁଲି ଯାଇଥିଲି ଘର
ଆମ ଲୋକ ସବୁ ପର କରିଦେଇ
ମୋଠାରୁ ରହିଲ ଦୂର ।

ଶପଥ ମୋହର ଫେରାଇ ନେଉଛି
ଆଉ ହେବ ନାହିଁ ଦେଖା
ଆମ ପ୍ରେମ କେବେ ହେବନି ଜାଣିଛି
କୋଉ ଇତିହାସେ ଲେଖା ।

ବେଶୀ ଦିନ ଆଉ ବଞ୍ଚିବିନି ମୁହିଁ
ଦେହଟା ଗଲାଣି ଜଳି
କାହିଁକି ମୋ ସାଥେ ଆସିଥିଲ ତୁମେ
ଖୁସିକୁ ପାଦରେ ଦଳି ?

ନାମଟି ମୋହର ମନୁ ପୋଛି ଦେବ
ଭାବିବ ଯାଇଛି ମରି
ନୂଆ ସାଥି ପାଇ ସଂସାର ଗଢ଼ିବ
କେବେ ହେବ ନାହିଁ ଝୁରି ।

ଶୂରଡିହ, ନନ୍ଦିପୁର, ଯାଜପୁର
ମୋ:-୯୪୩୭୮୭୫୭୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ



ସନ୍ତୋଷ
ପଟ୍ଟନାୟକ

ଉତ୍କଳ-ଭାରତୀ-ଦେବୀ-ବିଶ୍ୱରୂପା
କଷଣ ବାସରେ ଆଜି  ନିମଗ୍ନା
ସୁପ୍ତ ପୁତ୍ର ଗଣେ  ନୁହଁନ୍ତି  ଚିନ୍ତିତ
ଦେଖି ଏଇ ଦୃଶ୍ୟ ଘୁରି ଯାଏ ମାଥ  ।

କାଳର କରାଳେ ମୋଗଲ ମରାଠା
ଲୁଟିଲେ ମାଡିଲେ ହୋଇ ନିଲଠା
ଫରାସୀ ଇଂରେଜ ହୋଇ ଏକାଠି
ଧନ ଦଉଲତ ନେଲେ ଝପଟି  ।

ଆଣିଲା ଇଂରେଜ ସୂର୍ଯ୍ୟାସ୍ତ ଆଇନି
ଜମିଦାରୀ  ଅଣଓଡ଼ିଆ ବାହିନୀ
ଦେଶରେ କଉଡ଼ି କଲେ ଅଚଳ
ଦିନକେ ଓଡ଼ିଆ ହେଲା କାଙ୍ଗାଳ  ।

ଉତ୍କଳ ମୁକୁଟ ବାରବାଟୀ ଦୁର୍ଗ
ତା ମଧ୍ୟେ ଶୋଭା ନବତଳପ୍ରାସାଦ
ଭାଙ୍ଗି ଇଂରେଜ କଲେ ବାଟ ଘାଟ
ଓଡ଼ିଆ ହୃଦୟେ  ବସିଲା ଛାଟ  ।

ଶତ ଶତ ବାର ଶ୍ରୀକ୍ଷେତ୍ର ଆକ୍ରମ
ସହାୟତା କଲେ କିଛି ନରାଧମ
ବକ୍ସି ବାଜି ବିର୍ସା ହୋଇଲେ ନିଧନ
ସେଇକାଳୁ ସୁପ୍ତ  ଉତ୍କ୍ର ସ୍ୱାଭିମାନ  ।

ଛାଡ଼ି ରଣନୀତି ଆପଣା ସାଧନ
ଜାତୀୟ କର୍ମରୁ ହଟିଲା ମନ
ଖଡ୍ଗହସ୍ତେ ଶୋଭା ଝାଞ୍ଜ କୀର୍ତ୍ତନ
ହଜିଗଲା ହୃଦୁ ମାନ-ସନମାନ  ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହଜାଇ ସଂସ୍କୃତି ସଂସ୍କାର ମାନ
ମଠ-ମନ୍ଦିରେ ରଙ୍ଗଶାଳା ସ୍ଥାପନ
ଦେଖି କୀର୍ତ୍ତି ପିତା ହୋଇ ବିମନ
ନାନା ପରକାରେ ଖଞ୍ଜନ୍ତି କଷଣ ।

କାଞ୍ଚି ପରାଜିତେ ଜଗନ୍ନାଥ ହାତ
ଭୁଲି ଗଲ କିବା ହେଇ ହତ ଚିତ୍ତ
ଜାତୀୟତା ଘେନି ପୁରୁଷୋତ୍ତମ
ହସ୍ତେ ଝାଡୁ କରି ଜଗତ ମହାନ ।

ଐର ଖାରବେଳ କୀର୍ତ୍ତି ପାରିଜାତ
କେ ସରି ହୋଇବ ଅଛି କା ସାମର୍ଥ୍ୟ
ସେଇ ଜାତି ଆଜି ହୋଇଛି ସୁପ୍ତ
ଉତ୍କଳ ଭାଗ୍ୟରେ ସତେ ଦୁର୍ଭାଗ୍ୟ ।

ଉଠ ଭ୍ରାତୃଗଣ ଖୋଲି ଚକ୍ଷୁ ମୁଦ
ସଙ୍କଟେ ଭାଷା ଜନନୀକୁ ଦେଖ
ବାତ୍ୟା ମନ୍ତ୍ର ଘେନି ପ୍ରକୃତି ମାତା
ଥରକୁ ଥର କରେ ଅଭିମନ୍ତ୍ରିତା ।

ଉଠି ଦେଖ ତବ ଅପବ୍ୟବସ୍ଥା
ଆଶାୟୀ ଜନନୀ କରିଛି ଆସ୍ଥା
ଜାତୀୟତା ଭାବେ ବିଚାର ଘେନ
ପ୍ରକୃତି ମାତାଙ୍କ ଏ ଯୁଦ୍ଧ ଆହ୍ୱାନ ।

ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ ଆଉ ମୁଁ



ପ୍ରଶାନ୍ତ କୁମାର ମହାନ୍ତି

ତୁମେ ପୁରୁଣା ମଦିରା ନିଶା
ମୁଁ ନିଦାଘେ ଅସରା ବର୍ଷା...
ତୁମେ ପୂର୍ଣ୍ଣିମାର ଜହ୍ନ ରାତି
ମୁଁ ତୁମ କବିତାର ଶେଷ ପଂକ୍ତି...

ରାଜଧାନୀ ତୁମେ
ମୁଁ ଯେ ନିର୍ଜନ ସହର
ତୁମେ ରଡ଼ ନିଆଁ
ମୁଁ ବରଫ ଚାଦର..

ମୁଁ ଦଦରା ନଉକା
ତୁମେ ନଦୀ ଚିରସ୍ରୋତା
ତୁମେ ସପ୍ତରଙ୍ଗୀ ଇନ୍ଦ୍ରଧନୁ
ମୋତେ  ବର୍ଣ୍ଣାନ୍ଧତା...

ତୁମେ ତାଜମହଲ କାହା ସ୍ମୃତିର
ମୁଁ ବୃଦ୍ଧ ଶିଳ୍ପୀ ଭଗ୍ନ କୋଣାର୍କର
ତୁମେ ମତୁଆଲି କୃଷ୍ଣଚୂଡ଼ାର ହସ
ମୁଁ ଝରାଫୁଲ ବାସହୀନ ପଳାସ...

ମୁଁ ଯେ ଆଜନ୍ମ ଶୋଷିଲା
ତୁମେ ମରୁ ମୃଗତୃଷ୍ଣା
ମୁଁ କବର ତଳର ସ୍ମୃତି
ତୁମେ ଭିଜା ମାଟିର ବାସ୍ନା...

କାକଟପୁର, ପୁରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ ଆଉ ମୁଁ



ଶୁଭସ୍ମିତା ସାହୁ

ତୁମେ କୁସୁମର ମହମହ ବାସ୍ନା
ମୁଁ ଭ୍ରମରର ଅସରନ୍ତି ତୃଷ୍ଣା
ତୁମେ ଗାଢ଼ ନିର୍ଜନ ଶୂନଶାନ ରାତି
ମୁଁ ପ୍ରଭାତେ କୋମଳ ଖରାର ତାତି ।।

ତୁମେ ସଫଳତା ପଥର ଆଶା
ମୁଁ କ୍ଷୀଣ ବାୟାଚଢେଇ ବସା
ତୁମେ ସଙ୍ଗୀତର ସୁରିଲା ସାତସୁର
ମୁଁ ସୁମଧୁର ବୀଣା ବାଦ୍ୟକାର ।।

ତୁମେ ଇନ୍ଦ୍ରଧନୁର ସପ୍ତରଙ୍ଗ
ମୁଁ ମୁକ୍ତ ଗଗନର କୁନି ବିହଙ୍ଗ
ତୁମେ ସ୍ୱପ୍ନ ଅମୃତର ବିନ୍ଦୁ
ମୁଁ ଜୀବନ ସଂଗମର ସିନ୍ଧୁ ।।

ତୁମେ ପ୍ରେମ ଆକଟର ଧାରା
ମୁଁ ସ୍ନେହ ଭକ୍ତିର ଝରା
ତୁମେ କୋଳାହଳ ମଧ୍ୟେ ଶୁନ୍ୟତା
ମୁଁ କଳ୍ପନା ଭିଡ଼େ ନିରବତା ।

ତୁମେ ଦେବ ସୁଲଭ ଦେହଧାରୀ
ମୁଁ ସତୀ ପତିବ୍ରତା ନାରୀ
ତୁମେ ମୋ ବଞ୍ଚିବାର କାରଣ
ମୁଁ ତୁମରି ଜୀବନ ମରଣ ।।।।

ଛେଣ୍ଡିପଦା, ଅନୁଗୁଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରଜ

ଉତ୍କଳ ମାଟିର ପରବ



ସତ୍ୟବ୍ରତ ବାରିକ

ରଜ ଆସେ ଝୁଲି ଝୁଲି ସଜବାଜ ହୋଇ
ସଭିଙ୍କ ମନରେ ଆଣେ ଖୁସିର ଲହରୀ

ଦୋଳି ଖେଳରେ ନୂଆ ନୂଆ  ରଜ ଗୀତ
ରାଗ ରୁଷା ଭୁଲି ହୋଇଥାନ୍ତି ସବୁ ମିତ

ରଜ ପାନ ହସେ ଓ ପୋଡ଼ ପିଠା ବାସେ
ବରଷକ ଥରେ ରଜ ରାଜା ଆସେ

ଜମିଯାଏ କବାଡି ,ଲୁଡୁ ଓ ତାସ୍ ର ଆସର
ରଙ୍ଗୀନ ପୋଷାକରେ ବାସେ ଅତର ଅତର

କୁଆଁରୀର ସଜ ଓ ନୂଆ ବୋହୂ ଲାଜ
ପିଲା ଠାରୁ ବୁଢ଼ା କରନ୍ତି ରଜ ମଉଜ

ଝିଅଙ୍କର ବୋହୁଚୋରି ଓ ଲୁଚକାଳି ଖେଳ
ସାଥି ପିଲା ମିଶି ରଜରେ ବୁଲିବାର ବେଳ

ବସୁମତୀ ସ୍ନାନରେ ମାଟି ହୁଏ ପବିତ୍ର
କ୍ଷେତରେ ଦିଶେ ସବୁଜିମାର ଚିତ୍ର

ମୋ : ୯୮୬୧୬୨୦୯୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋତେ କିଛି ଶବ୍ଦ ଦିଅ



ରାକେଶ ମୁଦୁଲି

ଆକାଶର ନୁଆଁଣିଆ ଡାଳରୁ
ପରସ୍ତ ପରସ୍ତ ବାଦଲରୁ
ଟିକେ ଖରା ଟିକେ ଛାଇରୁ
ପୋଖରୀ କୂଳର ବରଗଛରୁ
ସମୁଦ୍ରର ଅକାତ କାତ ପାଣିରୁ
ବେଳାଭୂମିର ତତଲା ବାଲିରୁ
ବିହଙ୍ଗର କୋମଳ ଡେଣାରୁ
ଜଙ୍ଗଲର ଝିଙ୍କାରି ଶବ୍ଦରୁ
କିଛି ଶବ୍ଦ ଆଣ
କିନ୍ତୁ ଶବ୍ଦର ଚାଙ୍ଗୁଡ଼ିରେ
ସଜାଅ ମୋ ଫୁଙ୍ଗୁଳା ଆତ୍ମାକୁ
ମୋତେ କିଛି ଶବ୍ଦ ଦିଅ ।

ଜୀବନ ନିଅ
ଭଲ ପାଇବା ନ ଦିଅ
ଘୃଣା କର
ଯୌବନ ନିଅ
ଆଲିଙ୍ଗନ ନ କର
ଚୁମ୍ବନ ନ ଦିଅ
ସ୍ନେହ, ଶ୍ରଦ୍ଧା ନ ଦିଅ
ଦୟା ମାୟା ସାହାଯ୍ୟ କିଛି ବି ନ ଦିଅ
କିନ୍ତୁ ଶବ୍ଦର ବଂଶୀରେ
ମୋ ବେସୁରା ଜୀବନକୁ ଭିଜାଅ
ମୋତେ କିଛି ଶବ୍ଦ ଦିଅ ।

ଶବ୍ଦର ଅନେକ ଲୋଡ଼ା
ଦିଅ କିଛି ଶବ୍ଦ
ସୃଷ୍ଟି ହେଉ ଶବ୍ଦର ମହାସମୁଦ୍ର
ହଜି ଯାଉ ଶବ୍ଦ ଭାବନାର ବହୁମୂଲ୍ୟ ସମୟ
ହଜି ଯାଉ ନୀରବତା
ପୂର୍ଣ୍ଣ ହେଉ ଶବ୍ଦର ସ୍ଥାନ
ଲେଖିବାକୁ ବହୁତ ମନ
କିନ୍ତୁ ଶବ୍ଦର ଅଭାବ
ମୋତେ କିଛି ଶବ୍ଦ ଦିଅ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପତିବ୍ରତା ସାବିତ୍ରୀ



ସୁବ୍ରତ କୁମାର ପ୍ରଧାନ

ଭାରତୀୟ ନାରୀ ଚିର ବନ୍ଦନୀୟା
ଆଦର୍ଶର ନିର୍ଝରଣୀ
ସତୀ ସାଧ୍ୱୀ ବୁଦ୍ଧି ପତିବ୍ରତା ବଳେ
ଯମକୁ ବି ଗଲେ ଜିଣି ।

ଶାଲ୍ୱ ନରପତି ଦ୍ୟୁମତସେନଙ୍କ
ପୁତ୍ର ଥିଲେ ସତ୍ୟବାନ
ଅଶ୍ୱପତୀ କନ୍ୟା ସାବିତ୍ରୀ ସୁନ୍ଦରୀ
ରୂପ ଗୁଣରେ ଅନନ୍ୟ ।

କର୍ମ ଅଭାଗ୍ୟରୁ ପତ୍ନୀ ପୁତ୍ର ସହ
ଅରଣ୍ୟେ କରିଲେ ବାସ
ପ୍ରେମ ରୂପ ଗୁଣେ ଧରିଲେ ସାବିତ୍ରୀ
ସତ୍ୟବାନଙ୍କର ହସ୍ତ ।

ଏକ ବର୍ଷ ଅନ୍ତେ ହାରିଲେ ଜୀବନ
ଅଳ୍ପାୟୁଷ ସତ୍ୟବାନ
ମୃତ୍ୟୁ ଦୂତ ଆସି ନେଇ ନପାରିଲେ
ଉଭା ହେଲେ ଜନ୍ତରାଣ ।

ତ୍ୟାଗ ନିଷ୍ଠା ଭକ୍ତି ପତିବ୍ରତା ବଳେ
ଚତୁରେ ମାଗିଲେ ବର
ଯମଙ୍କୁ ସନ୍ତୁଷ୍ଟ କରିଲେ ସାବିତ୍ରୀ
ତଥାସ୍ତୁ ଭାଷିଲେ ଗିର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅସୀମ ଧୈର୍ଯ୍ୟର ଜୟକାର ହେଲା
ଜୀବନ ପାଇଲେ ପତି
ସାହାସ ବିଶ୍ୱାସ ପତିବ୍ରତା ବଳେ
ପାଲଟିଲେ ମହାସତୀ ।

ଜ୍ୟେଷ୍ଠ କୃଷ୍ଣପକ୍ଷ ଅମାବାସ୍ୟା ତିଥି
ସଧବା ରମଣୀ ଯେତେ
ନବଶାଢୀ ଶଙ୍ଖା ସିନ୍ଦୂର ଲଗାଇ
ବ୍ରତ ପାଳନ୍ତି ହରଷେ ।

ନାନା ଭୋଗ ଫଳେ ସ୍ୱାମୀଙ୍କ ମଙ୍ଗଳ
ଦୀର୍ଘାୟୁ କାମନା କରି
ନିଜ ସୁଖ ଭୁଲି ପ୍ରେମର ସୁମନ
ବାଣ୍ଟିଦିଏ ସଦା ନାରୀ ।

ଉଭୟ କୂଳର ମଙ୍ଗଳ ମନାସି
କାୟ ମନ ବାକ୍ୟ ହୃଦେ
ସତୀତ୍ୱର ଏହି ନିଗୁଢ ଆଦର୍ଶ
ଗାଉ ଥିବ ଯୁଗେ ଯୁଗେ ।

ଗୋପୀବଲ୍ଲଭପୁର, କୋଶଳା
ଅନୁଗୋଳ ,୭୫୯୧୩୦
ମୋ - ୯୮୬୧୯୭୦୪୧୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଜବ ଦୁନିଆ



ଭାଗବତ ପ୍ରଧାନ

ଭାରି ଅଜବ ଦୁନିଆ
ଏନ୍ତୁଡ଼ିରୁ ଯୁଇ ନିଆଁ
ଜୀବନମରଣ ଅବଧି ଭିତରେ
ସବୁଆଡେ ନିଛାଟିଆ
ହବୁନି ଜମା ଛାନିଆ ।୧ ।

ଅଚିହ୍ନା ଦୁନିଆ ହାଟ
କିଣାବିକା ଭାରି କଷ୍ଟ
ହାଟ ସଉଦା ତୋ ସରିଯିବ ଦିନେ
ସରିଯିବ ସବୁ ନାଟ
ଆଗକୁ ନଥିବ ବାଟ ।୨ ।

ଅଜଣା ଦୁନିଆ ବାଟ
ଯନ୍ତ୍ରଣାରେ ଛଟପଟ
ବାଟରେ ଚାଲିବୁ ଏକୁଟିଆ ହୋଇ
ସବୁସ୍ୱାର୍ଥ କବଳିତ
ସଂପଦେ ହୁଅନ୍ତି ମିତ ।୩ ।

ଅଦ୍ଭୁତ ଏ ରଙ୍ଗମଞ୍ଚ
ଷଡରିପୁଙ୍କ ସହିତ
ମିଛ ଅଭିନୟେ ହୋଇଅଛୁ ରତ
ବିଷୟ ଭୋଗେ ଜଡ଼ିତ
ମୋହ ମାୟାରେ ଆସକ୍ତ ।୪ ।

ଅବ୍ୟକ୍ତ ବ୍ରହ୍ମ ପୁରୁଷ
ସ୍ୱୟମ୍ଭୁ ସତ୍ୟ ସ୍ୱରୂପ
କରି ବୈରାଗ କୁ ଅସ୍ତ୍ର ବାୟାମନ
ଲଙ୍ଘିଜା ଜୀବନ ପଥ
ନିର୍ବାଣକୁ କରି ପ୍ରାପ୍ତ ।୫ ।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ..
ସଂସ୍କୃତ ବିଭାଗ..
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର,
ଭୁବନେଶ୍ୱର, ୭୭୩୫୨୭୩୫୪୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସନ୍ଧ୍ୟାକାଳୀନ ବିଚାର



ଅମୃତ ନାରାୟଣ ଶତପଥୀ

ଦୂର ଦିଗନ୍ତର କାଳୀମାଟି ଯେବେ ପୃଥିବୀକୁ ଛୁଇଁ ଯାଏ,
ସନ୍ଧ୍ୟା ଆଗମନେ ପୃଥିବୀପୃଷ୍ଠକୁ ଅନ୍ଧକାର ଘେରିଯାଏ ।
ଅନ୍ଧକାରକୁ ସ୍ୱାଗତ କରନ୍ତି ଗୃହିଣୀ ପ୍ରଦୀପ ଜାଳି
ଶୁଭୁଥାଏ ପକ୍ଷୀମାନଙ୍କର ପୁଣି ଲେଉଟାଣିର କାକଳୀ
ସୂର୍ଯ୍ୟ ଅସ୍ତ ପରେ ଅନ୍ଧକାର ହୋଇ ଚନ୍ଦ୍ର ଆଲୋକ ଝଟକେ
କୋଟି ତାରା ମଧ୍ୟେ ଚନ୍ଦ୍ରଟି କେବଳ ଉଜ୍ଜ୍ୱଳ ହୋଇ ପ୍ରକାଶେ ।
ସଭିଙ୍କ ଦକ୍ଷତା ଭିନ୍ନ ଭିନ୍ନ ପୁଣି ସଭିଙ୍କ କ୍ଷମତା ଭିନ୍ନ
ଏଥିପାଇଁ ବନ୍ଧୁ କହାରିକୁ କେହି ଭାବନାହିଁ କେବେ ହୀନ ।
ଦାରୁ ଠାରୁ ଦ୍ରୁମ ସଭିଏଁ ଅଟନ୍ତି ପ୍ରଭୁଙ୍କ ସୁନ୍ଦର କୃତି
ଆଚରଣ ନିଜ ଦେଖାଇ ଥା'ନ୍ତି ନେଇ ନିଜର ପ୍ରକୃତି ।
ଧର୍ମ ପଥେ ନିଜ କର୍ମ କରିଚାଲ ଆସୁ ପଛେ ସଂଜ ନଇଁ
ପୁଣି ପ୍ରଭାତରେ ଆଗେଇ ଚାଲିବ ବାଧା ସବୁ ଡେଇଁଡେଇଁ ।

ନୟାପଲ୍ଲୀ, ଭୁବନେଶ୍ୱର, ଓଡିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାହା ହେବା ମାନେ କଣ ?



ଡା ନୀଳମାଧବ କର

ଚାରି ବରଷର ମୋ କୁନି ଝିଅ
ଗେହ୍ଲେଇ ହେଇ ପଚାରିଲା ମୋତେ
'ବାପା, ବାହା ହେବା ମାନେ କଣ ?'

'ବଡ଼ ହେଲେ ଜାଣିବୁ' କହି
ଏଡ଼େଇବାକୁ ଥତମତ ହେଉଥିବା ବେଳେ,
ମୋ ସ୍ତ୍ରୀ ଜବାବଟା ଦେଲେ
'ବାହା ହେଲେ ଜାଣିବୁ ଲୋ ଝିଅ'

ଓଲଟି ପଚାରିଲା ଝିଅ
'କହି ଦେଉନ, ତମେ ବାହା ହେଇନ କି ?'

ଆମେ ଦିହେଁ ଦିହିଁଙ୍କୁ ଚାହିଁଲୁ,
ସଂଶୟରେ !
ବାହାହେଲା ପରେ ବି ଜାଣିନୁ
ବାହା ହେବା ମାନେ କଣ ?
ସତରେ !?

ଓଲଭରହାମ୍ପଟନ, ୟୁକେ
nmadhab@yahoo.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଦିବାନିଶି



ସ୍ନିଗ୍ଧା ମିଶ୍ର

ତୁମେ ଦିବା ଆଲୁଅରେ ବନ୍ଧା....
ମୁଁ ରାତ୍ରିର ରଜନୀଗନ୍ଧା
ତୁମେ ସୂର୍ଯ୍ୟମୁଖୀର ଚାହାଣୀ....
ମୁଁ ଖଦ୍ୟୋତର ପ୍ରେମ କାହାଣୀ
ତୁମେ ଅନ୍ଧାରକୁ ଭଲ ପାଅନା...
ମୁଁ ଆଲୋକକୁ ଚାହିଁ ରହେନା
ତୁମେ ବାସ୍ତବତାରେ ବିଭୋର....
ମୁଁ ସ୍ୱପ୍ନରେ ତୋଳେ ନଅର
ତୁମେ ଅପରାହ୍ଣର ନୀରବତା...
ମୁଁ ମଧ୍ୟରାତ୍ରର ଗୀତିକଥା
ମୋର ଆରମ୍ଭରେ ତୁମ ଅନ୍ତ ଆସେ....
ତୁମ ପ୍ରାରମ୍ଭରେ ମୋର ପ୍ରାନ୍ତ ଦିଶେ
ଦୁଇ ତୀର ଆମେ କେଉଁ ସରସୀର...
ଏତେ ପାଶେ ସିନା ହେଲେ କେତେ ଦୂର
ତୁମେ ଚାଲିଆସ ଗୋଧୂଳିକୁ ଘେନି.....
ମୁଁ ଗାଇବି ସନ୍ଧ୍ୟାର ଆବାହନୀ
ତୁମେ ନେଇ ଆସ ରଙ୍ଗ ସିନ୍ଦୁରାର....
କୁଆଁତାରାର ହେବି ମୁଁ ଆଖିଠାର
ପ୍ରଦୋଷେ ଆସିବ ପାଶେ ମୋର....
ପ୍ରତ୍ୟୁଷରେ ହେବା ଏକାକାର
ବିଚ୍ଛେଦ ବିଦାୟ ନେବ ହସି....
ସାନ୍ନିଧ୍ୟ ଥିବ ଟିକେ ବେଶୀ
ତୁମେ ମୋ ଗମ୍ଭୀର ଦିବା ଯେବେ.....
ମୁଁ ବି ତୁମର ଦୁଷ୍ଟା ନିଶି....

ମନସ୍ତତ୍ତ୍ୱ ବିଭାଗ (ଉତ୍କଳ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର) ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ରୀ,
ଘୁ.ଉଦୟଗିରି, କନ୍ଧମାଳ, ୯୫୫୬୭୭୭୬୮୦
ଇମେଲ୍ - mishrasnigdha881998@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅପସଂସ୍କୃତି



ନିତ୍ୟରଞ୍ଜନ ନନ୍ଦ

ପୁଅଝିଅଙ୍କର ପାଟି ଫିଟୁ ଫିଟୁ
ଡକାଇଲ 'ଡାଡି', 'ମମି' ।
ଭାଇନା ହଜିଲେ 'ବ୍ରୋ' ଡାକ ତଳେ
'ସିସ୍' ପାଲଟିଲା ନାନୀ ।୧

ଦାଦା, କକା, ମାମୁ, ପିଉସା, ମଉସା,
'ଅଙ୍କଲ' ଡାକରେ ଖୁସି ।
'ଆଣ୍ଟି'ବୋଲାଇଲେ ସାନମାଆ,ଖୁଡ଼ି
ପିଉସୀ, ମାଇଁ,ମାଉସୀ ।୨

ଜନମ ଦିନରେ ଷଷ୍ଠୀ ପୂଜା ଗଲା
ବନ୍ଦାପନା ଆଉ ନାହିଁ ।
ବତୀ ଲିଭାଇଣ 'କେକ୍' କଟାଇଲ
"ହାପି ବାର୍ଥ୍ ଡେ'" କହି ।୩

ଆଗରୁ ନଥିଲା ବିବାହ ବାର୍ଷିକୀ
ଏବେ 'ଆନିଭରସାରୀ' ।
ମଦ ମାଂସ ବନ୍ୟା ବିଦେଶୀ ବାଜଣା
ନୃତ୍ୟ, ସଂଗୀତ ଲହରୀ ।୪

ସ୍ୱଦେଶୀ ସଂସ୍କୃତି ହଟାଇ ମଣିଲ
ଅପସଂସ୍କୃତିକୁ ଶ୍ରେଷ୍ଠ ।
ମାତୃଭାଷା ଛାଡ଼ି ପିଲାଏ ପଢ଼ିଲେ
ହିଂଗ୍ଲିସ୍ ମାଧ୍ୟମ ପାଠ ।୫

ନ କରି ହବନ ସାଜିଲ ଯବନ
ଭୁଲି ମନ୍ତ୍ର ପୂଜାପାଠ ।
ଫିରିଙ୍ଗି ଠାଣିରେ ଇଂରାଜୀ ବାଣୀରେ
ଛାଡି କଲ କୁଣ୍ଢେମୋଟ ।୬

ଶୁଭ ଅନୁକୂଳେ ଘରୁ ଯିବାବେଳେ
ଇଷ୍ଟଦେବଙ୍କ ଦର୍ଶନ ।
ଗୁରୁ,ଗୁରୁଜନ ଚରଣ ବନ୍ଦନ
ହୋଇଲା ସାତ ସପନ ।୭

ପରୀକ୍ଷା ଦେବାକୁ ଯିବା ସମୟରେ
' ବେଷ୍ଟ ଅଫ୍ ଲକ୍' କୁହ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ହାଲୋ, ହାୟ୍'କହି ସ୍ୱାଗତ ଜଣାଇ

: 'ବାୟ୍' ରେ ଦିଅ ବିଦାୟ୍ ।୮

ସଫଳତା କିଛି ମିଳିଗଲେ କା'ରେ

ପାଳନ ନ କରି ଘରେ ।

'କାଣ୍ଡଲ୍ ଲାଇଟ୍ ପାର୍ଟି' ଦେଉଅଛ

ବନ୍ଧୁ ମେଳେ ହୋଟେଲରେ ।୯

ସନ୍ତାନ ବିବାହ ପରେ ଦମ୍ପତିଙ୍କ

ଦିଅଁ ଦରଶନ ଭୁଲି ।

'ହନିମୁନ୍' ପାଇଁ ଆୟୋଜନ କର

ଭୁଆସୁଣୀ ଯିବ ବୁଲି ।୧୦

ମାଆ ମୁହଁ ଦେଖି ଛୁଆ ଚିହ୍ନୁଥିଲା

ଖାଏ ଯେବେ କ୍ଷୀର ଟାଣି ।

ଚେହେରା ଖରାପ ହୋଇଯିବ ବୋଲି

ପେଇଲ ବୋତଲ ପାଣି ।୧୧

ଜୀବନ ଆରମ୍ଭୁ ବୋତଲ ଚିହ୍ନିଲା

ମାଆ ବଦଳରେ ଆୟା ।

ବଡ଼ ହେଉହେଉ ବୋତଲ ଖୋଜିଲା

ଭୁଲିଗଲା ବାପାମାଆ ।୧୨

କାହିଁକି ଅବା ସେ କା' ପାଦ ଛୁଇଁବ,

କିଏ ତା'ର ଆପଣାର ?

ଭୁଲି ବାପାମାଆ ନିଜ ପିଲାଛୁଆ

ଭାରିଜାକୁ ଘେନି ଘର ।୧୩

ବାପାମାଆ ସେବା ଲଜ୍ଜାକର ଅବା

କଷ୍ଟକର ମନେକରି ।

ବୃଦ୍ଧାଶ୍ରମେ ତାଙ୍କୁ ଛାଡ଼ି ଆସିବାରେ

ଦୋଷୀ କେ' ବୁଝ ବିଚାରି ।୧୪

ଇଂରାଜୀ ପଢ଼ିବା ଅପରାଧ ନୁହେଁ,

ମାତୃଭାଷା ଆଗେ ପଢ଼ି ।

ସ୍ୱଦେଶୀ ଆଚାର-ବିଚାର ଶିଖିଲେ

ଆଗକୁ ପାରିବା ବଢ଼ି ।୧୫

କୀର୍ତ୍ତିମୁଖ ଭଳି ଆପଣାକୁ ଗିଳି

ପରକୁ ନ ଦିଅ ଦୋଷ ।

ନିଜ ସଂସ୍କୃତିକୁ ବିସ୍ତାରି ପାରିଲେ

ହେବ ସିନା ପଉରୁଷ ।୧୬

ଡି ଏଲ ଏ-୧୨, ବୀର ସୁରେନ୍ଦ୍ରସାଏ ନଗର,

ଭୁବନେଶ୍ୱର, ମୋ-୯୪୩୭୧୭୮୪୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁନୁଷର୍ ପେହେଚାନ୍



ସୁନୀଲ କୁମାର ଅଗସ୍ତି

ସମିଆଁର୍ ଡାକେ ବଛର୍  ବତରେ
ଜାନତେ କି' ଅଜାନତେ
ମନ୍ ଆର୍ ଗାଗର୍
ଅଲଗ୍ ଅଲଗ୍ ଭେଦେ
ରୁଥି ନେସନ୍ ଥୁରୀ ନେସନ୍,
ସମିଆଁ ଜାନି ଭାବର୍ ଧୁକା
ଗାଗର୍ କେ ସିର୍ ସିରେଇ ଦେସି,
ଇଫାଲେ "ଧୁକା' କେନ୍ କିସମର୍
ମନ୍ ହେସି ହୁରଗୁନେଇ
ବିଟାଲ୍ ଆଏ କି' ନୁକୋ ଯେ,
କାଁ' ଯେ ବଏଲେ ବଛର୍ ଜାନି
ଇ" ଭାବର୍ ଗରେଲ୍ ନରକ୍
ଇ" ଭାବର୍ ଧୁକା ଆଏ ସରଗ୍,
ଇ" ଭାବ୍ ଜାନି
ଅସଲ୍ 'ମୁନୁଷ'ର୍ ପେହେଚାନ୍
ବିଟାଲ୍ ଆଏ କି'ନୁକୋ
କେଡ୍ କେଡା କି' କାଦୋ ଚିକଲ୍,,

ଟିଟିଲାଗଡ଼,ବଲାଙ୍ଗୀର
ମୋ/୭୬୮ ୪୮୬ ୯୬୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନର୍ ଇତିହାସ୍



ବିଶ୍ୱନାଥ ଭୁଏ

ଜୀବନର୍ ଇତିହାସ୍ କେ ଫରଦ୍ ଫରଦ୍ ଉଲ୍'ଟାତେଲ୍ ଗଲେ ଆଁଖିର୍ ଲହ ଧାର୍ ଧାର୍ ହେଇ ବାହାର୍ ତେଲ୍ ଯାଏସି । କେତେ ଗୁଲ୍'ଗୁଲା ହେଇ ଜିଁବାର୍ କେ ପଡୁଥିଲା ,ମୁଠେ ଖାଏବାର୍ ଲାଗି । ସପନ୍ ଦେଖ୍'ବାର୍ ମୁଶ୍'କିଲ୍ ହଉଥିଲା । ଝୁମୁରା କାହିଁ ହଜି ଯାଇଥିଲା । ଦୁନିଆଁର୍ ଭିଡ୍ ଭିତ୍'ରେ ଉଟୁସ୍ ପୁଟୁସ୍ ହେଇକରି ମନ୍ ଟା କାନ୍ଦି ପକଉଥିଲା । ସମିଆଁର୍ ଚକା କିନ୍ଦିରି କିନ୍ଦିରି ଯଉଥିଲା । ମହାପୁରୁ ଲେଖେ କେଥି'ନି ଲୋକ୍ ଆସ୍'ଲେ ଉଦ୍ଧାର୍ କର୍'ବାର୍ ଲାଗି । ଗୁରୁ ଶ୍ରୀ ଯାଦବ ଚନ୍ଦ୍ର ଦୁଆନ , ଶ୍ରୀ ଭାଗିରଥି ବାରିକ୍, ଶ୍ରୀ ସୁଶାନ୍ତ ସିଂ, ଶ୍ରୀ ହରିହର ମାଝି, ଶ୍ରୀମତୀ ଉମାରାଣୀ ଝାଙ୍କର୍ ଏନ୍ତା କେଥି'ନି କେତେ ମହାନ୍ ଚେହେରା ଆଏଜ୍ ଭି ଆଁଖି ଚମ୍'କୁଛେ । ମୁଠେ ଖାଏବାର୍, ରହେବାର୍,ଉଢ୍'ବାର୍ ସାଂଗେ ପାଠ୍ ପଢ଼ାର୍ ବଢ୍'ତିଦିଗେ ପାହାଁ ଆଗ୍'କେ ଆଗ୍'କେ ବଢ୍'ବାର୍ ଲାଗି ସାହାରା ହେଇ ଠିଆ ହେଇଥିଲେ । ହେଥିର୍ ଲାଗି ତ ମାଷ୍ଟର୍ ଚାକିରି କରି କରି ସେବା କର୍'ବାର୍ ସୁଯୋଗ୍ ମିଳି ପାର୍'ଲା । ମନ୍ ଭିତ୍'ରେ ସେବାର୍ ମହକ୍ ଭରି ଗଲା । ସେବା ଥି ଯେନ୍ ଉଷତ୍ ମିଲ୍'ସି ସେ ଜିନିଷ୍ ଟା ଆଏଜ୍ ଜୀବନର୍ ଇତିହାସ୍ ଥି ଦଗ୍ ଦଗ୍ ହେଇ ଦିଶୁଛେ । ଇ ସବୁ କେ ପଢୁଥିଲେ, ଭାବୁଥିଲେ ମନ୍ ଭିତ୍'ରେ ସେବାର୍ ଭାବ୍'ନା ଜନମ୍ ନେସି , ଅଉ ଭି ଏନ୍ତା ଆଗ୍'କେ ଆଗ୍'କେ ପ୍ରେରଣା ଦେସି ।

କେଶାଇପାଲି, ଭଟଲି, ଜିଲ୍ଲା - ବରଗଡ଼, ମୋ - ୯୬୭୮୮୭୫୪୮୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

https://www.youtube.com/DrJyotiPrasadPattnaik

ଆମର ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍ସ୍କ୍ରାଇବ୍ କରନ୍ତୁ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଉତ୍କଳୀୟ ସଂସ୍କୃତିରେ ରଜପର୍ବ



ଡଃ ମନୋରଞ୍ଜନ ବିଷୋୟୀ

ଯୁଗେ ଯୁଗେ ଉତ୍କଳୀୟ ସଂସ୍କୃତି; ମହାଭାରତୀୟ ବିଶାଳ ପରିସର ଭିତରେ ଆପଣାର ସ୍ୱାତନ୍ତ୍ର୍ୟ ପ୍ରତିପାଦିତ କରିଆସିଅଛି । ଏ ସ୍ୱାତନ୍ତ୍ର୍ୟ ମହାଭାରତୀୟତାକୁ ଅସ୍ୱୀକାର କରି ଗଢ଼ି ଉଠିନାହିଁ; ବରଂ କହିବାକୁ ଗଲେ ବିଶାଳ ପରମ୍ପରା ଭିତରେ ଏକ ଭୌଗୋଳିକ ଭୂଖଣ୍ଡରେ ବସବାସ କରୁଥିବା ସମଭାବାପନ୍ନ ଦୃଷ୍ଟିଭଙ୍ଗୀ ଓ ବିଚାରଧାରାକୁ ଆଧାର କରି ଆପଣାର ପରିଚିତି ଉପସ୍ଥାପିତ କରି ଆସିଅଛି । ଉତ୍କଳ ଭୂଖଣ୍ଡ କହିଲେ ଆଧୁନିକ ରାଜନୈତିକ ମାନଚିତ୍ରର ଓଡ଼ିଶା ନୁହେଁ । ଏକଦା ଏହା ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ସୁବିସ୍ତୃତ ହେବା ସହ ଇତିହାସରେ କଳିଙ୍ଗ, କୋଶଳ, ଉଡ୍ର, ଉତ୍କଳ ପରି ନାମରେ ପରିଚିତ ଏକ ସମୃଦ୍ଧ ଅଞ୍ଚଳ ଥିଲା ।

ଏ ପରିପ୍ରେକ୍ଷୀରେ କହି ରଖେ; ଅନେକ ଆଲୋଚକ ଦ୍ରାବିଡ଼ ଭାଷାରେ ଲବ୍ଧ 'ଓଡ୍ର' ମଧ୍ୟରେ ଓଡ଼ିଶାର ସତ୍ତା ଖୋଜିଲା ବେଳେ; ଅନ୍ୟ କେତେକ ତାମିଲ ଭାଷାରେ ଚାଷ କରୁଥିବା ଅର୍ଥରେ ବ୍ୟବହୃତ 'ଉଡ୍ଡୁ' ଓ ଚାଷ କରୁଥିବା ଲୋକଙ୍କୁ 'ଉକ୍କଳ' ଏବଂ ସେହି ଧାରାରେ କନ୍ନଡ଼ର ଚଷା ଅର୍ଥରେ ବ୍ୟବହୃତ 'ଓଡ଼ିସ' ଶବ୍ଦ ଭିତରୁ ଓଡ଼ିଶା ଅର୍ଥାତ୍ ଉତ୍କଳକୁ ଖୋଜିବାକୁ ଚେଷ୍ଟା କରିଛନ୍ତି । ଏହି ଦୃଷ୍ଟିରୁ ବିଚାର କଲେ କୌଣସି ନା କୌଣସି ସୂତ୍ରରେ ଉତ୍କଳୀୟ ସଂସ୍କୃତି ସହ କୃଷି ସଂସ୍କୃତି ଓତପ୍ରୋତ ଭାବେ ଜଡ଼ିତ । ସେ ଯାହାହେଉ ସମତଳ, ଉପକୂଳ ଓ ପାର୍ବତ୍ୟାଞ୍ଚଳର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମନ୍ୱୟରେ ଉତ୍କଳ ବୈଭବଶାଳୀ ହେବା ସହ ଆର୍ଯ୍ୟ, ଦ୍ରାବିଡ଼ ଓ ଶବର ସଭ୍ୟତାର ସଂସ୍କୃତି ଉତ୍କଳ ଆତ୍ମାକୁ ଦୀପ୍ତିମାନ କରିଆସିଛି ।

ଏହି ଉତ୍କଳୀୟ ସଂସ୍କୃତିର ଅନ୍ୟ ଏକ ଶ୍ରେଷ୍ଠ ପର୍ବ ଭାବେ 'ରଜ' କାଳ କାଳ ଧରି ପ୍ରଭାବ ବିସ୍ତାର କରି ଆସିଛି । ଯାହା କୃଷିଭିତ୍ତିକ ଏକ ଗଣପର୍ବର ମାନ୍ୟତା ଲାଭ କରିଅଛି । ଏହା ମିଥୁନ ସଂକ୍ରାନ୍ତିର ପୂର୍ବ ଓ ପରଦିନ ପାଳନ କରାଯାଇଥାଏ । ସଂକ୍ରାନ୍ତିର ପୂର୍ବଦିନକୁ ପହିଲି ରଜ, ସଂକ୍ରାନ୍ତିକୁ ରଜ ସଂକ୍ରାନ୍ତି ଓ ସଂକ୍ରାନ୍ତିର ପରଦିନକୁ ତୃତୀୟ ରଜ ବା ଭୂଦାହ କୁହାଯାଏ । ଏହି ଦିବସତ୍ରୟ ପୃଥିବୀମାତା ରଜସ୍ୱଳା ହେବାର ଦିନ । ତେଣୁ ଏହି ତିନିଦିନ ସକଳ ପ୍ରକାର କୃଷିକାର୍ଯ୍ୟ ଓ ଭୂଖନନ ବାରଣ କରାଯାଇଥାଏ ଏବଂ ଚତୁର୍ଥ ଦିନ ବସୁମତୀ ସ୍ନାନ ସହ ରଜପର୍ବ ଉଦ୍‌ଯାପନ କରାଯାଏ । ଏଠାରେ ରଜ ପୂର୍ବରୁ ପ୍ରତି ଓଡ଼ିଆଙ୍କ ଘରେ ଯେଉଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ; ସେ ଦିନଟିକୁ ସଜବାଜ କୁହାଯାଏ । ରଜ ତିନିଦିନ ସ୍ତ୍ରୀ ଲୋକମାନଙ୍କୁ କାଟିବା, କୁଟିବା, ବାଟିବା, ବୋହିବା ଭଳି ଅନେକ କାର୍ଯ୍ୟ ବାରଣ ଥିବାରୁ ସେମାନେ ତିନିଦିନର କାମ ସଜବାଜ ଦିନ ସାରି ସ୍ୱାଦିଷ୍ଟ ପିଠା ଓ ମିଠାର ପ୍ରସ୍ତୁତିରେ ଲାଗି ପଡ଼ିଥାନ୍ତି । ଏହାପରେ ରଜ ତିନିଦିନ ନାରୀମାନେ ସକଳ କାର୍ଯ୍ୟରୁ ନିବୃତ୍ତ ରହିଥାନ୍ତି । ଏପରିକି ନାରୀମାନେ ଏହି ତିନିଦିନ ଭୂମି ଉପରେ ମଧ୍ୟ ଚାଲନ୍ତି ନାହିଁ ଏବଂ କୃଷକମାନେ ମଧ୍ୟ ଭୂମିକର୍ଷଣ, ବୀଜବପନ ଓ ଖନନ ଭଳି ଯାବତୀୟ କାର୍ଯ୍ୟରୁ ନିବୃତ୍ତ ରହିଥାନ୍ତି । ଏହି ସମୟରେ ଗ୍ରୀଷ୍ମ ଋତୁର ଶେଷ ଓ ବର୍ଷାର ଆଗମନ ହେବା ସହ ପୃଥିବୀମାତା ରଜସ୍ୱଳା ହୋଇଥାଏ ଏବଂ ଏହି ସମୟରେ ପୃଥିବୀମାତାଙ୍କ ଠାରୁ କ୍ଷରଣ ରସ ପୃଥିବୀକୁ ଶସ୍ୟ ଶ୍ୟାମଳା କରିବାର ସାଂକେତିକ ଭାବକୁ ବହନ କରିଥାଏ । ରଜ ତିନିଦିନ ପରେ ଅର୍ଥାତ୍ ଚତୁର୍ଥ ଦିନ ବସୁମତୀ ସ୍ନାନ ସହ ପୂଜା କରାଯାଏ । ଏହା ରଜପର୍ବର ଅନ୍ତିମ ଦିବସ । ଯାହା ମହାଲକ୍ଷ୍ମୀ ସ୍ନାନ ବା ଗାଧୁଆ ଭାବେ ପ୍ରସିଦ୍ଧ । ଏହି ଦିନ ନାରୀମାନେ ଶିଳପୁଆକୁ ଭୂମି

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଲକ୍ଷ୍ମୀ ସ୍ୱରୂପରେ ଚନ୍ଦନ, ସିନ୍ଦୂର, କୁଙ୍କୁମ, କଜ୍ଜ୍ୱଳ ଦେଇ ହଳଦୀ ପାଣିରେ ସ୍ନାନ କରାଇଥାନ୍ତି ଏବଂ ଧରଣୀମାତା ତିନିଦିନର ବିଶ୍ରାମ ପରେ ବିଶୁଦ୍ଧ ସ୍ନାନ କରି ସଂସାରବାସୀଙ୍କୁ ଆଶୀର୍ବାଦ କରିବା ସହ ସୃଜନ କ୍ଷମତା ଅର୍ଥ ଶସ୍ୟ ବୀଜ ଧାରଣ କରି ଧରଣୀକୁ ଶସ୍ୟଶ୍ୟାମଳ କରିବାର ସାମର୍ଥ୍ୟ ଲାଭ କରନ୍ତି ।

ଏ ପରିପ୍ରେକ୍ଷୀରେ କହିରଖେ; ରଜ ବେଳେ ନାରୀ ଓ ପୁରୁଷମାନେ ସକଳ କାର୍ଯ୍ୟରୁ ବିରତି ନେଇ ଆନନ୍ଦ ଉଲ୍ଲାସରେ ପାଳନ କରୁଥିବାରୁ ଏହା ରଜ ମଉଜ ନାମରେ ମଧ୍ୟ ବେଶ୍ ଖ୍ୟାତ । ରଜରେ ବିଭିନ୍ନ ପିଠା ବିଶେଷ କରି ପୋଡ଼ପିଠା ଓ ପାନ ଖାଇବା ସହ ସ୍ତ୍ରୀ ଲୋକମାନେ ନାନାଦି ଗୀତ ବୋଲି ଦୋଳି ଖେଳିଥାନ୍ତି । ବିଶେଷ କରି କୁମାରୀ ଝିଅମାନଙ୍କ ନିତିଦିନିଆ ଘଟଣା ଓ କୁମାରୀମନର ଭାବାବେଗ ଏ ଦୋଳି ଗୀତରେ ଶୁଣିବାକୁ ମିଳିଥାଏ । ଏହାସହ ପୁଚି ଖେଳରେ ମଧ୍ୟ ସେମାନେ ସମୟ ଅତିବାହିତ କରିଥାନ୍ତି । ସ୍ଥଳ ବିଶେଷରେ ଯୁବକ ଓ କିଶୋରମାନେ ମଧ୍ୟ ଦୋଳି ଖେଳିବା ସହ ଡୁଡୁ ଓ ବାଗୁଡ଼ି ଖେଳରେ ମାତିଥାନ୍ତି । ବୟସ୍କମାନେ ପଶା, ତାସ ଆଦି ଖେଳ ଖେଳି ସମୟ ଅତିବାହିତ କରନ୍ତି । ଏପରି କରି ରଜସ୍ୱଳା ଧରଣୀ ମାତାକୁ  ଆଶ୍ୱସ୍ତି ଦେବାର ପ୍ରୟାସ କରିଥାନ୍ତି । ଅହରହ ପଦାଘାତ ଓ ଖନନ କଷ୍ଟ ସହୁଥିବା ଧରଣୀମାତାକୁ ଆଶ୍ୱସ୍ତି ଦେବାକୁ କୃଷକ ଚାଷ କାର୍ଯ୍ୟରୁ ବିରତ ରହି ଏବଂ କୁମାରୀମାନେ ଭୂମିରେ ନ ଚାଲି; ଅଧିକାଂଶ ସମୟ ଦୋଳିରେ ଝୁଲି କୃତଜ୍ଞତା ତଥା ସମ୍ମାନ ପ୍ରଦର୍ଶନ କରିଥାନ୍ତି ।

ପରିଶେଷରେ କେବଳ ଏତିକି କହିବି ରଜପର୍ବ ହେଉଛି କୃଷିଭିତ୍ତିକ ଓଡ଼ିଶାର ସାଂସ୍କୃତିକ, ଆଧ୍ୟାତ୍ମିକ, ସାମାଜିକ ଓ ନୈତିକ ଅଭିବ୍ୟକ୍ତିର ଏକ ସାର୍ଥକ ପରିପ୍ରକାଶ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ସଂପର୍କ: ୮୮୯୫୧୦୪୧୭୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭୃଗୁତୁଙ୍ଗ



ରୋଜାଲିନି ମିଶ୍ର

## ନୈସର୍ଗିକ ସୌନ୍ଦର୍ଯ୍ୟର ଗନ୍ତାଘର : ଭୃଗୁତୁଙ୍ଗ

ହିମାଚଳ ପ୍ରଦେଶରେ ଆମର ରହଣୀର ଦିନ ସରିସରି ଆସୁଥାଏ । ସେଦିନ ରାତି ୩:୩୦ରେ ଘଡିରେ ବାଜିଲା ଆଲାର୍ମ । ନିଦ ଭାଙ୍ଗିଗଲା ମୋର । ଆମକୁ ଜଲଦି ଜଲଦି ରେଡି ହୋଇ ବାହାରିଯିବାକୁ ପଡିବ ମନାଲିରୁ ରୋହତାଙ୍ଗ ପାସ ଅଭିମୁଖେ । ବାହାରେ ପ୍ରବଳ ଥଣ୍ଡା ଆଉ ତୁଷାରପାତ । ଡବଲ ରେଜେଇ ଭିତରୁ ବାହାରିବାକୁ ଇଚ୍ଛା ହେଉ ନଥାଏ । ପୂର୍ବ ଦିନ ବୁଲାବୁଲିର ବାଧା ବି କଟି ନଥାଏ । ଏପଟେ ପ୍ରବଳ ଥଣ୍ଡା ଆଉ ସେପଟେ ରୋହତାଙ୍ଗ ପାସର ଶୂନ୍ୟବିନ୍ଦୁରେ ହଜି ଯିବାର ମୋହ । ଉଠିବାକୁ ତ ପଡିବ ନିଶ୍ଚୟ ।

ଯଦିଓ ବହୁତ ଆଗରୁ ଆମର ରୋହତାଙ୍ଗ ପାସ ପାଇଁ ଭିଜିଟର୍ସ ପରମିଟ ବୁକ ସରିଥିଲା ତଥାପି ଡ୍ରାଇଭର ଆମକୁ ସୂଚେଇ ଦେଇଥିଲା ଯେ ଯଦି କୌଣସି କାରଣବଶତଃ ପାଗ ଖରାପ ହୋଇଯାଏ କିମ୍ବା ସ୍ଲାଇଡିଂ ହୁଏ ତାହେଲେ ରୋହତାଙ୍ଗ ପାସକୁ ରାସ୍ତା ସାଙ୍ଗେସାଙ୍ଗେ ବନ୍ଦ କରି ଦିଆଯିବ ଆଉ ପରମିଟ୍ କ୍ୟାନସଲ କରି ଦିଆଯିବ । ସେଥିପାଇଁ ଆମକୁ ଭୋର ପାଞ୍ଚଟା ଭିତରେ ବାହାରିବାକୁ ପଡିବ । ଯେତେ ଜଲଦି ଆମେ ସେଠି ପହଁଚିବା ସେତେ ଜଲଦି ବୁଲାବୁଲି ସାରି ଫେରି ଆସିବା ପୁଣି ହୋଟେଲକୁ । କାରଣ ମନାଲିରେ ମଧ୍ୟାହ୍ନ ପରେ ପ୍ରାୟତଃ ପାଗ ଖରାପ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଯାଏ । ଅଚାନକ ଖରା ଚାଲିଯାଇ ସବୁଆଡ କୁହୁଡି କୁହୁଡି ହୋଇଯାଏ ଆଉ ବେଳେବେଳେ ଝିପିଝିପି ବର୍ଷା ବି ଆରମ୍ଭ ହୋଇଯାଏ । ତେଣୁ ଯଥା ସମ୍ଭବ ସୁରକ୍ଷା ଦୃଷ୍ଟିରୁ ସମୟ ପୂର୍ବରୁ ସେ ଘାଟି ରାସ୍ତାରୁ ଫେରି ଆସିବାଟା ଭଲ । ଠିକ ସମୟରେ ବାହାରି ପଡ଼ିଲୁ ସବୁ । ଠାକୁରଙ୍କୁ ସ୍ମରଣ କରି ଗାଡି ଆମର ଗଡି ଚାଲିଲା ରୋହତାଙ୍ଗ ପାସ ଅଭିମୁଖେ ।

ପର୍ବତରାଜ ହିମାଳୟର ହିମାଦ୍ରୀ ଆଉ ସିଵାଲିକ ରେଞ୍ଜର ମଧ୍ୟବର୍ତ୍ତୀ ଭାଗରେ ଅବସ୍ଥିତ ଦେବଭୂମି ହିମାଚଳ ପ୍ରଦେଶ । ହିମାଚଳ ପ୍ରଦେଶର ମନାଲିରୁ ଲେହ- ଲଦାଖ ଯାଏ ଲମ୍ବିଥିବା ମୁଖ୍ୟ ସଡକ ମାର୍ଗରେ ପଡେ ଏହି ରୋହତାଙ୍ଗ ପାସ । ମନାଲିଠାରୁ ଏହାର ଦୂରତ୍ୱ ମାତ୍ର ପଚାଶ କିଲୋମିଟର କିନ୍ତୁ ଏତିକି ରାସ୍ତା ଅତିକ୍ରମ କରିବା ପାଇଁ ଲାଗେ ତିନି ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ କେବଳ ଏହାର ପାହାଡ଼ି ଘାଟିରାସ୍ତା ପାଇଁ । ପୁରାତନ କାଳରେ "ଭୃଗୁତୁଙ୍ଗ" ନାମରେ ଜଣା ଯାଉଥିବା ଏହି ରୋହତାଙ୍ଗ ପାସ ବର୍ଷର ସବୁ ସମୟରେ ପର୍ଯ୍ୟଟକଙ୍କ ପାଇଁ ଖୋଲା ନଥାଏ । କେବଳ ମେ ମାସରୁ ଅକ୍ଟୋବର ଯାଏ ରାସ୍ତା ଘାଟରୁ ବରଫ ସବୁକୁ ସମ୍ପୂର୍ଣ୍ଣ ସଫା କରି ସାରିଲା ପରେ ଭାରତୀୟ ସେନା ତରଫରୁ ପର୍ଯ୍ୟଟକ ମାନଙ୍କୁ ଭିତରକୁ ପ୍ରବେଶର ଅନୁମତି ପତ୍ର ମିଳିଥାଏ ।

ରୋହତାଙ୍ଗ ପାସରେ ପ୍ରାକୃତିକ ସୌନ୍ଦର୍ଯ୍ୟ ବ୍ୟତୀତ ପର୍ଯ୍ୟଟକ ମାନଙ୍କ ପାଇଁ ସ୍କିଇଙ୍ଗ, ଟ୍ରାକିଙ୍ଗ, ସ୍କେଟିଂର ରହିଛି ପର୍ଯ୍ୟାପ୍ତ ସୁବିଧା ଓ ସୁଯୋଗ । ବର୍ଷଯାକ ବରଫ ଚାଦର ଘୋଡେଇ ହୋଇ ରହୁଥିବା ଏହି ସ୍ଥାନଟିରୁ ତଳକୁ ଚାହିଁଲେ ଦିଶେ ବାଦଲ ମାନେ ସବୁ ପାହାଡ଼ ତଳେ ତଳେ ଭାସୁଥିବାର । ବାଦଲର ଉପରେ ରହି ପ୍ରକୃତିକୁ ଉପଭୋଗ କରିବାର ଆନନ୍ଦ ଯେ କୌଣସି ପର୍ଯ୍ୟଟକଙ୍କ ପାଇଁ ନିଆରା ନିଶ୍ଚୟ ।

କିଛି ବାଟ ସମତଳ ରାସ୍ତାରେ ଗଲାପରେ ଆମେ ଗୋଟେ ଦୋକାନ ପାଖରେ ରହି ଡ୍ରାଇଭରର ପରାମର୍ଶ ଅନୁସାରେ ଶୀତ ଜ୍ୟାକେଟ, ବୁଟ୍, ଗ୍ଲୋବସ୍ ଆଦି ସବୁ ଭଡାରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନେଲୁ ରୋହତାଙ୍ଗ ପାସ ପାଇଁ । ଯଦିଓ ଆମ ପାଖରେ ଯଥେଷ୍ଟ ଶୀତବସ୍ତ୍ର ଥିଲା ତଥାପି ସେ ସବୁ ଜିରୋ ପଏଣ୍ଟରେ ଥଣ୍ଡା ରୋକିବା ପାଇଁ ଯଥେଷ୍ଟ ନୁହେଁ ବୋଲି ସୁଚେଇ ଦେଲା ଡ୍ରାଇଭର । ସତରେ ଦାନ୍ତକୁ ଦାନ୍ତ ଠକ୍ ଠକ୍ ବାଜୁଥିଲା ସେ ଥଣ୍ଡାରେ । ତେଣୁ ଇଚ୍ଛା ନଥିଲେ ମଧ୍ୟ ବାଧ୍ୟହୋଇ ଭଡାରେ ଯିଏ ଯାହା ମାପର ଜିନିଷ ସବୁ ସଂଗ୍ରହ କରିନେଲୁ । ସିନ୍ଦୁରା ଫାଟି ଫାଟି ଆସୁଥାଏ । ଚାରିପଟେ ଘେରି ରହିଥିବା କୁହୁଡ଼ିର ଆସ୍ତରଣକୁ ଆଡେଇ ସୂର୍ଯ୍ୟ ଦେବତା ମୁଁହ କାଢ଼ିବାକୁ ଚେଷ୍ଟା କରୁଥାନ୍ତି ଧିରେ ଧିରେ । ଆମ ଗାଡି ମୁଁହାଇ ଥାଏ ଘାଟି ରାସ୍ତା ଦିଗରେ ସମତଳ ରାସ୍ତାକୁ ପଛରେ ଛାଡି ।

ପାହାଡ଼ ଉପରକୁ ଉଠିବା ପୂର୍ବରୁ ପୁଣି ଗୋଟାଏ ଜାଗାରେ ଗାଡି ରଖି ଡ୍ରାଇଭର ଆମକୁ କହିଲା, "ଆପଣ ମାନେ ଏଠି କିଛି କିଛି ଖାଇଦିଅନ୍ତୁ । ଆଉ ଆଗକୁ ରାସ୍ତାରେ କିଛି ବି ଖାଇବାକୁ ମିଳିବନି । ଫେରିବା ବିଳମ୍ବ ହୋଇପାରେ ମଧ୍ୟ ।" ପାଖାପାଖି ହୋଇ ଛୋଟବଡ଼ ଢ଼ାବା ଆଉ ରେଷ୍ଟୁରାଣ୍ଟ କିଛି । ସକାଳ ଜଳଖିଆ ପାଇଁ ସବୁ ଜାଗାରେ କେବଳ ମ୍ୟାଗି ଆଉ ଆଳୁ ପରଟା ହିଁ ମିଳୁଥିଲା । ମୁଁ ଲକ୍ଷ୍ୟକଲି ସେଠି ସବୁ ଜାଗାରେ ମ୍ୟାଗି ବହୁଳ ଭାବରେ ଉପଲବ୍ଧ । ଏତେ ଥଣ୍ଡାକୁ ଗରମ ଗରମ ଆଳୁ ପରଟା ସହ ଛୋଲେ ଆଉ ବାମ୍ଫଉଠା ମ୍ୟାଗି ଖାଇବା ପାଇଁ ଖୁବ ଭଲ ଲାଗିଲା ଆଉ ସ୍ୱାଦିଷ୍ଟ ମଧ୍ୟ ।

ଜଳଖିଆ ସରିଲା ପରେ ଡ୍ରାଇଭର ଆମକୁ କହିଲା ଆପଣ ମାନେ ସବୁ ଏତେ ଥଣ୍ଡା ସହ ଅଭ୍ୟସ୍ତ ନୁହନ୍ତି । ଉପରକୁ ଗଲେ ଥଣ୍ଡା ସମ୍ଭାଳି ପାରିବେ କି ନାହିଁ ତେଣୁ ସମସ୍ତେ ଅଳ୍ପ ଟିକେ ଟିକେ ବିଅର ପିଇ ନିଅନ୍ତୁ । ଦେହର ଉତ୍ତାପ ନର୍ମାଲ ରହିବା ସହ ଆରାମ ବି ଲାଗିବ । ବିଅର କଥା ଶୁଣି ଆମେ ସମସ୍ତେ ପରସ୍ପରର ମୁଁହକୁ ଚାହିଁଲୁ । ଆମେ ମାନେ କେହି ବି ସେ ଭକ୍ତ ନୁହେଁ ତେଣୁ ସମସ୍ତେ ଅରାଜି ହେଲେ ଏ ପ୍ରସ୍ତାବରେ । କିନ୍ତୁ ମୋ ମନରେ କୋଉଠି ନା କୋଉଠି ଥିବା ସୁପ୍ତଇଚ୍ଛାଟି ଜାଗି ଉଠିଲା ଏଇ ମଉକାରେ ବିଅର ଟିକେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚାଖିଦେବା ପାଇଁ । କେମିତି ଲାଗେ କେଜାଣି ? ? କିନ୍ତୁ ଗାଳି ଶୁଣିବା ଭୟରେ ଡରିକି ସମସ୍ତଙ୍କ ଆଗରେ କିଛି ନ କହି ଚୁପଚୁପ ମିଷ୍ଟରଙ୍କ କାନ ପାଖରେ କହିଲି..... ଅଳ୍ପ ଟିକେ ବିଅର ଚାଖିବା ? ମିଷ୍ଟର କହିଲେ ... ପାଗଳ ନା କ'ଣ ? ଚୁପଚାପ ଚାଲ ସେମିତି ସବୁ ଉପରକୁ । କିଛି ଅସୁବିଧା ହେବନି । କୌତୁହଳ ବଶତଃ ମୁଁ ପୁଣି ଡ୍ରାଇଭରକୁ ପଚାରିଲି, "ଆପଣ ବି ବିଅର ପିଇବେ ? ?" ସେ ମୋ କଥା ଶୁଣି ଟିକେ ହସିଦେଲା ଆଉ କହିଲା, "ହଁ ମାଡାମ୍... ସେଇଟା ନହେଲେ ଆମେ ଗାଡି ଚଲେଇ ପାରିବୁନି । ମୁଁ ସବୁବେଳେ ମୋ ପାଖରେ ରଖିଥାଏ ।" ସେ ପୁଣି କହିଲା ଆପଣ ମାନେ ନହେଲେ କିଛି ଡାର୍କ ଚକୋଲେଟ, ପପକର୍ଣ୍ଣ ଆଉ ଚୁଇଁଗମ ସାଙ୍ଗରେ ନେଇ ଯାଆନ୍ତୁ । ଦରକାର ପଡିପାରେ । ତା ପରାମର୍ଶ ଅନୁସାରେ ଆମେ ସବୁ କିଣାକିଣି ସାରି ପୁଣି ଯାଇ ବସିଲୁ ଗାଡ଼ିରେ ।

ପାହାଡର ଛାତି ଚିରି ଉପରକୁ ଉପରକୁ ଲମ୍ୱିଯାଇଛି କଳାରଙ୍ଗର ପିଚୁ ରାସ୍ତାଟିଏ । କୋଉଠି କୋଉଠି ରାସ୍ତା ଖୁବ ଅଣଓସାରିଆ ତ କୋଉଠି କୋଉଠି ରାସ୍ତାରେ ମାଡି ଯାଇଛି ବରଫର ପତଳା ଆସ୍ତରଣ । ରାସ୍ତାର ଦୁଇ ପାଖରେ ଛୋଟବଡ଼ ପାର୍ବତ୍ୟମାଳା । କେଉଁଠି କେଉଁଠି ଗୋଟାଏ ପଟେ ପାହାଡ଼ ଥାଇ ଆର ପଟଟି ଘାଇ । ଘାଇ ଗୁଡିକ ଏତେ ଗଭୀର ଯେ ଯଦି କୌଣସି ଗାଡି ଦୁର୍ଘଟଣାଗ୍ରସ୍ତ ହୋଇ ତଳକୁ ଖସିପଡ଼େ ତାହେଲେ ପ୍ରାଣ ପାଇବା ଏକଦମ ଅସମ୍ଭବ । ଗାଡ଼ିରେ ଥାଇ ତଳକୁ ଚାହିଁଦେଲେ ମନରେ ଭୟ ଆସିଯିବ । ପାହାଡ଼ର ଠାଏ ଠାଏ କେଉଁଠି ଆବୁଡା ଖାବୁଡା ହୋଇ ପଥର କିଛି ଦୃଶ୍ୟମାନ ହେଉଛି ତ କେଉଁଠି ପଥର ଉପରେ ଶିଉଳି ଆଉ ଛୋଟ ଛୋଟ ଗୁଳ୍ମ ମାନଙ୍କର ସବୁଜ ଆସ୍ତରଣ । ପୁଣି କେଉଁଠି ସେଇ ଛୋଟବଡ଼ ଗୁଳ୍ମ ମାନଙ୍କ ଭିତରୁ କୁନିକୁନି ନାଲି ନେଳି କି ହଳଦିଆ ବଣୁଆ ଫୁଲଟାଏ ମୁଣ୍ଡକୁ ହଲେଇ ନିଜ ଉପସ୍ଥିତି ଜାହିର କରୁଛି ପର୍ଯ୍ୟଟକଙ୍କ ଆଗରେ । କେଉଁଠି କେଉଁଠି ଗଦା ହୋଇଥିବା ବରଫଗୁଣ୍ଡ ଗୁଡିକ ହାଲକା ସୂର୍ଯ୍ୟକିରଣରେ ଆଖିକୁ ଝଲସେଇ ଦେଇ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ରୂପାଗୁଣ୍ଡର ଭ୍ରମ ସୃଷ୍ଟି କରୁଛି ତ କେଉଁଠି ପଥରର ଅନ୍ଧିସନ୍ଧି ଦେଇ ବୋହି ଆସିଛି ନିର୍ମଳ ସରୁ ଜଳ ପ୍ରପାତଟିଏ ନିଜର କ୍ଷୀଣ କଟିକୁ ଅଙ୍କେଇ ବଙ୍କେଇ ।

ମଝିରେ ମଝିରେ ରାସ୍ତା ଏତେ ଅଣଓସାରିଆ ଯେ ସମ୍ମାରୁ ଆସୁଥିବା ଗାଡିକୁ କଟେଇବା ପାଇଁ ଗାଡିକୁ ଏକଦମ ଧାରକୁ ନେଇ ଧୀରେ ଧୀରେ ଆଗକୁ ଯିବାକୁ ପଡେ । ବେଳେବେଳେ ଏତେ ଧାରକୁ ଗାଡି ଚାଲି ଆସେ ଯେ ଲାଗେ ଗାଡିର ଆଗଚକା ତଳକୁ ଖସି ପଡ଼ିଲା କି ! ! ଭୟରେ ଆଖି ମୁଦି ହୋଇଆସେ । ଏମିତି ଏକ ବିପଦ ସଂକୁଳ ରାସ୍ତାରେ ଚକ୍ରି କାଟି କାଟି ଗାଡି ଆମର ବଢୁଥାଏ ଆଗକୁ ଆଗକୁ । ଧନ୍ୟ କହିବ ସେଠାକାର ଡ୍ରାଇଭର ମାନଙ୍କୁ । ନିଜର ଜୀବନକୁ ପାଣି ଛଡେଇ ଆହୁରି ଗୁଡିଏ ଜୀବନକୁ ନିଜ ପିଠିରେ ଲଦି ଏମିତି ବିପଦଶଙ୍କୁଳ ରାସ୍ତାରେ କେତେ ସାହସ ଆଉ ଆତ୍ମବିଶ୍ୱାସର ସହ ଗାଡି ଚଲେଇ ପାରୁଛନ୍ତି ! !

ଆଗକୁ ଚାହିଁଲେ ଦୂରରୁ ସ୍ୱଷ୍ଟ ଦିଶୁଛି ହିମାଳୟର ଚୂଡ଼ା । ସୂର୍ଯ୍ୟଙ୍କର ସୁନେଲି କିରଣରେ ଚିକଚିକ କରୁଛନ୍ତି ଗିରିରାଜ । ସତେକି ମଝିରେ ମଝିରେ ସୁନା ଛାଉଣୀ ହୋଇଥିବା ରୂପା ମୁକୁଟଟିଏ ପିନ୍ଧି ରାଜକୀୟ ଠାଣିରେ ସ୍ୱାଗତ କରୁଛନ୍ତି ଆମ ପରି ପର୍ଯ୍ୟଟକ ମାନଙ୍କୁ । ଆଉ ପଛକୁ ଚାହିଁଲେ ଦିଶୁଛି ପାହାଡ଼ ଛାତିରେ ମୋଡିମାଡି ହୋଇ ଆଗକୁ ବଢିଥିବା ଘାଟିରାସ୍ତା ଠିକ ଗୋଟିଏ ଜଙ୍ଗଲୀ ଧୁସରିଆ ସାପ ପରି ।

ସକାଳ ୯:୩୦ ଭିତରେ ଆମେ ପହଞ୍ଚିଗଲୁ ରୋହତାଙ୍ଗ ପାସରେ । ଡ୍ରାଇଭର ଜିରୋ ପଏଣ୍ଟ ଅତିକ୍ରମ କରି ଆହୁରି କିଛି କିଲୋମିଟର ଆଗକୁ ନେଇଗଲା ଗାଡି । ଯେଉଁଠାରେ ତାପମାତ୍ରା ବିଯୁକ୍ତ ଡିଗ୍ରୀ । ସେହି ରାସ୍ତାରେ ଆଗକୁ ଆଗକୁ ତିନିଶହ ଅଶୀ କିଲୋମିଟର ଗଲେ ପଡିବ ଲେହ-ଲଦାଖ । କିନ୍ତୁ ଆମ ଗାଡି ରହିଗଲା ସେଇଠି । ଗାଡି ରହିବା ମାତ୍ରେ ସବୁ ଖପଖାପ ଡେଇଁ ପଡ଼ିଲୁ ଗାଡିରୁ । ଚାରିଆଡେ ବରଫର ମୋଟା ବହଳ ଆସ୍ତରଣ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଖି ବନ୍ଦକରି ପ୍ରଥମେ ମୁଁ ଅନୁଭବି ନେଲି ସେଠାକାର ସୁନ୍ଦରତାକୁ । ଆଃ..... ମୁଁ ଏବେ ବାଦଲର ଉପରେ । ଶୂନ୍ୟ ବିନ୍ଦୁର ଆହୁରି ଉପରେ ମୁଁ । ଲୀନ ହୋଇଯିବି କି ଆଉ ଏଇ ହିମାବୃତ ସାମ୍ରାଜ୍ୟର ରାଶିରାଶି ବରଫ ଭିତରେ ହିମକଣାଟିଏ ହୋଇ ! ! ସ୍ଥାନ, କାଳ, ପାତ୍ର ଆଉ ବୟସ ଭୁଲି ମୁହଁ ମାଡି ଶୋଇ ପଡ଼ିଲି ସେହି ବରଫ ଚାଦର ଉପରେ ଘଡ଼ିଏ ।

ଯିଏ ଯାହା ଅନୁସାରେ ଖୁସି ସାଉଁଟିବାରେ ବ୍ୟସ୍ତ ଆଉ ଫଟୋ ଉଠେଇବାରେ ମସଗୁଲ । ବୁଲାବୁଲି ଆଉ ଫଟୋଉଠା ସାରି ଆମେ ପୁଣି ତଳକୁ ଫେରିଲୁ ଜିରୋ ପଏଣ୍ଟକୁ ସ୍କିଇଙ୍ଗର ମଜା ନେବା ପାଇଁ ।

ଜିରୋ ପଏଣ୍ଟରେ କିଛି ଲୋକ ଏମିତିକି ବୁଢାବୁଢ଼ୀ ଆଉ ଛୋଟପିଲା ମଧ୍ୟ ଗୋଟେ ଗୋଟେ କେଟଲୀ ନହେଲେ ଏୟାର ଟାଇଟ କଣ୍ଟେନରରେ ଚା' ଆଉ କଫି ରଖି ବୁଲି ବୁଲି ବିକୁଥାନ୍ତି । ସେଠି ସେମିତି ପରିବେଶରେ ଚା' ଆଉ କଫିର ପ୍ରବଳ ଡିମାଣ୍ଡ ପର୍ଯ୍ୟଟକଙ୍କ ଭିତରେ । ମୋ ମିଷ୍ଟର ଆଉ ମୋ ଭଉଣୀ ଜ୍ୱାଇଁ ମଧ୍ୟ ଶୀତ ସମ୍ଭାଳିବା ପାଇଁ ଏକାଥରେ ତିନି କପ୍ ଲେଖାଏଁ ଚା' ପିଇଦେଲେ ସେଠି ଜଣେ ବୁଢ଼ୀ ମାଉସୀଙ୍କ ଠାରୁ ।

ମୁଁ ବୁଢ଼ୀ ମାଉସୀଙ୍କୁ ପଚାରି ବୁଝିଲି ଯେ ସେଠାକାର ବାସିନ୍ଦା ମାନେ ମୁଖ୍ୟତଃ ଚାଷବାସ ଉପରେ ନିର୍ଭରଶୀଳ । ଧାନ, ଆଳୁ ଆଉ ଡାଲି ଜାତୀୟ ଫସଲ ଉପରେ ନିର୍ଭର କରନ୍ତି ସେମାନେ । କିନ୍ତୁ ବର୍ଷର ସବୁ ସମୟରେ ଚାଷବାସ ସମ୍ଭବ ହୁଏନାହିଁ । ଅକ୍ଟୋବର ଠାରୁ ପ୍ରାୟ ମେ ମାସ ଯାଏ ସେଠାରେ ପ୍ରବଳ ତୁଷାରପାତ ଆଉ ବର୍ଷା ପାଇଁ ସେମାନଙ୍କ ଚାଷବାସ ଠପ୍ ହୋଇଯାଏ ପୁରା । ଏହି ସମୟ ଗୁଡିକ ସେମାନଙ୍କୁ ସରକାର ସବସିଡିରେ ରାସନ ଯୋଗାଇ ଦିଅନ୍ତି । ଆଉ ସେମାନେ ଏମିତି ଚା' କଫି ଏବଂ ଛୋଟମୋଟ ଜିନିଷ ବିକ୍ରିବଟା କରି ଦି ପଇସା ବାହାର କରନ୍ତି ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ । ଭାବନ୍ତୁ ଥରେ ବର୍ଷର ଏହି ପାଞ୍ଚ ଛଅ ମାସ ଏମାନେ କେତେ କଷ୍ଟରେ ଦିନ କାଟୁଥିବେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆମ ଡ୍ରାଇଭର ମଧ୍ୟ ମଝିରେ ମଝିରେ ରୋଚକ ତଥ୍ୟ ପ୍ରଦାନକାରୀ କଥା କିଛି କିଛି ଶୁଣଉଥାଏ । ତା କହିବା ଅନୁସାରେ -- ଏ ରୋହତାଙ୍ଗ ପାସର ପୁରୁଣା ନାମ ଥିଲା "ଭୃଗୁତୁଙ୍ଗ ମାର୍ଗ" । ଏହା ପଛରେ ମଧ୍ୟ ଏକ କିମ୍ବଦନ୍ତୀ ରହିଛି । ପୁରାତନ କାଳରେ ଲାହୋଲ-ସ୍ପିତି ଜିଲ୍ଲା ଏବଂ କୁଲ୍ଲୁ ଅଞ୍ଚଳ ପରସ୍ପର ଠାରୁ ଅଲଗା ଥିଲା । ସେଠାକାର ଲୋକମାନେ ଗମନାଗମନ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ମଝିରେ ଭୃଗୁତୁଙ୍ଗ ପର୍ବତ ରହି ପ୍ରତ୍ୟେକ ଅଞ୍ଚଳକୁ ପରସ୍ପର ଠାରୁ ବିଛିନ୍ନ କରୁଥଲା । ତେଣୁ ଲୋକମାନେ ଏହି ସମସ୍ୟାର ସମାଧାନ ପାଇଁ ଭଗବାନ ଶିବଜୀଙ୍କୁ ପ୍ରାର୍ଥନା କଲେ । ଶିବଜୀ ସନ୍ତୁଷ୍ଟ ହୋଇ ଭୃଗୁତୁଙ୍ଗ ପର୍ବତକୁ ନିଜ ତ୍ରିଶୁଳ ପ୍ରହାରରେ ଖଣ୍ଡ ବିଖଣ୍ଡିତ କରି ଏହି ରାସ୍ତା ତିଆରି କରିଥିଲେ । ସେବେଠାରୁ ଏହାର ନାଁ "ଭୃଗୁତୁଙ୍ଗ ମାର୍ଗ" ଥିଲା । ଆଉ ଏବେ ଏହା "ରୋହତାଙ୍ଗ ପାସ" ନାଁ ରେ ପରିଚିତ ଏବଂ ଲାହୋଲ- ସ୍ପିତି ଜିଲ୍ଲାର ପ୍ରବେଶ ଦ୍ୱାର ଭାବରେ ଜଣାଶୁଣା ।

ରୋହତାଙ୍ଗ ପାସର ଦକ୍ଷିଣ ଦିଗରୁ ବ୍ୟାସ ନଦୀର (Beas River) ଉତ୍ପତ୍ତି ହୋଇଛି । ଏହି ନଦୀକୂଳରେ ଋଷି ବେଦବ୍ୟାସ ତପସ୍ୟା କରି ସିଦ୍ଧିପ୍ରାପ୍ତି ହୋଇଥିଲେ ସେଥିପାଇଁ ଏହାର ନାଁ ବ୍ୟାସ ନଦୀ ଆଉ ଏହି ନଦୀକୂଳରେ ଋଷି ବେଦବ୍ୟାସଙ୍କର ମନ୍ଦିରଟିଏ ମଧ୍ୟ ଅଛି । ବ୍ୟାସ ନଦୀ କୁଲୁ ଆଉ କାଙ୍ଗଡ଼ା ଘାଟି ଦେଇ ବହି ଯାଇଛି ପଞ୍ଜାବ ଯାଏ । ପଞ୍ଜାବରୁ ପୁଣି ୪୭୦ କିଲୋମିଟର ବହିଲା ପରେ ସତଲେଜ ନଦୀ ସହ ମିଳିତ ହୋଇ ପ୍ରବେଶ କରିଛି ପାକିସ୍ତାନରେ । ଏହି ଜୀବନ ଦାୟିନୀ ନଦୀ କେବଳ କୁଲ୍ଲୁ ମନାଲିର ନୁହେଁ ବରଂ ପଞ୍ଜାବ ଆଉ ପାକିସ୍ତାନ ମାଟିକୁ ମଧ୍ୟ ଶସ୍ୟ ଶ୍ୟାମଳା କରି ମିଶିଛି ଯାଇ ଆରବ ସାଗରରେ ।

ରୋହତାଙ୍ଗ ପାସକୁ ଆସିବା ପୂର୍ବଦିନ ଆମେ ସବୁ ଢ଼େର ବୁଲିଥିଲୁ ବ୍ୟାସ ନଦୀର କୁଳେକୁଳେ । ହଜିଥିଲୁ ଭିଜିଥିଲୁ ତାର ହାଲକା ସବୁଜରଙ୍ଗ ମିଶା ନୀଳ ଜଳ ରାଶିରେ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

କୂଳରେ ଥିବା ଛୋଟବଡ଼ ପଥର ମାନଙ୍କ ଉପରେ ଠିଆ ହୋଇ ଉପଭୋଗ କରିଥିଲୁ ଏହାର ଚାରି ପାଖରେ ଥିବା ବରଫ ସିକ୍ତା ପାଇନ ଗଛର ସୁନ୍ଦର ସବୁଜିମାକୁ । ଛୋଟପିଲାଙ୍କ ପରି ଜୋତା ଖୋଲିଦେଇ ପାଣି ଭିତରେ ପଶି ସଂଗ୍ରହ କରିଥିଲୁ ସୁନ୍ଦର ସୁନ୍ଦର ବାଲିଗରଡ଼ା ସବୁ । ଆପଣମାନେ ବି ଯଦି କେବେ ଆସନ୍ତି ବୁଲିବା ପାଇଁ ତାହେଲେ ନିଶ୍ଚୟ ବାନ୍ଧି ହୋଇଯିବେ ମନାଲିର କୁହୁକୀ ସୌନ୍ଦର୍ଯ୍ୟ ଭିତରେ ।

ବୁଲାବୁଲି ଭିତରେ ଦିନ ସାଢେ ଏଗାରଟା ହୋଇଥାଏ ବୋଧେ । ଅନ୍ୟ ପିଲାମାନଙ୍କ ପରି ପୁଅ ବରଫ ଉପରେ ଦୌଡୁଥାଏ ଆଉ ଜଣେ ବନ୍ଧୁଙ୍କ ପୁଅ ସହିତ ପେଙ୍ଗୁଇନ ଟିଏ ଧାଇଁଲା ପରି । ବରଫ ଭିତରେ ଗୋଡ଼ ଧସିଯାଇ କେତେଥର ଯେ ସେ କଚାଡି ହୋଇ ପଡୁଥାଏ ତାର ଠିକଣା ନାହିଁ । ସେଥିପ୍ରତି ନା ତାର ନିଘା ଅଛି ନା ପରବାୟ ।

ସୂର୍ଯ୍ୟଙ୍କର କଅଁଳ ସୁନେଲି କିରଣ ପଡୁଥାଏ ଦେହ ଉପରେ । ସାମାନ୍ୟ ଉତ୍ତାପ ପାଇ ଖୁବ ଆରାମ ଲାଗୁଥାଏ ଦେହକୁ । ତଥାପି ଦଲକାଏ ଲେଖାଏଁ ଥଣ୍ଡା ପବନ ଆସି ଆକ୍ତାମାକ୍ତା କରି ପକାଉଥାଏ ସଭିଙ୍କୁ । ସ୍କିଇଙ୍ଗର ମଜା ନେଇ ସାରିଲା ପରେ ଇଚ୍ଛା ହେଲା ସାଙ୍ଗରେ ନେଇଥିବା ଚକୋଲେଟରୁ କିଛି ଖୋଲିକି ଖାଇବା ପାଇଁ । କିଛି ସମୟ ପାଇଁ ହାତରୁ ଗ୍ଲୋବସ ବାହାର କରିଥିଲୁ ସମସ୍ତେ । ଏତେ ଥଣ୍ଡା ସମ୍ଭାଳି ନପାରି ହାତର ଚମଡା ସବୁ ଲୋଚାକୋଚା ପରି ହୋଇଗଲା ପନ୍ଦର କୋଡିଏ ମିନିଟ ଭିତରେ । ଏତେ ଥଣ୍ଡା କେମିତି ସମ୍ଭାଳନ୍ତି ସେଠାକାର ଅଧିବାସୀ ମାନେ ! ! !

ହଠାତ ଚାରିଆଡ଼ ଟିକେ କୁହୁଡି କୁହୁଡି ଦିଶିଲା । ଡ୍ରାଇଭର କହିଲା ଏବେ ଏଠାରୁ ବାହାରି ଯିବାଟା ହିଁ ଭଲ ହେବ । ଏବେ ପାହାଡ଼ ଶିଖରରୁ ତଳକୁ ଖସିବାର ବେଳ । ଅଙ୍କାବଙ୍କା ପାହାଡ଼ି ଘାଟି ରାସ୍ତାକୁ ଅତିକ୍ରମ କରିବାକୁ ଆମକୁ ପୁଣି ଲାଗିବ ତିନି ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଏବେ । କେତେବେଳେ ବି ବର୍ଷା କିମ୍ବା ତୁଷାରପାତର ସମ୍ଭାବନା ରହିଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୌଣସି କାରଣରୁ ବି ଯଦି ବରଫ ଅତଡା ଖସି ରାସ୍ତା ବନ୍ଦ ହୁଏ ତାହେଲେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ରାସ୍ତା ସଫା ହେବା ଯାଏ । ବାଟରେ ଖାଦ୍ୟ କିମ୍ବା ପାଣି ମିଳିବାର ସମ୍ଭାବନା ବି ନାହିଁ । ଗାଡି ଭିତରେ ଥିବା ବ୍ୟାଗରେ ଯାହା କିଛି ଆପଲ , ବିସ୍କୁଟ ଆଉ ଡ୍ରାଏ ଫ୍ରୁଟସ ଅଛି ।

କାହାରି ମନ ବୁଝୁନି ସେ ଜାଗା ଛାଡି ଆସିବା ପାଇଁ । ଫେରିବା କଥା ଶୁଣି ପୁଅ କାନ୍ଦକାନ୍ଦ ହୋଇ ଗଲାଣି । କିନ୍ତୁ  ସମୟ ଥାଉ ଥାଉ ଫେରିବାକୁ ତ ପଡିବ । ବାଧ୍ୟ ହୋଇ ଗାଡ଼ିରେ ବସିଲୁ ସମସ୍ତେ । ଶେଷ ଥର ପାଇଁ ପୁଣି ଆଖି ବୁଲେଇ ଆଣିଲି ରୋହତାଙ୍ଗ ପାସର ନୈସର୍ଗିକ ସୌନ୍ଦର୍ଯ୍ୟ ଉପରେ ।

ଏବେ ଆମେ ଫେରନ୍ତା ପଥର ଯାତ୍ରୀ । ଘାଟି ରାସ୍ତାକୁ କାଟି କାଟି ଆମେ ଏବେ ଆଗକୁ ଆଗକୁ ଯାଉଥିଲୁ ସମତଳ ରାସ୍ତାରେ ମିଶିବା ପାଇଁ । ଆଉ ପଛରେ ଛାଡି ଆସିଲୁ ଗିରିରାଜ ଶିଖରର ହିମାବୃତ ସୌନ୍ଦର୍ଯ୍ୟ, ଦେହରେ ବରଫର ଚାଦରଟିଏ ଘୋଡାଇ ହୋଇ ରହିଥିବା ଭୃଗୁତୁଙ୍ଗ ପର୍ବତ ଆଉ ସୂର୍ଯ୍ୟକିରଣରେ ଚିକଚିକ ହୋଇ ଆଖି ଝଲସାଇ ଦେଉଥିବା ରାଶିରାଶି ବରଫ ସହିତ ଆହୁରି ବହୁତ କିଛି । ସାଙ୍ଗରେ ଥିଲା କେବଳ ଆଞ୍ଜୁଳାଏ ସୁନ୍ଦର ସ୍ମୃତି ।

ଏ / ଇ – ୨୫୦, ଭି ଏସ ଏସ ନଗର

୮୮୯୫୩୨୬୪୩୪

ଇମେଲ୍ : mishrarozalini@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଈଶ୍ୱରଙ୍କୁ ଚିଠି



ବିଜୟ କୁମାର ସାହୁ

ପ୍ରାପକ : ଈଶ୍ୱର

ସ୍ଥାନ : ମହାଶୂନ୍ୟ

ପ୍ରିୟ ଈଶ୍ୱର ! ଆପଣଙ୍କ ନିକଟକୁ ଲେଖିବି ଲେଖିବି ବୋଲି ଅନେକ ଦିନରୁ ଅଭିଳାଷ ଥିଲା ଅଥଚ ଲେଖି ପାରୁନଥିଲି, କେଜାଣି ଆଜି କାହିଁକି ମନ ବଳିଛି । ବୋଧହୁଏ ଆପଣଙ୍କର ଅଦୃଶ୍ୟ ପ୍ରେରଣା ମୋତେ ଲେଖିବାର ସୁଯୋଗ ପ୍ରଦାନ କରିଅଛି । ହେ ଈଶ୍ୱର ! ଲେଖିବାର କାରଣ ଏହିକି ଯେ, ମୁଁ ଜୀବ ଆପଣ ଈଶ୍ୱର ଅଟନ୍ତି । ଆପଣ ସେଠାରେ ସକୁଟୁମ୍ବେ କୁଶଳରେ ଥିବେ । କାରଣ ଆପଣ ଯୋଗନିଦ୍ରାରେ ଶୟନ କରିଥିବେ । ପାଟ ମହାଦେଇ ଲକ୍ଷ୍ମୀ ଠାକୁରାଣୀ ପଦ ସେବା କରୁଥିବେ । ଦାସଦାସୀଗଣ ଆଲଟ ଚାମର ସେବା କରୁଥିବେ । ଆପଣଙ୍କ ସର୍ଜନା ଚଉଦ ବ୍ରହ୍ମାଣ୍ଡ ମଧ୍ୟରୁ ପୃଥିବୀ ଏକ ବ୍ରହ୍ମାଣ୍ଡ । ପୃଥିବୀର ଜଣେ ବ୍ୟକ୍ତି ବିଶେଷ ଭାବରେ ମୋର ନାଁ, ମୋର ଅବସ୍ଥିତି, ସୃଷ୍ଟିର ମାନଚିତ୍ରରେ ଖୋଜି ପାଇବା ବିଫଳ ଅପଚେଷ୍ଟା ବ୍ୟତୀତ ଆଉ କିଛି ନୁହଁ । ଆପଣଙ୍କ ଲୋମକୂପରୁ ଅସଂଖ୍ୟ ଗ୍ରହ, ନକ୍ଷତ୍ରମାନ ସୃଷ୍ଟି, ସେହି ସୃଷ୍ଟିମାନଙ୍କର ପ୍ରତ୍ୟେକ ଅଣୁ ପରମାଣୁ ମଧ୍ୟରେ ଆପଣଙ୍କ ଅବସ୍ଥିତି-ଏହା ଧ୍ରୁବସତ୍ୟ । ଅଣୋରଣୀୟାନ ମହତୋମହୀୟାନ ..... ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମର୍ତ୍ତ୍ୟ ମଣ୍ଡଳରେ ଆମେ ଜୀବ ଶ୍ରେଣୀୟ ଯଦିଓ ଆପଣଙ୍କ ଅନନ୍ତ ସୃଷ୍ଟିର ଏକ ସହସ୍ରାଂଶ ଠାରୁ ଖୁବ କମ ସଂଖ୍ୟାରେ ପରିଗଣିତ ହେଉ ତଥାପି ଖୁବ ଚାଲାକ । ମୁଁ ମାତୃ ଗର୍ଭରେ ଘୋର ପ୍ରଳୟ ଜଳ ଭିତରେ ମୀନ ରୂପ ହୋଇ ଇତସ୍ତତଃ ପରିଭ୍ରମଣ କରୁଥିଲି । ନା ଥିଲା ପବନ, ନା ଥିଲା ଆଲୋକ, ନା ଥିଲା ଗ୍ରହନକ୍ଷତ୍ର ନା ଥିଲା ଆକାଶ । ସର୍ବତ୍ର ଘନ ଅନ୍ଧକାର । କେମିତି କେଜାଣି ମୁଁ ବଞ୍ଚିଥିଲି କିନ୍ତୁ ପ୍ରତି ମୁହୂର୍ତ୍ତରେ ଆର୍ତ୍ତ ଚିତ୍କାର କରୁଥିଲି – ପାହିମାମ ରକ୍ଷମାମ । ପ୍ରାର୍ଥନା କଲି ଯଦି ଈଶ୍ୱର ନାମରେ କେହି ଅଛ ତେବେ ମୋତେ ଏହି ଘୋର ଅନ୍ଧକାର ବେଷ୍ଟିତ ଜଳ ମଧ୍ୟରୁ ଉଦ୍ଧାର କର । ପ୍ରତିଶ୍ରୁତି ଦେଲି ହେ ଈଶ୍ୱର ! ଯଦି ମୋତେ ମୁକ୍ତି ପ୍ରଦାନ କରିବେ ତେବେ ମୁଁ ଆପଣଙ୍କ ଗୁଣ କୀର୍ତ୍ତନ କରିବି । ଏମିତି ଭାବରେ ଦଶ ମାସ ଦଶ ଦିନ ଅତିକ୍ରାନ୍ତ ହୋଇଗଲା ।

ଦିନେ ହଠାତ ବିଜୁଳି ସମ ଏକ ଜ୍ୟୋତି ମୋତେ ଯୋରରେ ଧକ୍କା ଦେଲା । ପ୍ରାରବ୍ଧ, ପଞ୍ଚ କର୍ମେନ୍ଦ୍ରିୟ, ପଞ୍ଚ ଜ୍ଞାନେନ୍ଦ୍ରିୟ, ମନ, ବୁଦ୍ଧି, ଚିତ୍ତ ଓ ଅହଂକାରମାନଙ୍କୁ ସାଥୀରେ ଧରି ଘୋର ଜଳରାଶିରୁ ଛିଟିକି ଯାଇ ଏମିତି ଏକ ଇଲାକାରେ ପଡିଲି, ଯେଉଁଠି ପ୍ରଥମଥର ପାଇଁ ଆଲୋକର ସ୍ପର୍ଶ ପାଇଲି । ପବନର ସ୍ପର୍ଶ ମୋତେ ପୁଲକିତ କଲା । ପରେ ଜାଣିଲି ତାହା ଏକ ସୁନ୍ଦର ପୃଥିବୀ । ମା କୋଳରୁ ଧରିତ୍ରୀ କୋଳକୁ ଆସିଲି । ଏଠି ବଞ୍ଚିବାର ସମସ୍ତ ଉପାଦାନ ଭରିରହିଛି । କି ସୁନ୍ଦର ଆହା କି ଆନନ୍ଦମୟ ଏହି ବିଶାଳ ସଂସାର । ଧନ୍ୟ ମହାପ୍ରଭୁ ମହିମା ତୁମର ଅନନ୍ତ ଅପାର ॥

ହେ ଈଶ୍ୱର ! କାଳକ୍ରମେ ମୁଁ ଭୁଲିଗଲି, ସେ ଦିନର ମାତୃଗର୍ଭ କଥା ଓ ସେଇ ପ୍ରତିଶ୍ରୁତିକୁ । ଜୀବ (ମୁଁ) ହେଉଛି ଆପଣଙ୍କର ଏକ ସନାତନ ଅଂଶ । (ଗୀତା ୧୫-୭) । ମଳ, ବିକ୍ଷେପ ଏବଂ ଆବରଣ ଏହି ତିନୋଟି ବାଧକ ତତ୍ତ୍ୱ ମୋତେ ଆପଣଙ୍କ ଠାରୁ ଦୂରେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଲା । ଏ ସଂସାର ମୋତେ ମିଠା ଲାଗିଲା । ଯେଉଁ ଉପାଦାନମାନଙ୍କୁ ନେଇ ମୁଁ ସୁଖ ଆସ୍ୱାଦନ କରୁଥିଲି ଅପରାହ୍ଣ ଜୀବନରେ ପଶ୍ଚାତାପ କରୁଛି – ତାହା କେବଳ ମନର ବିଳାସ ଥିଲା । ମୋ ପୁଅ, ମୋ ଝିଅ, ମୋ ସମ୍ପତ୍ତି, ମୋ ଘର, ମୋ ଗାଡି, ମୋ ବ୍ୟାଙ୍କ ବାଲାନ୍ସ – ଏ ସବୁକୁ ଧରି ଆଜି ପର୍ଯ୍ୟନ୍ତ ବାଟ ଚାଲୁଥିଲି । ପରିଣତ ବୟସରେ ଏମାନେ ସମସ୍ତେ ଖାପ ଛଡା ହୋଇ ଯାଇଛନ୍ତି । ବର୍ତ୍ତମାନ ନୀରବରେ କାନ୍ଦୁଛି ସିନା ସୁଖ ଓ ଶାନ୍ତି ପାଉନାହିଁ । 'ଦୁଃଖାଳୟ ଅଶାଶ୍ୱତମ୍' ।

ଖଲା କାଲେ କାଲେ ନିଶି ନିଶିତମୋହୈକ ମିହିକା ।
ଗତା ଲୋକେ ଲୋକେ ବିଷୟ ଶତ ଚୌରାଃ ସୁଚତୁରାଃ ॥
ପ୍ରବୃତ୍ତା ପ୍ରବୃତ୍ତା ପ୍ରୋଦଯୁକ୍ତା ଦିଶିଦିଶି ଦିବେକୈକ ହରଣୋ ।
ରଣେ ଶକ୍ତା ସ୍ତେଷାଙ୍ କ ଇବ ବିଦୂଶଃ ପ୍ରୋଜତ୍ୟ ଶୁଭଟା ॥

ଏକଦା ବିଶ୍ୱାମିତ୍ର ଋଷି ଦଶରଥ ମହାରାଜଙ୍କ ଦରବାରକୁ ଯାଇ ଶ୍ରୀରାମ ଲକ୍ଷ୍ମଣଙ୍କୁ ଯଜ୍ଞ ରକ୍ଷା କରିବା ନିମନ୍ତେ ଭିକ୍ଷା ମାଗିଲେ । ଶ୍ରୀରାମ ଦରବାରକୁ ଆସିଲେ । ଶ୍ରୀରାମ ସମସ୍ତଙ୍କୁ ପ୍ରଣାମ କରି ସାରିବା ପରେ ଦୁଇକର ଯୋଡି ଅତି ସନ୍ତର୍ପଣର ଛିଡା ହେଲେ । ମହର୍ଷି ବିଶ୍ୱାମିତ୍ର ପଚାରିଲେ – ହେ ଶ୍ରୀରାମ ! ତୁମ ମୁଖ ମଣ୍ଡଳ ଉଦାସ ଦେଖା ଯାଉଛି କାହିଁକି ? ଶ୍ରୀରାମ କହିଲେ – ହେ ! ଭଗବନ ରାଜ ମହଲ ପରିସର ଭିତରର ଜୀବନ ଅତି କ୍ଷୁଦ୍ର ଜୀବନ । ପଶୁ ଏବଂ ଅନ୍ୟାନ୍ୟ ପକ୍ଷୀ ଯେଉଳି ଜୀବନ ଅତିବାହିତ କରୁଛନ୍ତି ମୁଁ ମଧ୍ୟ ସେହି ସମାନ ସୁଖଭୋଗ କରୁଅଛି । ତେବେ ମୋ ଜୀବନ ଏବଂ ଅନ୍ୟ ପଶୁ ଜୀବନ ଭିତରେ ପାର୍ଥକ୍ୟ କ'ଣ ?

ମୁଁ ଏ କଥା ବି ଜାଣିଛି – ଏହି ଜୀବନ କ୍ଷଣଭଙ୍ଗୁର । ଲୋକମାନେ ମୃତ୍ୟୁ ନିମନ୍ତେ ଜନ୍ମ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଉଛନ୍ତି ଏବଂ ଜନ୍ମ ହେବା ପାଇଁ ମରୁଛନ୍ତି । ଜାତସ୍ୟ ହି ଧ୍ରୁବ ମୃତ୍ୟୁ ଧ୍ରୁବ ଜନ୍ମ ମୃତ୍ୟୁଷ୍ଟ .... (ଗୀତା ୨-୨୭) ହେ ! ଭଗବନ ଧନବାନ ବ୍ୟକ୍ତିର ଧନ ନଷ୍ଟ ହୋଇଗଲେ, ସେ ଦରିଦ୍ର ହୋଇଯାଏ । ସେତେବେଳେ ସେ ଭବିଷ୍ୟତ ବିଷୟରେ ଚିନ୍ତା କରିବାରେ ଲାଗେ । ଠିକ ସେହିଭଳି ମୁଁ ପରମାନନ୍ଦ ହରାଇ ଏହି ସଂସାରରେ ଅତି ଦୁଃଖମୟ ଜଞ୍ଜାଳରେ ପଡି ଯାଇଛି ଓ ସେହି କଥା ଚିନ୍ତା କରି କରି ବିଷାଦିତ ହୋଇ ଯାଇଅଛି । ମନୁଷ୍ୟ ତା'ବିବେକକୁ ହରାଇ ବସିଛି । ମନୁଷ୍ୟ ବିଷୟ ପଛରେ ଗୋଡାଇବାରେ ଅହରହ ପ୍ରଚେଷ୍ଟା କରୁଅଛି । ଆଉ ଅଧିକରୁ ଅଧିକ ଦୁଃଖ ଭୋଗ କରିବାରେ ଲାଗିଛି । ଯେଉଁମାନେ ବା ଯିଏ ତତ୍ତ୍ୱକୁ ଜାଣିଛି, ଯେ ବ୍ରହ୍ମଜ୍ଞାନ ପ୍ରାପ୍ତ ହୋଇଛନ୍ତି ସେହି ଦିବ୍ୟଜ୍ଞାନୀ ମହାପୁରୁଷମାନେ ଏହି ବିଷୟ – ବିକାରକୁ ମାରି ନଷ୍ଟ କରିବା ପାଇଁ ସମର୍ଥ । ଅନ୍ୟ ସମସ୍ତ ଜୀବ ମାୟାରେ ବନ୍ଧନରେ ପଡି ଯାଇଛନ୍ତି, ଅଜ୍ଞାନରେ ବୁଡି ରହିଛନ୍ତି । (ରାମ କଥା – ପ୍ରାବଚକ –ପୂଜ୍ୟପାଦ ଶ୍ରୀରାମ ଭକ୍ତ କେଶବ ଡୋଙ୍ଗରେ ମହାରାଜ । ଅନୁବାଦକ –ଶ୍ରୀ ନୃସିଂହ ପ୍ରସାଦ ମିଶ୍ର)

ହେ ! ଈଶ୍ୱର ମୋ ଜୀବନ କାଳ ସଂପୂର୍ଣ୍ଣ ଏକ ଶତ ବର୍ଷ ହୋଇଥିଲେ ବି ସେଥିମଧ୍ୟରୁ ଅର୍ଦ୍ଧାଂଶ ନିଦ୍ରାରେ ଅତିବାହିତ ହୋଇଅଛି । ଅପର ଅର୍ଦ୍ଧାକର ଅଧା ଭାଗ ବାଲ୍ୟାବସ୍ଥା ଓ ବୃଦ୍ଧାବସ୍ଥାରେ କଟୁଛି । ବର୍ତ୍ତମାନ ମୁଁ ପରତନ୍ତ୍ର ଜୀବନ ଅତିବାହିତ କରୁଅଛି । ବିୟୋଗ ଜନିତ ଦୁଃଖରେ, ଭୋଗରେ, ଚିନ୍ତାରେ, ସନ୍ତାପରେ ମୋ ଜୀବନ ସନ୍ତୁଳିତ ହେଉଅଛି । ଭାବିଥିଲି ମନୁଷ୍ୟ ଯୋନି ଜଗତରେ ସର୍ବଶ୍ରେଷ୍ଠ ଯୋନି କିନ୍ତୁ ଯଥାର୍ଥ ଜୀବନ ସତରେ କେତେ ଦୁଃଖାନ୍ତ । ଜୀବେ ବାରି ତରଙ୍ଗ ବୁଦ ବୁଦ ସମେ ସୌଖ୍ୟ ପ୍ରାଣିନାମ । ହେ ! ଈଶ୍ୱର ଯେଉଁ ସୁନ୍ଦରୀ ନାରୀକୁ ମୁଁ ସର୍ବସ୍ୱ ମନେ କରି ଯୌବନାବସ୍ଥାରେ ତା'ଠାରୁ ପ୍ରେମ ମଦିରା ପାନ କରୁଥିଲି ଏବଂ ଯେଉଁ ରୂପସୀ ମୋତେ କାମଦେବ ସମାନ ମନେ କରି ମୋର ପୌରୁଷତ୍ତ୍ୱକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଳ ପଳ କରି ଚଷୁଥିଲା ବର୍ତ୍ତମାନ ଆମେ ପରସ୍ପର ପରସ୍ପରକୁ ଆଡ ଚକ୍ଷୁରେ ଦେଖୁନାହୁଁ । 'କାନ୍ତା ବିଷଲତା ଯଥା' ଅପରାହ୍ନ ଜୀବନରେ ଦୁର୍ଦ୍ଦଶାକୁ ନିର୍ବିକାର ଚିତ୍ତରେ ଗ୍ରହଣ କରି ନେବାରେ ଯେ କେତେ କଷ୍ଟ ତାହା ମୁଁ ଅନୁଭବ କରୁଅଛି । କହିବାକୁ ଲାଜ ଲାଗୁଛି – ତୁମକୁ ପିଠେଇ ଦେଇ ଇତର ପ୍ରାଣୀମାନଙ୍କ ଠାରେ ନିର୍ଭର କରିବା ସତରେ କେତେ ବୋକାମୀ । ବିସ୍ମୃତି ପାଲଟିଛି ମୋ ଚେତନାରେ – ଅନନ୍ୟ ଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟଶଃ । ତସ୍ୟାହଂ ସୁଲଭଃ ପାର୍ଥ ନିତ୍ୟ ଯୁକ୍ତସ୍ୟ ଯୋଗିନଃ ॥ ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ । ତେଷା ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମ ବହାମ୍ୟହମ ॥ (ଗୀତା ୯-୨୨)

ହେ ! ଈଶ୍ୱର ଆଜି ମୁଁ ବୁଝିପାରିଛି କୌଣସି ପ୍ରକାର ଭାବରେ ଆମେ ଗୋଟିଏ ସ୍ଥାନରେ ଏକାଠି ହୋଇଛେ ଯେପରି ଯାତ୍ରାରେ କିମ୍ବା ତୀର୍ଥ ସ୍ଥାନରେ ବିଭିନ୍ନ ପ୍ରକାର ଲୋକ ସହଯାତ୍ରୀ ହୋଇଥାନ୍ତି । ହେ ! ଈଶ୍ୱର ସଂସାର ସମୁଦ୍ରରେ ଭାସମାନ ମୋ ଭଳି ମନୁଷ୍ୟ ମାନଙ୍କ ମଧ୍ୟରୁ କେତେ କେତେ ମରି ହଜି ଗଲେଣି । ତଥାପି ମୋ କାମନା ତୃପ୍ତି ହେଉ ନାହିଁ । ମୁଁ ମୃତ୍ୟୁକୁ ଖୁବ ଭୟ କରୁଅଛି । ଯାହା ନିଷ୍ଠୁର ସତ୍ୟ । ରାଜା ଯଯାତି ତାଙ୍କର ପୁତ୍ର ପୁରୁଙ୍କଠାରୁ ଯୌବନାବସ୍ଥା ମାଗି ଆଣି ଏକ ସହସ୍ର ବର୍ଷ ପର୍ଯ୍ୟନ୍ତ କାମ ପିପାସାକୁ ଚରିତାର୍ଥ କରିଥିବାର ଶାସ୍ତ୍ର ପ୍ରମାଣ ଦିଅନ୍ତି । ମୁଁ କିନ୍ତୁ ସେ ଭୁଲ କରିବି ନାହିଁ ।

କାରଣ ଯଯାତି ପରେ ଅନୁତାପ କଲେ । ଧିକ ସେ ଜୀବନ ତଥାପି ତୃପ୍ତି ହେଲା ନାହିଁ ବୋଲି ସେ ପଶ୍ଚାତାପ କଲେ । ଜଗତକୁ ମହଶିକ୍ଷା ପ୍ରଦାନ କଲେ କାମନାର ବିନାଶର ଦୁଃଖର ବିନାଶ । ମହାତ୍ମା ବୁଦ୍ଧ ସେହି ଏକା କଥା କହିଲେ –କାମନାର ବିନାଶର ଦୁଃଖର ବିନାଶ । ତୃପ୍ତି ତ ସେହିଠାରେ ଯାହାକୁ ପାଇଲେ ଆଉ ପାଇବାର କିଛି ନଥାଏ । ଯେଉଁଠାକୁ ପ୍ରସ୍ଥାନ କଲେ ଆଉ ଫେରିବାକୁ ପଡେନା ତାହାହିଁ ଯାତ୍ରା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ମାମୁପେତ୍ୟ ତୁ କୌନ୍ତେୟ ପୁନର୍ଜନ୍ମ ନ ବିଦ୍ୟତେ' ( ଗୀତା ୮ -୧୬ ),

'ଯଦ ଗତ୍ୱା ନ ନିବର୍ତ୍ତନ୍ତେ ତଦ୍ଧାମ ପରମଂ ମମ' ( ଗୀତା ୧୫ -୬ )

ଭାଷା । ସମସ୍ତେ ନାକ ଟେକିବେ । ବଳ ଥିଲା, ଅର୍ଥ ଥିଲା, ପ୍ରାଚୁର୍ଯ୍ୟ ଥିଲା, ଅଭିଜାତ୍ୟ ଥିଲା, ଅଭିମାନ ଥିଲା – ତୁମକୁ ବେଖାତିର କରୁଥିଲି, ତୁମକୁ ବେଦଖଲ କରୁଥିଲି ଯଦିଓ ଆମ୍ଭେ ଦୁହେଁ ଗୋଟିଏ ବୃକ୍ଷରେ ନିବାସ କରୁଥିଲେ । ମୁଁ ଭୋକ୍ତା ଥିଲି ।

ବିଜିଗୋଲା,
ଏନ୍‌ଟିପିସି, ଅନୁଗୁଳ, ୭୫୯୧୧୭
ଭ୍ରାମ୍ୟଭାଷ : ୮୭୬୩୧୯୮୭୨୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫ୍ଲୋରେନ୍ସ୍ ନାଇଟିଂଗଲ୍



ଅସିତ ମହାନ୍ତି

କର୍ତ୍ତବ୍ୟନିଷ୍ଠ ମହିୟସୀ ମହିଳା: ଫ୍ଲୋରେନ୍ସ ନାଇଟିଙ୍ଗେଲ

ନର୍ସିଂ ହେଉଛି ଏକ ବିଜ୍ଞାନ ଏବଂ ଏକ କଳା ମଧ୍ୟ । ଏଥିପାଇଁ ଉପଚାର ସମ୍ବନ୍ଧୀୟ ଯୋଗ୍ୟତା ସହିତ ଭୌତିକ ବିଜ୍ଞାନ, ଶାରୀରିକ ବିଜ୍ଞାନ, ମାନବ ସମ୍ବେଦନଶୀଳତା ଏବଂ ସାମାଜିକ ବିଜ୍ଞାନର ଗଭୀର ଜ୍ଞାନ ଆବଶ୍ୟକ କରେ । ଏଥିପାଇଁ କଳା କ୍ଷେତ୍ରରେ ପାରଦର୍ଶୀ ହେବା ପାଇଁ ସମାନ ଆବଶ୍ୟକତା ଅଛି, ଯାହାଦ୍ୱାରା ରୋଗୀ ଏବଂ ତାଙ୍କ ଭାବନା, ଯନ୍ତ୍ରଣା, ଦୁଃଖ ବୁଝି ସେ ଏକ ସମାଧାନ ଖୋଜି ପାରିବେ । ଆଜି ଭାରତରେ, ଯେଉଁଠାରେ ଲକ୍ଷ ଲକ୍ଷ ରୋଗୀ ସରଳ ଅସ୍ପୃଶ୍ୟ ରୋଗ ହେତୁ ମୃତ୍ୟୁ ବରଣ କରନ୍ତି, ଯେଉଁଠାରେ ଦାରିଦ୍ର୍ୟ ଏବଂ ପୁଷ୍ଟିହୀନତା ସାଧାରଣ, ଯେଉଁଠାରେ ବ୍ୟବସ୍ଥା ତଳକୁ ଯାଉଛି । ସେଠାରେ ଚିକିତ୍ସା କ୍ଷେତ୍ର କିପରି ଅଲଗା ରହିପାରିବ ? ଏବଂ ସେଠାରେ ଥିବା ରୋଗୀମାନଙ୍କୁ ସେବା ଯୋଗାଇବା କାର୍ଯ୍ୟ ମଧ୍ୟ ଗଭୀର ଭାବରେ ପ୍ରଭାବିତ ନହୋଇ ରହିପାରିବ ନାହିଁ । ଏପରି ଦୁଃଖଦ ପରିସ୍ଥିତିରେ, ଫ୍ଲୋରେନ୍ସ ନାଇଟିଙ୍ଗେଲ, ସଠିକ୍ ସେବା ଦ୍ୱାରା ଦିଆଯାଇଥିବା ପ୍ରେରଣାକୁ ମନେରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଫ୍ଲୋରେନ୍ସ ନାଇଟିଙ୍ଗଲେଙ୍କୁ ଫ୍ଲୋରେନ୍ସ ନାଇଟିଙ୍ଗେଲ, ଲେଡି ଉଇଥ ଲ୍ୟାମ୍ପ ନାମରେ ନାମିତ, (ଜନ୍ମ ୧୨ ମଇ ୧୮୨୦, ଫ୍ଲୋରେନ୍ସ ଇଟାଲୀ -

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଗଷ୍ଟ ୧୩, ୧୯୧୦, ଲଣ୍ଡନ, ଇଂଲଣ୍ଡ), ବ୍ରିଟିଶ ନର୍ସ, ପରିସଂଖ୍ୟାନ ଏବଂ ସାମାଜିକ ସଂସ୍କାରକ ଯିଏ ଆଧୁନିକ ନର୍ସିଂର ମୂଳ ଦାର୍ଶନିକ ଥିଲେ । ଦୟା ଏବଂ ସେବାର ଏକ ଆଇକନ୍ ଫ୍ଲୋରେନ୍ସ ନାଇଟିଙ୍ଗଲେ, "ଦି ଲେଡି ୱିଥ୍ ଲ୍ୟାମ୍ପ" ଭାବରେ ଜଣାଶୁଣା । ସେ ଏକ ସମୃଦ୍ଧ ଏବଂ ଉଚ୍ଚ ଶ୍ରେଣୀର ବ୍ରିଟିଶ ପରିବାରରେ ୧୨ ମଇ ୧୮୨୦ ରେ ଇଟାଲୀର ଫ୍ଲୋରେନ୍ସରେ ଜନ୍ମଗ୍ରହଣ କରିଥିଲେ । କିନ୍ତୁ ଏକ ଉଚ୍ଚ ପରିବାରରେ ଜନ୍ମ ହୋଇଥିବା ଫ୍ଲୋରେନ୍ସ ସେବା ପଥ ବାଛିଥିଲେ । ଫ୍ଲୋରେନ୍ସ ନାଇଟିଇଂଗେଲ ଜଣେ ବ୍ରିଟିଶ ନର୍ସ, ପରିସଂଖ୍ୟାନ ଏବଂ ସାମାଜିକ ସଂସ୍କାରକ ଯିଏକି ଆଧୁନିକ ନର୍ସିଂର ପ୍ରତିଷ୍ଠାତା ଭାବରେ ମଧ୍ୟ ଜଣାଶୁଣା । ସେ ନର୍ସିଂ ବୃତ୍ତିକୁ ବହୁତ ସମ୍ମାନଜନକ କରିଥିଲେ । ତାଙ୍କ ଜୀବନ ସଂଗ୍ରାମ କେବଳ ନର୍ସମାନଙ୍କ ପାଇଁ ନୁହେଁ ବରଂ ସମସ୍ତ ମହିଳାଙ୍କ ପାଇଁ ଏକ ଉଦାହରଣ । ଏଠାରେ "ନର୍ସିଂର ଇତିହାସ ଏବଂ ବିକାଶ" ବିଷୟରେ ଜାଣିବା ଆବଶ୍ୟକ । ଆଦିମ ସମାଜରେ ମଣିଷକୁ ବଞ୍ଚିବା ପାଇଁ ପ୍ରାକୃତିକ ଶକ୍ତି ସହିତ ଲଢ଼ିବାକୁ ପଡିଥିଲା । ସେହି ସମୟରେ ମହିଳାମାନେ ପିଲାମାନଙ୍କର ଲାଳନପାଳନ ଏବଂ ଯତ୍ନ ଏବଂ ଘରୋଇ କାର୍ଯ୍ୟରେ ସୀମିତ ଥିଲେ, ଶିଶୁ ଏବଂ ବୃଦ୍ଧଙ୍କର ଯତ୍ନ ନେବା ଦାୟିତ୍ୱ ମଧ୍ୟ ତାଙ୍କର ଥିଲା । ଏହାହିଁ ନର୍ସିଂର ଆରମ୍ଭ ଥିଲା । କିନ୍ତୁ ନବଜାଗରଣ ଅବଧିରେ, ଯେତେବେଳେ ନର୍ସିଂ ସମେତ ସମସ୍ତ କ୍ଷେତ୍ରରେ ବୈଜ୍ଞାନିକ ଚିନ୍ତାଧାରା ବିସ୍ତାର ହେଲା, ସେତେବେଳେ ଏହା ଏକ ବୃତ୍ତି ଭାବରେ ବିକଶିତ ହେଲା । ସେତେବେଳେ ସେ ଫ୍ଲୋରେନ୍ସ ନାଇଟିଙ୍ଗଲେ ଥିଲେ, ଯିଏ ମେଡିକାଲ ବିଜ୍ଞାନର ଏକ ଅବିଚ୍ଛେଦ୍ୟ ଏବଂ ଅତ୍ୟାବଶ୍ୟକ ଅଂଶ ଭାବରେ ନର୍ସିଂ ପ୍ରତିଷ୍ଠା କରିଥିଲେ । ଫ୍ଲୋରେନ୍ସ ନାଇଟିଙ୍ଗଲେଙ୍କ ନାମ ଆସିବା ମାତ୍ରେ ଜଣେ ମହିଳା ପ୍ରଦୀପ ଆଲୋକରେ ରୋଗୀର ଯତ୍ନ ନେଉଥିବାର ଚିତ୍ର ମନକୁ ଆସେ । ଏହା ତୁର୍କୀର କ୍ରିମିଆ ପେନିନସୁଲାର ଯୁଦ୍ଧକ୍ଷେତ୍ର ଥିଲା, ଯେଉଁଠାରେ ତାଙ୍କର ହୋଷ୍ଟେସଙ୍କ କୌଶଳ ସାମ୍ନାକୁ ଆସିଥିଲା ଏବଂ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତାଙ୍କୁ "ଏ ଲେଡି ଉଇଥ ଲ୍ୟାମ୍ପ" ନାମରେ ନାମିତ କରାଯାଇଥିଲା । ୧୮୫୩ ରୁ ୧୮୫୬ ପର୍ଯ୍ୟନ୍ତ ବ୍ରିଟେନ, ଫ୍ରାନ୍ସ ଏବଂ ତୁର୍କୀ କ୍ରିମିଆରେ ଋଷ ସହିତ ଯୁଦ୍ଧ କରିଥିଲେ । ଆଲମା ଯୁଦ୍ଧକ୍ଷେତ୍ରରେ ସହଯୋଗୀମାନେ ଋଷକୁ ପରାସ୍ତ କଲେ । କିନ୍ତୁ ବ୍ୟାରେକ ହସ୍ପିଟାଲର ଅବସ୍ଥା ଅତ୍ୟନ୍ତ ଗୁରୁତର ଥିଲା । ଖାଦ୍ୟ ଅଭାବରୁ ପୁଷ୍ଟିହୀନତା, କଲେରା, ବାନ୍ତି, ବିଶୁଦ୍ଧ ଜଳ ଅଭାବରୁ ମହାମାରୀ, ଲୋକଙ୍କ ଅବସ୍ଥା ଖରାପ ଥିଲା । ସେ ଏବଂ ତାଙ୍କ ନର୍ସ ଦଳ କ୍ରିମିଆ ଯୁଦ୍ଧ ସମୟରେ ବ୍ରିଟିଶ ବେସ ହସ୍ପିଟାଲରେ ବିଷମ ପରିସ୍ଥିତିରେ କ୍ଷତବିକ୍ଷତ ଏବଂ ଆହତ ହୋଇଥିବା ସୈନିକମାନଙ୍କର ସେବା ଏବଂ ଯତ୍ନ କରିଥିଲେ, ଯାହାଫଳରେ ଏକ ବଡ ସଂଖ୍ୟାର ସୈନିକ ମାନଙ୍କୁ ବଞ୍ଚାଯାଇ ପାରିଥିଲା । ନାଇଟିଂଗେଲ ତାଙ୍କର ସବୁଠାରୁ ପ୍ରସିଦ୍ଧ ପ୍ରକାଶନ, ନର୍ସିଂ ଅନ ନୋଟ୍ସ: ଏହା କଣ ଏବଂ କଣ ନୁହେଁ, ତାହା ମାଧ୍ୟମରେ ଜଣେ ରୋଗୀର ସେବା କିପରି କରାଯାଏ ବିଷୟରେ ତଥ୍ୟ ଏବଂ ନିର୍ଦ୍ଦେଶ ଯୋଗାଇଥିଲା । ଏହି ଭଲ୍ୟୁମ୍ ୧୮୫୯ ପରଠାରୁ ବିଶ୍ୱ ବ୍ୟାପୀ କ୍ରମାଗତ ପ୍ରକାଶନରେ ରହିଆସିଛି । ନାଇଟିଙ୍ଗଲେ ପାଣ୍ଠି ମାଧ୍ୟମରେ ଅତିରିକ୍ତ ସଂସ୍କାର ପାଇଁ ଅର୍ଥ ପ୍ରଦାନ କରାଯାଇଥିଲା ଏବଂ ୧୮୬୨ ମସିହାରେ କିଙ୍ଗ୍ କଲେଜ୍ ହସ୍ପିଟାଲରେ ଧାତ୍ରୀମାନଙ୍କ ଶିକ୍ଷା ପାଇଁ ଏକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା । ତାଙ୍କ ଲେଖା ସମଗ୍ର ବିଶ୍ୱରେ ସ୍ୱାସ୍ଥ୍ୟ ସେବାରେ ସଂସ୍କାର ଆଣିବାକୁ ଉତ୍ସାହିତ କରିଥିଲା । ସେ ରାତିରେ ଆହତମାନଙ୍କ ଯତ୍ନ ନେଉଥିଲେ, ତେଣୁ ସେ ଲେଡି ଉଇଥ ଦ ଲ୍ୟାମ୍ପ ଭାବରେ ଜଣାଶୁଣା । ବର୍ତ୍ତମାନ ସମୟରେ ପୁରା ବିଶ୍ୱରେ ନର୍ସିଂ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ମହିଳା ଏବଂ ପୁରୁଷ ଏହି ମହିୟସୀ ମହିଳାଙ୍କ ଠାରୁ ପ୍ରେରଣା ନେବା ଉଚିତ । ବାସ୍ତବରେ ମନୁଷ୍ୟର ସେବା ଠାରୁ ବଡ ଜିନିଷ ଆଉ ଦୁନିଆରେ କିଛି ନାହିଁ । ଏହି କଥାକୁ ଫ୍ଲୋରେନ୍ସ ଭଲଭାବରେ ବୁଝିଥିଲେ ।

ସୁଜନପୁର, ଯାଜପୁର, ୯୩୪୮୭୬୮୮୧୨

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଜୁଲାଇ ୨୦୨୨

ଲେଖା ପଠାଇବାର ଶେଷ ତାରିଖ : ୩ ଜୁଲାଇ ୨୦୨୨

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁ ଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଅନେକଥର ଅନୁରୋଧ କରିବା ସତ୍ତ୍ୱେ ଯେଉଁ ଲେଖକ ଲେଖିକାମାନେ ନିଜର ଏକାଧିକ ଲେଖା ଆମ ଇମେଲ୍ ଠିକଣାରେ ପ୍ରେରଣ କରୁଛନ୍ତି ସେମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଉଚିତ୍ ମନେ କରୁଛି ଯେ ଯଦି କୌଣସି ଇମେଲ୍ ଠିକଣାରୁ ବାରମ୍ବାର ଅନେକ ଲେଖା ଆମ ଇମେଲକୁ ଆସେ, ତା ହେଲେ ଗୁଗୁଲ୍ ମେଲ୍ ବକ୍ସ ସେଇ ସବୁ ଲେଖାକୁ ସ୍ପାମ୍ ବା ଅନାବଶ୍ୟକ ଲେଖା ଭାବି ଆମର ମୁଖ୍ୟ ଇନବକ୍ସରୁ ହଟେଇ ଦେଇପାରେ ଯାହା ଫଳରେ ଆପଣଙ୍କ ଲେଖା ଆଦୌ ପ୍ରକାଶିତ ହୋଇ ପାରିବ ନାହିଁ । ତେଣୁ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ହିଁ ପ୍ରତ୍ୟେକ ମାସରେ ପ୍ରେରଣ କରନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :


**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।




ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି ଇମେଲ୍ କିମ୍ବା Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan